


ଆର୍ଚର ପ୍ଲେୟର ଅଫ୍ ଦି ମ୍ୟାଚ୍

ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-326 ◆MONDAY ◆25 MAY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୨୬ ◆ସୋମବାର ◆୨୫ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦





# ବଳଦେବଜୀଉଙ୍କୁ ଲାଗିହେଲା ବ୍ରହ୍ମକମଳ



ଡେରାବିଶ,୨୪।୫(ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ପ୍ରକୃତିବନ୍ଧୁ ଜେନାମଣି ବଳ ତାଙ୍କ ବାଡ଼ିରେ ଲଗାଇଥିବା ବ୍ରହ୍ମକମଳ ଗଛରେ ଆଜି ପ୍ରଥମ କରି ଏକ ବ୍ରହ୍ମକମଳ ଫୁଲ ଫୁଟିଥିଲା। ଶ୍ରୀବଳ ଏହି ଦୁର୍ଲ୍ଲଭ ଫୁଲକୁ ଆଜି କେନ୍ଦ୍ରାପଡ଼ାସ୍ଥ ପ୍ରଭୁ ଶ୍ରୀବଳଦେବଜୀଉଙ୍କୁ ଅର୍ପଣ କରିଥିବା ଜଣାଯାଇଛି।

# ଚିତ୍ରୋତ୍ପଳା ନଦୀ କୂଳ ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

କେନ୍ଦ୍ରାପଡ଼ା,୨୪।୫(ସମିସ): କଟକ ଜିଲ୍ଲାର କିଶନନଗର ଥାନା ଅଧୀନ ବିଶ୍ୱନାଥପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତଦେହ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅଧୀନ ଭଦାଳ ଅଞ୍ଚଳର ଚିତ୍ରୋତ୍ପଳା ନଦୀ କୂଳରେ ଥିବା ଏକ ଆମ୍ବଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତକ ପ୍ରକାଶ ସାହୁ (୪୦)। ପ୍ରକାଶ ଆଜି ଅପରାହ୍ନ ପ୍ରାୟ ୩ଟା ସମୟରେ ଦୋକାନକୁ ଯିବା କହି ଘରୁ ବାହାରିଥିଲେ। ପରେ ଅପରାହ୍ନରେ ଭଦାଳ ଚିତ୍ରୋତ୍ପଳା ନଦୀ କୂଳରେ ଥିବା ଏକ ଆମ୍ବଗଛରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାର ସଠିକ୍ କାରଣ ଜଣାପଡ଼ି ନ ଥିବାବେଳେ ପରିବାର ଲୋକ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। କେହି ହତ୍ୟା କରିଥାଇପାରେ ବୋଲି ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କଟକ ଜିଲ୍ଲାର ବାସିନ୍ଦା ହୋଇଥିବା ସତ୍ତ୍ୱେ ପ୍ରକାଶ କିପରି କେନ୍ଦ୍ରାପଡ଼ା ଜିଲ୍ଲାର ଭଦାଳ ଅଞ୍ଚଳକୁ ଆସିଥିଲେ ଓ କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ତଦନ୍ତ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ରହସ୍ୟ ସାମ୍ନାକୁ ଆସିବ ବୋଲି କୁହାଯାଉଛି।

# ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ



କେନ୍ଦ୍ରାପଡ଼ା,୨୪।୫(ସମିସ): ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ନରହରିପୁର ଗ୍ରାମର ଅବିନାଶ ମହାରଣା (୨୫)ଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନଙ୍କ ସୂଚନା ଅନୁଯାୟୀ ସଂପୃକ୍ତ ନାବାଳିକାଙ୍କ ସହ ଯୁବକ ଜଣକ ଶାରିରୀକ ସମ୍ପର୍କ ରଖିଥିଲେ। ଏହାର ଭିଡିଓ ରେକର୍ଡିଂ ମଧ୍ୟ କରିଥିଲେ। ଭିଡିଓ ଦେଖାଇ ନାବାଳିକାଙ୍କୁ ଅଭିଯୁକ୍ତ ଅବିନାଶ ବ୍ଲାକମେଲ କରୁଛି। ଏ ନେଇ ନାବାଳିକା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଗିରଫ କରିଛି।

# ଛାତ୍ରୀଙ୍କୁ ହଇରାଣ ଅଭିଯୋଗରେ ଯୁବକ ଗିରଫ



କେନ୍ଦ୍ରାପଡ଼ା,୨୪।୫(ସମିସ): କେନ୍ଦ୍ରାପଡା ସଦର ଥାନା ଅଞ୍ଚଳର ଜଣେ +୨ ଛାତ୍ରୀଙ୍କୁ ଦୀର୍ଘଦିନ ଧରି ହଇରାଣ ଓ ଅସଦାଚରଣ କରୁଥିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଠାକୁରପାଟଣା ଅଞ୍ଚଳର ଧନଞ୍ଜୟ ବିଶ୍ୱାଳ। ସେ ସଂପୃକ୍ତ ଛାତ୍ରୀଙ୍କୁ ରାସ୍ତାରେ ହଇରାଣ କରୁଥିଲେ। ଏଥିସହ ଛାତ୍ରୀଙ୍କ ପ୍ରତି ଅସଦାଚରଣ କରୁଥିବା ନେଇ ପରିବାର ପକ୍ଷରୁ ସଦର ଥାନାରେ ଅଭିଯୋଗ କରାଯାଇଥିଲା। ପରିବାରର ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଅଭିଯୁକ୍ତ ଧନଞ୍ଜୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସଦର ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ ସୂଚନା ଦେଇଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୨୪।୫(ସମିସ): ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବେଲତଳ ଗ୍ରାମର ବିଶିଷ୍ଟ ସମାଜସେବୀ ପୁରୁଷୋତ୍ତମ ଦାଶଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଡଃ କେଳୁଚରଣ ସ୍ୱାଇଁ, ପ୍ରଫେସର ଭରତ ପାତ୍ର, ପ୍ରଫେସର ପରୀକ୍ଷିତ ପାତ୍ର, ପ୍ରଫେସର କୈଳାସ ପାତ୍ର, ପ୍ରଫେସର ଗୋଲକ ମହାରଣା, ପ୍ରାକ୍ତନ ପ୍ରଧାନଶିକ୍ଷକ କସ୍ତୁରି ଚରଣ ସ୍ୱାଇଁ, କଥାକାର ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇ ଦିବଂଗତ ପୁରୁଷୋତ୍ତମ ଦାଶଙ୍କ ସ୍ମୃତିଚାରଣ କରିବା ସହିତ ଆତ୍ମାର ସଦଗତି କାମନା କରିଥିଲେ। ପ୍ରଫେସର ଗୋଲକ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

# ବକ୍ତାରପୁର ହାଇସ୍କୁଲ ପୁରାତନ ଛାତ୍ରଙ୍କ ଦହିପାଣି ବଣ୍ଟନ



ପଟ୍ଟାମୁଣ୍ଡାଇ,୨୪।୫(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବକ୍ତାରପୁର ହାଇସ୍କୁଲ ପୁରାତନ ଛାତ୍ରଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ମେଡିକାଲ ଛକରେ ପଥଚାରୀଙ୍କୁ ଦହିପାଣି ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ପୁରାତନ ଛାତ୍ର ଆଇନଜୀବୀ ମନୋଜ ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ତପନ ଦାଶ, ବିକ୍ରମ ପାତ୍ର, ପତିତପାବନ ପ୍ରଧାନ, ରଶ୍ମିରଞ୍ଜନ ପାତ୍ର, ଅନୀଲ ବେହେରା, ଜିତେନ୍ଦ୍ର ମହାନ୍ତି, ମିର୍ଜା ସରିଫ ବେଗ, ବିଚିତ୍ର ମଲିକ, ବାପି ସ୍ୱାଇଁ, କ୍ଷୀରୋଦ ଜେନା, ରମାକାନ୍ତ ରାଉତ, ସଞ୍ଜୟ ରାଉତ ପ୍ରମୁଖ ଯୋଗଦେଇ ପଥଚାରୀଙ୍କୁ ଦହିପାଣି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସବଇନ୍ସପେକ୍ଟର ସୁମନ୍ତ ସେଠୀ, ବିଜେଡି ନେତା ଅମୂଲ୍ୟ ପ୍ରଧାନ, ବିଜେପି ନେତା ମିଟୁ ମନୋଜ ନାୟକ, ସମାଜସେବୀ ଅଭିନାଶ ଲେଙ୍କା, କାଉନସିଲର ମଳୟ ଓଝା, ଆଇନଜୀବୀ ହୃଦାନନ୍ଦ ମହାନ୍ତି, ସତ୍ୟନାରାୟଣ ତ୍ରିପାଠୀ, ଦିଲ୍ଲୀପ ମହାନ୍ତି, ପ୍ରଦୀପ ମହାନ୍ତି, ଭାଗବତ ବେହେରା, ରଞ୍ଜନ ମିଶ୍ର, ଉମାକାନ୍ତ ରାଉତ ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ।

## ଚୁପ୍ ବସିଛି ବନ ଓ ପରିବେଶ ବିଭାଗ

# ଚାଲିଛି ଅବାଧ ଗଛ କଟା, ଲାଗୁନି ଲଗାମ

ପଟ୍ଟାମୁଣ୍ଡାଇ,୨୪।୫(ସମିସ)





ପରିବେଶ ପ୍ରଦୂଷଣ ରୋକିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ପ୍ରଚାର ପ୍ରସାର ଓ ପରିବେଶ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ପରିବେଶ ସୁରକ୍ଷା ଓ ପରିବେଶ ପ୍ରଦୂଷଣ ରୋକିବା କେବଳ କାଗଜ କଲମ ଓ ଭାଷଣବାଜିରେ ଚାଲିଛି। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ଚାରା ରୋପଣ ଓ ପ୍ରଚାର ପ୍ରସାର ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଆସୁଛନ୍ତି। ଏହାର କୌଣସି ପ୍ରଭାବ ତଳ ସ୍ତରରେ ପଡୁନାହିଁ। ବିଭିନ୍ନ ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଲଗାଯାଇଥିବା ଚାରା କିଛିଦିନ ପରେ ଉଭାନ ହୋଇଯାଉଛି। ବନ ବିଭାଗ ବନ ମହୋତ୍ସବ କରି ନିଜର ଦାୟିତ୍ୱ ସାରି ଦେଉଛି। ପ୍ରକୃତିବନ୍ଧୁ ଓ ପ୍ରକୃତିମିତ୍ର ପୁରସ୍କାର ଚୟନ ଠିକଣା ଭାବେ ହେଉ ନ ଥିବାରୁ ପରିବେଶବିତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଙ୍ଗଲ ବିଭାଗ କଟକଣା ସତ୍ତ୍ୱେ ପ୍ରତ୍ୟହ ଅବାଧରେ ଶହ ଶହ ଗଛ କଟା ଚାଲିଛି। ବନ ବିଭାଗ କୌଣସି ପଦକ୍ଷେପ ନ ନେଇ ଚୁପ ବସିଛି। କେତେବେଳେ ବୃକ୍ଷ ଶୂନ୍ୟ ହୋଇ ମରୁଭୂମି ପରିସ୍ଥିତି ସୃଷ୍ଟି ହେବ କହି ହେବନାହିଁ। ଏଥିପ୍ରତି ସରକାର ଓ ପ୍ରଶାସନର ନିଘା ନାହିଁ। ପରିବେଶ ସୁରକ୍ଷା ଦିଗରେ କଠୋର ପଦକ୍ଷେପ ନିଆଯାଉ ନ ଥିବାରୁ ପରିବେଶ ପ୍ରଦୂଷଣ ଦିନକୁ ଦିନ ବୃଦ୍ଧି ପାଉଛି। ଯାହାଫଳରେ ମୁକ୍ତ ନିର୍ମଳ ପାଣି ପବନ ପାଇବା କଷ୍ଟକର ହେଉଛି। ପରିବେଶ ପ୍ରଦୂଷଣ ଯୋଗୁଁ ବିଭିନ୍ନ ପ୍ରକାର ରୋଗ ଦେଖାଦେଉଛି। କଳା ଧୂଆଁ ବାହାରୁଥିବା ଗାଡ଼ି ରାସ୍ତାରେ ଚଳାଚଳ କରି ପରିବେଶ ପ୍ରଦୂଷଣ ବୃଦ୍ଧିରେ ସହାୟକ ହେଉଛି। ଏହି ଗାଡ଼ି ବନ୍ଦ ପାଇଁ ସରକାର ଓ ପ୍ରଶାସନ ପଦକ୍ଷେପ ନେଉନାହାନ୍ତି।

**ରୌଦ୍ରତାପରେ ଇଟାଭାଟି ନିଆଁ ଓ ଧୂଆଁରେ ଲୋକେ କଲବଲ**

ସେହିପରି ପ୍ରଚଣ୍ଡ ରୌଦ୍ରତାପରେ ଲୋକେ କଲବଲ ହେଉଥିବାବେଳେ ପଟ୍ଟାମୁଣ୍ଡାଇର ବିଭିନ୍ନ ଅଞ୍ଚଳରେ ବେଆଇନ ଇଟାଭାଟି ତିଆରି ଚାଲିଛି। ଏଥି ସରକାରୀ ନିୟମ ଓ ପରିବେଶ ଅନୁମତି ପ୍ରତି ଧ୍ୟାନ ଦିଆଯାଇନାହିଁ। ଇଟାଭାଟି ନିଆଁ ଓ ଧୂଆଁ ଅଧିକ ସଂଗୀନ ଓ ଗମ୍ଭୀର କରିଦେଇଛି। ଏଭଳି ସଂଗୀନ ପରିସ୍ଥିତି ଦେଖି ସରକାର ଓ ଜିଲ୍ଲା, ସ୍ଥାନୀୟ ପ୍ରଶାସନ ଚୁପ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ତତଃପକ୍ଷେ ରୌଦ୍ରତାପ ପରିସ୍ଥିତି ସୁଧୁରିଲେ ଇଟାଭାଟି ତିଆରି ପାଇଁ ଅନୁମତି ଦେବା ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପରିବେଶ ସୁରକ୍ଷା ଓ ପ୍ରଦୂଷଣ ଠିକଣା ଭାବେ ରୋକାଯାଉ ନ ଥିବାରୁ ପ୍ରଚଣ୍ଡ ରୌଦ୍ରତାପ ଅସହ୍ୟ ଗୁଳଗୁଳି ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ବେଆଇନ ଇଟାଭାଟି ନିଆଁ ଓ ଧୂଆଁ ପରିସ୍ଥିତିକୁ ଅଧିକ ସଂଗୀନ ଓ ଗମ୍ଭୀର କରିଛି। ଜଙ୍ଗଲ ପରିବେଶ ବିଭାଗ, ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ● ଡାକ୍ତର ଗୋଲେଖ ନାଉରୀ ହତ୍ୟାକାଣ୍ଡ ଘଟଣା

# ୧୧ ଦିନ ପରେ ବି ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ବିଫଳ

**■ ଆଇନଶୃଙ୍ଖଳାକୁ ନେଇ ଉଠିଛି ପ୍ରଶ୍ନ**
**■ ମହାକାଳପଡ଼ାରେ ବଢୁଛି ଅସନ୍ତୋଷ**

କେନ୍ଦ୍ରାପଡ଼ା,୨୪।୫(ସମିସ): ବହୁଚର୍ଚ୍ଚିତ ବାରଡାଙ୍ଗ ଗ୍ରାମର ଡାକ୍ତର ଗୋଲେଖ ନାଉରୀ ହତ୍ୟାକାଣ୍ଡକୁ ୧୧ ଦିନ ବିତିଯାଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରିବାରେ ପୁଲିସ ବିଫଳ ହୋଇଥିବାରୁ ମହାକାଳପଡ଼ା ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାକୁ ନେଇ ଏବେ ସାଧାରଣ ଲୋକଙ୍କ ମଧ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଗଭୀର ପ୍ରଶ୍ନ ଉଠିବାରେ ଲାଗିଛି। ମୃତ ଡାକ୍ତର ଗୋଲେଖ ନାଉରୀଙ୍କ ସହ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକଙ୍କ ଘନିଷ୍ଠ ସମ୍ପର୍କ ଥିବା କଥା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଧାୟକଙ୍କ ପରିବାର ସଦସ୍ୟ ସୋସିଆଲ ମିଡ଼ିଆରେ ମୃତ ଡାକ୍ତରଙ୍କୁ ବନ୍ଧୁ ବୋଲି ଉଲ୍ଲେଖ କରି ଶୋକପ୍ରକାଶ କରିଥିବାବେଳେ ଏ ପର୍ଯ୍ୟନ୍ତ ଅଭିଯୁକ୍ତ ଗିରଫ ନ ହେବା ନେଇ ଲୋକଙ୍କ ମଧ୍ୟରେ ଅଧିକ ପ୍ରଶ୍ନ ସୃଷ୍ଟି ହୋଇଛି। ସୂଚନା ମୁତାବକ, ବିଧାୟକଙ୍କ ବାପା ଦୁଇଥର ମୃତକଙ୍କ ପରିବାର ନିକଟକୁ ଯାଇ ସାନ୍ତ୍ୱନା ଜଣାଇଥିଲେ। ତଥାପି ଘଟଣାର ଅଭିଯୁକ୍ତ ଏ ପର୍ଯ୍ୟନ୍ତ ଫେରାର ଥିବାରୁ ପୁଲିସର କାର୍ଯ୍ୟଦକ୍ଷତା ଓ ତଦନ୍ତ ପ୍ରକ୍ରିୟାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିଛି। ଯଦି ଜଣେ ବିଧାୟକଙ୍କ ଘନିଷ୍ଠ ବନ୍ଧୁଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଧରାଯାଉନାହିଁ, ତେବେ ସାଧାରଣ ଲୋକଙ୍କ ସୁରକ୍ଷା କେମିତି ରହିବ? ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏହି ପରିପ୍ରେକ୍ଷୀରେ ସମାଜସେବୀ ଓ ଯୁବନେତା ଡା. ସୌଭାଗ୍ୟ ପରିଡା ମହାକାଳପଡ଼ା ଥାନାରେ ପହଞ୍ଚି ପୁଲିସ ଅଧିକାରୀଙ୍କ ସହ ଘଟଣାକୁ ନେଇ ଆଲୋଚନା କରିଥିଲେ। ସେ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ସୂଚନା ମିଳିଛି। ଡା. ପରିଡା କହିଥିଲେ, ଜଣେ ସେବାଭାବୀ ଡାକ୍ତରଙ୍କୁ ସଙ୍ଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯିବା ଘଟଣା ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ। ଏତେ ଦିନ ପରେ ବି ଅଭିଯୁକ୍ତ ଫେରାର ରହିବା ପୁଲିସର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠାଉଛି। ବାରଡାଙ୍ଗ ଗ୍ରାମରେ ଘଟିଥିବା ସଙ୍ଘବଦ୍ଧ ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ ଡାକ୍ତର ଗୋଲେଖ ନାଉରୀ। ପରେ ତାଙ୍କୁ ମେଡିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ମୃତକଙ୍କ ପରିବାର ଏବେ ବି ଭୟ ଓ ଆତଙ୍କ ମଧ୍ୟରେ ଦିନ କାଟୁଥିବା ଜଣାପଡ଼ିଛି।

# କବି ବୃନ୍ଦାବନ ଦାସଙ୍କ ଦୁଇ କାବ୍ୟଗ୍ରନ୍ଥ ଉନ୍ମୋଚିତ



କେନ୍ଦ୍ରାପଡ଼ା,୨୪।୫(ସମିସ): ବିଶିଷ୍ଟ କବି ଓ ଅଧ୍ୟାପକ ବୃନ୍ଦାବନ ଦାସଙ୍କ ଦୁଇଟି କବିତା ସଙ୍କଳନ 'ମଲା ଘୋଡାର ଗୀତ' ଓ 'ହିଡ' ସ୍ଥାନୀୟ ସାନ୍ଧ୍ୟ ମହାବିଦ୍ୟାଳୟ ଅଡିଟୋରିୟମରେ ଆୟୋଜିତ ଏକ ସାହିତ୍ୟିକ ଉତ୍ସବରେ ଉନ୍ମୋଚିତ ହୋଇଛି। ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ, କବି ଓ ବୁଦ୍ଧିଜୀବୀଙ୍କ ଉତ୍ସାହଭରା ସମାଗମ ଦେଖିବାକୁ ମିଳିଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ କହିଥିଲେ, ବୃନ୍ଦାବନ ଦାସଙ୍କ କବିତାରେ ସମାଜ ପରିବର୍ତ୍ତନର ଏକ ସଶକ୍ତ ଆହ୍ୱାନ ରହିଛି। ତାଙ୍କ ପ୍ରତ୍ୟେକ ସୃଜନରେ ମାନବିକ ମୂଲ୍ୟବୋଧ ଓ ସାର୍ବଜନୀନ ଚେତନାର ଗଭୀର ପ୍ରତିଧ୍ୱନୀ ପରିଲକ୍ଷିତ ହୁଏ ବୋଲି ସେ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ଡକ୍ଟର ଯତିନ୍ଦ୍ର ରାଉତ କହିଥିଲେ, 'ମଲା ଘୋଡ଼ାର ଗୀତ' ଓ 'ହିଡ' କବିଙ୍କ ଅନ୍ତର୍ନିହିତ ସୃଜନଶୀଳତା ଓ ସମୟସଚେତନ ଚିନ୍ତାଧାରାର ସୂକ୍ଷ୍ମ ପ୍ରତିଫଳନ। ସମୟ ଓ ସମାଜର ବିବର୍ତ୍ତନ ପ୍ରକ୍ରିୟା ଦେଇଯାଇଥିବା ସାହିତ୍ୟ ହିଁ କାଳଜୟୀ ହୋଇଥାଏ ବୋଲି କହିଥିଲେ। ଅଧ୍ୟାପକ ନନ୍ଦକିଶୋର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କବି ଡକ୍ଟର ବାସୁଦେବ ଦାସ, ଡକ୍ଟର ଅପର୍ଣ୍ଣା ମହାନ୍ତି, ଡକ୍ଟର ଶ୍ରୀଧର ସାମଲ, କବି ବିମଳ ପତି ଓ କବି ପ୍ରେମାନନ୍ଦ ଖଣ୍ଡୁଆଳ ଯୋଗଦେଇ ପୁସ୍ତକ ଦୁଇଟିର ସାହିତ୍ୟିକ ମୂଲ୍ୟ ଓ କବିଙ୍କ ସୃଜନଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଇଞ୍ଜିନିୟର ଅକ୍ଷୟ ପାଣି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଗାଳ୍ପିକ ମାତୃଦତ୍ତ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ନିମନ୍ତ୍ରିତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନାବାଳିକା କଲେଜ ଛାତ୍ରୀ ଅପହରଣ ଅଭିଯୋଗ

ରାଜକନିକା,୨୪।୫(ସମିସ): ରାଜକନିକା ଥାନା ଅନ୍ତର୍ଗତ ଭରିଗଦା ଗ୍ରାମର ଜଣେ ବ୍ୟକ୍ତିଙ୍କ ଲିଖିତ ଏତଲା ମୁତାବକ ତାଙ୍କ କଲେଜ ପଢୁଆ ନାବାଳିକା ଝିଅ ଗତକାଲି ନିଖୋଜ ହୋଇଥିବାବେଳେ ଆଜି ଆଳି ଥାନାନ୍ତର୍ଗତ ଆୟତପୁର ଗାଁର ନରେଶ ନାୟକ (୩୫) ତାକୁ ନେଇଯାଇଥିବା ସେ ଜାଣିବାକୁ ପାଇବା ପରେ ଥାନାରେ ଜଣାଇ ଝିଅକୁ ଉଦ୍ଧାର ପାଇଁ ନିବେଦନ କରିଛନ୍ତି। ଏଭଳି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଥିବାବେଳେ କ୍ରମାଗତ ନାବାଳିକା ଅପହରଣ ମାମଲା ବଢୁଥିବାରୁ ସ୍ଥାନୀୟ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ହାରାମଣିଙ୍କ ଶବକୁ ସତ୍କାର କଲେ ଯୁବକ ସଂଘ



ରାଜକନିକା,୨୪।୫(ସମିସ): ପୁଅର ମାଡ଼ରେ ମୃତ୍ୟୁବରଣ କରିଥିବା ପାତୁଳି ଗ୍ରାମର ହାରାମଣି ସାହୁଙ୍କ ହତ୍ୟାକାଣ୍ଡରେ ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ ପରିବାରର କେହି ସତ୍କାର ପାଇଁ ରାଜି ନ ହେବାରୁ ସ୍ଥାନୀୟ ଯୁବକ ଏହି ଶବକୁ ମଶାଣିରେ ସତ୍କାର କରିଛନ୍ତି। ହାରାମଣିଙ୍କ ସ୍ୱାମୀ ବୟସାଧିକ କାରଣ ସହ ଆଜିର ସ୍ତ୍ରୀ ମୃତ୍ୟୁରେ ଭାଙ୍ଗି ପଡ଼ିଥିବାବେଳେ ସେ ସତ୍କାର ପାଇଁ ବନ୍ଦୋବସ୍ତ କରିବା ଅବସ୍ଥାରେ ନ ଥିବାବେଳେ ପଡୋଶୀ ମଧ୍ୟ ହତ୍ୟାକାରୀ ପୁଅ ବିଜୟର ବ୍ୟବହାରରେ କ୍ଷୁବ୍ଧ ଥିଲେ। ଆଜି ସନ୍ଧ୍ୟାରେ ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ ସୁଶାନ୍ତ ନାୟକ, ପ୍ରୀତିରଞ୍ଜନ ନାୟକ, ସଚିନ ଦାସ, ନାରାୟଣ ମଲ୍ଲିକ, ସୌମେନ୍ଦ୍ର ବେହୁରା, ରାଜେନ୍ଦ୍ର ସାହୁ, ଦିପୁ ସାହୁ ପ୍ରମୁଖ ଶବକୁ କାନ୍ଧରେ ନେଇ ଶ୍ମଶାନରେ ସମ୍ପୂର୍ଣ୍ଣ ରୀତିନୀତିରେ ଦାହ କରିଥିଲେ।

# ଜେସିବି ଓ ଗୋଟିଏ ଟ୍ରାକ୍ଟର ଜବତ, ଚାଳକ ଅଟକ



ଡେରାବିଶ, ୨୪।୫(ସମିସ): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଚାନ୍ଦୋଳ ଗହିରରୁ ଗତକାଲି ବିଳମ୍ବିତ ରାତିରେ ବେଆଇନ ମାଟି ଚାଲାଣ କରୁଥିବାବେଳେ ପୁଲିସ ଚଢ଼ଉ କରି ଗୋଟିଏ ଜେସିବି ଓ ଗୋଟିଏ ଟ୍ରାକ୍ଟରକୁ ଜବତ କରିଥିବା ଜଣାଯାଇଛି। କଟକ-ଚାନ୍ଦବାଲି ରାସ୍ତା କଡ଼ରେ ଥିବା କଳିଙ୍ଗ ଆବାସିକ ବିଦ୍ୟାଳୟ ନିକଟସ୍ଥ ବିଲରୁ ବେଆଇନ ମାଟି ଚାଲାଣ ହେଉଥିଲା। ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ କେନ୍ଦ୍ରାପଡ଼ା ସଦର ପୁଲିସ ଚଢ଼ଉ କରିଥିଲା। ଏହି ଚଢ଼ଉ ସମୟରେ ଅନ୍ୟ ଟ୍ରାକ୍ଟର ଫେରାର ହୋଇଯାଇଥିଲା। ତେବେ ପୁଲିସ ଘଟଣାସ୍ଥଳରୁ ମାଟି ତଡୁଥିବା ଏକ ଜେସିବି ମେସିନ୍ ଓ ଗୋଟିଏ ନମ୍ବର ବିହୀନ ଟ୍ରାକ୍ଟରକୁ ଜବତ କରିଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଉଭୟ ଗାଡ଼ିର ଚାଳକଙ୍କୁ ଅଟକ ରଖାଯାଇଥିବା ଜଣାଯାଇଛି।

# ଏସ୍ଏନ୍ କଲେଜ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ରାଜକନିକା,୨୪।୫(ସମିସ): ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ଚଳିତ ବର୍ଷ +୨ କଳା, ବିଜ୍ଞାନ, ଓ ବାଣିଜ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଶ୍ୱଜିତ ଦଳାଇ (୫୪୪), ସାଗରୀକା ପୃଷ୍ଟି (୫୨୪) ଓ ସ୍ୱପ୍ନାରାଣୀ ଦାସ (୫୭୩)ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମହାବିଦ୍ୟାଳୟ ସଭା ଗୃହରେ ଅଧ୍ୟାପକ ଡଃ ଅଜୟ କୁମାର କୁଣ୍ଡଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡଃ ଫକୀର ଚନ୍ଦ୍ର ପ୍ରଧାନ, ପୁରାତନ ଛାତ୍ର ସଂସଦ ସଭାପତି ଅଜୟ ନାଥ, ସାଧାରଣ ସମ୍ପାଦକ ସଞ୍ଜୟ ପରିଡ଼ା, କାର୍ଯ୍ୟକାରୀ ସମ୍ପାଦକ ସତ୍ୟରଞ୍ଜନ ନାୟକ, ଯୁଗ୍ମସମ୍ପାଦକ ଅଜୟ ରାଉତ, କୋଷାଧ୍ୟକ୍ଷ ବୈଦ୍ୟନାଥ ବଳ, ମୁଖ୍ୟ କିରାଣି ଲକ୍ଷ୍ମଣ ସାହୁ, ପ୍ରାକ୍ତନ ଲାଇବ୍ରେରୀଆନ ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଟପ୍ପର ଛାତ୍ରଛାତ୍ରୀଙ୍କୁ କିଛି ଅର୍ଥ ରାଶି ସହ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅମିତାଭ କରଣ, ପୁରାତନ ଛାତ୍ର ସୁକାନ୍ତ ଦାଶ, ମଙ୍ଗୁଳି ବେହେରା, ଦିଲ୍ଲୀପ ରାଉତ, କୃତ୍ତିବାସ ପରିଡା, ତପନ ରଥଙ୍କ ସମେତ ବହୁ ପୁରାତନ ଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ।

## ଡିଖିରେ ଗ୍ରାମରେ ଜବରଦଖଲ ଉଚ୍ଛେଦକୁ ବିରୋଧ ଘଟଣା

# ସରପଞ୍ଚ ଓ ତାଙ୍କ ବାପାଙ୍କୁ ଧମକପୂର୍ଣ୍ଣ ଫୋନ୍

**● ତହସିଲ ପ୍ରଶାସନର ମନମାନିକୁ କରିଥିଲେ ବିରୋଧ**
**● ସାମାଜିକ ଗଣମାଧ୍ୟମରେ ସୂଚନା ଦେଲେ ସରପଞ୍ଚ**

ମହାକାଳପଡ଼ା,୨୪।୫(ସମିସ)



ଜଣେ ମହିଳା ସରପଞ୍ଚ ତହସିଲ ପ୍ରଶାସନର ମନମାନିକୁ ବିରୋଧ କରିବାରୁ ତାଙ୍କୁ ଧମକପୂର୍ଣ୍ଣ ଫୋନ୍ କଲ୍ ଆସୁଛି। ସରପଞ୍ଚଙ୍କ ସମେତ ତାଙ୍କ ବାପାଙ୍କୁ ଜେଲରେ ପୂରାଇଦେବା ସହିତ ଜୀବନରୁ ମାରିଦେବାକୁ ଫୋନ୍ କଲ୍‌ରେ ଧମକ ଦିଆଯାଇଥିବା ସରପଞ୍ଚ ଜଣଙ୍କ ଅଭିଯୋଗ ଆଣିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ମହାକାଳପଡ଼ା ବ୍ଲକ୍ ଡିଖିରି ପଞ୍ଚାୟତର ଡିଖିରେ ଗ୍ରାମରେ ୧୨୬ ଜଣ ସରକାରୀ ଜମି ଜବରଦଖଲ କରିଛନ୍ତି। ଜବରଦଖଲ ଉଚ୍ଛେଦ ନିମନ୍ତେ ସମସ୍ତଙ୍କୁ ସରକାରୀ ନୋଟିସ୍ ମଧ୍ୟ ପ୍ରଶାସନ ପକ୍ଷରୁ ଜାରି ହୋଇଥିଲା। ଶୁକ୍ରବାର ମହାକାଳପଡ଼ାର ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ରଙ୍କ ପ୍ରତିନିଧିତ୍ୱରେ ସ୍ଥାନୀୟ ପୁଲିସ ଓ ରାଜସ୍ୱ ନିରୀକ୍ଷକ ସଦଳବଳେ ଡିଖିରିରେ କେବଳ ଜଣଙ୍କ ଜବରଦଖଲ ଉଚ୍ଛେଦ ପାଇଁ ପହଞ୍ଚିଥିଲେ। ଯାହାକୁ ପ୍ରବଳ ବିରୋଧ କରିଥିଲେ ପଞ୍ଚାୟତର ମହିଳା ସରପଞ୍ଚ ଚାମେଲି ଓଝାଙ୍କ ସମେତ ଗ୍ରାମବାସୀ। ଗ୍ରାମର ୧୨୬ ଜଣଙ୍କ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ କରାଯାଇଥିଲାବେଳେ ଆକ୍ରୋଶମୂଳକ ଭାବେ ଜଣଙ୍କର କାହିଁକି ଉଚ୍ଛେଦ କରାଯିବ ବୋଲି ସେମାନେ ପ୍ରଶ୍ନ କରିଥିଲେ। ପ୍ରଶାସନ କ୍ରମିକ ଭାବେ ଗୋଟିଏ ପରେ ଗୋଟିଏ ଜବରଦଖଲ ଉଚ୍ଛେଦ କଲା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଜବରଦଖଲ ଉଚ୍ଛେଦ କରିବାକୁ ସେମାନେ ଅଡ଼ି ବସିଥିଲେ। କେବଳ ସେତିକି ନୁହେଁ ପ୍ରଶାସନ ବେଆଇନ୍ ଇଟାଭାଟି ମାଲିକଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ଇଟା ଭାଟି ପୋଡ଼ିବାକୁ ପ୍ରଶୟ ଦେଉଥିବା ମଧ୍ୟ ସେମାନେ ଅଭିଯୋଗ କରିଥିଲେ। ନଦୀପଠାରୁ ଶହ ଶହ ଟ୍ରିପ ମାଟି ତାଡ଼ି ନେଉଥିବା ଅଭିଯୋଗ ହୋଇଥିଲେ ହେଁ ସେତେବେଳେ ତହସିଲ ପ୍ରଶାସନ କେଉଁଠି ଶୋଇଥିଲା ବୋଲି ସେ ଜବାବ ମାଗିଥିଲେ। ସରପଞ୍ଚଙ୍କ ସମେତ ଗ୍ରାମବାସୀଙ୍କ ପ୍ରବଳ ବିରୋଧରେ ଉଚ୍ଛେଦ ପାଇଁ ଯାଇଥିବା ପ୍ରଶାସନ ଉଚ୍ଛେଦ ନ କରି କାନମୁଣ୍ଡ ଆଉଁସି ଫେରିଥିଲେ। ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଛି। ପ୍ରଶାସନର ଦୋମୁହାଁ ନୀତିକୁ ପ୍ରବଳ ବିରୋଧ କରିଛନ୍ତି ସାଧାରଣ ଜନତା। ଏହି ଘଟଣା ପରେ ସରପଞ୍ଚ ଚାମେଲି ଓଝା ଆଜି ଭିଡିଓ ଜରିଆରେ ତାଙ୍କ ବାପା ଓ ତାଙ୍କୁ ଜେଲରେ ପୂରାଇଦେବା ସହିତ ଜୀବନରୁ ମାରିଦେବା ପାଇଁ ପାଞ୍ଚରୁ ଛଅ ଥର ଧମକପୂର୍ଣ୍ଣ ଫୋନ୍ କଲ୍ ଆସିଥିବା ସେ କହିଛନ୍ତି। ଯଦି ତାଙ୍କ ସହିତ କିଛି ଅଘଟଣ ଘଟେ, ତେବେ ସମସ୍ତେ ତାଙ୍କ ସାଥି ଦେବେ ବୋଲି ସେ ନିବେଦନ କରିଛନ୍ତି। ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାବେଳେ ମହାକାଳପଡ଼ା ରାଜନୀତି ଏବେ ସରଗରମ ହୋଇଛି।

# ଅଗ୍ନିବିପନ୍ନ ପରିବାରକୁ ସହାୟତା



ମହାକାଳପଡ଼ା,୨୪।୫(ସମିସ): ମାର୍ଶାଘାଇ ବ୍ଲକ୍ ଗରଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ଗରଜଙ୍ଗା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଦିଲ୍ଲୀପ ବେହେରାଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଘରେ ଥିବା ଆସବାବପତ୍ର, ପିନ୍ଧା ବସ୍ତ୍ର ସହ ଅନ୍ୟାନ୍ୟ ଦରକାରୀ ସାମଗ୍ରୀ ମଧ୍ୟ ନଷ୍ଟ ହୋଇଥିବା ଜଣାପଡ଼ିଛି। ଖବର ପାଇ ମହାକାଳପଡ଼ା ବ୍ଲକ ବଡ଼କୂଳ ପଞ୍ଚାୟତର ସାମାଜିକ ଅନୁଷ୍ଠାନ ମାରୁତି ୟୁଥ୍ ସେବା ଟ୍ରଷ୍ଟ ପକ୍ଷରୁ ଅଗ୍ନି ବିପନ୍ନ ପରିବାରଙ୍କୁ ସହାୟତାର ହାତ ବଢ଼ାଯାଇଛି। ଟ୍ରଷ୍ଟ ପକ୍ଷରୁ ସଦସ୍ୟମାନେ ରାସନ ସାମଗ୍ରୀ, ପାଲ, ପିନ୍ଧିବା ବସ୍ତ୍ର ସହ ଆବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଛି।

# ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ବଢୁଛି ଚୋରି, ପାଟ୍ରୋଲିଂ ଦାବି

ପଟ୍ଟାମୁଣ୍ଡାଇ,୨୪।୫(ସମିସ): ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ଏକାଧିକ ଚୋରି ଘଟଣା ଘଟିଯାଇଛି। ନିକଟରେ ଅଣ୍ଟରା ବନ୍ଦେ ମାତରଂ ହାଇସ୍କୁଲରୁ ଚୋରି ହୋଇଥିବାବେଳେ ଅଣ୍ଟରା ଗ୍ରାମର ଚତୁର୍ଭୁଜ ଦାସଙ୍କ ଘରୁ ମଧ୍ୟ ଚୋରି ହୋଇଛି। ଏଥିସହିତ ରାକେଶ ମଲ୍ଲିକଙ୍କ ଚିକେନ ସେଣ୍ଟରରୁ କୁକୁଡ଼ା ଚୋରି ହୋଇଥିବା ନେଇ ଚଉଦକୁଲାଟ ଫାଣ୍ଡିରେ ଏତଲା ଦିଆଯାଇଛି। ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ଏକାଧିକ ଚୋରି ଘଟଣା ଘଟିଥିବାରୁ ଲୋକେ ଭୟଭୀତ ହୋଇପଡିଛନ୍ତି। ସ୍ଥାନୀୟ ପୁଲିସ ମୋକଦମା ରୁଜୁ କରି ଚୋରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରୁ ଚୋରି ରୋକିବାକୁ ପୁଲିସ ପାଟ୍ରୋଲିଂ କରାଯିବାକୁ ଦାବି ହେଉଛି।

# ଶ୍ରୀକ୍ଷେତ୍ର ସିଟି



### ଅପରାଧ ନିୟନ୍ତ୍ରଣ ପାଇଁ ପୁରୀ ପୁଲିସର ବ୍ୟାପକ କାର୍ଯ୍ୟାନୁଷ୍ଠାନ

# ୨୫୮ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ୨ ଗିରଫ

ପୁରୀ,୨୪।୫(ସମିସ)

ପୁରୀ ସହରକୁ ନିଶାମୁକ୍ତ କରିବା ଏବଂ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ

## କାର୍ ଓ ଟଙ୍କା ଜବତ

ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ବିଶେଷକରି ବ୍ରାଉନ୍‌ସୁଗର, ଗଞ୍ଜେଇ ଏବଂ ବେଆଇନ ମଦ କାରବାର କରୁଥିବା ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଯେଉଁମାନେ ଏଥିରେ ସମ୍ପୃକ୍ତ ସେମାନଙ୍କ ପୁରୁଣା ତଥ୍ୟକୁ ଖୋଜି ଧରପଗଡ଼କୁ ଜୋର୍‌ଦାର କରାଯାଉଛି। ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ଲକିଂ, ଚେକିଂ ଚାଲିଛି। ଏହି କ୍ରମରେ ବାସେଳିସାହି ଥାନା ପୁଲିସକୁ ମିଳିଛି ବିଶେଷ ସଫଳତା। ରବିବାର ବାସେଳିସାହି ପୁଲିସ ୨୫୮ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଥିବାବେଳେ ଦୁଇଜଣ ନିଶା ବେପାରୀଙ୍କୁ ମଧ୍ୟ କାବୁ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ପିପିଲି ଥାନା ଅନ୍ତର୍ଗତ କାକୁଡ଼ିଆର ଅବିନାଶ ସ୍ୱାଇଁ ଏବଂ ମୁଖ୍ୟ ବେପାରୀ ଖୋର୍ଦ୍ଧାର ଆଶିଷ ପଟ୍ଟନାୟକ ବୋଲି ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ୍ ସିଂ।





ଏ ସମ୍ପର୍କରେ ଏସ୍‌ପି କହିଛନ୍ତି, ରବିବାର ସକାଳ ପ୍ରାୟ ୯ଟା ୪୫ରେ ବାସେଳିସାହି ଥାନାଧିକାରୀଙ୍କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଯେ, ଧୂସର ରଙ୍ଗର ଏକ ସୁଜୁକି ସ୍ୱିଫ୍ଟ କାର୍ (ନଂ. ଓଡି-୩୩ଏଟି-୫୭୬୫)ରେ ଦୁଇଜଣ ବ୍ୟକ୍ତି ବ୍ରାଉନ୍‌ସୁଗର ନେଇ ପୁରୀ ଆଡ଼କୁ ଆସୁଛନ୍ତି। ତୁରନ୍ତ ବାସେଳିସାହି ପୁଲିସର ଚଢ଼ଉ ଟିମ୍ ମାଟିତୋଟା ଭାଇନା ଖଜା ଦୋକାନ ନିକଟରେ ପହଞ୍ଚି ନାକାବନ୍ଦୀ କରିଥିଲେ। କିଛି ସମୟ ପରେ ଉକ୍ତ କାର୍ ସେଠାରେ ପହଞ୍ଚିବା ପରେ ପୁଲିସକୁ ଦେଖି ଡ୍ରାଇଭର ଗାଡ଼ି ସହ ଖସିଯିବାକୁ ଉଦ୍ୟମ କରିଥିଲା। କିନ୍ତୁ ପୁଲିସ ଗାଡ଼ିକୁ ଅଟକାଇ ଅଭିଯୁକ୍ତ ଅବିନାଶ ଓ ଆଶିଷଙ୍କୁ କାବୁ କରିଥିଲା। ଗାଡ଼ି ଯାଞ୍ଚ ବେଳେ ପଲିଥିନ୍ ସହ ୨୫୮ ଗ୍ରାମ୍ ବ୍ରାଉନ୍‌ସୁଗର ମିଳିଥିଲା। ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା ହେବ। ସେହିପରି ସେମାନଙ୍କଠାରୁ ୩ଟି ମୋବାଇଲ୍ ଫୋନ୍, ଗୋଟିଏ କାର୍, ୩୮୦୦ ଟଙ୍କା ଜବତ ହୋଇଛି। ତଦନ୍ତରୁ ଜଣାପଡ଼ିଛି, ଉଭୟ ଅଭିଯୁକ୍ତ ଦୀର୍ଘଦିନ ଧରି ନିଶା କାରବାର କରିଆସୁଛନ୍ତି। ସେମାନେ ଖୋର୍ଦ୍ଧା ଓ ଜଳେଶ୍ୱର ଅଞ୍ଚଳରୁ ବ୍ରାଉନ୍‌ସୁଗର ଆଣି ପୁରୀର ସାଧାରଣ ଲୋକଙ୍କୁ ବିକ୍ରି କରୁଥିଲେ। ଆଶିଷ ନାଁରେ ଖୋର୍ଦ୍ଧା ମଡେଲ ଥାନାରେ ୭ଟି ମାମଲା ରହିଥିବାବେଳେ ଅବିନାଶ ନାଁରେ ପୁରୀ ଟାଉନ୍ ଥାନାରେ ଗୋଟିଏ ମାମଲା ରହିଛି। ଏମାନଙ୍କ ସହ ଆଉ କେଉଁମାନେ ସମ୍ପୃକ୍ତ, ବ୍ରାଉନ୍‌ସୁଗର୍ କେଉଁ ସ୍ଥାନରୁ ଆସିଥିଲା ଓ କେଉଁ ସ୍ଥାନକୁ ଯାଉଥିଲା ତା'ର ଅଧିକ ତଦନ୍ତ ଚାଲିଥିବା କହିଛନ୍ତି ଏସ୍‌ପି ଶ୍ରୀ ସିଂ। ଅଭିଯୁକ୍ତଙ୍କ ବିରୋଧରେ ବାସେଳିସାହି ଥାନାରେ ମାମଲା ରୁଜୁ ପରେ ଉଭୟଙ୍କୁ କୋର୍ଟଚାଲାଣ କରିଛି ପୁଲିସ।

ଏହି ଅବସରରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ପୁରୀ ସିଟି ସବ୍‌ଡିଭିଜନ୍ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ଏବଂ ଅପରାଧ ନିୟନ୍ତ୍ରଣ ପାଇଁ ପୁରୀ ପୁଲିସ ପକ୍ଷରୁ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚଳିତବର୍ଷ ଜାନୁଆରୀ ପହିଲାରୁ ଚଳିତ ମାସ ୨୩ ତାରିଖ ମଧ୍ୟରେ ମୋଟ୍ ୨୭୮ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେହିପରି କୋରେକ୍ସ ସମ୍ବନ୍ଧୀୟ ୧୬ଟି ମାମଲା ରୁଜୁ ହୋଇଥିବାବେଳେ ୨୬ ଜଣଙ୍କୁ ଗିରଫ କରାଯାଇ ୧୨୩୩ ବୋତଲ୍ କୋରେକ୍ସ ସିଜ୍ କରାଯାଇଛି। ବ୍ରାଉନ୍‌ସୁଗର ସମ୍ବନ୍ଧୀୟ ୧୩ଟି କେସ୍ ରୁଜୁ ହୋଇଥିବା ବେଳେ ୨୮ ଜଣଙ୍କୁ ଗିରଫ କରାଯାଇଛି ଏବଂ ପ୍ରାୟ ୪୮୮ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ ହୋଇଛି। ଏହାଛଡ଼ା ଅବକାରୀ ଆଇନ୍ ଅନୁସାରେ ୫୪ଟି କେସ୍ ରୁଜୁ ହୋଇଥିବାବେଳେ ୫୪ ଜଣଙ୍କୁ ଗିରଫ କରାଯାଇଛି। ଏଥିସହିତ ପୁରୀ ସହରର ବିଭିନ୍ନ ସର୍ବସାଧାରଣ ଜାଗାରେ ମଦ୍ୟପାନ କରୁଥିବା ୧୧୦୦ରୁ ଅଧିକ ବ୍ୟକ୍ତିଙ୍କ ବିରୋଧରେ ପିଆର୍ ସବ୍‌ମିଟ୍ କରାଯାଇଛି। ପୁରୀ ପୁଲିସ ସହରରେ ଶାନ୍ତି, ସୁରକ୍ଷା ଏବଂ ଅପରାଧମୁକ୍ତ ପରିବେଶ ରକ୍ଷା ପାଇଁ ଆଗାମୀ ଦିନରେ ମଧ୍ୟ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଏସ୍‌ପି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସ୍‌ପି ରଶ୍ମୀରଞ୍ଜନ ମହାପାତ୍ର ଓ ବାସେଳିସାହି ଥାନାଧିକାରୀ ଉପସ୍ଥିତ ଥିଲେ।

# କାଜୁ ଜଙ୍ଗଲରେ ଯୁବକଙ୍କ ତଣ୍ଟି କାଟି ହତ୍ୟା



ପୁରୀ,୨୪।୫(ସମିସ): ପୁରୀ ଜିଲ୍ଲାରେ ଦିନକୁ ଦିନ ଆଇନଶୃଙ୍ଖଳା ବିଗିଡ଼ିବାରେ ଲାଗିଛି। ବିଶେଷକରି କିଛି ଦିନ ହେବ ବ୍ରହ୍ମଗିରି ବ୍ଲକ୍ ଅଞ୍ଚଳରେ ଅପରାଧିକ ମାମଲା ବଢ଼ିବାରେ ଲାଗିଛି। ରବିବାର ସନ୍ଧ୍ୟାରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ତଥା ପୁରୀ ସଦର ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ନରସିଂହପାଟଣା ବ୍ରିଜ୍ ନିକଟ କାଜୁ ଜଙ୍ଗଲରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକ ହେଉଛନ୍ତି ଜଗନ୍ନାଥ ପାଟଣାର ଲିପୁ ଜେନା। ପୁଲିସ କାଜୁ ଜଙ୍ଗଲରୁ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏକ ଧାରୁଆ ଅସ୍ତ୍ରରେ ଯୁବକଙ୍କୁ ତଣ୍ଟି କଟାଯାଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାବେଳେ ସ୍ଥାନୀୟ ଲୋକେ କାଜୁ ଜଙ୍ଗଲ ଭିତରକୁ ଯାଇଥିବାବେଳେ ଲିପୁଙ୍କ ରକ୍ତାକ୍ତ ଅବସ୍ଥାରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ସଦର ଥାନାକୁ ଲୋକମାନେ ସୂଚନା ଦେଇଥିଲେ। ଖବରପାଇ ସଦର ପୁଲିସ ଓ ବ୍ରହ୍ମଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛି। ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଥିବାବେଳେ ହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ଜଙ୍ଗଲ ଜମିକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଏହି ଘଟଣା ପରେ ଅଞ୍ଚଳରେ ଭୟ ଓ ଉତ୍ତେଜନାର ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ପୂର୍ବ ଶତ୍ରୁତାକୁ ନେଇ କିଛି ଗ୍ରାମବାସୀ ହତ୍ୟା କରିଥିବା କୁହାଯାଇଛି। ତେବେ ତଦନ୍ତ ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ସୂଚନା ମିଳିଛି। ତେବେ ଜିଲ୍ଲାରେ ପୁଣି ଏକ ନିର୍ମମ ହତ୍ୟାକାଣ୍ଡ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି।

# ପଞ୍ଜାବ ପରେ ୟୁପିରେ ଅଦିନିଆ ରଥଯାତ୍ରା ସ୍ଥଗିତ

ପୁରୀ,୨୪।୫(ସମିସ): ଅଦିନିଆ ରଥଯାତ୍ରାରେ ରୋକ୍ ଲଗାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଯେଉଁମାନେ ଅତିଥିରେ ରଥଯାତ୍ରା କରୁଛନ୍ତି ସେମାନଙ୍କୁ ଏଥିରୁ ନିବୃତ୍ତ ରହିବା ଲାଗି କୁହାଯାଉଛି। ଏ କ୍ଷେତ୍ରରେ ଶ୍ରୀମନ୍ଦିର ପ୍ରଶାସନକୁ ମିଳିଛି ବିଶେଷ ସଫଳତା। ପଞ୍ଜାବ ପରେ ଏବେ ୟୁପିରେ ହେବାକୁ ଥିବା ଅଦିନିଆ ରଥଯାତ୍ରା ସ୍ଥଗିତ ନେଇ ଶ୍ରୀମନ୍ଦିର ପ୍ରଶାସନ ନିକଟକୁ ଚିଠି ଆସିଥିବା ଶ୍ରମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି। ଉତ୍ତରପ୍ରଦେଶ ହାପୁର ଜିଲ୍ଲାର ଭଗବାନ ଶ୍ରୀଜଗନ୍ନାଥ ରଥଯାତ୍ରା ସେବା ସମିତି ପକ୍ଷରୁ ଜୁନ୍ ୧୪ରେ ରଥଯାତ୍ରା ଆୟୋଜନ କରିବାକୁ ଯୋଜନା କରିଥିଲା। ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଗତ ୧୮ ତାରିଖରେ ହାପୁର ଜିଲ୍ଲାର ମାଜିଷ୍ଟ୍ରେଟ୍‌ଙ୍କୁ ପତ୍ର ଲେଖିଥିଲେ। ସମ୍ପୃକ୍ତ ରଥଯାତ୍ରା ସେବା ସମିତିକୁ ପାରମ୍ପରିକ ତିଥି ବ୍ୟତିରେକ ଅତିଥିରେ ଏହି ଉତ୍ସବ ପାଳନରୁ ନିବୃତ ରହିବାକୁ ଉଚିତ୍ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଚଳିତବର୍ଷ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନେତ୍ରୋତ୍ସବ ଓ ରଥଯାତ୍ରା, ପାରମ୍ପରିକ ତଥା ଶାସ୍ତ୍ରାନୁମୋଦିତ ବିଧି ଅନୁସାରେ ଯଥାକ୍ରମେ ଜୁଲାଇ ୧୪ ଓ ୧୬ରେ ଅନୁଷ୍ଠିତ ହେବ। ଏହିଦିନ ଭିନ୍ନ ଅନ୍ୟ କୌଣସି ଦିନ ନେତ୍ରୋତ୍ସବ ଓ ରଥଯାତ୍ରା ପାଳନ କଲେ ଦେଶ ବିଦେଶର ଅଗଣିତ ଭକ୍ତମାନଙ୍କର ଧାର୍ମିକ ଭାବନାରେ ଆଘାତ ସୃଷ୍ଟି କରିବ ବୋଲି ମୁଖ୍ୟ ପ୍ରଶାସକ ପତ୍ରରେ ଉଲ୍ଲେଖ କରିଥିଲେ। ତେବେ ହାପୁର ଜିଲ୍ଲାପାଳ ମୁଖ୍ୟ ପ୍ରଶାସକଙ୍କ ନିକଟକୁ ରବିବାର ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଜୁନ୍ ମାସରେ ରଥଯାତ୍ରା ଆୟୋଜିତ ହେବନାହିଁ। ଆୟୋଜକମାନଙ୍କୁ ପ୍ରକୃତ ତିଥି ଅନୁଯାୟୀ ଜୁଲାଇରେ ପାଳନ କରିବା ଲାଗି ପରାମର୍ଶ ଦିଆଯାଇଛି। ତେଣୁ ଏହି ପବିତ୍ର ପରମ୍ପରାର ମର୍ଯ୍ୟାଦା ରକ୍ଷା ପାଇଁ ସମୟୋଚିତ ହସ୍ତକ୍ଷେପ କରିଥିବାରୁ ହାପୁର ଜିଲ୍ଲାପାଳ କବିତା ମୀନା ଓ ସମଗ୍ର ହାପୁର ଜିଲ୍ଲା ପ୍ରଶାସନଙ୍କୁ କୃତଜ୍ଞତା ଜଣାଇଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ସୂଚନାଥାଉ କି, ପଞ୍ଜାବର ଫିରୋଜପୁର କ୍ୟାଣ୍ଟନ୍‌ମେଣ୍ଟ ଜଗନ୍ନାଥ ମନ୍ଦିରରେ ମେ' ୨୩ ତାରିଖରେ ଅଦିନିଆ ରଥଯାତ୍ରା ଆୟୋଜନ ହେବାକୁ ଯାଉଥିବା ଖବର ପାଇବା ପରେ ଫିରୋଜପୁର ଜିଲ୍ଲାପାଳଙ୍କୁ ଏହାକୁ ବନ୍ଦ କରିବା ଲାଗି ଅନୁରୋଧପତ୍ର ଲେଖିଥିଲା ଶ୍ରୀମନ୍ଦିର ପ୍ରଶାସନ। ସେଠାକାର ଜିଲ୍ଲାପାଳ ତ୍ୱରିତ ପଦକ୍ଷେପ ନେବା ସହ ଆୟୋଜକଙ୍କୁ ବୁଝାଇଥିଲେ। ସେମାନେ ମଧ୍ୟ ଅଦିନିଆ ରଥଯାତ୍ରାକୁ ସ୍ଥଗିତ ରଖିଛନ୍ତି। ଏ ସମ୍ପର୍କରେ ଫିରୋଜପୁରର ଜିଲ୍ଲାପାଳ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖି ଜଣାଇଥିଲେ।

**ହାପୁର ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

# ରାସ୍ତାରେ ଖଜା ମାଫିଆଙ୍କ ମାର୍‌ପିଟ୍; ୨ ଗିରଫ

ପୁରୀ,୨୪।୫(ସମିସ): ଖଜା ମାଫିଆ ରାସ୍ତାରେ ମାର୍‌ପିଟ୍ ହେବା ଘଟଣାରେ ଟାଉନ୍ ଥାନା ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୨ ଜଣଙ୍କୁ କାବୁ କରିଥିବାବେଳେ ଆଉ ୨ ଜଣ ଫେରାର୍ ଅଛନ୍ତି। ଗିରଫ ଅଭିଯୁକ୍ତଦ୍ୱୟ ହେଉଛନ୍ତି ମାଟିତୋଟା ସୁଜାତାନଗରରେ ରହୁଥିବା କଣାସ ବିଜିପୁରର ସୁମନ ମହାପାତ୍ର ଓ ଟାଉନ ଥାନାର ପୋଖରିଆରେ ରହୁଥିବା ବଳଭଦ୍ର ସେନାପତି। ଏଥିସହ ପୁଲିସ ଗୋଟିଏ ଲୁହା କଟୁରି ଏବଂ ୬୦୦ ଟଙ୍କା ଜବତ କରିଛି।

ଶନିବାର 'ଖଜା ମାଫିଆ' ରାସ୍ତାରେ ଉପଦ୍ରବ କରିଥିଲେ। ପରସ୍ପର ଭିତରେ ଗଣ୍ଡଗୋଳ ଏବଂ ମାର୍‌ପିଟ ଲାଗିଥିଲେ। ଏହି ଘଟଣାରେ ଟାଉନ ପୁଲିସ ତଦନ୍ତ କରି ନିଜ ଆଡୁ ଏତଲା ରୁଜୁ କରିଛି। ଟାଉନ ଥାନାର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅନ୍ୟ ଦୁଇ ଅଭିଯୁକ୍ତ ଫେରାର୍ ହୋଇଯାଇଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି। ଅନ୍ୟପକ୍ଷରେ ଧରାପଡ଼ିଥିବା ଦୁଇ ଅଭିଯୁକ୍ତଙ୍କୁ ରବିବାର କୋର୍ଟରେ ହାଜର କରାଯାଇଥିଲା। ପରେ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଅଭିଯୁକ୍ତମାନେ ପୂର୍ବରୁ ବିଭିନ୍ନ ଥାନା ଅଞ୍ଚଳରେ ଦାଦାବଟି ଆଦାୟ ଓ ମାର୍‌ପିଟ୍ ଭଳି ଅନେକ ମାମଲାରେ ସମ୍ପୃକ୍ତ ଅଛନ୍ତି। ରାସ୍ତାରେ ଉପଦ୍ରବ ସୃଷ୍ଟି କରୁଥିବା ଅପରାଧୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

# ଅଟୋ ଷ୍ଟାଣ୍ଡରେ ଛୁରାମାଡ଼ ଘଟଣା; ଦୁଇ ଗିରଫ

ପୁରୀ,୨୪।୫(ସମିସ): ବଳିଆପଣ୍ଡା ଥାନା ଅନ୍ତର୍ଗତ ପ୍ରାଚୀ ଛକ ଲାଇଟ୍ ହାଉସ୍ ନିକଟ ବାବା ଦେବେଶ୍ୱର ଅଟୋଷ୍ଟାଣ୍ଡରେ ଗତ ୨୦ ତାରିଖରେ ହୋଇଥିବା ଛୁରାମାଡ଼ ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବାସେଳିସାହି ଥାନା ବଳଦେବସାହିରେ ରହୁଥିବା ମାର୍କଣ୍ଡେଶ୍ୱର ସାହିର ଦିଲ୍ଲୀପ ବାରିକ ଏବଂ ସମୁଦ୍ରକୂଳ ଥାନା ସିଟି ରୋଡ୍ ଗୋରାକବର ଲେନ୍‌ର ସୁଶାନ୍ତ ପ୍ରଧାନ। ଦୁଇ ଅଭିଯୁକ୍ତଙ୍କୁ ପୁଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି।

ଥାନାରେ ରୁଜୁ ଅଭିଯୋଗ ଅନୁଯାୟୀ, ଗତ ୨୦ ତାରିଖ ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଦୁଇ ଅଭିଯୁକ୍ତ ବାବା ଦେବେଶ୍ୱର ଅଟୋଷ୍ଟାଣ୍ଡକୁ ଆସି ରମେଶ ପ୍ରଧାନ, ଦିଲ୍ଲୀପ ବାରିକ ଓ ରିତେଶ ସାହୁଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ସେମାନେ ଗୁରୁତର ହୋଇ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଥିଲେ। ପୂର୍ବରୁ ଅଭିଯୁକ୍ତମାନେ ଲାଇଟ୍ ହାଉସ ଅଞ୍ଚଳରୁ ଯାତ୍ରୀ ଉଠାଇବାକୁ ଚେଷ୍ଟା କରିଥିଲେ। ଷ୍ଟାଣ୍ଡ ସଦସ୍ୟମାନେ ବିରୋଧ କରିବାରୁ ସେମାନେ ପ୍ରତିଶୋଧ ମନୋଭାବ ନେଇ ଛୁରି ଧରି ଫେରି ଏହି ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଅଭିଯୁକ୍ତମାନଙ୍କୁ ମାଡ଼ ମାରିଥିଲେ। ପୁଲିସ ସେମାନଙ୍କୁ ଉଦ୍ଧାର କରି ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ରବିବାର ସେମାନେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବା ପରେ ପୁଲିସ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ଗୋଟିଏ ଫୋଲ୍ଡିଂ ଛୁରି, ଗୋଟିଏ ବାଇକ୍, ଗୋଟିଏ ବୁଲେଟ୍ ଓ ଦୁଇଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ବଳିଆପଣ୍ଡା ଥାନାଧିକାରୀ ସୁନୀଲ ଯାଦବ ମାମଲାର ତଦନ୍ତ କରୁଛନ୍ତି। ଅଟୋ ଷ୍ଟାଣ୍ଡରେ ଦାଦାଗିରି ଓ ଗୁଣ୍ଡାରାଜ୍‌କୁ ବରଦାସ୍ତ କରାଯିବନାହିଁ ବୋଲି ପୁଲିସ କହିଛି।

# ଟେବୁଲ୍ ଟେନିସ୍ କୋଚିଂ କ୍ୟାମ୍ପ୍ ଉଦ୍‌ଯାପିତ

ପୁରୀ,୨୪।୫(ସମିସ): ପୁରୀ ଜିଲ୍ଲା ଟେବୁଲ୍ ଟେନିସ୍ ଆସୋସିଏସନ ଆନୁକୂଲ୍ୟରେ ୧୫ଦିନ ବ୍ୟାପୀ ଚାଲିଥିବା ଗ୍ରୀଷ୍ମକାଳୀନ ଟେବୁଲ୍ ଟେନିସ୍ କୋଚିଂ କ୍ୟାମ୍ପ୍ ଉଦ୍‌ଯାପିତ ହୋଇଯାଇଛି। ସୁଦର୍ଶନ ମେମୋରିଆଲ ଟେବୁଲ୍ ଟେନିସ୍ ଏକାଡେମୀ ପକ୍ଷରୁ ବାଲିଗୁଆଳିଠାରେ ଅନୁଷ୍ଠିତ ହୋଇଥିବା କ୍ୟାମ୍ପ୍‌ରେ ୨୦ ଜଣ ବାଳକ ବାଳିକା ଅଂଶଗ୍ରହଣ କରିଥିଲେ। କୋଲକାତାରୁ ଆସିଥିବା ପ୍ରଶିକ୍ଷକ ସାୟନେଶ କନରାର ଖେଳାଳିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତାଙ୍କୁ ସହଯୋଗ କରିଥିଲେ କୋଚ୍ ରଞ୍ଜିତ୍ ବାରିକ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ସାଇ ମୁଖ୍ୟ କୋଚ୍ ଗଗନ ବାରିକ ମୁଖ୍ୟଅତିଥି, ପୁରୀ ରୋଟାରୀ କ୍ଲବ୍ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ଟେବୁଲ୍ ଟେନିସ୍ ଖେଳାଳି ଆଡ୍‌ଭୋକେଟ୍ ପ୍ରକାଶ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ୟାମ୍ପ୍‌କୁ ସୁଚାରୁ ରୂପେ ପରିଚାଳନା କରିଥିଲେ ଜାତୀୟସ୍ତରର ଟେବୁଲ୍ ଟେନିସ୍ ଖେଳାଳି ଓ ପ୍ରଶିକ୍ଷକ ଡ. କୁମାର ଅରୋଜ୍ୟୋତି। ତାଙ୍କୁ ସହଯୋଗ କରିଥିଲେ ସତ୍ୟଜିତ୍ ମହାନ୍ତି, ପ୍ରୀତମ୍ ମିତ୍ର, ଅନୁପ ମିତ୍ର, ଆଶିଷ ଚନ୍ଦୁକା ଓ ଶ୍ୟାମଳ କୁଣ୍ଡୁ। ଅନୁଷ୍ଠାନର ସମ୍ପାଦକ ଡ. ବିମଳ ପ୍ରସାଦ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଶିବିର ଆୟୋଜନ କରାଯାଇଥିଲା।

### ପ୍ରବଳ ଗୁଳୁଗୁଳିକୁ ରବିବାରିଆ ଭିଡ଼

# ବ୍ୟାରିକେଡ୍‌ରେ ଅପେକ୍ଷାରତ ଭକ୍ତ ଅଚେତ

ପୁରୀ,୨୪।୫(ସମିସ)



ମହାପ୍ରଭୁଙ୍କୁ ଦର୍ଶନ ପାଇଁ ରବିବାର ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ହୋଇଥିଲା। କିଛିଦିନ ହେବ ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ହେଉଛି। ତେଣୁ ଭୋରୁ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଭିଡ଼ ଲଗାଉଛନ୍ତି। ତେବେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବ୍ୟାରିକେଡ୍‌ରେ ଅପେକ୍ଷା କରିଥିବା ଜଣେ ମହିଳା ଶ୍ରଦ୍ଧାଳୁ ହଠାତ୍ ଅଚେତ୍ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା।

ମାସ ଶେଷ ଶନିବାର ଏବଂ ରବିବାର ଯୋଗୁଁ ପୁରୀକୁ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ଅଧିକ ରହିଛି। ଏପରି କି, ଶିକ୍ଷାନୁଷ୍ଠାନଗୁଡ଼ିକର ଖରାଛୁଟି ମଧ୍ୟ ଚାଲିଛି। ତେଣୁ ମହାପ୍ରଭୁଙ୍କ ଦର୍ଶନ ଏବଂ ପୁରୀ ବୁଲିବାକୁ ଅଧିକ ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଆସୁଛନ୍ତି। ରବିବାର ଭୋରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ନିକଟରେ ଶ୍ରଦ୍ଧାଳୁଙ୍କ ଧାଡ଼ି ଲମ୍ବିଥିଲା। ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍‌ରେ ଭକ୍ତମାନେ ଦ୍ୱାରଫିଟା ହେବା ପୂର୍ବରୁ ଅପେକ୍ଷା କରି ରହିଥିଲେ। ସେମାନଙ୍କ ଭିତରେ ଦର୍ଶନ ପାଇଁ ମନ୍ଦିରକୁ ଯିବା ଲାଗି ଧାଡ଼ିରେ ରହିଥିଲେ କର୍ଣ୍ଣାଟକର ତୁଳସୀ ସଞ୍ଜୟ ପଟେଲ (୩୮)। ସକାଳେ ହଠାତ୍ ତାଙ୍କ ମୁଣ୍ଡ ବୁଲାଇ ଦେଇଥିଲା। ସେ ଅଚେତ ହୋଇପଡ଼ିଥିଲେ। ତାଙ୍କ ସମ୍ପର୍କୀୟ ଓ ପୁଲିସ କର୍ମଚାରୀ ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ମାଧ୍ୟମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ହେବା ପରେ ସେ ସୁସ୍ଥ ହୋଇଥିଲେ। କିଛିଦିନ ହେବ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳି ହେଉଛି। ଫଳରେ ଭକ୍ତମାନେ କଲବଲ ହେଉଛନ୍ତି। ତେବେ ଭକ୍ତଙ୍କ ଭିଡ଼ର ପ୍ରଭାବ ଶ୍ରୀମନ୍ଦିର ହୁଣ୍ଡିରେ ପ୍ରତିଫଳିତ ହୋଇଛି। ରବିବାର ହୁଣ୍ଡିରୁ ୭ଲକ୍ଷ ୨୬ ହଜାର ୪୬୫ ଟଙ୍କା ବାହାରିଥିବା ବେଳେ ୬ ଗ୍ରାମ୍ ୮୫୦ ମିଲିଗ୍ରାମ୍ ସୁନା ଓ ୧୩ ଗ୍ରାମ୍ ୫୦୦ ମିଲିଗ୍ରାମ୍ ରୁପା ମିଳିଛି।

# ୫୪ ଦିନରେ ପୁରୀବାସୀଙ୍କ ପଦଯାତ୍ରା

ପୁରୀ,୨୪।୫(ସମିସ): ପୁରୀବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ପ୍ରାୟ ବର୍ଷେ ହେବ ଏଭଳି ଦାବି କରାଯାଉଥିବା ବେଳେ ଶୁଣୁନାହାନ୍ତି ସରକାର କି ଜିଲ୍ଲା ପ୍ରଶାସନ। ହେଲେ ପୁରୀବାସୀ ସେମାନଙ୍କ ହକ୍ ହାସଲ ଦିଗରେ ଅଟଳ ରହିଛନ୍ତି। ତେଣୁ ସେମାନଙ୍କର ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ପଦଯାତ୍ରା ରବିବାର ୫୪ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ସୂର୍ଯ୍ୟ ନାରାୟଣ ରଥ, ସୁକାନ୍ତ ପଣ୍ଡା, ଅରୁଣା ପଟ୍ଟନାୟକ, ମନୋରଞ୍ଜନ ରଣସିଂହ, ଶଶିକାନ୍ତ ଶତପଥୀ, ବିଶ୍ୱନାଥ ମିଶ୍ର, ପ୍ରଦୀପ୍ତ ମହାନ୍ତି, ପ୍ରଫୁଲ୍ଲ ସାହୁ, ନୃସିଂହନାଥ ନାୟକ, ଯାଦବା ନନ୍ଦ ରାୟ, ପ୍ରଣତୀ ରାୟ, କିଶୋର ଚନ୍ଦ୍ର ଦାସ, ସତ୍ୟ ନାରାୟନ ପାଢ଼ୀ, ଲାଲା ଅନନ୍ତ କୁମାର ସିଂ, ଶିବ ସୁନ୍ଦର ମିଶ୍ର, ଅଭିମନ୍ୟୁ ପ୍ରଧାନ, ଜଗନ୍ନାଥ ଷଡ଼ଙ୍ଗୀ, ରୁବି ମଲ୍ଲିକ, ବୈଶାଳୀ ପ୍ରଧାନ, ବିପାଶା ସିଂ, ସିମ୍ରନ୍ ସାହୁ, ନେହା ବେହେରା, ରିଟିକା ପ୍ରଧାନ, ଅଙ୍କିତା ସାହୁ, ଶୁଭଶ୍ରୀ ମହାରଣା, ନିରଞ୍ଜନ ସାଶମଲ, ଦିନେଶ ମହାନ୍ତି, ଶାଳିନୀ ପ୍ରଧାନ, ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ୍ ହୋଇଥିଲେ।



### ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

# ଶିଶୁ ଆଙ୍କିଲେ ସଂସ୍କୃତି ଓ ପରମ୍ପରାର ଗାଥା

ପୁରୀ,୨୪।୫(ସମିସ): ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ପିଲାଙ୍କ ଖବର କାଗଜ ଶିଶୁ ସମାଚାରର ଊନବିଂଶ ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ପରିବାରର ସଦସ୍ୟ ଶିକ୍ଷାବିତ୍ ଧ୍ରୁବଚରଣ କର, ଅବନୀଶ ରଥ, ରଘୁନାଥ ଜଗଦ୍ଦେବ, ସିଦ୍ଧାର୍ଥ ରାୟ, ଗୌରବ ପାସୋରିୟା, କୁମାର ଉତ୍ସବର ସମ୍ପାଦକ ସ୍ୱାଧୀନ ପଣ୍ଡା ପ୍ରମୁଖ ଯୋଗଦେଇ କୁନି କୁନି ଶିଶୁମାନଙ୍କୁ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ଓ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଶିଶୁ ସମାଚାର ଯେଉଁ ପ୍ରଚେଷ୍ଟା ଜାରି ରଖିଛି ତାହା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି କହିଥିଲେ। ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର ବିଚାରକ ଭାବେ ବରିଷ୍ଠ ଚିତ୍ରଶିଳ୍ପୀ ଚନ୍ଦ୍ର ମହାରଣା, ଦୁର୍ଗାମାଧବ କର, ନୃସିଂହ ପ୍ରସାଦ ନାୟକ, ସତ୍ୟନାରାୟଣ ପାଢ଼ୀ, କାଞ୍ଚନ ଶୁକ୍ଳା, ମୀନାକ୍ଷୀ ଦାସ, ମିଟୁ ସୁବୁଦ୍ଧି ସଠିକ୍ ମୂଲ୍ୟାଙ୍କନ କରିଥିଲେ। ଶିଶୁ ପ୍ରାରମ୍ଭ ପ୍ରତିଯୋଗିତାରେ ଏମ୍. ସିଦ୍ଧିଦାତ୍ରୀ ସ୍ୱାଇଁ ପ୍ରଥମ, ଅଭିଜିତ ସାସମଲ ଏବଂ ଭାବିକ୍ ପାସୋରିଆ ଯୁଗ୍ମ ଦ୍ୱିତୀୟ ଓ ରିୟାଂଶ ସୁବୁଦ୍ଧି ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମରୁ ତୃତୀୟ ଶ୍ରେଣୀରେ ଆଦିତ୍ରୀ ଅଭିନବ୍ୟ ସାହୁ, ରାଜଲକ୍ଷ୍ମୀ ସାହୁ ଓ ପଦ୍ମାକ୍ଷୀ ପଦ୍ମଜା ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚତୁର୍ଥରୁ ସପ୍ତମ ଶ୍ରେଣୀରେ ପ୍ରୟାସା ପ୍ରଜ୍ଞାନ ସାହୁ, ସମ୍ପଦ କୁମାର ଦାସ ଓ ସୃଷ୍ଟି ସ୍ୱରୂପା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲ। ଅଷ୍ଟମରୁ ଦଶମ ଶ୍ରେଣୀରେ ଅନୁରାଗ ଆଚାର୍ଯ୍ୟ, ଅନୀଶ୍ ଦାସ ଓ ଆୟୁଷ୍ମାନ ମହାରଣା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।



ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା ପ୍ରତିଯୋଗିତା ସମ୍ବନ୍ଧରେ ସୂଚନା ଦେବା ସହ ଆଗାମୀ ଦିନରେ ଚେସ୍, ଯୋଗ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅଗଷ୍ଟ ୮ ତାରିଖରେ ପୁରୀ ପୌର ସଦନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି କହିଥିଲେ। ଡ. ସ୍ନେହଲତା ରଥ, ସ୍ମିତାଶ୍ରୀ ମହାନ୍ତି, ସୁଶ୍ରୀ ସଙ୍ଗୀତା ପ୍ରଧାନ, ସ୍ନିଗ୍ଧା ମିଶ୍ର, ଶ୍ରୀୟାଶ୍ରୀ ପଣ୍ଡା, ବିନିତା ଦିକ୍ଷୀତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ପରିବାର ସଦସ୍ୟ ଶରତ ରାୟଗୁରୁ ସଂଯୋଜନା କରିଥିବାବେଳେ ଶିକ୍ଷାବିତ୍ ଶିବ ସୁନ୍ଦର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରକ ଜିଲ୍ଲାରେ ବଢ଼ି ଚାଲିଛି ବନ୍ଧୁକ ମୁନରେ ଲୁଟ୍‌ତରାଜ

# ୧୫ ଦିନ ମଧ୍ୟରେ ଘଟିଲାଣି ୩ ବଡ଼ଧରଣର ଲୁଟ୍

ଭଦ୍ରକ,୨୪।୫(ସମିସ)

ଭଦ୍ରକ ଜିଲ୍ଲାରେ ଏବେ ବନ୍ଧୁକ ମୁନରେ ଲୁଟ୍‌ତରାଜ ଅପରାଧ ବଢ଼ି ବଢ଼ି ଚାଲିଛି। ଗତ ୧୫ଦିନ ମଧ୍ୟରେ ବନ୍ଧୁକ ମୁନରେ ୩ଟି ବଡ଼ ଧରଣର ଲୁଟ୍ ତରାଜ ଘଟଣା ଏହାକୁ ସ୍ୱତଃ ପ୍ରମାଣିତ କରିଛି। ଗତ ୧୪ ତାରିଖ ରାତିରେ ଭଦ୍ରକ ବ୍ଲକ୍ ସାବରଙ୍ଗ ଥାନା ଅଧୀନ ପଗଡ଼ ନଦେଇଡିହ ଗାଁରେ ବନ୍ଧୁକ ଦେଖାଇ ଡକାୟତି ହୋଇଥିଲା।



ସୂଚନାନୁଯାୟୀ, ରୀତିରଞ୍ଜନ ସ୍ୱାଇଁ ଘରେ ନ ଥିବାବେଳେ ତାଙ୍କ ସ୍ତ୍ରୀ, ପିଉସା, ପିଉସୀ, ଭାଉଜ ଘରେ ଥିଲେ। ରାତିରେ କେହି କବାଟ ବାଡ଼େଇବାରୁ ରୀତିରଞ୍ଜନଙ୍କ ସ୍ତ୍ରୀ କବାଟ ଖୋଲିଥିଲେ। ହଠାତ୍ ୬ ଜଣ ଦୁର୍ବୃତ୍ତ ହେଲ୍‌ମେଟ୍ ପିନ୍ଧି ହାତରେ ବନ୍ଧୁକ, ଖଣ୍ଡା, ସ୍କ୍ରୁଡାଇଭର ଆଦି ଧରି ଘରେ ପଶିଥିଲେ। ପରେ ପରିବାରର ସମସ୍ତ ସଦସ୍ୟଙ୍କୁ ଗୋଟେ ଘରେ ବନ୍ଦ କରିଥିଲେ। ଏହାପରେ ସମସ୍ତଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇ ଆଲମିରା ଚାବି ନେଇ ନଗଦ ୧.୫ ଲକ୍ଷ ଟଙ୍କା ଓ ସୁନା ଗହଣା, ୩ଟି ଆଇଫୋନ୍ ଲୁଟି ନେଇ ପଳାଇଥିଲେ। ସାବରଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଅନୁରୂପଭାବେ ଧାମନଗର ଥାନା ଅଞ୍ଚଳରେ ଗତ ୧୯ ତାରିଖରେ ଜଣେ ସୁନା ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଲୁଟ୍ ହୋଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଲୁଟେରାମାନେ ପ୍ରାୟ ୪ ଲକ୍ଷ ଟଙ୍କାର ସୁନା ଓ ରୁପା ଲୁଟି ନେଇଥିବା ଧାମନଗର ଥାନାରେ ଅଭିଯୋଗ ହୋଇଛି। ଖବର ଅନୁଯାୟୀ, ଗୋଡୁପୋଖରୀ ଗ୍ରାମର ଶାହା କସିମଉଦ୍ଦିନ ଧାମନଗରରେ ଏକ ଗହଣା ଦୋକାନ କରିବା ସହ ଗ୍ରାମାଞ୍ଚଳରେ ବୁଲି ବ୍ୟବସାୟ କରନ୍ତି। ଘଟଣାଦିନ ରାତି ପ୍ରାୟ ୧୦ଟାରେ ସେ ଧାମନଗରସ୍ଥିତ ଦୋକାନ ବନ୍ଦ କରି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଝାଟିଆସାହି ଛକ ୧୦୦ ମିଟର ଦୂରରେ ପହଞ୍ଚିବାବେଳେ ୨ଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ଆସି ତାଙ୍କ ଗାଡ଼ିକୁ ଅଟକାଇଥିଲେ। ସେମାନେ ବନ୍ଧୁକ ଦେଖାଇ ତାଙ୍କୁ ଭୟଭୀତ କରିବା ସହ ସ୍କୁଟିରୁ ତଳେ ପକାଇ ମାଡ଼ମାରି ମୁଣ୍ଡ ଫଟାଇଥିବା ଅଭିଯୋଗ ହୋଇଛି। ପରେ ସ୍କୁଟିର ଚାବି ଛଡ଼ାଇ ନେଇ ଡିକିରେ ରଖାଯାଇଥିବା ପ୍ରାୟ ୨ ଭରି ସୁନା, ୭୦୦ ଗ୍ରାମ୍ ରୁପା ଓ ନଗଦ ୩୦ ହଜାର ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଥିଲେ। ଲୁଟ୍ ହୋଇଥିବା ଗହଣାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି।

ସେହିଭଳି ଗତ ୨୨ତାରିଖ ରାତିରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ତଳାଙ୍ଗ ଗାଁରେ ବାପାଙ୍କ ମୁଣ୍ଡରେ ବନ୍ଧୁକ ଓ ପୁଅ(ନାବାଳକ) ବେକରେ ଛୁରି ଲଗାଇ ଦୁର୍ବୃତ୍ତମାନେ ଲୁଟିନେଇଛନ୍ତି ନଗଦ ୨୫ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର। ଗତ ଶୁକ୍ରବାର ରାତିରେ ଆମ୍ବରୋଳି ପଞ୍ଚାୟତ ତଳାଙ୍ଗ ଗାଁର ଗଙ୍ଗାଧର ମଲ୍ଲିକ ନାମକ ଜଣେ ବ୍ୟବସାୟୀ ଚରମ୍ପା କେନାଲ ରୋଡ୍‌ରେ ଘର କରି ରହି ଆସୁଥିଲେ। ଘଟଣାଦିନ ରାତି ପ୍ରାୟ ୯ଟା ୪୦ରେ ଗଙ୍ଗାଧର ଓ ତାଙ୍କ ପରିବାର ଘର ବାରଣ୍ଡାରେ ବସି ଖାଉଥିଲେ। ସେହି ସମୟରେ ୮/୯ ଜଣ ଲୁଟେରା ତାଙ୍କ ଘରକୁ ପଶି ଗଙ୍ଗାଧରଙ୍କ ମୁଣ୍ଡରେ ବନ୍ଧୁକ ଓ ତାଙ୍କ ପୁଅ ବେକରେ ଛୁରି ଲଗାଇ ଭୟଭୀତ କରି ଘର ଭିତରକୁ ନେଇଥିଲେ। ବାପ ପୁଅଙ୍କ ସମେତ ଗଙ୍ଗାଧରଙ୍କ ସ୍ତ୍ରୀ ତପସ୍ୱିନୀ ମଲ୍ଲିକଙ୍କୁ ଗୋଟିଏ ଘରେ ଅଟକ ରଖିଥିଲେ। ପରେ ତାଙ୍କ ଆଲମିରାରେ ଜମି କିଣିବା ପାଇଁ ରଖିଥିବା ନଗଦ ୨୫ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ନେଇ ବାହାରପଟୁ କବାଟ ବନ୍ଦ କରି ପଳାଇ ଯାଇଥିଲେ। ସକାଳେ ବାହାର ଲୋକଙ୍କୁ ଡାକିବା ପରେ ସେମାନେ କବାଟ ଖୋଲିଥିଲେ। ଖବର ପାଇ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବନ୍ଧୁକ ମୁନରେ ଏଭଳି ଲୁଟ୍‌ତରାଜ ବଢ଼ି ଚାଲିଥିବାବେଳେ ନିୟମିତଭାବେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଚୋରି, ଲୁଟ୍‌ତରାଜ ଭଳି ଘଟଣା ଘଟିଚାଲିଛି। ବିଶେଷକରି ଭଣ୍ଡାରିପୋଖରୀ ଥାନା ରଣଜିତ ଓ ଷୋଳମପୁର ଅଞ୍ଚଳରେ ଲକ୍ଷାଧିକ ଟଙ୍କାର ଚୋରି ଭଳି ୨ଟି ମାମଲା ରୁଜୁ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା, ବନ୍ଧୁକ ମୁନରେ ଲୁଟ୍‌ତରାଜ କରୁଥିବା ଅପରାଧିକ ଗୋଷ୍ଠୀରେ ରାଜ୍ୟ ବାହାର ଅଞ୍ଚଳର ଅପରାଧୀମାନେ ସାମିଲ୍ ଥିବା ଜଣାପଡ଼ିଛି।

### ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

ବାରିକପୁର,୨୪।୫(ସମିସ): କିଛି ମାସ ପୂର୍ବେ ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ବିଭିନ୍ନ ମନ୍ଦିରରୁ ଚୋରି ହେଉଥିଲା। ଏବେ ଚୋରମାନେ ତରିକା ବଦଳାଇ ଅନେକ ବାସଗୃହରୁ ଲୁଟ୍‌ପାଟ୍ କରୁଥିବା ଜଣାପଡ଼ିଛି। ଚଳିତ ସପ୍ତାହେ ମଧ୍ୟରେ ଥାନା ଅନ୍ତର୍ଗତ ୩ଟି ଗାଁରୁ ଚୋରି ହୋଇଛି। ପ୍ରଥମେ ବିରୋଳି ଶାସନ ଓ ପରେ ରଣଜିତଠାରୁ ଚୋରି ହୋଇଥିବାବେଳେ ଏବେ ପୁଣି ଗତ ଶନିବାର ବିଳମ୍ବିତ ରାତିରେ ଜଗନ୍ନାଥ ପ୍ରସାଦରୁ ଚୋରମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି କରିଛନ୍ତି। ଗ୍ରାମର ନୂଆସାହି ପ୍ରଭାତ ବେହେରାଙ୍କ ବାସଗୃହ କବାଟ ଭାଙ୍ଗି ଚୋରମାନେ ସୁନା ଅଳଙ୍କାର ସମେତ ନଗଦ ଟଙ୍କା ମଧ୍ୟ ଚୋରି କରିଛନ୍ତି। ଖବର ପାଇ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହାଛଡ଼ା ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଅନୁଧ୍ୟାନ କରିଛନ୍ତି। ଏନେଇ ଥାନା ପକ୍ଷରୁ ମାମଲା ରୁଜୁ ହୋଇଥିବାବେଳେ ତଦନ୍ତ ଜୋର୍‌ଦାର୍ ହୋଇଛି। ପୂର୍ବ ଚୋରି ନେଇ ଚୋରମାନଙ୍କ ସମ୍ପର୍କରେ ପୁଲିସ ଏଯାଏଁ ସୁରାକ ପାଇନାହିଁ। ବାରମ୍ବାର ଏଭଳି ଲୁଟ୍‌ପାଟ୍ କରି ଚୋରମାନେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି।

## ହୃଦ୍‌ଘାତରେ ବିଜେଡି ନେତାଙ୍କ ପରଲୋକ



ଭଦ୍ରକ,୨୪।୫(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ପଞ୍ଚୁଟିକ୍ରୀ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ଶୈଳେନ୍ଦ୍ର ପ୍ରଧାନଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୬ ବର୍ଷ ବୟସ ହେଇଥିଲା। ସେ ଘରେ ଥିବାବେଳେ ହଠାତ୍ ଛାତିରେ ଯନ୍ତ୍ରଣା ହେଇଥିଲା। ତାଙ୍କୁ ତୁରନ୍ତ ସ୍ଥାନୀୟ ବଇଁଚା ମେଡିକାଲକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶରୀରକୁ ପଞ୍ଚୁଟିକ୍ରୀ ପଞ୍ଚାୟତର ବିଭିନ୍ନ ଗାଁରେ ଶୋଭାଯାତ୍ରା କରାଯାଇଥିଲା। ଶେଷ ଦର୍ଶନ ପାଇଁ ଏହି ପଞ୍ଚାୟତର ଯୁବନେତା ଅନିଲ ନାୟକ, ରାଜେନ୍ଦ୍ର ମହାନ୍ତି, ଅମୀୟ ଧଳ, ସଞ୍ଜିବ ନାୟକ, ଖଗେଶ୍ୱର ଜେନା, ଧ୍ରୁବଚରଣ ନାୟକ ପ୍ରମୁଖ ତାଙ୍କ ଘରେ ପହଞ୍ଚିଥିଲେ। ତାଙ୍କ ବିୟୋଗରେ ପଞ୍ଚୁଟିକ୍ରୀ ଗାଁରେ ଶୋକର ଛାୟା ଖେଳିଯାଇଛି।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ଜୟନ୍ତୀ



ବାସୁଦେବପୁର,୨୪।୫(ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ତଥା ବାସୁଦେବପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ନୀଳମଣି ରାଉତରାୟଙ୍କ ୧୦୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ବାସୁଦେବପୁର ପୌରପାଳିକାର ନୀଳମଣି ମାର୍କେଟ କମ୍ପ୍ଲେକ୍ସ ପରିସରରେ ନୀଳମଣି ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ବ୍ଲକ୍ ବିଜେଡିର ସଭାପତି ଦୀନବନ୍ଧୁ ଦାସ, ପୌରପାଳିକା ଉପାଧ୍ୟକ୍ଷ ଉତମ ବାରିକ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଚିନ୍ମୟ ବାରିକ, ଶ୍ୟାମସୁନ୍ଦର ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ଗୌତମ ସେଠୀ, କାଉନ୍‌ସିଲର ଶୁଭେନ୍ଦୁ ପୃଷ୍ଟି, ଗୌତମ ବେହେରା, ସାରଦା ପ୍ରସାଦ ମହାନ୍ତି, ଖଗେନ୍ଦ୍ର ଦାସ, ବାଲିମେଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଳିତା, ପୂର୍ବତନ କାଉନ୍‌ସିଲର ମାନସ ରଞ୍ଜନ ସାହୁ, ମାନସ ରଞ୍ଜନ ପଟ୍ଟନାୟକ, କମଳାକାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ।

## ଯୁବ ଆଇନଜୀବୀ ପାର୍ଥପ୍ରତିମଙ୍କ ପରଲୋକ



ଭଦ୍ରକ,୨୪।୫(ସମିସ): ଭଦ୍ରକ ନୂଆବଜାର ଅଞ୍ଚଳର ଅଧିବାସୀ ତଥା ଯୁବ ଆଇନଜୀବୀ ପାର୍ଥପ୍ରତିମ ରାୟ(ବାପୁ)ଙ୍କ ହୃଦ୍‌ଘାତରେ ଶନିବାର ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୪୯ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ରବିବାର ପୂର୍ବାହ୍ନରେ ତାଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗାନ୍ଧୀପଡ଼ିଆସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ଶୁଭଦର୍ଶିନୀ ବେହେରା, ମାମୁ ବରିଷ୍ଠ ଆଇନଜୀବୀ ଯତିକାନ୍ତ ନାୟକ, ଆଦିତ୍ୟ ନାୟକ, ଭାଇ ଆଇନଜୀବୀ ଦେବାଶିଷ ନାୟକ, ପ୍ରୀତିଶ ନାୟକ, ଶିଳାଦିତ୍ୟ ନାୟକ, ଭଉଣୀ ପ୍ରଜ୍ଞାପାରମିତା ରାୟ, ଭିଣୋଇ ଇଂ.ପ୍ରଶାନ୍ତ ମହାନ୍ତି, ବାବି ନାୟକ, ପପୁ ନାୟକ ପ୍ରମୁଖ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଭଦ୍ରକ ଓକିଲ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତି, ବରିଷ୍ଠ ଆଇନଜୀବୀ ସର୍ବଶ୍ରୀ ପବନ ଶର୍ମା, ଗଦାଧର ବଳ, ଜ୍ୟୋତିପ୍ରକାଶ ମହାପାତ୍ର, ପ୍ରେମକଲ୍ୟାଣ ମହାପାତ୍ର ପ୍ରମୁଖଙ୍କ ସହ ସ୍ଥାନୀୟ କାଉନ୍‌ସିଲରଙ୍କ ପ୍ରତିନିଧି ଯୁବନେତା ସୂର୍ଯ୍ୟକୁମାର ଦାସ, ଅମରେନ୍ଦ୍ର ବିଶ୍ୱାଳ, ଅନିଲ ଦାସ, ନାମକଲ୍ୟାଣ ମହାପାତ୍ର, ଗମେନ ଦେ, ପୁଟନ ମହାପାତ୍ର ଓ ପ୍ରିୟବ୍ରତ ଜେନା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଭାଇ ସଞ୍ଜିତ ରାୟ ମୁଖାଗ୍ନି ଦେଇଥିଲେ।

## ଯୁକ୍ତ ୨ ବିଜ୍ଞାନରେ ୯୨.୬୮% ନମ୍ବର ରଖିଛନ୍ତି ଶୁଭ୍ରାଂଶୁ



ଅସୁରାଳି,୨୪।୫(ସମିସ): ଚଳିତ ବର୍ଷ ପ୍ରକାଶିତ +୨ ବିଜ୍ଞାନ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରି ସ୍ଥାନୀୟ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ମେଧାବୀ ଛାତ୍ର ଶୁଭ୍ରାଂଶୁ ଶେଖର ମହନ୍ତ। ସେ ଚଳିତ ପରୀକ୍ଷାରେ ମୋଟ୍ ୫୫୬ ମାର୍କ (୯୨.୬୮%) ରଖି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ତଥା ନିଜ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ 'ଅନୁକମ୍ପା ମହିଳା ସଂଗଠନ'ର ସମ୍ପାଦିକା ଅଞ୍ଜନା ମହାକୁଡ଼, ସାମ୍ବାଦିକ ସନ୍ତୋଷ ଦାସ, ବରଗଡ଼ା ସେବା ସମବାୟ ସମିତିର ସଭାପତି ତ୍ରିଲୋଚନ ଦାସ, ସମାଜସେବୀ ଅଧର ନାୟକ, କୁଳମଣି ସାମଲ ଓ ସୁଶାନ୍ତ ମହାକୁଡ଼ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।

## ବନ୍ତ ବ୍ଲକ୍‌ର ୭ମ ସାଧାରଣ ଅଧିବେଶନ

ବନ୍ତ/ଆଗରପଡ଼ା,୨୪।୫(ସମିସ): ବନ୍ତ ବ୍ଲକ୍ ପରିସରସ୍ଥ ସମ୍ମିଳନୀ କକ୍ଷଠାରେ ବ୍ଲକ୍‌ର ୭ମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇଙ୍କ ସମେତ ଅଞ୍ଚଳର ବହୁ ପ୍ରମୁଖ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଆଗାମୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅଧିବେଶନରେ ସମ୍ମାନିତ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଯେନା, ବିଧାୟକ ପ୍ରତିନିଧି ସ୍ମୃତିରଞ୍ଜନ ସ୍ୱାଇଁ ଏବଂ ବ୍ଲକ୍ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀତାକାନ୍ତ ରାଉତ, ଜିପିଇଓ ସୁଚିସ୍ମିତା ବାରିକ୍ ଏବଂ ସହକାରୀ ଯନ୍ତ୍ରୀ ଶ୍ରଦ୍ଧାସୁମନ ନାଥ ପ୍ରମୁଖ ମଞ୍ଚାସୀନ ରହି ଆଲୋଚନାରେ ସହଯୋଗ କରିଥିଲେ। ସର୍ବାଙ୍ଗୀଣ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ବ୍ଲକ୍ ଅଧୀନରେ ଥିବା ୨୫ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ/ସଭ୍ୟା ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ବିଶେଷ କରି ବିଦ୍ୟୁତ୍ ସମସ୍ୟା, ପାନୀୟ ଜଳ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗ୍ରାମୀଣ ଭିତ୍ତିଭୂମିର ବିକାଶ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା। ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟଣ କିପରି ତୃଣମୂଳସ୍ତରରେ ପହଞ୍ଚିପାରିବ, ସେ ନେଇ ସାଂସଦ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଧିବେଶନରେ ବ୍ଲକ୍‌ର ବିଭିନ୍ନ ବିଭାଗର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଓ ଅଧିକାରିଣୀମାନେ ଉପସ୍ଥିତ ରହି ଜନପ୍ରତିନିଧିମାନଙ୍କ ଦ୍ୱାରା ଉଠାଯାଇଥିବା ପ୍ରଶ୍ନର ଉତ୍ତର ରଖିବା ସହ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ସମସ୍ତଙ୍କ ସହଯୋଗରେ ବନ୍ତ ବ୍ଲକ୍‌କୁ ଏକ ଆଦର୍ଶ ବ୍ଲକ୍ ଭାବେ ଗଢ଼ିତୋଳିବାକୁ ସଂକଳ୍ପ ନିଆଯାଇଥିଲା।

## 'ଲେସ୍ ଟେଣ୍ଡର'କୁ ଠିକାଦାର ସଂଘର ବିରୋଧ



ବାରିକପୁର,୨୪।୫(ସମିସ): ସମ୍ପ୍ରତି ସରକାର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଇଚ୍ଛାକୃତ ଲେସ୍ ଟେଣ୍ଡର ଆଇନ ପ୍ରଣୟନ କରିଛନ୍ତି। ତାକୁ ନେଇ ବିଭିନ୍ନ ଠିକାଦାର ସଙ୍ଘ ବିରୋଧ କରୁଥିବା ଦେଖିବାକୁ ମିଳିଛି। ଏନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ସଂଘ ପକ୍ଷରୁ ଅନେକ ଦିନ ହେବ ବିରୋଧାଭାସ ଜାରି ରହିଛି। ସମସ୍ତ ଠିକାଦାର ନିର୍ଦ୍ଧାରିତ ଟେଣ୍ଡର ସିଡ୍ୟୁଲ୍ ମୂଲ୍ୟରେ କାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ନିର୍ଦ୍ଧାରିତ ମୂଲ୍ୟରେ ଟେଣ୍ଡର ପକାଇବାକୁ ସଂଘ ନିଷ୍ପତ୍ତି ନେଇଥିବା ସୂଚନା ଦିଆଯାଇଛି। ଏ ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ତଥା ଭଣ୍ଡାରିପୋଖରୀ ଠିକାଦାର ସଂଘ ପକ୍ଷରୁ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ରବିବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଠିକାଦାର ସଂଘ ସଭାପତି କୁମୁଦ ମହାପାତ୍ର ଓ ସମ୍ପାଦକ ଅଜିତ ଦାସ ଉପସ୍ଥିତ ରହି ସମସ୍ତ ଠିକାଦାର ଭାଇମାନେ ଲେସ୍ ଟେଣ୍ଡରକୁ ବିରୋଧ କରିବା ସହ ସିଡ୍ୟୁଲ୍ ମୂଲ୍ୟରେ ଟେଣ୍ଡର ପକାଇବାକୁ ପରାମର୍ଶ ଦେଇଥିଲେ। ଏଭଳି ହେଲେ ଉନ୍ନୟନମୂଳକ କାର୍ଯ୍ୟ ଉନ୍ନତମାନର ହେବା ସହିତ ଠିକାଦାର ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ହୋଇପାରିବ ବୋଲି ମତପ୍ରକାଶ ପାଇଛି। ସେହିଭଳି ବାହାର ଜିଲ୍ଲାର ଯେଉଁ ଠିକାଦାର ବନ୍ଧୁମାନେ ମନଇଚ୍ଛା ଲେସ୍‌ରେ ଟେଣ୍ଡର ପକାଉଛନ୍ତି ସେମାନେ ଏଭଳି ନ କରିବାକୁ ମଧ୍ୟ ନିବେଦନ କରାଯାଇଛି। ଆୟୋଜିତ ଏହି ଜରୁରୀ ବୈଠକରେ ବ୍ଲକ୍ ସଂଘ ସଭାପତି ଲଳିତ ରାଉତ, ସମ୍ପାଦକ ଗିରିଶ ଚନ୍ଦ୍ର ସାମଲ, ବରିଷ୍ଠ ସଦସ୍ୟ ସଞ୍ଜୀବ ପରିଡ଼ା, ବନମାଳୀ ପୃଷ୍ଟି, ମଦନ ଭାରତୀ, ନିହାର ମହାପାତ୍ର, କେଦାର ମହାନ୍ତି, ସୂର୍ଯ୍ୟ ନାରାୟଣ ମହାନ୍ତି, ଅଶ୍ୱିନୀ ଦାସ, ପର୍ଶୁରାମ ପଣ୍ଡା, ଉଜ୍ୱଳ ଜେନା, ଶ୍ରୀକାନ୍ତ ଦାସ, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ୫୦ରୁ ଅଧିକ ଠିକାଦାର ଯୋଗଦେଇଥିଲେ।

## ରାହାଞ୍ଜୀ ସମବାୟ ସମିତିକୁ ଆଦର୍ଶ ସମିତି ମାନ୍ୟତା



ଭଦ୍ରକ,୨୪।୫(ସମିସ): ଭଦ୍ରକ ବ୍ଲକ୍ ଅନ୍ତର୍ଗତ ରାହାଞ୍ଜୀ ସମବାୟ ସମିତି ଆଦର୍ଶ ସମବାୟ ସମିତିର ମାନ୍ୟତା ପାଇଛି। ପରିଚାଳନାଗତ ଶୃଙ୍ଖଳା, କାର୍ଯ୍ୟଦକ୍ଷତା ସହ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ଆଦର୍ଶ ସମବାୟ ସମିତିର ମାନ୍ୟତା ମିଳିଛି। ଏହି କ୍ରମରେ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ରାହାଞ୍ଜୀ ସମବାୟ ସମିତିର ସଭାପତି ତପନ କୁମାର ପଣ୍ଡା ଓ ସମ୍ପାଦକ ଅନିରୁଦ୍ଧ ଧୀଦା ମହାରାଷ୍ଟ୍ରର ପୁଣେ ସ୍ଥିତ ବୈକୁଣ୍ଠ ନାଥ ମେହେଟା ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କୋ-ଅପରେଟିଭ୍ ମ୍ୟାନେଜମେଣ୍ଟରେ ଆୟୋଜିତ ୫ ଦିନିଆ ଦକ୍ଷତା ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଫେରିଥିବା ଜଣାପଡ଼ିଛି। ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଶୁଭକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ପ୍ରକଳ୍ପ ସଂଯୋଜିକା ବିଜୟଶ୍ରୀ ଏମ୍ ଭଗବତୀ, ଯୁଗ୍ମ ନିବନ୍ଧକ ମହାରାଷ୍ଟ୍ର ସମବାୟ ବିଭାଗ ତାନଜୀ ତାଉଡେନୂତନ, ପ୍ରାଧ୍ୟାପକ ଡ. ଋଷିକେଶ କଲମକାର, ବିଜୟ ଗାୟକ ୱାଡେଙ୍କ ପରିଚାଳନାରେ ଓଡ଼ିଶାରୁ ଯୋଗଦେଇଥିବା ୧୦ଟି ସମବାୟ ସମିତିର ୧୯ ଜଣଙ୍କୁ ସମବାୟ ସମିତିର ଆଗାମୀ ପ୍ରକଳ୍ପ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ତା' ଛଡ଼ା ମହାରାଷ୍ଟ୍ରର ପୁଣେର ରେହେଟାରେ, ସରିଡି ଓ କାଷ୍ଟି ସମବାୟ ସମିତି ପରିଦର୍ଶନରେ ନେଇ ସେମାନଙ୍କ ସମବାୟ ସମିତିର ପରିଚାଳନା ଓ ଉନ୍ନତୀକରଣ ବିଷୟରେ ଅବଗତ କରାଇଥିଲେ। ଓଡ଼ିଶାର ଲୋକମାନଙ୍କୁ କିପରି ସମବାୟ ସମିତି ସହ ଯୋଡ଼ାଯାଇ ପାରିବ ସେ ବିଷୟରେ ତାଲିମ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲାରୁ ପୁରୁଷଣ୍ଡ ସମବାୟ ସମିତିର ସଭାପତି ପ୍ରଶାନ୍ତ ଦାଶ, ସମ୍ପାଦକ ରାଜେନ୍ଦ୍ର ବେଜ, ନେରଡ଼ା ସଭାପତି ସତ୍ୟନାରାୟଣ ମିଶ୍ର, ସମ୍ପାଦକ ସୌମ୍ୟରଞ୍ଜନ ପଣ୍ଡା, ବରଗଡ଼ାର ସମ୍ପାଦକ ରାମଚନ୍ଦ୍ର କର ଯୋଗଦେଇଥିଲେ।

## ୪୦ ୟୁନିଟ୍ ରକ୍ତ ସଂଗ୍ରହ

ଭଦ୍ରକ,୨୪।୫(ସମିସ): ମାକ୍ରୋୱେଭ୍ ଟେକ୍ନୋଲୋଜି ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ମନୋଜ ରାୟଙ୍କ ଜନ୍ମ ଦିନରେ ରକ୍ତଦାନ ଶିବିର ଆୟୋଜନ କରି ନିଆରା ଢଙ୍ଗରେ ପାଳନ କରି ସମାଜକୁ ଏକ ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି। ଏ ଶିବିରକୁ ସମାଜସେବୀ ଇଂ. ପୀତାମ୍ବର ପରିଡ଼ା ଉଦ୍‌ଘାଟନ କରିଥିଲେ। ସଂସ୍ଥାର ନିର୍ଦ୍ଦେଶିକା ନମ୍ରତା ରାୟ ଅକ୍ଳାନ୍ତ ପରିଶ୍ରମ କରି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ୯୫ ଜଣ ନାମ ପଞ୍ଜୀକରଣ କରିଥିଲେ ମଧ୍ୟ ଅତ୍ୟଧିକ ରୌଦ୍ରତାପ ଯୋଗୁଁ ୪୦ଜଣ ରକ୍ତଦାନ କରିପାରିଥିଲେ। ସମରେନ୍ଦ୍ର ପୁହାଣ, ଶୁଭସ୍ମିତା ମଲ୍ଲିକ, ରଶ୍ମିରଞ୍ଜନ ବେହେରା, ମୋନାଲିସା ପରିଡ଼ା, ରୁଦ୍ର ନାରାୟଣ ମହାନ୍ତି, ଅର୍ଶଦ ଅଲ୍ଲୀ ଖାଁ, ମଧୁସ୍ମିତା ନାୟକ, ରଶ୍ମିପ୍ରଭା ରାଉଳ, ବିକାଶ ଧଳ, ତପସ୍ୱିନୀ ଶାନ୍ତ, ଜ୍ୟୋତ୍ସ୍ନାରାଣୀ ନାୟକ, ରାଜକିଶୋର ମହାନ୍ତି, ଭକ୍ତହରି ସାହୁ, ସୁନୀଲ ବେହେରା, ସୁମନ ପଣ୍ଡା, ନିର୍ମଳ ମାଝୀ, ପ୍ରମୋଦ ପୁହାଣ, ଉମାକାନ୍ତ ରାୟ, ମାୟାଧର ଓଝା, ଅଙ୍କିତା ପାତ୍ର, ସତ୍ୟରଞ୍ଜନ ରାୟ, ମିଥୁନ ମହାଳିକ, ନମିତା ମହାପାତ୍ର, ସୁନୟନା ମଲ୍ଲିକ, ପୂର୍ଣ୍ଣିମା ସ୍ୱାଇଁ, କସିସ୍ ମିନହାଜ କ୍ୱାଦ୍ରି, ବର୍ଷାରାଣୀ ପଣ୍ଡା ପ୍ରମୁଖ ସହାୟତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଦଲ ସିକ୍‌ଦାର, ଡ. ଅରୁଣ ଲେଙ୍କା, ସତ୍ୟଶଙ୍କର ବରାଳ, ରାଜକିଶୋର ମିଶ୍ର ଏବଂ ଓସ୍‌ମେର ପ୍ରତିନିଧି ଯାଦବ ଲେଙ୍କା କାର୍ଯ୍ୟକ୍ରମ ତଦାରଖ କରିଥିଲେ। ବ୍ଲଡ୍ ବ୍ୟାଙ୍କ ଅଫିସର ଡା. ବିମଳା ମିଶ୍ର, ଟେକ୍ନିକାଲ ଅଫିସର ଲେଲିନା ସ୍ୱାଇଁ, ଲାବୋରେଟୋରୀ ଟେକ୍ନିସିଆନ ରବୀନ୍ଦ୍ର ଜେନା, ମନିଷା ଜେନା, ଯାଜ୍ଞସେନୀ ସାହୁ, ଅରୁଣ ପରିଡ଼ା, ବଳରାମ ପୁହାଣ ରକ୍ତ ସଂଗ୍ରହ କରିଥିଲେ।

● ଧାମନଗର ବଜାର ଓ ଚୁଡ଼ାକୁଟି ରାସ୍ତାକଡ଼ରୁ ମଦ ଦୋକାନ ସ୍ଥାନାନ୍ତର ଦାବି

## ଅବକାରୀ ବିଭାଗର ସଲାସୁତରାରେ ରାସ୍ତାକଡ଼ରେ ଖୋଲିଛି ବାର୍




ଧାମନଗର,୨୪।୫(ସମିସ): ଧାମନଗର ସହର ଅନ୍ତର୍ଗତ ସଦର ମହକୁମା ତଥା ବଡ଼ ବଜାର ଛକ ନିକଟରେ ଅଛି ମସ୍‌ଜିଦ ଏବଂ ମଦ୍ରାସା। ଆଉ ଗୋଟେ ପଟରେ ଶିବ ମନ୍ଦିର ସାଙ୍ଗକୁ ସାପ୍ତାହିକ ପରିବା ହାଟ ରହିଛି। ଜନଗହଳି ସ୍ଥାନରେ ସରକାରୀ ବାର୍ ଓ ବିଦେଶୀ ମଦ ବେପାରୀ ଏବଂ ଅବକାରୀ ବିଭାଗର ସଲାସୁତରାରେ ଖୁଲମ୍‌ଖୁଲା ଦିନ ଦ୍ୱିପହରରେ ସର୍ବସାଧାରଣ ସ୍ଥାନରେ ମଦ ବିକ୍ରିକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦ୍ୱାରା ଧାମନଗରର ବିଭିନ୍ନ ଅଞ୍ଚଳରେ ଏବେ ପରିସ୍ଥିତି ଅଶାନ୍ତ ହେବାରେ ଲାଗିଛି। ଝିଅ-ବୋହୂ, ପିଲାଛୁଆ, ସ୍କୁଲ ଓ କଲେଜରେ ପଢ଼ିବା ପାଇଁ ଯାଉଥିବା କୋମଳମତି ଛାତ୍ରଛାତ୍ରୀ ଆଦି ରାସ୍ତାରେ ଯିବାକୁ ଆଉ ସୁରକ୍ଷିତ ମଣୁନାହାନ୍ତି। ସେହିପରି ଧାମନଗର-ଚୁଡ଼ାକୁଟି ମୁଖ୍ୟ ରାସ୍ତାର ରାପିତାଠାରେ ଥିବା ସରକାରୀ ବାର୍ ଓ ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଜନସାଧାରଣ ଗଣମାଧ୍ୟମ ଆଗରେ ଅଭିଯୋଗ ସହିତ ଦାବି କରିଛନ୍ତି। ଧାମନଗର ହେଉଛି ସମ୍ବେଦନଶୀଳ ଅଞ୍ଚଳ। ଏଥିସହିତ ଜନବସତି, ମନ୍ଦିର ଏବଂ ଜନଗହଳିପୂର୍ଣ୍ଣ ମୁଖ୍ୟ ରାସ୍ତାକଡ଼ରେ ଥିବା ଏହି ଦୁଇଟି ମଦ ଦୋକାନ ଯୋଗୁଁ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧି ପାଇବା ସହିତ ପ୍ରତିଦିନ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହ ଦୁର୍ଘଟଣା ସଂଖ୍ୟା ଏବଂ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ସରକାରୀସ୍ତରରେ ନିୟମ ଅନୁଯାୟୀ, ତୁରନ୍ତ ମଦ ଦୋକାନକୁ ଅନ୍ୟତ୍ର ତଥା ଫାଙ୍କା ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଉଭୟ କମ୍ୟୁନିଟି ଜନସାଧାରଣ, ବୁଦ୍ଧିଜୀବୀ ମହଲରୁ ଜୋର୍‌ଦାର୍ ଦାବି ହେଉଛି। ଯଦି ଚଳିତ ନବୀକରଣ ସମୟରେ ଏହି ମଦ ଦୋକାନକୁ ଜନବସତିଠାରୁ ଦୂରକୁ ସ୍ଥାନାନ୍ତର କରା ନ ଯାଏ, ତାହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ବାଧ୍ୟ ହୋଇ ବ୍ୟାପକ ଆନ୍ଦୋଳନର ପନ୍ଥା ଗ୍ରହଣ କରିବେ ବୋଲି ସ୍ଥାନୀୟ ମହିଳା ଓ ପୁରୁଷମାନେ ଚେତାବନୀ ଦେଇଛନ୍ତି।

## ଖୋଲିବ ଖାନ୍‌କା ସରିଫ୍ ଗେଟ୍; ଆଉ ପଡ଼ିବନି ତାଲା

ଧାମନଗର,୨୪।୫(ସମିସ)

ଧାମନଗରର ପ୍ରସିଦ୍ଧ ପୀଠ ଖାନ୍‌କା ସରିଫ୍ ଗେଟ୍‌ରେ ତାଲା ପକାଇବାକୁ ନେଇ ଉର୍ଷ କମିଟି ଏବଂ ଏମ୍‌ଏନ୍ ଗ୍ରୁପ୍ ମଧ୍ୟରେ ଉତ୍ତେଜନା, ଛକାପଞ୍ଝା ଘଟଣାର ସମାପ୍ତ ହୋଇଛି। ଖାନ୍‌କା ଗେଟ୍ ଖୋଲିବା ପାଇଁ ନିର୍ଦ୍ଦେଶ ଦେବା ସହିତ ଆଉ କେବେ ଗେଟ୍‌ରେ ତାଲା ପଡ଼ିବ ନାହିଁ ବୋଲି ଏଏସ୍‌ପି ଉଭୟ ଗୋଷ୍ଠୀଙ୍କୁ ତାଗିଦ୍ କରିଛନ୍ତି। ଏହି ଘଟଣାର ସମାଧାନ ପାଇଁ ଉଭୟ ପକ୍ଷଙ୍କ ମଧ୍ୟରୁ ୫ଜଣ ଲେଖାଏଁ ପ୍ରତିନିଧିଙ୍କୁ ନେଇ ଶନିବାର ସନ୍ଧ୍ୟାରେ ଧାମନଗର ଥାନା ପରିସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ଆଇଆଇସି ସୁବ୍ରଜିତ ଦାଶଙ୍କ ଉପସ୍ଥିତିରେ ବ୍ୟାପକ ଆଲୋଚନା କରାଯାଇଥିଲା। କୌଣସି ଧାର୍ମିକ ପୀଠ ହେଉ ବା ଖାନକା ସରିଫ ହେଉ ସମସ୍ତଙ୍କର ତେଣୁ ମନମୁଖୀ ଭାବେ କାର୍ଯ୍ୟ କରିପାରିବେ ନାହିଁ। ତେବେ ଉଭୟଙ୍କ ସହମତିରେ ପୂର୍ବ ଭଳି ଯାହା ଥିଲା ସେହିଭଳି ଚାଲିବ, ଆଉ କେହି ଗେଟ୍‌ରେ ତାଲା ପକାଇ ପାରିବେ ନାହିଁ ବୋଲି ଏଏସ୍‌ପି ଶ୍ରୀ ଦ୍ୱିବେଦୀ ରୋକ୍‌ଠୋକ୍ କହିଛନ୍ତି। ଏଥିରୁ ଯିଏ ବ୍ୟତିକ୍ରମ କରିବେ ତାଙ୍କ ପ୍ରତି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଉଭୟ ଗୋଷ୍ଠୀଙ୍କୁ ତାଗିଦ୍ କଲେ ଏଏସ୍‌ପି



ଏଠି ପ୍ରଶ୍ନ ଉଠୁଛି ଯେ, ପାରିବାରିକ କଳହକୁ ନେଇ ଖାନ୍‌କା ସରିଫ୍ ଭିତରେ କାହିଁକି ବିଭିନ୍ନ ପ୍ରକାର ଅଶାନ୍ତ ପରିବେଶ ସୃଷ୍ଟି ହେଉଛି। କ'ଣ ରହିଛି କାରଣ, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଆଲୋଚନା ଓ ଚର୍ଚ୍ଚାର ବିଷୟ ପାଲଟିଛି। କାହିଁକି ଖାନ୍‌କା ଭିତରେ ସରକାରୀ ଶିକ୍ଷକ ସେକ୍ ସାମ୍‌ସୁଦ୍ଦିନ ମାଧ୍ୟମରେ ଜଣେ ସାମ୍ବାଦିକକୁ ଆକ୍ରମଣ କରାଗଲା। କାହିଁକି ଉର୍ଷ କମିଟି ପୁଲିସକୁ ସିସିଟିଭି ଫୁଟେଜ୍ ଦେଉନାହାନ୍ତି। ଉକ୍ତ ଶିକ୍ଷକ କମିଟିରେ ନାହିଁ, ତା' ପାଇଁ କାହିଁକି ଉର୍ଷ କମିଟିର କର୍ମକର୍ତ୍ତା ବାରମ୍ବାର ପୁଲିସକୁ ଭେଟି ଆଭ୍ୟନ୍ତରଣ ବିଶୃଙ୍ଖଳାର ସମାଧାନ ପାଇଁ ଆଲୋଚନା କରୁଛନ୍ତି। କାହିଁକି କାହା ଇଙ୍ଗିତରେ ଖାନ୍‌କା ଭିତରେ ଶିକ୍ଷକ ଜଣକ ପ୍ରତ୍ୟେକ ଦିନ ସନ୍ଧ୍ୟାରୁ ରାତି ୧୦ଟା ପର୍ଯ୍ୟନ୍ତ ଗୁଣ୍ଡା ଶ୍ରେଣୀର ଯୁବକଙ୍କୁ ନେଇ ଆଡ୍ଡା କରୁଛି। ଏସବୁ ପଛରେ କ'ଣ କାରଣ ଅଛି ପୁଲିସ ପ୍ରଶାସନ ଗୁରୁତ୍ୱ ଦେଇ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟତା ପଦାକୁ ଆସିବ ବୋଲି ସାଧାରଣରେ ଦାବି କରାଯାଇଛି। ପାରିବାରିକ ଏବଂ ଖାନ୍‌କାର ସ୍ଥାୟୀ ସମାଧାନ ନ ହେଲେ ଯେଉଁ ପବିତ୍ର ପୀଠ ଖାନ୍‌କା ସରିଫ୍ ପାଇଁ ଧାମନଗର ଆଜି ଦେଶରେ ଓ ଦେଶ ବାହାରେ ଏକ ସ୍ୱତନ୍ତ୍ର ପରିଚୟ ପାଇଛି। ଯଦି ଏଭଳି ଅଶାନ୍ତ ପରିସ୍ଥିତି ଲାଗିରହେ ଶେଷରେ ଏଥିପାଇଁ ସମସ୍ତଙ୍କୁ ନିନ୍ଦିତ ହେବାକୁ ପଡ଼ିବ ବୋଲି ଆଲୋଚନା ହେଉଛି।

# ଅପରେସନ୍ 'ବାଲୁବଜ୍ର' ଶୀଥିଳ

# ଜିଲ୍ଲାରେ ପୂର୍ବ ଅପେକ୍ଷା ଅଧିକ ସକ୍ରୀୟ ବାଲିମାଫିଆ

ଜଗତସିଂହପୁର,୨୪।୫(ସମିସ)

ଓଡିଶାର ଉପକୂଳବର୍ତ୍ତୀ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, ତିର୍ତ୍ତୋଲ, ବିରିଡ଼ି, ନାଉଗାଁ, ରଘୁନାଥପୁର ଏବଂ ଜଗତସିଂହପୁର ତହସିଲ ଅଞ୍ଚଳରେ ଥିବା ବାଲିଘାଟରୁ ବେଧଡ଼କ ବାଲି ଚୋରାଚାଲାଣ ହେଉଛି । ଜିଲ୍ଲା ଖଣି ବିଭାଗ ଏବଂ ପୁଲିସ ତରଫରୁ ଏଥିରେ ଅଙ୍କୁଶ ଲଗାଇବା ପାଇଁ ମଝିରେ ମଝିରେ ଚଢ଼ଉ କରାଯାଉଥିଲା । ଅପରେସନ 'ବାଲୁବଜ୍ର' ମାଧମରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ବେଆଇନ ବାଲିଘାଟ ଉପରେ ଚଢ଼ଉ କରି କିଛିଟା ସଫଳ ମଧ ପାଇଥିଲେ । କିନ୍ତୁ କିଛିମାସ

- ବୋହି ନେଉଛନ୍ତି କୋଟି କୋଟି ଟଙ୍କାର ବାଲି
- ଦୀର୍ଘଦିନ ଧରି ନାହାନ୍ତି ସ୍ଥାୟୀ ଖଣି ଅଧିକାରୀ


ଫାଇଲ୍ ଫଟୋ

ହେବ ଅପରେସନ 'ବାଲୁବଜ୍ର' ଶୀଥିଳ ପଡ଼ଯାଇଥିବାରୁ ପୂର୍ବ ଅପେକ୍ଷା ଜିଲ୍ଲାରେ ଏବେ ବାଲିମାଫିଆ ଅଧିକ ସକ୍ରୀୟ ହୋଇପଡିଛନ୍ତି । ଆଗକୁ ବର୍ଷାଦିନ ଆସୁଥିବାରୁ ପ୍ରତିଦିନ ଶହ ଶହ ଟ୍ରିପ ବାଲି ବିଭିନ୍ନ ବାଲିଘାଟରୁ ଉଠୁଥିବା ସାଧାରଣରେ ଅଭିଯୋଗ କରାଯାଇଛି ।

ଏଠାରେ ସୂଚନାଯୋଗ୍ୟ ଯେ, ଜିଲ୍ଲା ଇତିହାସରେ ସବୁଠାରୁ ବଡ଼ ଚଢ଼ଉ ହୋଇଥିଲା ତିର୍ତ୍ତୋଲ ତହସିଲ ଅନ୍ତର୍ଗତ କିଲିପାଳ ବାଲିଘାଟରେ । ଗତ ବର୍ଷ ନଭେମ୍ବର ୨୫ ତାରିଖ ବିଳମ୍ବିତ ରାତିରେ କିଲିପାଳ ବାଲିଘାଟରେ ଚଢ଼ଉ କରି ୪୬ଟି ହାଇୱା ଏବଂ ୩ଟି ଜେସିବି ମେସିନ ପୁଲିସ ଜବତ କରିଥିଲା । ଜଣେ ମେକାନିକ ଏବଂ ୫ ଜଣ ହାଇୱା ଡ୍ରାଇଭରକୁ ମଧ ଅଟକ ରଖାଯାଇଥିଲା । କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକଙ୍କ ନେତୃତ୍ୱରେ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ ଏବଂ ଏସ୍‌ପି ଅଙ୍କିତ କୁମାର ବର୍ମା ପୁଲିସ ଟିମ୍ ସହିତ କିଲିପାଳ ବାଲିଘାଟରେ ଚଢ଼ଉ କରିଥିଲେ । ସେହିପରି ସେହିବର୍ଷ ଡିସେମ୍ବର ୧୧ ତାରିଖରେ ଜୟପୁର ବାଲିଘାଟରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ନେତୃତ୍ୱରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୨୨ଟି ହାଇୱା ଜବତ କରାଯାଇଥିଲା । ତଦନ୍ତ ପରେ ଏହି ବାଲି ଚୋରା ଚାଲାଣ ଚେର କଟକ ଏବଂ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଲମ୍ବିଥିବା ବେଳେ ଏହା ପଛରେ ପ୍ରଭାବଶାଳୀ ଲୋକଙ୍କର ହାତଥିବା ସ୍ପଷ୍ଟ ହୋଇଥିଲା । ବାଲିଘାଟ ଉପରେ ଚଢ଼ଉ ଏବଂ ଧରପଗଡ଼ ଜାରି ରହିଥିଲେ ମଧ ଖାସ୍ ଏହି କାରଣରୁ ବାଲି ଚୋରାଚାଲାଣ ଉପରେ ଅଙ୍କୁଶ ଲଗାଇବା ସମ୍ଭବ ହେଉନାହିଁ ବୋଲି ସେ ସମୟରେ ଆଲୋଚନା କରାଯାଉଥିଲା । ଏବେ ପରିସ୍ଥିତି ଆହୁରି ଜଟିଳ ହୋଇପଡିଛି ।

ଅତୀତରେ ଟ୍ରାଞ୍ଜିଟ୍ ପାସ୍ ନଥିବା ଚୋରା ବାଲିଗାଡ଼ି ଜବତ କରି ତିର୍ତ୍ତୋଲ ଥାନାର ୨ ଜଣ ଅଧିକାରୀ ରାତିଅଧିଆ ବଦଳି ହେବା ଏହାର ବଳିଷ୍ଠ ପ୍ରମାଣ ବୋଲି କୁହାଯାଉଛି । ସେପଟେ ଗତ ୨୦୨୩ ମସିହା ଡିସେମ୍ବର ମାସରେ ଜଗତସିଂହପୁର ଜିଲ୍ଲାରେ ଖଣି ବିଭାଗର କାର୍ଯ୍ୟାଳୟ ଖୋଲିଥିଲେ ମଧ ଏଠାରେ କେବଳ ଜଣେ ଖଣି ଅଧିକାରୀଙ୍କୁ ନିଯୁକ୍ତି ମିଳିଥିଲା । ବାଲିମାଫିଆଙ୍କ ସହିତ ସଂପର୍କ ଥିବା ପ୍ରମାଣ ମିଳିବା ପରେ ତାଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଅଦ୍ୟାବଧି ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ମିଳିନାହିଁ । ଅନ୍ୟ ଜିଲ୍ଲାର କନିଷ୍ଠ ଖଣି ଅଧିକାରୀ ଏଠାରେ କାମଚଳା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ସେହିପରି ଜିଲ୍ଲା ଖଣି କାର୍ଯ୍ୟାଳୟରେ ଜଣେ ସହକାରୀ ଖଣି ଅଧିକାରୀ, ଜଣେ କନିଷ୍ଠ ଖଣି ଅଧିକାରୀ ଏବଂ ଜଣେ କନିଷ୍ଠ ସହାୟକ ପଦବୀ ରହିଥିଲେ ମଧ ଅଦ୍ୟାବଧି ଏସବୁ ପଦବୀ ପୂରଣ ହୋଇନାହିଁ । ଯାହାଦ୍ୱାରା ଖଣି ବିଭାଗ ଏକପ୍ରକାର ପଙ୍ଗୁ ହୋଇପଡିଛି କହିଲେ ଅତ୍ୟୁକ୍ତି ହେବନାହିଁ । ସେହିପରି ବିଗତ ଦିନରେ ବାଲି ଚୋରାଚାଲାଣକୁ ନେଇ ନାଉଗାଁ, ତିର୍ତ୍ତୋଲ ଏବଂ ବିରିଡ଼ି ଅଞ୍ଚଳରେ ହାତାହାତି ପରିସ୍ଥିତି ମଧ ସୃଷ୍ଟି ହୋଇଥିଲା । ଗତବର୍ଷ ବିରିଡ଼ି ତହସିଲ ଅଞ୍ଚଳରୁ ବାହାର ରାଜ୍ୟକୁ ଚୋରାଚାଲାଣ ହେଉଥିବା ଏକାଧିକ ବାଲି ଟ୍ରକ୍ ପୁଲିସ ଜବତ କରିଥିଲା । ତେଣୁ ରାଜ୍ୟ ସରକାର ଏବଂ ପ୍ରଶାସନିକ ସ୍ତରରେ ବିହିତ କାର୍ଯ୍ୟାନୁଷ୍ଠାନ ସହିତ ବାଲିଚୋରା ଚାଲାଣ ଉପରେ ଅଙ୍କୁଶ ଲଗାଇବା ପାଇଁ ସାଧାରଣରେ ଦାବି କରାଯାଇଛି ।

## ପୂଜ୍ୟପୂଜା ସଂସଦ ବାଲିକୁଦାର ବାର୍ଷିକ ଉତ୍ସବ

ବାଲିକୁଦା,୨୪।୫(ସମିସ): ପୂଜ୍ୟପୂଜା ସଂସଦ ବାଲିକୁଦା ପକ୍ଷରୁ ଅନୁଷ୍ଠାନର ତ୍ରୟୋଦଶ ବାର୍ଷିକ ଉତ୍ସବ ଆମ୍ବଶାଳସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ତଥା ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱ ଓ ସରୋଜକାନ୍ତ ସ୍ୱାଇଁଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଉକ୍ତ ଉତ୍ସବକୁ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ କମିଶନର ଆୟକର ବିଭାଗ ଶରତ ଚନ୍ଦ୍ର ଦାଶ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ନ୍ୟାୟଧୀଶ ଉଲ୍ଲାସ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଡ. ବିଷ୍ଣୁଚରଣ ସ୍ୱାଇଁ, ଆମ୍ବଶାଳ ସମିତିସଭ୍ୟା ରୋଜାଲିନ ଲେଙ୍କା, ଜିଲ୍ଲା ପରିଷଦ ସଦସ୍ୟା ରୁନିଲତା ବେହେରା, ଡଲି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ କ୍ଷେତ୍ରରେ




ସଫଳ ଅର୍ଜନ କରିଥିବା କୃତିତ୍ୱ ଗଙ୍ଗାଧର ବେହେରା, ସଂଗ୍ରାମ କେଶରୀ ମହାନ୍ତି, ନୀଳମଣି ସାହୁ, ରାଜେନ୍ଦ୍ର ପ୍ରସାଦ ମିଶ୍ର, କ୍ଷେତ୍ରମୋହନ ମହାନ୍ତି, ଭଗବାନ ମହାନ୍ତି, କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀ, ନିତ୍ୟାନନ୍ଦ ଜେନା, ଅର୍ଜୁନ ଚରଣ ଓଝା, ପୂଣ୍ୟ ପୁଷ୍ପିତା ମହାନ୍ତି ଓ ଅଙ୍କିତା ରଥଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅତିଥିଙ୍କୁ ମଞ୍ଚ ନିମନ୍ତ୍ରଣ ବରିଷ୍ଠ ଶିକ୍ଷକ ବାବନ ଚରଣ ସ୍ୱାଇଁ କରିଥିଲେ । ରାମଚନ୍ଦ୍ର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକୀୟ ବିବରଣୀ ଅନୁଷ୍ଠାନର ସମ୍ପାଦକ ଅରୁଣ କୁମାର ମହାନ୍ତି ପାଠ କରିଥିଲେ । ଧନ୍ୟବାଦ ଅର୍ପଣ ରଞ୍ଜନ କୁମାର ମହାନ୍ତି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ/ସଦସ୍ୟା ଭାରତୀ ମିଶ୍ର, କନକଲତା ପରିଡା, ଆଦିତ୍ୟ ଚୌଧୁରୀ, ପ୍ରଫୁଲ୍ଲ ଷଡ଼ଙ୍ଗୀ, ଶ୍ୱେତକୁମାର ସ୍ୱାଇଁ, ନାରାୟଣ ପରିଡା, ଉଲ୍ଲାସ ବିଶ୍ୱାଳ, ପବିତ୍ର ମୋହନ ସାଉ ପ୍ରମୁଖ ପରିଚାଳନା କରିଥିଲେ ।

## ଡିଏଭି ସ୍କୁଲ ସମ୍ମୁଖରେ ଶିକ୍ଷା ସ୍ଥାପତ୍ୟ ଉଦ୍‌ଘାଟିତ

ପାରାଦୀପ,୨୪।୫(ସମିସ): ପାରାଦୀପ ଗଡ଼ରେ ଥିବା ଡିଏଭି ପବ୍ଲିକ ସ୍କୁଲ ସମ୍ମୁଖରେ ଶିକ୍ଷା ସମ୍ବନ୍ଧୀୟ ଏକ "ଶିକ୍ଷା ସ୍ଥାପତ୍ୟ' ଉଦ୍‌ଘାଟିତ ହୋଇଯାଇଛି । "ବାଳିକା ପଢ଼ିବେ ବାଳିକା ବଢ଼ିବେ' ସ୍ଲୋଗାନକୁ ଦୃଷ୍ଟିରେ ରଖି ପାରାଦୀପ ଗଡ଼ ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ଏପରି ଏକ ଅଭିନବ ପରିକଳ୍ପନା କରିଥିଲେ । ଆଜି ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସସ୍ମିତା ବେହେରା




ଯୋଗଦେଇ ଉକ୍ତ ଶିକ୍ଷା ସ୍ଥାପତ୍ୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ତଥା କୁଜଙ୍ଗ ଓକିଲ ସଂଘ ସଭାପତି ସଞ୍ଜୟ କୁମାର ବେହେରା, ୱାର୍ଡ ସଭ୍ୟା ଗୋଲାପି ସାମଲ, ୱାର୍ଡ ସଭ୍ୟ ସନାତନ ମାଝୀ, ଅଲେଖ ମହାରଥା, ରମେଶ ବେହେରା, ସତ୍ୟାନନ୍ଦ ରାଉତ, ରମେଶ ମହାନ୍ତି, ଉଲ୍ଲାସ ମହାରଥା, ଶୁଭସ୍ମିତା ମଙ୍ଗରାଜ, ତନ୍ମୟ ମଲ୍ଲିକ ପ୍ରମୁଖ ଯୋଗଦେଇ ଥିଲେ ।

## କମ୍ପାନୀ ଫାଟକ ନୂଆଗାଁରେ ଧାରଣା ଦ୍ୱିତୀୟ ଦିନରେ

ପାରାଦୀପ/କୁଜଙ୍ଗ,୨୪।୫(ସମିସ): ପାରାଦୀପ ଉପକଣ୍ଠ ଏରସମା ବ୍ଲକ ଅଧୀନ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ କମ୍ପାନୀକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ଦେଖିବାକୁ ମିଳୁଛି । ସେପଟେ ଗତକାଲି ଠାରୁ ନୂଆଗାଁ ବାଲିସାହି ପଡ଼ା ଲୋକେ କମ୍ପାନୀର ୭ ନଂ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଅଭିଯୋଗ ହେଉଛି । ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି । ଅଭିଯୋଗ ପରେ ମଧ କୌଣସି ସମାଧାନର ରାସ୍ତା ବାହାରୁନାହିଁ । ଗତ ଦୁଇ ମାସ ପୂର୍ବରୁ ଜଗତସିଂହପୁର ଜିଲ୍ଲା ଏସ୍‌ପିଙ୍କୁ ପଡ଼ାର ସର୍ବସାଧାରଣଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ କମ୍ପାନୀ



ଗଣଧାରଣା ଦେଇଛନ୍ତି । ଜଙ୍ଗଲ କମିଟି ପଇସା, ନିଯୁକ୍ତି ପ୍ରସଙ୍ଗ ଓ ଅନ୍ୟାନ୍ୟ ସମସ୍ୟା ନେଇ ସେମାନେ ଗତକାଲି ଠାରୁ ଦୁଇ ଦିନ ହେବ ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ଧାରଣା ଜାରି ରଖିଛନ୍ତି । ବାଲିସାହି ଜଙ୍ଗଲ କମିଟିର ଦାୟିତ୍ୱରେ ଥିବା କମିଟି ମୁଖ୍ୟ ସଦସ୍ୟଙ୍କୁ ହିସାବ ମାଗିଲେ ସିଧା ଧମକ ଦେଉଥିବା କର୍ତ୍ତୃପକ୍ଷ ସମାଧାନ କରିବାକୁ କହିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ । ତେଣୁ ଯେପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇନି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଧାରଣାକାରୀଙ୍କ ଠାରୁ ସୂଚନା ମିଳିଛି । ଏସବୁ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି ।

## ନାରୀ ବନ୍ଦନ ବିଲ୍ ପାଇଁ ମଶାଲ ଶୋଭାଯାତ୍ରା



ପାରାଦୀପ,୨୪।୫(ସମିସ): ସଂସଦରେ ପାରିତ ହୋଇଥିବା ନାରୀ ବନ୍ଦନ ଅଧିନିୟମକୁ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ପାରାଦୀପ ନଗର କଂଗ୍ରେସ ତରଫରୁ ଏକ ଶାନ୍ତିପୂର୍ଣ୍ଣ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମହିଳା ସଂରକ୍ଷଣ ବିଲ୍ ଉପରେ ବିରୋଧୀଙ୍କ ଉପରେ ମିଥ୍ୟା ଆରୋପ ଲଗାଇବା ସହିତ ଭାରତୀୟ ଜନତା ପାର୍ଟିର ଇତିହାସକୁ ସମାଲୋଚନା କରଥିଲେ ନଗର କଂଗ୍ରେସ ସଭାପତି କେଦାର ନାଥ ବିଶ୍ୱାଳ । ନାରୀ ବନ୍ଦନ ବିଲ୍‌କୁ କାର୍ଯ୍ୟକାରୀ କରିବାରେ ବିଳମ୍ବ କଲେ ଆଗାମୀ ଦିନରେ ଜାତୀୟ କଂଗ୍ରେସ ପ୍ରତ୍ୟେକ ସ୍ତରରେ ଜୋରଦାର ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଥିଲେ । ଏଥିରେ ଜିଲ୍ଲା କଂଗ୍ରେସ ଉପସଭାପତି ଅଶ୍ୱିନୀ ସ୍ୱାଇଁ, ସାଧାରଣ ସମ୍ପାଦକ ଶୁଭନାରାୟଣ ନାୟକ, ଜିଲ୍ଲା ସମ୍ପାଦକ ସରୋଜ ପ୍ରଧାନ, ପ୍ରଦେଶ କଂଗ୍ରେସ ମହିଳା ସମ୍ପାଦିକା ବିନତି ପଢ଼ିଆରୀ, ଧରିତ୍ରୀ ସାମଲ, ପୁଷ୍ପା ଦାସ, କୌଶଲ୍ୟା ମାହାନ୍ତି, ଅନ୍ନପୂର୍ଣ୍ଣା ଦାସ, କୃପାସିନ୍ଧୁ ଦାସ, ପାରାଦୀପ ନଗର ଓବିସି ସେଲ୍ ଅଧ୍ୟକ୍ଷ ତ୍ରିନାଥ ମହାନ୍ତିଙ୍କ ସହିତ ଦଳର ପ୍ରମୁଖ କାର୍ଯ୍ୟକର୍ତ୍ତା ମଶାଲ ଶୋଭାଯାତ୍ରାରେ ପାରାଦୀପ ସହର ପରିକ୍ରମା କରିଥିଲେ ।

## ଚୋରା ମଦ ଜବତ; ଦୁଇ ଗିରଫ

ପାରାଦୀପ, ୨୪।୫ (ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଞ୍ଚଳରୁ ଆଜି ସନ୍ଧ୍ୟାରେ ଦୁଇ ଚୋରା ମଦ ବେପାରୀଙ୍କୁ ଗିରଫ କରାଯିବା ସହିତ ତାଙ୍କ ନିକଟରୁ ୧୨ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି । ଏସଆଇ ଉତ୍କଳ କେଶରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ସନ୍ଧ୍ୟାରେ ଚଢ଼ଉ କରି ଗୋବିନ୍ଦପୁରର ବିଚିତ୍ର ବର୍ଦ୍ଧନ (୪୨) କୁ ଗିରଫ କରି ତା' ନିକଟରୁ ୫.୮ ଲିଟର ଚୋରା ମଦ ଓ ପାଟେଣାର ସତ୍ୟବ୍ରତ ଦାସ (୨୫) କୁ ଗିରଫ କରି ତା' ନିକଟରୁ ୬.୪ ଲିଟର ଚୋରା ମଦ ଜବତ କରାଯାଇଛି । ଆସନ୍ତାକାଲି ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି । ଏନେଇ ଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଛି ।

## ଓଡ଼ିଆ ଭଜନର ବଳ ଭିକାରୀ ବଳ



ଓଡ଼ିଶାର ମାଟି, ପାଣି, ପବନ ଆଉ ଜଗନ୍ନାଥ ସଂସ୍କୃତି ଯାହାଙ୍କ କଣ୍ଠସ୍ୱର ବିନା ଅଧୁରା, ସେ ହେଉଛନ୍ତି ଭଜନ ସମ୍ରାଟ ଭିକାରୀ ବଳ । ଆଜି ସେହି ମହାନ ସାଧକଙ୍କ ପବିତ୍ର ଜନ୍ମତିଥି । ଯେତେବେଳେ ବି ବଡ଼ଦାଣ୍ଡରେ ରଥଯାତ୍ରାର କୋଳାହଳ ଶୁଭେ କିମ୍ବା ସଞ୍ଜ ସଳିତା ଜଳିବା ସମୟରେ ଓଡ଼ିଆଘରର ଅଗଣାରେ ଭଜନଟିଏ ବାଜିଉଠେ, ସେତେବେଳେ ସ୍ୱତଃପ୍ରବୃତ୍ତ ଭାବେ ମନକୁ ଚାଲିଆସେ ଭିକାରୀ ବଳଙ୍କ ସେହି ଭାବପୂର୍ଣ୍ଣ ସ୍ୱର "କୋଠ ଭୋଗଖିଆ, ମୋ ଚକାଆଖିଆ...' । ତାଙ୍କ କଣ୍ଠରେ ଜଗନ୍ନାଥଙ୍କ ପ୍ରତି ଥିବା ଆକୁଳତା ଓ ସମର୍ପଣ ଭାବ କେବଳ ସଙ୍ଗୀତ ନଥିଲା, ତାହା ଥିଲା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏକ ଅବିଚ୍ଛେଦ୍ୟ ସେତୁ ।

୧୯୨୯ ମସିହା ମେ' ମାସ ୨୫ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାର ସୋବଳା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଏହି ମହାନ ଶିଳ୍ପୀ । ପିତା ରାମଚନ୍ଦ୍ର ବଳ ଓ ମାତା ଗେହ୍ଲାରାଣୀ ଦେବୀଙ୍କ କୋଳ ମଣ୍ଡନ କରିଥିବା ଏହି ଶିଶୁର ନାମ 'ଭିକାରୀ' ରଖାଯିବା ପଛରେ ଏକ କରୁଣ କାହାଣୀ ଥିଲା । ମାତାପିତାଙ୍କ ପୂର୍ବ ସନ୍ତାନମାନେ ଅକାଳରେ ଚାଲିଯାଇଥିବାରୁ, ଜୀବନରକ୍ଷା ପାଇଁ ଆଞ୍ଚଳିକ ପ୍ରଥା ଅନୁସାରେ ଶିଶୁଟିକୁ ଜଣେ ବାବାଜୀଙ୍କୁ ବିକ୍ରି କରି ପୁଣି ଭିକ୍ଷା ସ୍ୱରୂପ ଫେରାଇ ଅଣାଯାଇଥିଲା । ନାମ ଯେମିତି ଥିଲା, ଜୀବନର ସଂଘର୍ଷ ବି ସେମିତି ଥିଲା; ଶୈଶବରୁ ଅଭାବ ଓ ଅନଟନ ଭିତରେ ବଢ଼ିଥିଲେ ହେଁ ଭଗବାନ ତାଙ୍କୁ ଦେଇଥିଲେ ଏକ ଅଲୌକିକ ସୁମଧୁର କଣ୍ଠ ।

ସରଳତା ଓ ସାଧନାର ପ୍ରତୀକ ଭିକାରୀ ବଳଙ୍କ ବ୍ୟକ୍ତିତ୍ୱ ଥିଲା ଅତି ମାତ୍ରାରେ ସରଳ, ଅମାୟିକ ଏବଂ ଆଧ୍ୟାତ୍ମିକ । ସେ କେବଳ ଜଣେ ଗାୟକ ନଥିଲେ, ବରଂ ଥିଲେ ଜଣେ ପ୍ରକୃତ ଜଗନ୍ନାଥ-ପ୍ରେମୀ ସାଧକ । ଗାୟନ ସମୟରେ ତାଙ୍କ ଆଖିରୁ ଝରିଆସୁଥିବା ଲୁହ ପ୍ରମାଣ କରୁଥିଲା ଯେ, ସେ କେବଳ ଶବ୍ଦ ଗାଉ ନ ଥିଲେ, ବରଂ ହୃଦୟର ସମଗ୍ର ଭାବକୁ ଈଶ୍ୱରଙ୍କ ଚରଣରେ ଅର୍ପଣ କରୁଥିଲେ । ଗର୍ବ କିମ୍ବା ଅହଙ୍କାର ତାଙ୍କୁ କେବେ ସ୍ପର୍ଶ କରିନଥିଲା । ଓଡ଼ିଶୀ ସଙ୍ଗୀତର ପ୍ରାଣ ପ୍ରତିଷ୍ଠାତା ଗୁରୁ କ୍ଷେତ୍ରମୋହନ କରଙ୍କ ଠାରୁ ଆରମ୍ଭ କରି କଟକ କଳାବିକାଶ କେନ୍ଦ୍ର ପର୍ଯ୍ୟନ୍ତ ତାଙ୍କର ଦୀର୍ଘ ସଙ୍ଗୀତ ସାଧନାର ଯାତ୍ରା ତାଙ୍କୁ ଜଣେ ଶୃଙ୍ଖଳିତ ଗୁରୁ ଓ ସାରସ୍ୱତ ସାଧକ ଭାବେ ଗଢ଼ିତୋଳିଥିଲା ।

ଭଜନ ସମ୍ରାଟ ଭିକାରୀ ବଳଙ୍କ ଗୀତ ଗୁଡ଼ିକରେ କେବଳ ସ୍ୱରର ମୂର୍ଚ୍ଛନା ନଥିଲା, ଥିଲା ଭକ୍ତର ଅଭିମାନ, ଆକୁଳ ପ୍ରାର୍ଥନା ଏବଂ ପରମବ୍ରହ୍ମଙ୍କ ପ୍ରତି ଅହେତୁକ ସମର୍ପଣର ଏକ ନିଗୂଢ଼ ଆଧ୍ୟାତ୍ମିକ ଆବେଗ । ସାଂସାରିକ ମୋହମାୟାରୁ ଊର୍ଦ୍ଧ୍ୱକୁ ଉଠି ସେହି ଚକାଆଖିର ଦର୍ଶନ ଓ ଶରଣାଗତି ଭିତରେ ଭକ୍ତର ଅନ୍ତରାତ୍ମାକୁ ଆନ୍ଦୋଳିତ କରୁଥିବା "ଅନ୍ଧ ଜଣେ ମୁଁ ନୟନ ମାଗୁଛି, ଦେବ କି ନ ଦେବ କୁହ...' ଏବଂ "ଜଗନ୍ନାଥ ହେ କିଛି ମାଗୁନାହିଁ ତୋତେ, ଧନ ମାଗୁନାହିଁ ଜନ ମାଗୁନାହିଁ...' ଭଳି ଆକୁଳ ପ୍ରାର୍ଥନା ହେଉ କିମ୍ବା ପ୍ରଭୁଙ୍କ ସହ ଥିବା ନିବିଡ଼ ଆତ୍ମୀୟତାରୁ ସୃଷ୍ଟି ହୋଇଥିବା ପବିତ୍ର ଅଭିମାନର ସ୍ୱର "କୁହ ଜଗନ୍ନାଥ କାହା ପାଇଁ ଏତେ ପାତର ଅନ୍ତର ନୀତି...' ଏବଂ "ଜଗତ କରତା ନାଥ ମିଛେ କାହିଁ ବୋଲାଉଛ...' ଏ ସବୁଥିରେ ଭଗବାନ ଦୂରର କେହି ନୁହନ୍ତି, ବରଂ ନିଜ ସୁଖ-ଦୁଃଖର ସଖା ସଦୃଶ ପ୍ରତୀୟମାନ ହୁଅନ୍ତି । ଶ୍ରୀଜଗନ୍ନାଥ ଯେ ବାହ୍ୟ ଆଡ଼ମ୍ବର ବା ବହୁମୂଲ୍ୟ ନୈବେଦ୍ୟର ନୁହନ୍ତି, ବରଂ କେବଳ ସ୍ନେହ ଓ ଆନ୍ତରିକତାର ଭୋଗୀ, ତାହା ତାଙ୍କ କଣ୍ଠରୁ ନିସୃତ "ଷାଠିଏ ପଉଟି ଭୋଗରୁ ତୁମର...', "କୋଠ ଭୋଗଖିଆ ମୋ ଚକାଆଖିଆ...', "ମନ ମନ୍ଦିରରେ ପାରିନି ତ କେବେ ତୁମ ପାଇଁ ଦୀପ ଜାଳି..' ଏବଂ "ହୃଦ ସିଂହାସନେ ବସାଇ ମୁଁ ଦିନେ ଅରପି ନାହିଁ ତ ଆରତୀ..' ଭଳି ଆତ୍ମନିବେଦନପୂର୍ଣ୍ଣ ଭଜନଗୁଡ଼ିକରେ ଅତି ଚମତ୍କାର ଭାବେ ପ୍ରତିଫଳିତ ହୋଇଛି । ଓଡ଼ିଶାର ପୁରପଲ୍ଲୀରେ ଭକ୍ତିର ଅମୃତ ରସ ସିଞ୍ଚନ କରିବାରେ ଭକ୍ତ ସାଲବେଗଙ୍କ ଉତ୍ସ୍ୱାସ "ଆହେ ନୀଳଶଇଳ ପ୍ରବଳ ମତ୍ତ ବାରଣ..' ଏବଂ ଦିବ୍ୟ ଗୋପପୁରର ଚିତ୍ରପଟକୁ ଉଜ୍ଜୀବିତ କରୁଥିବା "ଶ୍ରୀକୃଷ୍ଣଙ୍କ ବଂଶୀ ଧ୍ୱନି ଶୁଣି.' ଭଳି ଐତିହ୍ୟ ସମ୍ପନ୍ନ ରଚନାଗୁଡ଼ିକ ଓଡ଼ିଆ ଆଧ୍ୟାତ୍ମିକ ସାହିତ୍ୟର ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ଭାବେ ସର୍ବଦା ଶୋଭା ପାଇବ । ଜୀବନର ଚରମ ସତ୍ୟ ଏବଂ ସାୟାହ୍ନରେ ସେହି ମହାବାହୁଙ୍କ କୋଳରେ ଆଶ୍ରୟ ନେବାର ଆକୁଳତାକୁ ପ୍ରକାଶ କରୁଥିବା "ତୁମେ ଅଖିଳର ତୁମେ ନିଖିଳର..' ଏବଂ "ମହାବାହୁ ଏହି ଆଜ୍ଞା ମୋତେ ହେଉ..'" ଭଳି କାଳଜୟୀ ସଙ୍ଗୀତଗୁଡ଼ିକ କେବଳ ଗୀତ ନୁହନ୍ତି, ବରଂ ମରଣୋତ୍ତର ଆତ୍ମା ପରମାତ୍ମାଙ୍କ ଚରଣରେ ସମର୍ପିତ ହେବାର ଏକ ଶେଷ ମହାର୍ଘ୍ୟ ପ୍ରାର୍ଥନା, ଯାହା ଭିକାରୀ ବଳଙ୍କ ଅମର କଣ୍ଠସ୍ୱରରେ ଚିରକାଳ ପାଇଁ ସ୍ପନ୍ଦିତ ହେଉଥିବ ।

୨୦୧୦ ମସିହା ନଭେମ୍ବର ୨ ତାରିଖରେ ଏହି ମହାନ ଆତ୍ମା ମହାନିଦ୍ରାରେ ଶୋଇଗଲେ ମଧ ଓଡ଼ିଆ ଜାତିର ସ୍ମୃତିପଟରୁ ସେ କେବେ ହେଲେ ବିସ୍ମୃତ ହେବେ ନାହିଁ । ଭିକାରୀ ବଳ କେବଳ ଜଣେ ବ୍ୟକ୍ତି ବା କଣ୍ଠଶିଳ୍ପୀ ନଥିଲେ, ସେ ଥିଲେ ଓଡ଼ିଆ ଅସ୍ମିତା ଓ ସାଂସ୍କୃତିକ ଜଗତର ଏକ ଅନିର୍ବାଣ ଶିଖା । ଭୌତିକ ଶରୀରରେ ସେ ଆମ ଗହଣରେ ନଥିଲେ ମଧ, ତାଙ୍କର ସେହି ଅମୃତମୟ ଅମର ସ୍ୱର ଓଡ଼ିଶାର ଗଗନ-ପବନରେ ଏବଂ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ଚିରକାଳ ପାଇଁ ପ୍ରତିଧ୍ୱନିତ ହେଉଥିବ ।

### ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଦ୍ୟୁତ୍ କାଟ୍

# ଶତାଧିକ କୁକୁଡ଼ା ମୃତ; ଫାର୍ମ ମାଲିକ ଚିନ୍ତାରେ



ରଘୁନାଥପୁର,୨୪।୫(ସମିସ)

ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅଞ୍ଚଳରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଘନଘନ ବିଦ୍ୟୁତ୍ କାଟ ଯୋଗୁଁ ବିଭିନ୍ନ କୁକୁଡ଼ା ଫାର୍ମରେ ଶତାଧିକ କୁକୁଡ଼ା ମରିଯାଉଛନ୍ତି । କ୍ଷତିଭରଣା ପାଇଁ ମାଲିକମାନେ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ବିଦ୍ୟୁତ କମ୍ପାନୀ ଟିପିସିଓଡିଏଲ୍ ବିରୋଧରେ ଖାଉଟି ଅଦାଲତରେ ଆଶ୍ରୟ ନେବା ପାଇଁ ସଜବାଜ ହେଲେଣି ।

ସମଗ୍ର ରାଜ୍ୟରେ ବର୍ତ୍ତମାନ ପାରଦ ଉପର ମୁହାଁଥିବା ବେଳେ ଅସହ୍ୟ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଲୋକମାନେ ଦିନ ୧୦ଟା ବେଳେ ଘରୁ ବାହାରି ପାରୁନାହାନ୍ତି । ଏହି ସମୟରେ ରଘୁନାଥପୁର ଓ ଜଗତସିଂହପୁର ବିଦ୍ୟୁତ କାର୍ଯ୍ୟାଳୟ ଘନଘନ ବିଦ୍ୟୁତ୍ କାଟ କରୁଥିବାରୁ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଅବସ୍ଥାରେ ଗତକାଲି ରଘୁନାଥପୁର ମା' ନାରାୟଣୀ ଏସ୍‌ଏଚ୍‌ଜି ମହିଳା ଗ୍ରୁପର କୁକୁଡ଼ା ଫାର୍ମରେ ୨ଶହରୁ ଊର୍ଦ୍ଧ୍ୱ କୁକୁଡ଼ାଙ୍କର ମୃତ୍ୟୁ ଘଟିଛି । ଏହି ମହିଳା ଗ୍ରୁପ ସ୍ୱାବଲମ୍ବୀ ହେବା ପାଇଁ ବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଋଣ ଆଣି ଏକ କୁକୁଡ଼ା ଫାର୍ମ କରିଥିଲେ । କିନ୍ତୁ ଟିପିସିଓଡିଏଲ୍ କମ୍ପାନୀର ଘନଘନ ବିଦ୍ୟୁତ୍ କାଟ ଯୋଗୁଁ କୁକୁଡ଼ା ମାନଙ୍କ ହୃଦ୍‌ଘାତରେ ମୃତ୍ୟୁ ହେଉଥିବା ପ୍ରାଣୀ ଚିକିତ୍ସକ ସୂଚନା ପ୍ରଦାନ କରିଛନ୍ତି । ବ୍ୟାଙ୍କରୁ ଲୋନ ଆଣି ଫାର୍ମ କରିଥିବା ବେଳେ କରଜ ସୁଝିବା ମହିଳା ମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟି ଗଲାଣି ।

ଏଭଳି ଗ୍ରୀଷ୍ମ ଦିନରେ ବିଦ୍ୟୁତ୍ କାଟ୍ ନ କରିବା ପାଇଁ ରାଜ୍ୟ ସରକାର ସଦାସର୍ବଦା କହୁଥିବା ବେଳେ ବିଦ୍ୟୁତ ବିଭାଗ ନିୟମ ନ ମାନିବା ପଛରେ ହାତ କାହାର ବୋଲି ସାଧାରଣରେ ଆଲୋଚନା ହେଉଛି । ଏ ସଂପର୍କରେ ପଚାରିବାରୁ ଓଭରଲୋଡିଂ ଯୋଗୁଁ କନ୍ଦରପୁର ଗ୍ରୀଡ୍‌ରୁ ବାରମ୍ବାର ଲାଇନ କଟାଯାଉଥିବା ରଘୁନାଥପୁରର ଏସ୍‌ଡିଓ ଓ କନିଷ୍ଠ ଯନ୍ତ୍ରୀ ପ୍ରକାଶ କରିଛନ୍ତି । ଆଗକୁ ବିଦ୍ୟୁତ୍‌କାଟ୍ ରୋକା ନ ଗଲେ ରଘୁନାଥପୁରରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# କୁଳିଦା ସଚେତନ ନାଗରିକ ମଞ୍ଚ ବୈଠକ

ରାଜଘାଟ,୨୪।୫(ସମିସ)



ବସ୍ତା ଥାନା କୁଳିଦା ପଞ୍ଚାୟତର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିବାବେଳେ ଗତ ୨୦ ତାରିଖ ସନ୍ଧ୍ୟାରେ ବସ୍ତା ଥାନା ୧୬ ନଂ ଜାତୀୟ ରାଜପଥର ଜୁଣବଳଦା ଛକ ନିକଟରେ ଘଟିଥିବା ଜଣେ ଯୁବକଙ୍କୁ ଚାରି ଜଣ ଯୁବକ ଭୁଜାଲିରେ ଆକ୍ରମଣ କରି ମାରିଦେବା ଘଟଣାରେ ପୁଲିସ ଅଭିଯୁକ୍ତ ଚାରି ଜଣଙ୍କୁ ଗିରଫ କରି କୋର୍ଟ ପଠାଇଛନ୍ତି। ତେବେ ଆକ୍ରମଣକାରୀ ଉକ୍ତ ପଞ୍ଚାୟତର ପଦିମା ଗ୍ରାମର ଓ ଜଣେ ସହଯୋଗୀ ଜଳେଶ୍ୱର ଥାନା ବଜାରଶୋଳ ଗ୍ରାମର ହୋଇଥିବା ବେଳେ ମୃତକ ଜଣକ ହେଲେ ଜୁଣବଳଦା ଗ୍ରାମର। ତେଣୁ ପ୍ରଥମ ଥର ପାଇଁ ଉକ୍ତ ଅଞ୍ଚଳରେ ଏପରି ଏକ ହତ୍ୟାକାଣ୍ଡ ଘଟିଥିବାରୁ କୁଳିଦା ପଞ୍ଚାୟତ ସଚେତନ ନାଗରିକ ମଞ୍ଚ ପକ୍ଷରୁ ସଦସ୍ୟ ଜନ୍ମେଜୟ ପରିଡ଼ାଙ୍କ ଆବାହକତ୍ୱରେ ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି ସଭାପତିତ୍ୱ କରିଥିଲାବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନ୍ଦ୍ର ନାଥ ମହାନ୍ତି, ବସନ୍ତ କୁମାର ଦେ, ନାଏବ ସରପଞ୍ଚ ଅରବିନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତ ତଥା ଗ୍ରାମ ଗ୍ରାମ ମଧ୍ୟରେ ସୁସମ୍ପର୍କ ରଖି ଶାନ୍ତି ବଜାଇ ରଖିବାକୁ ଆହ୍ୱାନ ଦେଇଥିଲେ, ଅଭିଯୁକ୍ତ ଓ ସହଯୋଗୀଙ୍କୁ ଫାଷ୍ଟଟ୍ରାକ୍ କୋର୍ଟରେ କଠୋରରୁ କଠୋରତମ ଦଣ୍ଡ ବିଧାନ,୧୬ ନଂ ଜାତୀୟ ରାଜପଥରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି, ମୃତକଙ୍କ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ, ପରିବାରକୁ ସୁରକ୍ଷା, ନାରକୀୟ କାଣ୍ଡ ର ମୁଖ୍ୟ କାରଣ ମଦ ଓ ନିଶା ହୋଇଥିବାରୁ ବେଆଇନ୍ ଓ ଚୋରା ମଦ ଦୋକାନ ଉପରେ ଚଢ଼ଉ ତଥା ନିଶା ଠାରୁ ଯୁବବର୍ଗଙ୍କୁ ଦୂରେଇ ରହିବାକୁ ନିବେଦନ କରାଯାଇଥିଲା। ତତ୍‌ସହିତ ଆକ୍ରମଣକାରୀଙ୍କ ମାମଲାକୁ କୌଣସି ଆଇନଜୀବୀଙ୍କୁ ନ ଲଢ଼ିବାକୁ, କୌଣସି ରାଜନୈତିକ ପଦପଦବୀରେ ଥିବା ବ୍ୟକ୍ତି ବିଶେଷ ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ସହଯୋଗ ନ କରିବାକୁ ଆହ୍ୱାନ ଦେଇଥିଲେ। ପୁଲିସ ପ୍ରଶାସନ ସମେତ ଉଭୟ ଗ୍ରାମର ଗ୍ରାମବାସୀ, ବୁଦ୍ଧିଜୀବୀଙ୍କୁ ନେଇ ଶାନ୍ତି କମିଟି ଗଠନ କରିବାକୁ ନିବେଦନ କରାଯିବା ସହିତ ଯୁବବର୍ଗଙ୍କୁ ଆଇନକୁ ହାତକୁ ନ ନେଇ ନ୍ୟାୟିକ ବ୍ୟବସ୍ଥା ଉପରେ ଭରସା ରଖିବାକୁ ନିବେଦନ କରାଯାଇଥିଲା।

## ଗଛରେ ବାନ୍ଧି ମାଡ଼ ଘଟଣା: ଅଭିଯୁକ୍ତକୁ ବାନ୍ଧିଲା ପୁଲିସ

ଚନ୍ଦନେଶ୍ୱର,୨୪।୫(ସମିସ): ଗଛରେ ବାନ୍ଧି ମାଡ଼ ମାରିବା ଓ ଉଲଗ୍ନ କରିବା ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଫୁଲବଣୀ ଖାସ ଗାଁର କାର୍ଯ୍ୟରତ ସାମ୍ବାଦିକ ଶିଶିର କୁମାର ପ୍ରଧାନ(୫୪)ଗତ ଶୁକ୍ରବାର ସକାଳେ ଗାଧୋଇବା ବେଳେ ତାଙ୍କ ବାଉଁଶ ବାଡ଼ିରୁ ବାଉଁଶ କଟାଯିବା ଶବ୍ଦ ଶୁଣିବାକୁ ପାଇଥିଲେ। ପୂର୍ବରୁ କେହି ବାଉଁଶ ବାଡ଼ିରୁ ବାଉଁଶ ଚୋରି କରି ନେଇଥିବାବେଳେ ଏବେ ପୁଣି କେହି ଚୋରି କରୁଛି ବୋଲି ଭାବି ବାଉଁଶ ବାଡ଼ିକୁ ଗଲାବେଳେ ଜଣେ ଅପରିଚିତ ବ୍ୟକ୍ତି ବାଉଁଶ କାଟୁଥିବା ଦେଖିଥିଲେ। ତାଙ୍କୁ ପଚରା ଉଚରା କରିବା ପରେ ପଡ଼ୋଶୀ ସୁବ୍ରତ ପ୍ରଧାନ (୫୫) ବାଉଁଶ ଝାଡ଼ିରୁ ବିକ୍ରି କରିବା ଉଦ୍ଦେଶ୍ୟରେ ବାଉଁଶ କାଟିବାକୁ କହିଥିଲେ। ଶିଶିର ସେ ବାଉଁଶ ବେପାରୀଙ୍କୁ ବାଉଁଶ କାଟିବାକୁ ମନା କରିବା ପରେ ବେପାରୀ ଜଣକ ଫେରି ଯାଇ ସୁବ୍ରତଙ୍କ ଘରକୁ ଯାଇ ଦେଇଥିବା ଅଗ୍ରୀମ ଟଙ୍କା ମାଗିବା ପରେ ସୁବ୍ରତ ଓ ତାଙ୍କର ବିବାହିତା ଝିଅ ଶିଶିରଙ୍କ ନିକଟକୁ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହିତ ଶିଶିରଙ୍କୁ ଆକ୍ରମଣ କରିଥିଲେ। ଶିଶିରଙ୍କ ଅଭିଯୋଗ ମୂଳେ ପୁଲିସ ୧୫୮/୨୬ରେ ଏକ ମାମଲା ରୁଜୁ କରି ରବିବାର ସକାଳେ ଅଭିଯୁକ୍ତ ସୁବ୍ରତ ପ୍ରଧାନକୁ ଘରୁ ଗିରଫ କରି ଥାନାକୁ ଉଠାଇ ଆଣି ତଦନ୍ତ କରୁଥିବା ଜଣାପଡ଼ିଛି। ଏପଟେ ଅଭିଯୁକ୍ତ ସୁବ୍ରତକୁ ପୁଲିସ ନିକଟରୁ ମୁକୁଳାଇବା ପାଇଁ କିଛି ସ୍ଥାନୀୟ ନେତା ଉଦ୍ୟମ କରୁଥିବା ଜଣାପଡ଼ିଛି। ଅପରପକ୍ଷରେ ଅଭିଯୁକ୍ତ ସୁବ୍ରତ ପୂର୍ବରୁ ଏକ ହତ୍ୟା ଓ ମହିଳାଙ୍କୁ ଅସଦାଚରଣ ମାମଲାରେ କୋର୍ଟରୁ ଜାମିନରେ ଆସିଛି। ଉକ୍ତ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ଏଭଳି ଅଭିଯୁକ୍ତକୁ ପୁଲିସ ଜାମିନ ଦେବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଦହି ସରବତ୍ ବଣ୍ଟନ



ଖଇରା,୨୪।୫(ସମିସ): ଖଇରାରେ ତାପମାତ୍ରା ୪୦ଡିଗ୍ରୀ ଛୁଇଁ ଥିବାବେଳେ ଖଇରା-ଔପଦା ଫଟୋଗ୍ରାଫର ସଂଘ ପକ୍ଷରୁ ଗୁରୁବାର ଦହି ସରବତ୍ ବଣ୍ଟନ କରାଯାଇଛି। ସୋର-କୁପାରୀ ରାସ୍ତାର ଖଇରା ବ୍ଲକ୍ ଛକ ନିକଟରେ ସଂଘର ସଭାପତି ସ୍ୱରୂପାନନ୍ଦ ରାଉଳ, ସମ୍ପାଦକ ରଞ୍ଜନ କୁମାର ବେହେରାଙ୍କ ତତ୍ତ୍ୱାବଧାବରେ ସଦସ୍ୟ ଲମ୍ବୋଦର ରାଉଳ, ବିଜୟ ସ, ରଞ୍ଜିତ ପୃଷ୍ଟି, ବୁଲୁ ପଣ୍ଡା, ସୂର୍ଯ୍ୟକାନ୍ତ ଦାସ, ରଞ୍ଜନ ରାଉତଙ୍କ ସମେତ ଅନ୍ୟ ସଦସ୍ୟଗଣ ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ଦହି ସରବତ୍ ବାଣ୍ଟିଥିଲେ।

## ବିପୁଳ ପରିମାଣର ଗଞ୍ଜେଇ ଜବତ, ଜଣେ ଗିରଫ



ସିମୁଳିଆ,୨୩।୫(ସମିସ): ଅବକାରୀ ବିଭାଗ ସ୍ୱତନ୍ତ୍ର ଟିମ ଦ୍ୱାରା ଜାତୀୟ ରାଜପଥରେ ଦଶ କେଜି ଗଞ୍ଜେଇ ଜବତ କରିବା ସହ ଜଣକୁ ଗିରଫ କରିଥିବା ଜଣାଯାଇଛି କ୍ଷ ସୂଚନାରୁ ପ୍ରକାଶ କୌଣସି ସୂତ୍ରରୁ ଖବର ପାଇ ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଓ ନୀଳଗିରି ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ମାର୍କୋଣା ବସ ଷ୍ଟପ ନିକଟରେ ଚଢ଼ାଉ କରିଥିଲେ। ଚଡାଉରେ ବ୍ୟକ୍ତିଙ୍କ ନିକଟରୁ ୧୦ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ବିହାର ରାଜ୍ୟର ଫତେପୁର ଥାନା ଅନ୍ତର୍ଗତ ବାରାତାଣ୍ଡ ଗ୍ରାମର ରୌଶନ କୁମାରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ଉରେ ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା, କ୍ଷୀରୋଦ କୁମାର ସାହୁ ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ, ମିନତୀ ପରିଡ଼ା ପ୍ରଭୃତି ସାମିଲ ଥିଲେ। ଏ ନେଇ ଖଇରା ଅବକାରୀ ଥାନା ପକ୍ଷରୁ କେସ ନଂ: ୫୩/୨୦୨୬-୨୭ ମୂଳେ ମାମଲା ରୁଜୁ କରାଯାଇଛି।

## ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ

ସୋର,୨୪।୫(ସମିସ): ସୋର ବ୍ଲକ୍ ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ସାଧାରଣ ସଭା ଓ ସମ୍ବର୍ଦ୍ଧନା ପର୍ବ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ନିତ୍ୟାନନ୍ଦ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଆୟୁକ୍ତ କେନ୍ଦ୍ରୀୟ ପଣ୍ୟ ଓ ସେବାକର ଓ ସଂଯୁକ୍ତ ନିର୍ଦ୍ଦେଶକ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବିଜୟ କୁମାର ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଓ ପ୍ରବଚକ ଡ. ସୁଶାନ୍ତ କୁମାର ପଣ୍ଡା, ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ ଅଧୀକ୍ଷକ କେନ୍ଦ୍ରୀୟ ପଣ୍ୟ ଓ ସେବାକର ସହାୟକ ଓ ନିର୍ଦ୍ଦେଶକ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଶିବାଜୀ ଚରଣ ନାୟକ, ସମ୍ମାନିତ ଅତିଥି ଭାବେ ଆମେରିକା ବହୁ ରାଷ୍ଟ୍ରୀୟ କମ୍ପାନୀର ବ୍ୟବସାୟିକ ପରିଚାଳକ ତଥା ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ପ୍ରଚାର ପ୍ରସାର ସେବା ସଂଗଠନର ସମ୍ପାଦକ ଶୁଭମ ପାଣି, ଚିତ୍ତୋଳ ଭାଗବତ ଗାଦି ମନ୍ଦିରର ମଠାଧୀଶ ବଂଶୀଧର ରାଉତ, ମା' ତାରିଣୀ ମନ୍ଦିର କମିଟି ସଭାପତି ପ୍ରଦୀପ କୁମାର ଦାସ ଯୋଗଦେଇ ଜଗନ୍ନାଥ ସଂସ୍କୃତି ତଥା ଜଗନ୍ନାଥ ମନ୍ଦିର ବାବଦରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୨୦୨୫ ହାଇସ୍କୁଲ ବୋର୍ଡ ପରୀକ୍ଷାରେ ବାଲେଶ୍ୱର ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ବାଗୁଡ଼ି ନୋଡାଲ ହାଇସ୍କୁଲର ଛାତ୍ରୀ ସୁଶ୍ରୀ ଲିପ୍ସିତା ସାହୁ, ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟର ଚିକିତ୍ସାଧିକାରିଣୀ ଡା. ଶତାବ୍ଦୀ କର, ସମାଜସେବୀ ଶିବାଶିଷ ସାହୁ, ବରିଷ୍ଠ ସାମ୍ବାଦିକ ଶିଶିର କୁମାର ଦାସ, କ୍ରିଷ୍ଣା ଡ୍ୟାନ୍ସ ଏକାଡେମୀର ପରିଚାଳକ ପ୍ରଭଞ୍ଜନ ପାରିତୋଷ ସାହୁଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଅତିଥିଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିବାବେଳେ ବସନ୍ତ କୁମାର କର ଅତିଥି ପରିଚୟ ପ୍ରଦାନ ସହ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ବିଜୟ କୁମାର କର ମହାପ୍ରଭୁଙ୍କ ଧ୍ୟାନ ମନ୍ତ୍ରପାଠ ଓ ପଣ୍ଡିତ ରମାକାନ୍ତ କର ବେଦ ପାଠ କରିବା ପରେ କ୍ରିଷ୍ଣା ଡ୍ୟାନ୍ସ ଏକାଡେମୀର ଶିଶୁ କଳାକାର ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଅତିଥିମାନେ ନିଜ ନିଜର ଅଭିଭାଷଣରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭାବଧାରା ସମଗ୍ର ଭାରତବର୍ଷର କୋଣ ଅନୁକୋଣରେ ପ୍ରଚାର କରିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ମୁଖ୍ୟ ଅତିଥି, ଅନ୍ୟ ଅତିଥିମାନେ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ମାନପତ୍ର, ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ର, ଉତ୍ତରୀୟ, ଚାରା ଗଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ନକୁଳ ଚରଣ କର, ରଞ୍ଜିତା କର, ଭାବଗ୍ରାହୀ ରାଉତ, ସରସ୍ୱତୀ ମହାପାତ୍ର, ରବୀନ୍ଦ୍ର ମହାନ୍ତି ମାନପତ୍ର ପାଠ କରିଥିଲେ। ଏହି ଉତ୍ସବକୁ ସେବାୟତ ପ୍ରବୀର କୁମାର କର, ଭୀମ ଚରଣ କର, ବିନୟ କୁମାର ପତି, ମାଧବୀ ଲତା କର, ପରିଚାଳନା କମିଟିର ସଭ୍ୟ ଚିତ୍ତରଞ୍ଜନ ଦାଶ, ସୁଧାଂଶୁ ଶେଖର କର, ଲକ୍ଷ୍ମଣ କୁମାର ପାତ୍ର, ଜଗନ୍ନାଥ ଶଙ୍ଖୁଆ, ଶରତ କୁମାର କର, ସୁଜୟ ବିଶ୍ୱାଳ, ଶୁଭ୍ରାଂଶୁ କର, ରମାକାନ୍ତ ସେଣ, ବସନ୍ତ କୁମାର ଘଡ଼େଇ, ଗଜେନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ମା' ମଙ୍ଗଳା ମନ୍ଦିର କମିଟି, ତାରିଣୀ ମନ୍ଦିର କମିଟି, ଭାଗବତ ଗାଦି ମନ୍ଦିର କମିଟି, ପୂଜ୍ୟ ପୂଜା ସଂସଦ, ଆଦର୍ଶ ଯୁବ ପରିଷଦ ବ୍ଲୁ ଷ୍ଟାର କ୍ଲବ୍‌ର ସଭ୍ୟସଭ୍ୟାମାନେ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିରଞ୍ଚି ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୀତାଯଜ୍ଞ ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ସମୟରେ ପୂର୍ଣ୍ଣାହୁତି ହୋଇଥିଲା।

● ପ୍ରେମରେ ପ୍ରତାରଣା ପରେ ବିଷପାନ

## ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ



ରାସଗୋବିନ୍ଦପୁର, ୨୪।୫(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ପ୍ରେମରେ ପ୍ରତାରଣା ଓ ଧମକ ଅଭିଯୋଗ ପରେ ଜଣେ ଯୁବକ ବିଷପାନ କରିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ରାସଗୋବିନ୍ଦପୁର ଥାନା ଅଧୀନ ମାଣିଦା ଗ୍ରାମର ବ୍ରହ୍ମାନନ୍ଦ ଗିରି। ବ୍ରହ୍ମାନନ୍ଦ ଦୀର୍ଘ ୭ ବର୍ଷ ଧରି ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଦୁହିଁଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥିବା ସହ ବିବାହ ପାଇଁ ମଧ୍ୟ ଚର୍ଚ୍ଚା ଚାଲିଥିଲା। କିନ୍ତୁ ଯୁବତୀଙ୍କ ପରିବାର ଲୋକ ଏହି ସମ୍ପର୍କକୁ ବିରୋଧ କରିଥିଲେ। ଏପରିକି ବ୍ରହ୍ମାନନ୍ଦ ଓ ତାଙ୍କ ପରିବାରକୁ ଧମକ ଦିଆଯାଉଥିବା କଥା ସେ ମୃତ୍ୟୁ ପୂର୍ବରୁ ଏକ ଭିଡିଓ ମାଧ୍ୟମରେ କହିଥିଲେ। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ସେହି ଭିଡିଓରେ ବ୍ରହ୍ମାନନ୍ଦ କହିଥିଲେ ଯେ, ପ୍ରେମିକାଙ୍କ ପରିବାର ପକ୍ଷରୁ ବାରମ୍ବାର ଧମକ ଓ ମାନସିକ ଚାପ ଦିଆଯାଉଥିଲା। ଏହି ଚାପ ସହି ନ ପାରି ସେ ବିଷପାନ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ସେ ତାଙ୍କ ମୃତ୍ୟୁ ପାଇଁ ସମ୍ପୃକ୍ତ ପରିବାରର ସଞ୍ଜୀବ ମଣ୍ଡଳ, ଧିରେନ ମଣ୍ଡଳ, ଯୁଧିଷ୍ଠିର ମଣ୍ଡଳ, ମିନତୀ ମଣ୍ଡଳ, ସରିତା ମଣ୍ଡଳଙ୍କୁ ଦାୟୀ କରିଛନ୍ତି। ବିଷପାନ ପରେ ଗୁରୁତର ଅବସ୍ଥାରେ ବ୍ରହ୍ମାନନ୍ଦଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ପରେ ପରିବାର ଲୋକ ମୃତଦେହକୁ ରାସଗୋବିନ୍ଦପୁର ଥାନା ଫାଟକ ସମ୍ମୁଖରେ ରଖି ବିକ୍ଷୋଭ ପ୍ରଦର୍ଶନ କରି ଘଟଣାର ସଠିକ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ଘଟଣାକୁ ନେଇ ସମଗ୍ର ରାସଗୋବିନ୍ଦପୁର ଅଞ୍ଚଳରେ ଚର୍ଚ୍ଚା ଚାଲିଥିବାବେଳେ ପୁଲିସ ଭାଇରାଲ ଭିଡିଓ ଓ ପରିବାରର ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ଫେରାର ଅଭିଯୁକ୍ତ କୋର୍ଟ ଚାଲାଣ

କୁଆମରା, ୨୪।୫(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକ ସେହି ଗ୍ରାମର ଅନ୍ୟ ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ କରି ଫେରାର ହୋଇଯାଇଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ତିନି ମାସ ପରେ ଆଜି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଖୁଣ୍ଟା ଥାନା ଅନ୍ତର୍ଗତ ଚୁନଡିହା ଗ୍ରାମର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁର୍ଯ୍ୟୋଧନ ବେହେରା ନାମକ ଜଣେ ଯୁବକ ସେହି ଗ୍ରାମର ଲାଲମୋହନ ବେହେରାଙ୍କୁ ଗତ ଫେବୃଆରୀ ୨୩ ତାରିଖରେ ବେକରେ ଗାମୁଛା ପକାଇ ମାରି ଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଏକ ମାମଲା ରୁଜୁ ହୋଇଥିଲା। ତେବେ ଦୁର୍ଯ୍ୟୋଧନ ଗିରଫ ଭୟରେ ଫେରାର ହୋଇଯାଇଥିଲେ। ଗତକାଲି ସେ ଘରକୁ ଫେରିଥିବା ଖବର ପାଇ ପୁଲିସ୍ ସଦଳବଳେ ଚଢ଼ଉ କରି ତାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦୁର୍ଯ୍ୟୋଧନଙ୍କ ପ୍ରକୃତ ଘର ବଡ଼ସାହି ଥାନା ଅନ୍ତର୍ଗତ ବଣତାଳପଦା ଗ୍ରାମରେ। ସେ ପିଲାଦିନୁ ତାଙ୍କ ମାମୁଁ ଘର ଚୁନଡିହାରେ ରହି ଆସୁଛନ୍ତି। ଘଟଣା ପରେ ଲାଲମୋହନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେ ବାରିପଦା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ହେଉଥିଲେ। ଘଟଣା ସମ୍ପର୍କରେ ତାଙ୍କ ଭାଇ ଚତୁର୍ଭୁଜ ଥାନାରେ ଅଭିଯୋଗ କରିଥିଲେ।

## ଖାଲରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ବେତନଟୀ, ୨୪।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ହାତୀକୋଟ ପଞ୍ଚାୟତ ଖସାଡ଼ିହି ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଘର ପାଖ ଖାଲରେ ଶୌଚ ହେବାକୁ ଯାଇଥିବା ଜଣେ ଯୁବକ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ଖସାଡ଼ିହି ଗ୍ରାମର ସ୍ୱର୍ଗତ ପରେଶ ମହାନ୍ତଙ୍କ ପୁତ୍ର କମଳ ମହାନ୍ତ। ଶନିବାର ଦିନ କମଳ ଘର ପାଖରେ ଥିବା ଖାଲକୁ ଶୌଚ ପାଇଁ ଯାଇଥିଲେ। ସେଠାରେ କୌଣସି କାରଣରୁ ଭାରସାମ୍ୟ ହରାଇ ପାଣିରେ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ଖାଲ ଭିତରୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସଆଇ ରତ୍ନାକର ବାରିକ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ପୋଷ୍ଟ ଅଫିସ ଜମା ଖାତାରୁ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍

## ପୋଷ୍ଟ ମାଷ୍ଟରଙ୍କ ନାମରେ ଥାନାରେ ଅଭିଯୋଗ

ରାଇରଙ୍ଗପୁର, ୨୪।୫(ସମିସ): ପୋଷ୍ଟ ଅଫିସ ଜମା ଖାତାରୁ ପୋଷ୍ଟ ମାଷ୍ଟର ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଛନ୍ତି। ଏ ନେଇ ପାଣ୍ଡୁପାଣି ପୋଷ୍ଟ ଅଫିସର ପୂର୍ବତନ ପୋଷ୍ଟ ମାଷ୍ଟର ଶିବ ଶଙ୍କର ବାସ୍କେଙ୍କ ନାମରେ ତିରିଂ ଥାନାରେ ଅଭିଯୋଗ ହୋଇଛି। ପାଣ୍ଡୁପାଣି ଗ୍ରାମରେ ଥିବା ଗ୍ରାମ୍ୟ ପୋଷ୍ଟ ଅଫିସରେ ଗ୍ରାମର ଅନେକ ଲୋକଙ୍କ ଜମା ଖାତା ରହିଛି। ତେବେ ୨୦୨୫ରେ କାର୍ଯ୍ୟରତ ଥିବା ପୋଷ୍ଟ ମାଷ୍ଟର ଶ୍ରୀ ବାସ୍କେ ୭ ଜଣ ଆକାଉଣ୍ଟଧାରୀଙ୍କ କଷ୍ଟ ଅର୍ଜିତ ଅର୍ଥକୁ ଆତ୍ମସାତ କରିଛନ୍ତି। ସେମାନଙ୍କ ୬, ୧୦, ୦୦୦ ଟଙ୍କା ଜମା କରିବା ନିମନ୍ତେ ପର୍ଯ୍ୟାୟକ୍ରମେ ପୋଷ୍ଟ ମାଷ୍ଟରଙ୍କୁ ଦେଇଥିଲେ। ସେ ତାହାକୁ ଆକାଉଣ୍ଟରେ ଜମା ନ କରି ଆତ୍ମସାତ କରିଛନ୍ତି। ସେମାନେ ବର୍ଷକ ପରେ ଆକାଉଣ୍ଟରୁ ଟଙ୍କା ଉଠାଣ ନିମନ୍ତେ ପୋଷ୍ଟ ଅଫିସ ଯିବାରୁ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପୂର୍ବତନ ପୋଷ୍ଟ ମାଷ୍ଟରଙ୍କ ଅନ୍ୟତ୍ର ବଦଳି ହୋଇଥିବାବେଳେ ତାଙ୍କର କୌଣସି ପତ୍ତା ମଧ୍ୟ ମିଳୁନାହିଁ। ଆକାଉଣ୍ଟଧାରୀଙ୍କ ଟଙ୍କା ଆତ୍ମସାତ କରି ସେ ଚମ୍ପଟ ମାରିଥିବାବେଳେ ପୋଷ୍ଟ ଅଫିସ କର୍ମଚାରୀଙ୍କଠାରୁ ମଧ୍ୟ କୌଣସି ସୂଚନା ମିଳିପାରୁନାହିଁ। ଘଟଣା ସମ୍ପର୍କରେ ଜାଣିବା ପରେ ସମସ୍ତ ୭ ଜଣ ଆକାଉଣ୍ଟଧାରୀ ମିଳିତ ଭାବେ ତିରିଂ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ବଖରା

ସୋର,୨୪।୫(ସମିସ): ସୋର ପୌରାପାଳିକା ଅନ୍ତର୍ଗତ କାଜିମହଲା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଆଜି ମଧ୍ୟାହ୍ନରେ କାଜିମହଲା ଗ୍ରାମର ଶେଖ ସଲାଲଉଦ୍ଦିନଙ୍କ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ ସେତେବେଳକୁ ଶେଖ ସଲାଲଉଦ୍ଦିନଙ୍କର ଗୋଟିଏ ବଖରା ଓ ଶେଖ ସାଏବଙ୍କ ଗୋଟିଏ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ଉଭୟ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ଗ୍ରମାବାସୀ ଦାବି କରିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବୈଶିଙ୍ଗା, ୨୪।୫ (ସମିସ): ବୈଶିଙ୍ଗା ଥାନା ଅଧୀନ ଯୁଗଳ ଉପକଣ୍ଠ ଶାଳବଣି ଗାଁ ପାର୍ଶ୍ୱ ଜଙ୍ଗଲ ନିକଟରେ ଥିବା ଏକ ଜାମୁକୋଳି ଗଛରୁ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ପ୍ରଥମେ ପରିଚୟ ମିଳି ନ ଥିବାବେଳେ ପରେ ତଦନ୍ତରୁ ଜଣାପଡ଼ିଲା ମୃତକ ହେଉଛନ୍ତି ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅଧୀନ ଖଇରଙ୍ଗ ଗ୍ରାମର ସ୍ୱପ୍ନା ପ୍ରଧାନ ଓ କନକ ପ୍ରଧାନଙ୍କ ୨୦ ବର୍ଷୀୟ ଝିଅ ମିଠେଇ ପ୍ରଧାନ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଯୁବତୀ ଜଣକ ସ୍ଥାନୀୟ ଅଞ୍ଚଳର ହୋଇ ନ ଥିବାବେଳେ କିଛିଦିନ ପୂର୍ବରୁ ଭାଗୀରଥିପୁର ଗ୍ରାମର କିଶନ ମାଝୀଙ୍କ ପୁଅ ମାନସିଂ ସହ ଇନଷ୍ଟାଗ୍ରାମରୁ ପରିଚିତ ହୋଇଥିଲା। ପରେ ସେମାନଙ୍କ ଭିତରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ମିଠେଇ ଘର ଛାଡି ଆସି ମାନସିଂ ସହିତ ଭାଗୀରଥିପୁର ଗ୍ରାମ ଘରେ ରହୁଥିଲେ। କିଛିଦିନ ପରେ ମାନସିଂଙ୍କ ବାପାମାଆ ମିଠେଇକୁ ଘରେ ରଖିବାକୁ ଚାହିଁ ନ ଥିଲେ ଓ ଗାଳିଗୁଲଜ କରିଥିଲେ। ଯେଉଁଥିପାଇଁ ମାନସିଂ ମଧ୍ୟ ମିଠେଇକୁ ଫେରିଯିବାକୁ ବାଧ୍ୟ କରୁଥିଲା। ତେବେ ମିଠେଇ ନ ଯିବାରୁ ମାନସିଂ ତାକୁ ଧକ୍କା ଦେଇ ଅସହାୟ ଭାବେ ଏକୁଟିଆ ଛାଡ଼ି ନିଜେ ଘରୁ କୁଆଡେ କାମ କରିବାକୁ ପଳାଇଥିଲେ। କିଛିଦିନ ଏକୁଟିଆ ରହିବା ପରେ ମିଠେଇ ଚାପ ସମ୍ଭାଳି ନ ପାରି ବାପଘରକୁ ପଳାଇ ଯାଇଥିବା ନେଇ କହିଛନ୍ତି ମାନସିଂଙ୍କ ବାପା। ଆଜି ସକାଳୁ ହଠାତ ଗ୍ରାମବାସୀ ଗାଁ ପାର୍ଶ୍ୱ ଏକ ଜାମୁକୋଳି ଗଛରେ ମିଠେଇଙ୍କ ଜିନପ୍ୟାଣ୍ଟ ସାର୍ଟ ପିନ୍ଧା ଝୁଲନ୍ତା ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ପ୍ରଥମେ ଯୁବତୀଙ୍କ ସଠିକ ପରିଚୟ ପାଇ ନ ଥିଲା। ପରେ ସାଇଣ୍ଟିଫିକ ଟିମ ଆସି ଛାନଭିନ କରିବା ପରେ ଶବକୁ ତଳକୁ ଓହ୍ଲାଇ ବାରିପଦାସ୍ଥ ଶବ ଗୃହରେ ରଖାଯାଇଛି। ମାନସିଂ ବାପାଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ଛାନଭିନ କରି ଯୁବତୀଙ୍କ ଠିକଣେ ଜାଣିବାକୁ ପାଇଥିଲା। ମିଠେଇର ପରିବାର ଲୋକ ଆସିବା ପରେ ଶବ ବ୍ୟବଚ୍ଛେଦ କରାଯିବା ନେଇ ପୁଲିସ ସୂଚନା ଦେଇଛି। ତେବେ ଏହା ଏକ ସନ୍ଦେହଜନକ ମୃତ୍ୟୁ ହୋଇଥିବାରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ଲାୟନ୍ସ ଆଇ ହସ୍ପିଟାଲରେ ଅତ୍ୟାଧୁନିକ ରେଟିନା କ୍ଲିନିକ୍ ଉଦ୍‌ଘାଟିତ

ବାଲେଶ୍ୱର,୨୪।୫(ସମିସ)




ବାଲେଶ୍ୱର ଲାୟନ୍ସ କ୍ଲବ ପରିଚାଳିତ ଲାୟନ୍ସ ଆଇ ହସ୍ପିଟାଲରେ ଏକ ଅତ୍ୟାଧୁନିକ ରେଟିନା କ୍ଲିନିକ୍ ଉଦ୍‌ଘାଟିତ ହୋଇଯାଇଛି। ଚକ୍ଷୁର ରେଟିନା ସମ୍ବନ୍ଧୀୟ ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା ସହିତ ସର୍ଜରୀ ପାଇଁ ଉଦ୍ଦିଷ୍ଟ ଆଧୁନିକ ଯନ୍ତ୍ରପାତି ସମ୍ବଳିତ ଏହି କ୍ଲିନିକ୍‌କୁ ଲାୟନ୍ସ କ୍ଲବ ଇଣ୍ଟରନ୍ୟାସନାଲର ଉପକ୍ରମ ସାଇଟ୍ ଫାଷ୍ଟର ପୂର୍ବ ଓ ଦକ୍ଷିଣ ଭାରତ ଉପଦେଷ୍ଟା ତଥା ସୁପ୍ରସିଦ୍ଧ ଚକ୍ଷୁ ଚିକିତ୍ସକ ଡାକ୍ତର ଦିବ୍ୟେଶ ପି ଶାହ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମଗ୍ର ଉତ୍ତର ଓଡ଼ିଶାରେ ପ୍ରଥମ ଭାବେ ସ୍ଥାପିତ ହୋଇଥିବା ଏହିଭଳି କ୍ଲିନିକ୍ ଚକ୍ଷୁ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବ ବୋଲି ସେ କହିଥିଲେ। ଏହିଭଳି ଆଧୁନିକ କ୍ଲିନିକ ସ୍ଥାପନା ଦ୍ୱାରା ବାଲେଶ୍ୱର, ମୟୁରଭଞ୍ଜ ଓ ଭଦ୍ରକ ଜିଲ୍ଲା ସମେତ ପଶ୍ଚିମବଙ୍ଗର ରୋଗୀମାନେ ଡାଇବେଟିକ୍ ରେଟିନୋପାଥି, ମାକ୍ୟୁଲାର ଡିଜେନେରେସନ୍, ରେଟିନା ଡିଟାଚମେଣ୍ଟ ପ୍ରଭୃତି ସହିତ ଜଟିଳ ଚକ୍ଷୁରୋଗର ନିଦାନ ଓ ଉନ୍ନତ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଡାକ୍ତର ଶାହା ମତପ୍ରକାଶ କରିଥିଲେ। ଲାୟନ୍ସ କ୍ଲବର ଜିଲ୍ଲା ପ୍ରଶାସକ ମମତା ଦାସ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଲାୟନ୍ସ ଆଇ ହସ୍ପିଟାଲ ପରିଚାଳନା କମିଟିର ଅଧ୍ୟକ୍ଷ ଗୋପାଳ ଖଣ୍ଡେଲୱାଲଙ୍କ ପୌରୋହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଲାୟନ୍ସ କ୍ଲବ ସଭାପତି ଶିବ ପୋଦାର, ହସ୍ପିଟାଲ ପରିଚାଳନା କମିଟିର ସହ ଅଧ୍ୟକ୍ଷ ସଞ୍ଜୟ ଦାସ, ସମ୍ପାଦକ ରାଜେଶ ଖଣ୍ଡେଲୱାଲ, ପୂର୍ବତନ ଅଧ୍ୟକ୍ଷ ଏସବି ଗୁପ୍ତା, ରମେଶ ଗୁପ୍ତା, ସୁନୀଲ ମୋଦି ପ୍ରମୁଖ ଉପସ୍ଥିତ ରହି ଲାୟନ୍ସ କ୍ଲବର ସମାଜଗଠନ ମୂଳକ କାର୍ଯ୍ୟଧାରା ସହିତ ଲାୟନ୍ସ ହସ୍ପିଟାଲର ସ୍ୱାସ୍ଥ୍ୟସେବା ଉପରେ ଆଲୋକପାତ କରିଥିଲେ। ରେଟିନା ବିଶେଷଜ୍ଞ ଡାକ୍ତର ସୁନୀଲ ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରେଟିନା ଜନିତ ଦୃଷ୍ଟି ଦୋଷର କାରଣ, ଚିକିତ୍ସା ପ୍ରଣାଳୀ ଏବଂ ବାଲେଶ୍ୱର ଲାୟନ୍ସ ଆଇ ହସପିଟାଲରେ ଉପଲବ୍ଧ ସେବା ସମ୍ପର୍କରେ ସୂଚିତ କରିଥିଲେ। ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ କାର୍ଡଧାରୀମାନେ ବିନା ଖର୍ଚ୍ଚରେ କଟକ ବା ଭୁବନେଶ୍ୱର ବଦଳରେ ବାଲେଶ୍ୱରରେ ରେଟିନା ସର୍ଜରୀ ଭଳି ସ୍ୱାସ୍ଥ୍ୟସେବା ପାଇ ପାରିବେ ବୋଲି ଡାକ୍ତର ଦାସ ପ୍ରକାଶ କରିଥିଲେ। ବାଲେଶ୍ୱର ଲାୟନ୍ସ କ୍ଲବର ବହୁ ସଦସ୍ୟ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ।

## ନାବାଳିକା ବିବାହ ରୋକିଲେ ଗ୍ରାମବାସୀ

# ବର, କନ୍ୟାପିତାକୁ ଉଠାଇନେଲା ପୁଲିସ

ବାଲେଶ୍ୱର,୨୪।୫(ସମିସ)





ବାଲେଶ୍ୱର ସଦର ଥାନା କଞ୍ଜନିବାଗ ଅଞ୍ଚଳରେ ଆଜି ଏକ ନାବାଳିକା ବିବାହକୁ ରୋକିଛନ୍ତି ଗ୍ରାମବାସୀ। ଜଣେ୧୭ବର୍ଷର ନାବାଳିକାଙ୍କୁ ତାଙ୍କ ପରିବାର ଲୋକେ ଜୋର ଜବରଦସ୍ତ ବିବାହ କରିବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀମାନେ ଏହାକୁ ବିରୋଧ କରିଥିଲେ। ବର ଜଣଙ୍କ ନାବାଳିକାଙ୍କ ମା'ଙ୍କ ସହ ଦୀର୍ଘ ୫ବର୍ଷ ଧରି ସମ୍ପର୍କ ରଖିବା ପରେ ଏବେ ନାବାଳିକାଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇଥିଲେ ବୋଲି କିଛି ପଡ଼ୋଶୀ ଅଭିଯୋଗ କରିଛନ୍ତି। ଏପରିକି ଗ୍ରାମବାସୀ ବରକୁ ଅଟକ ରଖିଥିଲେ। ଏ ନେଇ ସେମାନେ ସଦର ଥାନା ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହ ନାବାଳିକାଙ୍କ ବାପା ଓ ବିବାହ କରିବାକୁ ଯାଉଥିବା ବରକୁ ଅଟକ ରଖିଛି। ନାବାଳିକାଙ୍କୁ ଜୋରଜବରଦସ୍ତ ବିବାହ କରାଇବାକୁ ଉଦ୍ୟମ କରୁଥିବାବେଳେ ଏହାକୁ ବିରୋଧ କରିବାରୁ ନାବାଳିକାଙ୍କୁ ମାଡ଼ ମରାଯାଇଥିଲା। ଫଳରେ ସେ ବେହୋସ ହୋଇପଡ଼ିଥିଲେ। ବିବାହ କରିବାକୁ ଆସିଥିବା ଜିତେନ୍ଦ୍ର ବାରିକ ନାମକ ଜଣେ ଯୁବକ ନାବାଳିକାଙ୍କୁ ମାଡ଼ ମାରିବା ସହ ତଣ୍ଟି ଚିପି ଜୋର ଜବରଦସ୍ତ ରାଜି କରାଇବାକୁ ଚେଷ୍ଟା କରୁଥିଲେ। ଏଥିରେ ନାବାଳିକାଙ୍କ ବାପା ଓ ମା' ମଧ୍ୟ ଯୁବକଙ୍କୁ ସହଯୋଗ କରୁଥିଲେ। ଏହି ସମୟରେ ନାବାଳିକାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଏବଂ ପଡ଼ୋଶୀ ମହିଳାମାନେ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ସେଠାରୁ ଉଦ୍ଧାର କରିବା ସହ ବରକୁ ଘର ମଧ୍ୟରେ ଅଟକ ରଖିଥିଲେ। ପରେ ସେମାନେ ସଦର ଥାନାକୁ ଖବର ଦେଇଥିଲେ। ଖବର ପାଇ ସଦର ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହ ତାଙ୍କ ବାପା ଲକ୍ଷ୍ମୀଧର ମାଝୀ ଏବଂ ବର ଜିତେନ୍ଦ୍ରକୁ ଉଠାଇ ନେଇ ଥାନାରେ ଅଟକ ରଖିଛି। ଅନ୍ୟପଟେ ଯୁବକ ଜଣଙ୍କ ୫ବର୍ଷ ହେବ ତାଙ୍କ ଘରକୁ ଆସୁଥିଲା। ଝିଅର ମା'ଙ୍କ ସହ ତାଙ୍କର ସମ୍ପର୍କ ରହିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପୀଡ଼ିତା ନାବାଳିକା ଜଣଙ୍କ କହିଛନ୍ତି ଯେ, ଜିତୁ ତାଙ୍କର ଧରମ ମାମୁ ହୋଇଥିଲାବେଳେ ଏବେ ତାଙ୍କୁ ବିବାହ କରିବାକୁ କହୁଛନ୍ତି। ବିରୋଧ କରିବାରୁ ମାଡ଼ ମାରିବା ସହ ଜୋରଜବରଦସ୍ତ ବିବାହ କରିବାକୁ ବାଧ କରୁଛନ୍ତି। ଏପରିକି ତାଙ୍କ ବାପା ଓ ମା ଉକ୍ତ ଯୁବକଙ୍କ ସପକ୍ଷରେ ରହିଛନ୍ତି। ଆଜି ସେ ତାଙ୍କ ଘରକୁ ଆସି ବିବାହ ପାଇଁ ଜିଦ୍ ଧରିଥିଲେ। ଏ ନେଇ ସ୍ଥାନୀୟ ମହିଳା ପୂଜା ତରେଇ କହିଛନ୍ତି ଯେ ନାବାଳିକାଙ୍କୁ ଏଭଳି ଜୋରଜବରଦସ୍ତ ବିବାହ କରାଇବାକୁ ଆମେ ବିରୋଧ କରୁଛୁ। ଅନ୍ୟପଟେ ଗାଁର ଜଣେ ବୃଦ୍ଧା କାତ୍ୟାୟନୀ ମାଝୀ କହିଛନ୍ତି ଯେ, ଏହି ଯୁବକ ପୂର୍ବରୁ ତାଙ୍କ ଘରକୁ ଆସୁଥିଲା। ଆଜି ଝିଅଟି ବିବାହ ପାଇଁ ମନା କରିବାରୁ ସେ ଝିଅଟିକୁ ଘରେ ବହୁତ ମାଡ଼ ମାରିଥିଲା। ଏପରିକି ଝିଅଟି ବେହୋସ ମଧ୍ୟ ହୋଇଯାଇଥିଲା। ପଡ଼ୋଶୀମାନେ ତାଙ୍କୁ ପାଣି ଦେବା ପରେ ତାଙ୍କର ହୋସ ଫେରିଥିଲା। ସଦର ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ଏ ନେଇ କେହି ଅଭିଯୋଗ କରିନଥିବାରୁ ମାମଲା ରୁଜୁ ହୋଇନାହିଁ। ହେଲେ ଉଭୟଙ୍କୁ ଥାନାରେ ଅଟକ ରଖାଯାଇ ତଦନ୍ତ ଚାଲିଛି।

## ଟପ୍ପର ମମତା ପାତ୍ରଙ୍କୁ ପ୍ରଶଂସା



କର୍ମର୍ଦ୍ଦା,୨୪।୫(ସମିସ): ଭୋଗରାଇ ବ୍ଲକ୍ ନାଚିନ୍ଦା ପଞ୍ଚାୟତ ଉଲୁଡ଼ା ଗ୍ରାମର ମଧୁସୂଦନ ପାତ୍ର ଓ ବାସନ୍ତୀ ପାତ୍ରଙ୍କ ଝିଅ ମମତା ପାତ୍ର ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଯୁକ୍ତ ଦୁଇ କଳା ବିଭାଗ ପରୀକ୍ଷାରେ ମୋଟ ୫୨୦ ମାର୍କ ରଖି ଦହମୁଣ୍ଡା ଆନନ୍ଦମୟୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଟପ୍ପର ହେଇଛନ୍ତି। ମମତା ଦହମୁଣ୍ଡାସ୍ଥିତ ଯୁକ୍ତ ଦୁଇ କଳା ଘରୋଇ 'ଜିଜ୍ଞାସା ଶିକ୍ଷାକେନ୍ଦ୍ର'ରେ କୋଚିଂ ନେଉଥିଲେ। ସେ ନିଜର ସଫଳତା ପାଇଁ ପିତା ମାତା, ଆନନ୍ଦମୟୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ବସୁମତୀ ପତି, ଅଧ୍ୟାପକ ରାଜେଶ କୁମାର ଦାସ, ଅଧ୍ୟାପିକା ଭାଗ୍ୟଶ୍ରୀ ସାହୁ, ପ୍ରାକ୍ତନ ଅଧ୍ୟାପକ ଶିବପ୍ରସାଦ ଜେନାଙ୍କ ସହିତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଜିଜ୍ଞାସା ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଡଃ ଶିବନାରାୟଣ ପାତ୍ର, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ଦେବବ୍ରତ ଦେ, ଅଧ୍ୟାପକ ସରୋଜ କୁମାର ଦାସ, ଜୟଦେବ ଦାସ ପ୍ରମୁଖଙ୍କୁ ଶ୍ରେୟ ଦେଇଛନ୍ତି। ମମତାଙ୍କ ସଫଳତା ପାଇଁ ନାଚିନ୍ଦା ଗ୍ରାମପଞ୍ଚାୟତ ସରପଞ୍ଚ ଶିଶିର କୁମାର ରଣା, ଖରିଦପିପଳ ଗ୍ରାମପଞ୍ଚାୟତ ସରପଞ୍ଚ ମଞ୍ଜୁରାଣୀ ବେହେରା, ନୟାପାଲି ଗ୍ରାମ ସଭାପତି ତରୁଣକାନ୍ତି ପାତ୍ର, ଆଇନଜୀବୀ ରାଜକିଶୋର ଜେନା, ଶିକ୍ଷକ ତ୍ରିଦୀପ କୁମାର ଜେନା, ଭୋଗରାଇ କ୍ରିକେଟ ଏକାଡେମୀ ପ୍ରତିଷ୍ଠାତା ଚନ୍ଦନ କୁମାର ପାତ୍ର, ସମାଜସେବୀ ମୁରଲୀ ମୋହନ ପଟ୍ଟନାୟକ, ସେବାସମବାୟ ସମିତି ନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ଉତ୍ତର ଭୋଗରାଇ କଳାକାର ସଂଘ ସଭାପତି ଶିବଶଙ୍କର ସେଠୀ, ସମାଜସେବୀ ସୂର୍ଯ୍ୟକାନ୍ତ ଜେନା, ଦେବାଶିଷ ଦେ, ସଞ୍ଜୀବ କୁମାର ଜେନା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ମମତା ଭବିଷ୍ୟତରେ ଜଣେ ଅଧ୍ୟାପିକା ହେବାର ଲକ୍ଷ୍ୟ ରଖିଥିବା ପ୍ରତିକ୍ରିୟାରେ କହିଛନ୍ତି।

## ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



କାଳିପଦା,୨୪।୫(ସମିସ): ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ରବିବାର ବାଲିଆପାଳ ବ୍ଲକ୍‌ରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର (୫୭୪) ରଖିଥିବା ଛାତ୍ରୀ ସାଇପ୍ରଭା ନନ୍ଦୀଙ୍କୁ ସମ୍ବର୍ଦ୍ଧିତ କରଯାଇଛି। ଏହି ଅବସରରେରେ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦକ ବଙ୍କିମ ଚନ୍ଦ୍ର ଜେନା, ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ଦାସ ସାଇପ୍ରଭାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ସଭାରେ ପରିଷଦର ୪୦ରୁ ଅଧିକ ସଦସ୍ୟ ଯୋଗ ଦେଇ ସାଇପ୍ରଭାଙ୍କ ଉନ୍ନତି କାମନା କରି ଆଶୀର୍ବାଦ ପ୍ରଦାନ କରିଥିଲେ। ସାଇପ୍ରଭା ଡାଙ୍ଗରପଦା ହାଇସ୍କୁଲର ଛାତ୍ରୀ ହୋଇଥିବା ବେଳେ ଅସ୍ତି ପଞ୍ଚାୟତର ଡାକୁଆ -୨ ଗ୍ରାମର ପ୍ରତାପ ଚନ୍ଦ୍ର ନନ୍ଦୀ ଓ ରଶ୍ମିତା ନନ୍ଦୀଙ୍କ ଝିଅ ଅଟନ୍ତି। ଏହି ସଭାରେ ସାଇପ୍ରଭା ଯୋଗଦେଇ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ସମାଜ ସେବାରେ ବ୍ରତୀ ହେବେ ବୋଲି କହିଛନ୍ତି। ପରିଷଦ ପକ୍ଷରୁ ଛାତ୍ରୀଙ୍କ ପିତା ମାତା ଓ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଧନ୍ୟବାଦ ଜ୍ଞାପନ କରଯାଇଛି।

## ଆଲ୍‌ଫା ବିଜ୍ଞାନ ଅନୁଷ୍ଠାନରେ 'ମେଧା ସମ୍ମାନ ଉତ୍ସବ'



ବାଲେଶ୍ୱର/ରେମୁଣା,୨୪।୫(ସମିସ): ସ୍ଥାନୀୟ ଆଲଫା ବିଜ୍ଞାନ ଅନୁଷ୍ଠାନ ପରିସରରେ ଅନୁଷ୍ଠାନର କୃତୀ ଛାତ୍ରଛାତ୍ରୀଙ୍କୁ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ପୂର୍ବତନ ରେମୁଣା ବିଧାୟକ ସୁଦର୍ଶନ ଜେନା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ଦାସ, ବରେଣ୍ୟ ଅତିଥି ଭାବେ ରେମୁଣା ଏନ୍‌ଏସି ଉପାଧ୍ୟକ୍ଷ ଆଏସାନ୍ ଖାଁ, ସୁବେଦାର ମେଜର ଗିରିଶ କୁମାର ଷଡ଼ଙ୍ଗୀ, ଅଧ୍ୟାପକ ରବୀନ୍ଦ୍ର ଦାସ, ପଣ୍ଡିତ ପ୍ରଦୀପ୍ତ ମିଶ୍ର ଓ ସରୋଜ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଏଂ ପ୍ରାପ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଲଫା ଅନୁଷ୍ଠାନର ପାଠପଢା ଶୈଳୀକୁ ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସନ୍ଦୀପ କୁମାର ମିଶ୍ର, ଅନୁଷ୍ଠାନ ସମ୍ପର୍କରେ ପ୍ରାକ୍ କଥନ ରଖିଥିବା ବେଳେ ସମସ୍ତ ଅତିଥିଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇଥିଲେ। ଅନୁଷ୍ଠାନରୁ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରିୟଙ୍କା ବେହେରା (୫୬୭), ତୁହିନପ୍ରଭା ନାୟକ (୫୫୦), ଶୁଭ୍ରାଂଶୁ ପେଡ଼ା (୫୪୫), ଆସିଫ୍ ଅଲୀ ଖାନ୍ (୫୪୪), ମୋନାଲିସା ଜେନା (୫୪୨) ସମେତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ, ଟ୍ରଫି, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାଗତ ସଙ୍ଗୀତ ଯୁଗଳ କିଶୋର ସ୍ୱାଗତ ନୃତ୍ୟ ଭୂମିକା ଏବଂ ସନ୍ଧ୍ୟା ପରିବେଷଣ କରିଥିଲେ। ଅଧ୍ୟାପକ ପ୍ରୀତମ ବାରିକ, ସତ୍ୟମ୍ ସାର୍, ଖିତେଶ ଦାସ, ଜଗତ ଜୀବନ ବେହେରା, ଜ୍ୟୋତ୍ସ୍ନା ସିଂଘ ଏବଂ ରାକ୍ଷୀ ମାଡାମ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୁଭମ୍ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ କୁନାଲ୍ ନାୟକ, ଆଦିତ୍ୟ ରାୟ, କମଲ୍ ଦାସ, ନିତ୍ୟଗୋପାଲ୍ ନାୟକ, ସଞ୍ଜୟ ସାହୁ, ଅଂଶୁମାନ ବୁଗୁଡ଼ି, ରସାନନ୍ଦ ସାର୍, ପ୍ରତ୍ୟୁଷ ଦାଶ ପରିଚାଳନାରେ ସହାୟତା କରିଥିଲେ।

## ହାଇୱା ଧକାରେ ବାଇକ୍‌ଚାଳକ ମୃତ



ସୋର,୨୪।୫(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ପାଇକାଳି ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ରେମୁଣା ବ୍ଲକ୍ ଇଞ୍ଚୁଡ଼ି ଗ୍ରାମର ରଞ୍ଜିତ କୁମାର ପ୍ରଧାନ(୪୦) ଜାମୁଝାଡ଼ିରେ ରହି ଟ୍ରକ୍ ଚାଳକ ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ବିଳମ୍ବିତ ରାତିରେ ବାଇକ୍ ଯୋଗେ ଜାମୁଝାଡ଼ିରୁ ଘରକୁ ଫେରୁଥିବା ବେଳେ ପାଇକାଳି ନିକଟରେ ପଛରୁ ଆସୁଥିବା ଓଡି ୨୨ ଏବି ୭୬୦୩ ନମ୍ବର ବିଶିଷ୍ଟ ବାଲି ବୋଝେଇ ହାଇୱା ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ରଞ୍ଜିତ ଗୁରୁତର ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଓ ବାଇକକୁ ଜବତ କରିବା ସହିତ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଆଜି ସକାଳେ ପରିବାର ଲୋକଙ୍କ ଅଭିଯୋଗ ମୂଳେ ପୁଲିସ ୪୪୭/୨୬ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## 'ଟୁଇଟର ମ୍ୟାନ୍' ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ସମ୍ବର୍ଦ୍ଧନା



କାଳିପଦା,୨୪।୫(ସମିସ): ବାଲିଆପାଳ ବ୍ଲକ୍‌ରେ ପ୍ରତିଦିନ "ଏକ୍ସ" ଜରିଆରେ ଗରିବ ଅସହାୟ ଲୋକଙ୍କ ସମସ୍ୟାର ସମାଧାନ କରୁଥିବାରୁ ବାଲିଆପାଳ ବ୍ଲକ୍ ଅସ୍ତି ପଞ୍ଚାୟତ ସୂର୍ଯ୍ୟାପୁର ଗ୍ରାମର ଗୁଣାକର ଜେନା ଓ ମା ବାସନ୍ତୀ ଜେନାଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ରବିବାର ଭୁବନେଶ୍ୱର ପାନ୍ଥନିବାସ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ପଞ୍ଚମ ବାର୍ଷିକ 'ଆଟା'(ଆସୋସିଏସନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟ) ପକ୍ଷରୁ ଉତ୍ତମ ଟୁଇଟର ମ୍ୟାନ୍ ଭାବରେ ସମ୍ବର୍ଦ୍ଧିତ କରଯାଇଛି। ସେ ୩ ବର୍ଷ ମଧ୍ୟରେ ପାଖାପାଖି ୮ରୁ ୯ଶହ ସମସ୍ୟାର ସମାଧାନ କରିଥିବା କଥା ଆଟା ପକ୍ଷରୁ ସୂଚନା ଦିଆଯାଉଛି। "ଆଟା'ର କର୍ମକର୍ତ୍ତା ସାରା ରାଜ୍ୟରେ କାମ କରୁଥିବା ବେଳେ ବାଲେଶ୍ୱର ଜିଲ୍ଲା ପାଇଁ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ଉପ ସଭାପତି ଓ ବାଲିଆପାଳ ବ୍ଲକ୍ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହିତ ଅନ୍ୟ ଅତିଥି ଯୋଗଦେଇ ଆଟା ଅର୍ଗାନାଇଜେସନ ବାଲେଶ୍ୱର ଜିଲ୍ଲା ଉପ ସଭାପତି ଶ୍ରୀ ଜେନାଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

# ଗାଁକୁ ନାହିଁ ରାସ୍ତା; ସାମାନ୍ୟ ବର୍ଷାରେ ବଢୁଛି ଦୁର୍ଦ୍ଦଶା

ବାଲେଶ୍ୱର ସଦର,୨୪।୫(ସମିସ)



ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଏବଂ ଗାଁକୁ ସହର ସହିତ ଯୋଡ଼ିବା ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ କରି ଗ୍ରାମାଞ୍ଚଳର ବିକାଶ କରୁଥିବା ନେଇ ଡିଣ୍ଡିମ ପିଟୁଛନ୍ତି। ମାତ୍ର ତାହା କେବଳ ଭାଷଣ ବାଜିରେ ସୀମିତ ରହିଥିବା ବେଳେ ବାସ୍ତବରେ ଚିତ୍ର କିନ୍ତୁ ଅଲଗା। ବସ୍ତା ବ୍ଲକ ପୁଟୁରା ପଞ୍ଚାୟତ କମାରଗଡ଼ିଆ ଗ୍ରାମରେ ଦେଖିବାକୁ ମିଳିଛି ଏହାର ବ୍ୟତିକ୍ରମ। ଏହି ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ। ଯାହା ଫଳରେ ଦୟନୀୟ ଦୁଃଖ ଭୋଗୁଛନ୍ତି ଗ୍ରାମବାସୀ। ଦଶନ୍ଧି ପରେ ଦଶନ୍ଧି ବିତୁଛି, ସରକାର ପରେ ସରକାର ବଦଳୁଛି, ମାତ୍ର ଏଠାରେ ବଦଳୁନି ଗ୍ରାମବାସୀଙ୍କ ଭାଗ୍ୟ। ସ୍ୱାଧୀନତା ପୂର୍ବ ଭଳି ଜୀବନ ଜିଉଁଛନ୍ତି ଗ୍ରାମବାସୀ। କାଦୁଅ ପଚପଚ ରାସ୍ତାରେ ଯାତାୟାତ କରୁଛନ୍ତି। ବୈଶାଖର ପ୍ରବଳ ଗରମ ସମୟରେ ଏହି ଗାଁ ରାସ୍ତା ଯଦି ଏହିଭଳି, ବର୍ଷାଦିନ କିପରି ଲୋକେ ଯାତାୟାତ କରୁଥିବେ ଏଥିରୁ ସ୍ପଷ୍ଟ ବାରି ହୋଇ ପଡୁଛି। ଏ ନେଇ ଗ୍ରାମବାସୀ ବାରମ୍ବାର ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରି ନିରାଶ ହୋଇଛନ୍ତି। ହେଲେ କେହି କର୍ଣ୍ଣପାତ କରୁନଥିବା କହିଛନ୍ତି ସ୍ଥାନୀୟ ଲୋକେ। କମାର ଗଡ଼ିଆ ଗ୍ରାମରେ ୫ ଶହ ପରିବାରର ଦୁଇ ହଜାରରୁ ଅଧିକ ଲୋକ ବସବାସ କରନ୍ତି। ଯାତାୟାତ ପାଇଁ ଏକମାତ୍ର ଏହି ଜରାଜୀର୍ଣ୍ଣ ରାସ୍ତା। ୧୯୬୨ ମସିହାରେ ସେତେବେଳର ନେତା ଅଜୟ ଦାସ ଗ୍ରାମବାସୀଙ୍କ ଆବଶ୍ୟକତାକୁ ଦେଖି ଏହି ରାସ୍ତା ନିର୍ମାଣ କରିଥିଲେ। ସେବେଠାରୁ ଏହା ଉପରେ ଆଉ କେହି ନେତା ମନ୍ତ୍ରୀ ନଜର ପକାଇନାହାନ୍ତି। କେତେବେଳେ କେମିତି ନାଲି ମୋରମ ଟିକିଏ ପକାଇ କାମ ସରିଗଲା ଭାବି ଆଖି ବୁଜି ଦିଅନ୍ତି, ଆଉ ଦୟନୀୟ ଦୁଃଖ ଭୋଗନ୍ତି ଗ୍ରାମବାସୀ। ଗାଁ କୁ ଭଲ ରାସ୍ତା ନଥିବାରୁ ରୋଗ ବ୍ୟାଧି ସମୟରେ ଆମ୍ବୁଲାନ୍ସ ଆସି ନପାରି ପାଖାପାଖି ୩ କିଲୋମିଟର ଦୂରରେ ରହେ, ଆଉ ରୋଗୀଙ୍କର ଆମ୍ବୁଲାନ୍ସ ପାଲଟେ ଦଉଡ଼ିଆ ଖଟ, ତାହାରି ଭିତରେ ବସି ଆମ୍ବୁଲାନ୍ସ ପାଖକୁ ଯାଆନ୍ତି ରୋଗୀ। ରାସ୍ତାର ଅବସ୍ଥା ଏମିତି ଯେ, ସାମାନ୍ୟ ବର୍ଷା ହେଲେ ପିଲାମାନଙ୍କ ସ୍କୁଲ ଯିବା ବନ୍ଦ ହୋଇଯାଏ। ଏବେ ଗାଁକୁ ଗାଁ ମୁଖ୍ୟମନ୍ତ୍ରୀ ବସ ଗଡୁଥିବାବେଳେ ଏହି ଗାଁକୁ ତାହା ସାତ ସପନ। ବିଶେଷ କରି ବର୍ଷାଋତୁ ସ୍ଥାନୀୟ ଲୋକଙ୍କ ପାଇଁ ଅଭିଶାପ ପାଲଟି ଯାଏ। ବର୍ଷା ସମୟରେ ଗ୍ରାମରେ କୌଣସି ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହେଲେ ଏହା ଲୋକଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଥାଏ। ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଭଳି ପ୍ରମୁଖ ସେବାରୁ ଏହି ଲୋକମାନେ ବାଦ୍ ପଡ଼ନ୍ତି। ଗାଡ଼ି ମଟର ତ ଦୂରର କଥା ପାଦରେ ଚାଲି ଯିବା ଅତ୍ୟନ୍ତ କଷ୍ଟ। ବର୍ଷାଦିନେ ସ୍କୁଲ ଓ ଅଙ୍ଗନବାଡ଼ି ପିଲାଙ୍କ ପାଠ ପଢ଼ା ମଧ୍ୟ ପ୍ରଭାବିତ ହୁଏ। ଲୋକେ ଘରୁ ବାହାରି ପାରନ୍ତି ନାହିଁ କି ହାଟ ବଜାର ମଧ୍ୟ ଯାଇ ପାରନ୍ତି ନାହିଁ। ଏମିତିକି ବନ୍ଧୁ ବାନ୍ଧବ ଓ ସମ୍ପର୍କୀୟମାନେ ବର୍ଷା ଋତୁରେ ଏହି ଗ୍ରାମକୁ ଆସିବା ପାଇଁ ନାକ ଟେକନ୍ତି। ଯଦି କମାର ଗଡ଼ିଆ ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ କରା ନଯାଏ ତାହାହେଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।




## ଦୁଇ ପୁତୁରାଙ୍କ କୋଦାଳ ଚୋଟରେ କକା ଗୁରୁତର



ବାଲେଶ୍ୱର,୨୪।୫(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା କାଳାହି ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଅପରିଷ୍କାର ପାଣି ଛଡ଼ାଯିବାକୁ ବାରଣ କରି ଦୁଇ ସମ୍ପର୍କୀୟ ପୁତୁରାଙ୍କ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି କକା ଏବଂ ଖୁଡ଼ୀ। ଅଭିଯୋଗ ଅନୁଯାୟୀ ଭୋଗରାଇ ଥାନା କାଳାହି ଗାଁର ସପନ ମହାନ୍ତିଙ୍କ ଜାଗାରେ ତାଙ୍କର ସମ୍ପର୍କୀୟ ଭାଇ ଏବଂ ଦୁଇ ପୁତୁରା ବାରମ୍ବାର ଅପରିଷ୍କାର ପାଣି ଛାଡୁଥିଲେ। ସପନ ଏହାକୁ ବାରଣ କରିବା ସହ ଗ୍ରାମର ଭଦ୍ର ବ୍ୟକ୍ତିମାନଙ୍କୁ ଏକାଧିକ ଥର ଜଣାଇଥିଲେ। ଗତ ଶୁକ୍ରବାର ପୁଣି ଅପରିଷ୍କାର ପାଣି ସପନଙ୍କ ଜାଗାରେ ଛାଡ଼ିବାରୁ ସପନ ବିରୋଧ କରିଥିଲେ। ସପନଙ୍କ ସହ ଯୁକ୍ତି ତର୍କ ଚାଲିଥିବା ବେଳେ ହଟାତ୍ କୋଦାଳରେ ଦୁଇ ପୁତୁରା ଏବଂ ଭାଇ ସପନଙ୍କ ମୁଣ୍ଡକୁ ପିଟିଥିଲେ। ଏପରିକି ଆକ୍ରମଣବେଳେ ଏକ ଆଙ୍ଗୁଳି କାଟି ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି। ସପନଙ୍କ ପତ୍ନୀ ଗୀତାରାଣୀ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ଆକ୍ରମଣର ଶୀକାର ହୋଇଥିବା କହିଛନ୍ତି। ସପନ ଏବଂ ଗୀତାରାଣୀଙ୍କୁ ପ୍ରଥମେ ସ୍ଥାନୀୟ ଜଳେଶ୍ୱରପୁର ହସ୍ପିଟାଲ୍ ଏବଂ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୀତାରାଣୀଙ୍କ ଲିଖିତ ଅଭିଯୋଗକ୍ରମେ ଭୋଗରାଇ ଥାନାରେ ପୁଲିସ ପକ୍ଷରୁ ୧୫୬/୨୬ ନମ୍ବରରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଉଭୟ ସ୍ୱାମୀ ଏବଂ ସ୍ତ୍ରୀ ଦାବି କରିଛନ୍ତି।

## ଚୋରା ବାଲି ଖାଦାନରେ ଚଢ଼ଉ; ୨ ଟ୍ରାକ୍ଟର ସହ ଡମ୍ଫର ଜବତ

ଜଳେଶ୍ୱର,୨୪।୫(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନ କରି ସୀମାନ୍ତ ପଶ୍ଚିମବଙ୍ଗକୁ ଚୋରାଚାଲାଣ କରି ମାଫିଆମାନେ କୋଟିକୋଟି ଟଙ୍କାର ଅର୍ଥ



ଲୁଟ କରୁଥିବା ବେଳେ ସରକାରୀ ରାଜସ୍ୱ ନଷ୍ଟ ହେଉଛି। ରାଜଘାଟ ବ୍ରିଜ ନିକଟରେ ବେଆଇନ ବାଲି ଉତ୍ତୋଳନ ଚାଲିଥିବାବେଳେ ଗତ ରାତିରେ ମାଇନିଂ ବିଭାଗ ପକ୍ଷରୁ ଚଢ଼ଉ କରି ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ସହିତ ଗୋଟିଏ ଡମ୍ଫର ଜବତ କରିଛି। ରାଜଘାଟ ନିକଟ ଚାଲନ୍ତି ନିକଟରେ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରୁ ପ୍ରତିଦିନ ବାଲି ଉତ୍ତୋଳନ ହେବା ସହିତ ଶହଶହ ଡମ୍ଫର, ଟ୍ରାକ୍ଟର ଯୋଗେ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହୋଇଆସୁଛି। ଫଳରେ ନଦୀକୂଳିଆ ଅଞ୍ଚଳ ପ୍ରତି ବନ୍ୟାର ବିପଦ ଦେଖାଦେଉଛି। ସ୍ଥାନୀୟ ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ମାଇନିଂ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିବା ଜଣାଯାଇଛି।



# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପାନୀୟ ଜଳ ପ୍ରକଳ୍ପର ଭିତ୍ତି ସ୍ଥାପନ

ଅନୁଗୋଳ, ୨୪।୫(ସମିସ)

ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଅନୁଗୋଳ ନିର୍ବାଚନ ମଣ୍ଡଳୀରେ ଲୋକଙ୍କ ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତ ଘଟାଇ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇପରିବେ ବୋଲି ବିଧାୟକ କହିଛନ୍ତି। ଜିଲ୍ଲା ଖଣିଜ ପାଣ୍ଠି ତରଫରୁ ୪୧, ୫୯, ୧୨୦ ଟଙ୍କା ବ୍ୟୟରେ ରନ୍ତଲେଇ ପଞ୍ଚାୟତ ଚନ୍ଦ୍ରବାହାଳ ଗ୍ରାମରେ ଓଡ଼ିଶା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ନିର୍ମିତ ହେବାକୁ ଥିବା ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଦକ୍ଷତା ବିକାଶ କେନ୍ଦ୍ରକୁ ପାନୀୟ ଜଳ ଯୋଗାଣ ହେବା ସହ ସ୍ଥାନୀୟ ଅଞ୍ଚଳବାସୀ



ପାନୀୟ ଜଳ ପାଇପାରିବେ ବୋଲି ବିଧାୟକ ଆଶା ପ୍ରକଟ କରିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ପ୍ରଭାତ ପ୍ରଧାନ, ପ୍ରଶାନ୍ତି ପୃଷ୍ଟି, ଶେଷଦେବ ସାହୁ, ଅମୂଲ୍ୟ ପ୍ରଧାନ, ପ୍ରମୋଦ ବେହେରା, ବାଙ୍କନିଧି ବେହେରା, ଜିତେନ୍ଦ୍ର ବେହେରା, ବଡ଼କେରା ମଣ୍ଡଳ ସଭାପତି ସୁଲଭ ଦେହୁରି, ପୂର୍ବତନ ସମିତି ସଭ୍ୟ ସୁଜିତ ସାହୁଙ୍କ ସମେତ ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧିକାରୀ, କର୍ମଚାରୀ ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

ସେହିପରି ନୂଆମୌଜା ପଞ୍ଚାୟାତ ଲିଙ୍ଗରାଯୋଡ଼ି ଗ୍ରାମଠାରେ ଜିଲ୍ଲା ଖଣିଜ ପାଣ୍ଠିରୁ ୯୫, ୫୫, ୬୦୦ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ବିଧାୟକ ପ୍ରଧାନ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଲିଙ୍ଗରାଯୋଡ଼ି ସମେତ ଏହାର ନିକଟବର୍ତ୍ତୀ ଅଞ୍ଚଳର ଅଧିବାସୀମାନେ ଜଳକଷ୍ଟରୁ ମୁକ୍ତି ପାଇବେ ବୋଲି କହିଥିଲେ। ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ପ୍ରଭାତ ପ୍ରଧାନ, ଶେଷଦେବ ସାହୁ, ବଡ଼କେରା ମଣ୍ଡଳ ସଭାପତି ସୁଲଭ ଦେହୁରି, ନୂଆମୌଜା ସରପଞ୍ଚ ବିକାଶ କୁମାର ପ୍ରଧାନ, ସୀତାକାନ୍ତ ଦେହୁରି, ବାଦଲ ସାହୁ ଓ ସରୋଜ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଛେଳିଆପଡ଼ା ପଞ୍ଚାୟତ ପୁଲିସ ବ୍ୟାରାକଠାରେ ଜିଲ୍ଲା ଖଣିଜ ପାଣ୍ଠିରୁ ୨୧, ୩୭, ୦୫୯ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ, ଛେଳିଆପଡ଼ା ସରପଞ୍ଚ କୁମର ମୁଦୁଲି, ସମିତି ସଭ୍ୟ ମନୋଜ ସ୍ୱାଇଁ, ପୂର୍ବତନ ସରପଞ୍ଚ ଝରଣା ମହାଳିକ, ଅସିତ ସାହୁ ଓ ଦାମୋଦର ବାରିକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ତାଳଚେରରେ ଚହଳ ପକାଇଛି କକ୍ରୋଜ ଜନତା ପାର୍ଟି

ତାଳଚେର, ୨୪।୫(ସମିସ): ଉତ୍କଟ ବେକାରୀ ସମସ୍ୟା, ମହିଳା ସଂରକ୍ଷଣ, ଚାଷୀ ଏପରିକି ବିଭିନ୍ନ ସମସ୍ୟା ନେଇ ଏବେ ତାଳଚେରରେ ଚହଳ ପକାଇଛି କକ୍ରୋଜ୍ ଜନତା ପାର୍ଟି। ସୋସିଆଲ ମିଡିଆରେ ଏହି ଦଳ ଅଧିକ ଫଲୋୟର୍ସ ବନାଉଥିବା ବେଳେ ତାଳଚେର ଅଞ୍ଚଳର ଯୁବପିଢ଼ି ମଧ୍ୟ ଏହାପ୍ରତି ଆକର୍ଷିତ ହେଉଛନ୍ତି। ବଜାରଘାଟ, ଛକସ୍ଥାନ, ଚା' ଦୋକାନ ସବୁଠି ଏହି ଚର୍ଚ୍ଚା। ଯଦି ଏହି ସଂଗଠନ ଜାତୀୟ ସ୍ତରରେ ରାଜନୈତିକ ଦଳ ଭାବେ ଉଭା ହୁଏ ତେବେ ପ୍ରତ୍ୟେକ ଦଳପାଇଁ ଏହା ମହଙ୍ଗା ସାବ୍ୟସ୍ତ ହେବ ବୋଲି ଯୁବପିଢ଼ି ପ୍ରକାଶ କରୁଛନ୍ତି। ନିଟ୍ ପ୍ରଶ୍ନପତ୍ର ବାରମ୍ବାର ଲିକ୍ ହେବା ଘଟଣା ଓ ବେକାରୀ ସମସ୍ୟାରୁ ଦଳ ଏବେ ଭାରତ ସମେତ ଓଡ଼ିଶାରେ ମଧ୍ୟ ହଡ଼କମ୍ପ ସୃଷ୍ଟି କରିଛି। ଭାରତବର୍ଷର ରାଜନୀତିଠାରୁ ଆରମ୍ଭ କରି ପ୍ରଶାସନ କ୍ଷେତ୍ରରେ ଯେଉଁପ୍ରକାର ଶାସନ ଚାଲିଛି ତାହା ବାସ୍ତବ ପକ୍ଷେ ସଠିକ୍ ଢଙ୍ଗରେ ଚାଲୁନାହିଁ ବୋଲି ଏହି ସଂଗଠନ ଅଭିଯୋଗ କରି ଯେଉଁ ୫ଟି ମୁଦା ଉପସ୍ଥାପନା କରିଛି ତାହା ବାସ୍ତବ ପକ୍ଷେ ସ୍ୱାଗତଯୋଗ୍ୟ ବୋଲି ବୁଦ୍ଧିଜୀବୀ ତଥା ଶିକ୍ଷିତ ବେକାର ଯୁବକ, ଯୁବତୀମାନେ ଏହା ଉପରେ ଆସ୍ଥା ପ୍ରକଟ କରୁଛନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ଏହାର ସମ୍ପୂର୍ଣ୍ଣ ରୂପରେଖ ବର୍ତ୍ତମାନ ସୁଦ୍ଧା ସ୍ଥିର ହୋଇ ନ ଥିଲେ ହେଁ ଆଗାମୀ ଦିନରେ ଏହି ସଂଗଠନ କି ପ୍ରକାର ରୂପ ନେଉଛି ତାହା ଦେଖିବାକୁ ବାକି ରହିଛି।

# ଜାତୀୟ ରାଜପଥରେ ଲୁଟପାଟ; ୨ ଗିରଫ

● ବାଇକ୍ ସହ ଲୁଟ୍ ଟଙ୍କା ଜବତ



କିଶୋରନଗର, ୨୪।୫(ସମିସ): ଜାତୀୟ ରାଜପଥ ବୈରାଗୀପାଲ୍ଲୀଠାରେ ଜଣେ ବାଇକ ଆରୋହୀଙ୍କୁ ଅଟକାଇ ଲୁଟପାଟ କରିବା ଅଭିଯୋଗରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଏଜାର ସୁବାସ ଲୁହା (୨୪) ଓ ରାମଚନ୍ଦ୍ରପୁରର ତ୍ରିଜୀବ ବେହେରା (୨୫)। ମିଳିଥିବା ସୂଚନା ଅନୁଯାୟୀ ଗତ ଶୁକ୍ରବାର ବୌଦ୍ଧ ଜିଲ୍ଲା ଲକ୍ଷ୍ମୀପ୍ରସାଦପୁରର ଅଭିଷେକ ବଡ଼ମାଳୀ ତାଙ୍କ ପତ୍ନୀଙ୍କ ସହ ବାଇକ୍ ଯୋଗେ ଅନୁଗୋଳ ମେଡିକାଲ ଯାଉଥିବା ବେଳେ ୫୫ ନମ୍ବର ଜାତୀୟ ରାଜପଥର ବାମୁରସ୍ଥିତ ବୈରାଗୀ ପାଲ୍ଲୀଠାରେ ସୁବାସ ଓ ତ୍ରିଜୀବ ତାଙ୍କୁ ଭୁଜାଲି ଦେଖାଇ ୨ ହଜାର ଟଙ୍କା ଲୁଟି ନେଇଥିଲେ। ଖବର ପାଇ କିଶୋରନଗର ଥାନା ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହସେମାନଙ୍କଠାରୁ ୨୦୦୦ ଟଙ୍କା ଓ ବ୍ୟବହୃତ ବାଇକ୍ ଜବତ କରିବାରେ ସକ୍ଷମ ହୋଇଛି। ଏହି ଚଢ଼ଉରେ ଏସ୍‌ଆଇ ପ୍ରସନ୍ନ ରାଉତ, ଏଏସଆଇ ଗୋପାଳ ବେହେରାଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ସାମିଲ ଥିଲେ।

# ଘରୁ ସଶସ୍ତ୍ର ଡକାୟତି ଘଟଣାରେ ୪ ଗିରଫ



ଖମାର, ୨୪।୫(ସମିସ): ଘରୁ ବନ୍ଧୁକ ଓ ଭୁଜାଲି ଦେଖାଇ ଡକାୟତି ଘଟଣାରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଖମାର୍ ଥାନା ପୁଲିସ। ପାଲଲହଡ଼ା ଉପଖଣ୍ଡ ଖମାର ଥାନା ବରକଳାପାଳ ଗାଆଁର ଅଜୟ ସାହୁଙ୍କ ଘରେ ଗତ ୧୧ ତାରିଖ କିଛି ମୁଖ୍ୟପିନ୍ଧା ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲି ମୁନରେ ଡକାୟତି କରିଥିଲେ। ଅଜୟଙ୍କ ସ୍ତ୍ରୀଙ୍କ ମୁଣ୍ଡରେ ବନ୍ଧୁକ ଓ ଝିଅ ବେକରେ ଭୁଜାଲି ଲଗାଇ ସୁନା ଚେନ୍, ମଙ୍ଗଳସୂତ୍ର, ଟଙ୍କା ଓ ମୋବାଇଲ ଲୁଟି ନେଇଥିଲେ। ଘଟଣାର ତଦନ୍ତ କରି ରବିବାର ପୁଲିସ ସେମାନଙ୍କ ମଧ୍ୟରୁ ଚାରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ସୁନା, ୨ ହଜାର ଟଙ୍କା, ୩ଟି ବାଇକ୍, ଭୁଜାଲି, ଚାପଡ଼, ଦେଶୀ ବନ୍ଧୁକ, ୨ଟି ଅଫୁଟା ଗୁଳି ଓ ମୋବାଇଲ ଜବତ କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପାଲଲହଡ଼ା ଏସଡିପିଓ।

## ଡିଏମଏଫ୍‌ରୁ ସହାୟତା ଦେଲେ ଜିଲ୍ଲାପାଳ

# ଅନୁଗୋଳବାସୀ ପାଇବେ ଉନ୍ନତ ସ୍ୱାସ୍ଥ୍ୟସେବା

ଅନୁଗୋଳ, ୨୪।୫(ସମିସ): ଅନୁଗୋଳ ଜିଲ୍ଲାପାଳ ଅବ୍ଦାଲ ଏମ ଅଖତାର ଜିଲ୍ଲାର ବିକାଶ ପାଇଁ ଅନେକ ଅର୍ଥ ମଞ୍ଜୁର କରୁଛନ୍ତି। ଅନୁଗୋଳରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଅଧିକ ବିଶେଷଜ୍ଞ ଡାକ୍ତରଙ୍କୁ ଡିଏମଏଫ୍‌ରୁ ନିଯୁକ୍ତି ଦେଇଛନ୍ତି। ବର୍ତ୍ତମାନ ଏହି ସ୍ୱାସ୍ଥ୍ୟସେବାରେ ଏଭଳି ବ୍ୟବସ୍ଥା ହୋଇଛି, ରୋଗୀଙ୍କୁ ଆଉ ଘରୋଇ କ୍ଲିନିକ୍ ଉପରେ ନିର୍ଭର କରିବାକୁ ପଡ଼ିବନି।

ଅନୁଗୋଳ ସିଡିଏମଓ ଡା. ମଦନମୋହନ ପ୍ରଧାନଙ୍କ ସୂଚନା ଅନୁସାରେ ପୂର୍ବରୁ ଡିଏମଏଫ୍‌ରୁ କାର୍ଡିଓଲୋଜି ମେଡିସିନ, ଗ୍ୟାଷ୍ଟ୍ରୋଲୋଜି, ନ୍ୟୁରୋଲୋଜି, ନେଫ୍ରଲୋଜି, ୟୁରୋଲୋଜି, ଶିଶୁରୋଗ, ଚକ୍ଷୁ ଆଦି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର୍‌ମାନେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିଲେ। ନିକଟରେ ଅଧିକ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରତ୍ୟେକ ସୋମବାର କାର୍ଡିଓ ଥୋରାସିକ ସର୍ଜନ ଡା. ଅମିତ୍ କୁମାର ଅଗ୍ରୱାଲ, ପ୍ରତ୍ୟେକ ମାସର ପ୍ରଥମ ଓ ତୃତୀୟ ମଙ୍ଗଳବାର କାର୍ଡିଓ ମେଡିସିନ ଡା. ରିତେଶ ଆଚାର୍ଯ୍ୟ, ପ୍ରତ୍ୟେକ ବୁଧବାର ନ୍ୟୁରୋ ସର୍ଜନ ଡା. ସଞ୍ଜୀବ ମିଶ୍ର, ପ୍ରତ୍ୟେକ ପ୍ରଥମ ଓ ତୃତୀୟ ଗୁରୁବାର କାର୍ଡିଓଲୋଜି ବିଶେଷଜ୍ଞ ଡା. ପ୍ରିୟବ୍ରତ ସାହୁ, ଦ୍ୱିତୀୟ ଓ ଚତୁର୍ଥ ଗୁରୁବାର ଏଣ୍ଡକ୍ରିନୋଲୋଜିଷ୍ଟ ବା ଡାଇବେଟିସ ବିଶେଷଜ୍ଞ ଡା. ସମ୍ପଦା ମିଶ୍ର, ଦ୍ୱିତୀୟ ଓ ଚତୁର୍ଥ ଶୁକ୍ରବାର ଅଙ୍କୋଲୋଜି ବା କ୍ୟାନ୍ସର ବିଶେଷଜ୍ଞ ଦିଲୀପ କୁମାର ମୁଦୁଲି ରୋଗୀ ଦେଖିବେ। ଏହି ଡାକ୍ତରମାନେ ଯୋଗଦେବା ପରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ରୋଗୀମାନେ ନିଃଶୁଳ୍କ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଆଶା କରାଯାଉଛି।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

ଅନୁଗୋଳ, ୨୪।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଆୟୋଜିତ ୨୦୨୫-୨୬ ପରୀକ୍ଷା ଫଳ ପ୍ରକାଶ ପାଇଛି। ପ୍ରଥମ ଥର ପାଇଁ ସ୍ଥାନୀୟ ରନ୍ତଲେଇ ମହାବୀର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ପରୀକ୍ଷା ଦେଇଥିବା ୯୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ୫ଜଣ, ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ୧୨ ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୭୫ ଛାତ୍ରଛାତ୍ରୀ ସଫଳତା ପାଇଛନ୍ତି। ସୁପିନ କୁମାର ସାହୁ ସର୍ବାଧିକ ୫୭୫ ନମ୍ବର ରଖି ଅନୁଷ୍ଠାନ ପାଇଁ ସୁନାମ ଆଣିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଚେୟାରମ୍ୟାନ ପ୍ରିୟବ୍ରତ ସାହୁ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଏବଂ ପରିଚାଳନା



ସମିତିଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଅନୁଗୋଳ ଓକିଲ ସଂଘ ସଭାପତି ଦିଲୀପ କୁମାର ସାହୁ, ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଦ୍ୱାରିକା ପ୍ରସାଦ ନନ୍ଦ, ଅଧ୍ୟାପକ ରାଜକିଶୋର ଧର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଫଳ ଛାତ୍ରଛାତ୍ରୀ ସୁପିନ କୁମାର ସାହୁ, ଓମସ୍ମିତା ସାହୁ, ଡଲି ସାହୁ, ଲିପ୍ସାମୟୀ ପ୍ରଧାନ ଓ ସାଇସ୍ମୃତି ସାଗର ମହାଖୁଡ଼ଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଜୟ କୁମାର ପ୍ରଧାନ, ଅଧ୍ୟାପକ, ଅଧ୍ୟାପିକା, ପରିଚାଳନା କମିଟି ସଭ୍ୟ, ସଭ୍ୟା, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଅନୁସୂଚିତ ଜାତି-ଜନଜାତି ସଂଘ ବୈଠକ

କଣିହାଁ, ୨୪।୫(ସମିସ): ରବିବାର ସନ୍ଧ୍ୟା ୫ଟାରେ ସମଲସ୍ଥିତ ସରକାରୀ ଅତିଥି ଭବନରେ କଣିହାଁ ଅନୁସୂଚିତ ଜାତି-ଜନଜାତି ସଂଘର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ପଞ୍ଚାୟତ ସ୍ତରରେ ସଂଗଠନକୁ କିପରି ଅଧିକ ସୁଦୃଢ଼ କରାଯିବ, ସେନେଇ ବିଶେଷ ଚର୍ଚ୍ଚା ହୋଇଥିଲା।



ବୈଠକରେ ପ୍ରତ୍ୟେକ ପଞ୍ଚାୟତରୁ ଦୁଇଜଣ ସକ୍ରିୟ କର୍ମୀଙ୍କୁ ବାଛି ପ୍ରତ୍ୟେକ ପଞ୍ଚାୟତରେ ସଭା ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସର୍ବସମ୍ମତି କ୍ରମେ ଆସନ୍ତା ଜୁନ ୨୧ ତାରିଖ ରବିବାର କଣିହାଁ, ବିଜିଗୋଳ ଓ କମରେଇ ପଞ୍ଚାୟତରେ ସଦସ୍ୟମାନଙ୍କୁ ନେଇ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି। ସଂଘର ପ୍ରତ୍ୟେକ ସଦସ୍ୟଙ୍କଠାରୁ ମାସିକ ୫୦ ଟଙ୍କା ସଦସ୍ୟ ଶୁଳ୍କ ଆଦାୟ କରାଯିବାକୁ ନିଷ୍ପତ୍ତି ହୋଇଛି। ସଂଘ ସଭାପତି ପ୍ରଦୀପ କୁମାର ବେହେରା ଓ ସମ୍ପାଦକ ଅରୁଣ କୁମାର ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି ସଭାରେ ଜ୍ୟୋତିର୍ମୟୀ ନାଏକ, ରାଧା ଚମ୍ପା (ଏସ୍‌ଟି ସେଲ), ବିଜୟ କୁମାର ବେହେରା, ବିଜୟ କୁମାର ନାଏକ, ରାଜେନ୍ଦ୍ର ପ୍ରସାଦ ନାଏକ, ସାଗର ସେଠୀ, ପ୍ରମୋଦ କୁମାର ବେହେରା ଓ ବଳଭଦ୍ର ନାଏକଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ। ସଂଘର ସାଙ୍ଗଠନିକ ସୁଦୃଢ଼ତା ସହ ବିଭିନ୍ନ ସାମାଜିକ ଓ ସଂଗଠନାତ୍ମକ ବିଷୟରେ ଆଲୋଚନା କରାଯାଇଥିଲା।

# ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

● ବିଭାଗ ନିରବ



କିଶୋରନଗର, ୨୪।୫(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଆମ୍ବସରମୁଣ୍ଡା ପଞ୍ଚାୟତ ଭୋଗରା ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ଅଛି ବିଦ୍ୟୁତ ଟ୍ରାନ୍ସଫର୍ମର। ଏହି ଟ୍ରାନ୍ସଫର୍ମର କୋମଳମତି ଶିଶୁମାନଙ୍କ ପାଇଁ ବିପଦ ସାଜିଛି। ଶିଶୁମାନେ ଅଙ୍ଗନବାଡ଼ି କେନ୍ଦ୍ରକୁ ପାଠ ପଢ଼ିବା ପାଇଁ ଯାଉଛନ୍ତି। ଉକ୍ତ ଘରକୁ ଲାଗିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଖୁଣ୍ଟ ସହ ହ୍ୟାଣ୍ଡେଲ ଓ ତାର ମାଟିକୁ ଲାଗି ରହିଛି। ଶିଶୁମାନେ ଖେଳିବା ବେଳେ କିମ୍ବା ଅଜାଣତରେ ବିଦ୍ୟୁତ ଖୁଣ୍ଟ ଓ ହ୍ୟାଣ୍ଡେଲକୁ ଧରିଦେଲେ ଯଦି କୌଣସି ଅଘଟଣ ଘଟେ ତେବେ ଦାୟୀ କିଏ ରହିବ ବୋଲି ପ୍ରଶ୍ନ ଉଠିଛି। ଏହା ଶିଶୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ସେହି ସ୍ଥାନରେ ଗୋଟିଏ ଭଙ୍ଗା ବିଦ୍ୟୁତ ଖୁଣ୍ଟ ରହିଛି ଯାହାକି କେତେବେଳେ ମାଡ଼ିବସିବ ତାହା କହିହେବ ନାହିଁ। ଏ ବାବଦରେ ଗ୍ରାମବାସୀ ବିଦ୍ୟୁତ ବିଭାଗକୁ ଜଣାଇଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ବିଜେପିର ସାଂଗଠନିକ ବୈଠକ



କିଶୋରନଗର, ୨୪।୫(ସମିସ): କିଶୋରନଗର ବ୍ଲକ ରଣିଆକଟା ବିଜେପିର ପଞ୍ଚାୟତ ପ୍ରମୁଖ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସଭାପତି ପ୍ରହ୍ଲାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ପ୍ରଭାରୀ ହୃଦାନନ୍ଦ ପ୍ରଧାନ, ଜିଲ୍ଲା ଅନୁସୂଚିତ ଜନଜାତି କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ବଶିଷ୍ଠ ନାୟକ, ଅଖିଳ ପ୍ରଧାନ ଯୋଗଦେଇ ତୃଣମୂଳ ସ୍ତରରୁ ଦଳର ସଂଗଠନ ମଜବୁତ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଯୁବନେତା ଚିକୁନ ବିଶ୍ୱାଳ ଦଳରେ ସୋସିଆଲ ମିଡିଆର ଭୂମିକା ଉପରେ ବର୍ଣ୍ଣନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ବିଶ୍ୱାଳ, ଅଶୋକ ପ୍ରଧାନ, ସଞ୍ଜୟ ଦାଶ, ଜିତେନ୍ଦ୍ର ସାହୁ, ସୁରେଶ ନାୟକ, ମଧୁସୂଦନ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, କୁମୁଦ ପ୍ରଧାନ, ସଞ୍ଜୀବ ପ୍ରଧାନଙ୍କ ସମେତ ସମସ୍ତ ବୁଥ୍ ସଭାପତି, ସମ୍ପାଦକ ଓ ବହୁ ସଂଖ୍ୟାରେ କର୍ମୀ ଯୋଗଦେଇଥିଲେ।

# କଫ୍‌ସିରପ କବ୍‌ଜାରେ ଶିକ୍ଷିତ ଯୁବପିଢ଼ି

ତାଳଚେର, ୨୪।୫(ସମିସ): ମଦ, ଡ୍ରଗ୍ସ, ଗଞ୍ଜେଇ, ନାଇଟ୍ରୋଜେନ୍ ଟାବଲେଟ୍, ଡେନ୍‌ଡ୍ରାଇଟ୍ ଅଠା ପରି ମାରାତ୍ମକ ନିଶା ସେବନ କରି ଶିକ୍ଷିତ ଯୁବପିଢ଼ି ପଥଭ୍ରଷ୍ଟ ହେଉଥିବା ବେଳେ ଏବେ କୋରେକ୍ସର ସାହାରା ନେଉଥିବା ଦେଖିବାକୁ ମିଳିଛି। କିଛିଦିନ ପୂର୍ବରୁ ସରକାର କୋରେକ୍ସ ଉପରେ କଟକଣା ଲଗାଇଥିଲେ ମଧ୍ୟ ଏହା ବର୍ତ୍ତମାନ ଅନ୍ୟ ନାମରେ ତାଳଚେର ସହରରେ ଛାଇଯିବା ସହ ପେଟିପେଟି ବିକ୍ରି ହେଉଥିବା ଅଭିଯୋଗ ହେଉଛି। ପୋଖରୀ ହୁଡ଼ା, ନଦୀକୂଳ, ନିଛାଟିଆ ସ୍ଥାନ, ଶ୍ମଶାନଘାଟ, ବଜାର, ମାର୍କେଟ ଛାତ, ସ୍କୁଲଘର ଆଦି ସ୍ଥାନରେ ମାଳମାଳ କଫସିରପ ବୋତଲ ପଡ଼ିଥିବା ଦେଖିବାକୁ ମିଳିଛି। ତେବେ କିଛି ଔଷଧ ଦୋକାନୀମାନେ ବେଆଇନ ଭାବେ ଲାଭଖୋର ମନୋଭାବ ରଖି ଏହି ମାରାତ୍ମକ କଫସିରପକୁ ଲୁଚାଛପାରେ ବିକ୍ରି କରି ମାଲାମାଲ ହେବାସହ ଶିକ୍ଷିତ ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରାଯାଉଥିବା ଅଭିଯୋଗ ହେଉଛି। ଅପରପକ୍ଷେ ବ୍ରାଉନସୁଗର ତାଳଚେର ଉପଖଣ୍ଡରେ କାୟା ବିସ୍ତାର କରିଥିବା ବେଳେ



ଏବେ ସାମ୍ନାକୁ ଆସିଛି କଫସିରପ। ଯାହାକୁ ସେବନକରି ଯୁବପିଢ଼ି ନିଶାଗ୍ରସ୍ତ ହେବା ସହ ବିଭିନ୍ନ ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଠିକା ସଂସ୍ଥାକୁ ଶ୍ରମିକ ଯୋଗାଣକାରୀଙ୍କ ମୃତ୍ୟୁ

କଣିହାଁ, ୨୪।୫(ସମିସ): ନୟାଗଡ଼ ଜିଲ୍ଲା ଉପେନ୍ଦ୍ରପୁର ଅଞ୍ଚଳର ସୁରେଶ ଦାସ (୫୦)ଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ କିଛିଦିନ ହେଲା ଏନଟିପିସି ପାଉଁଶ ପୋଖରୀରେ ଶ୍ରମିକ ଯୋଗାଣ କରୁଥିଲେ। କଣିହାଁ ପଞ୍ଚାୟତ ମଶୁଣିହଟା ଗ୍ରାମରେ ଏକ ଭଡ଼ା ଘରେ ରହୁଥିଲେ। ଅସୁସ୍ଥ ଅବସ୍ଥାରେ ତାଙ୍କୁ ଅପରାହ୍ନରେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କଣିହାଁ ପୁଲିସକୁ ସୂଚନା ଦିଆଯାଇଥିଲା। ପୁଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ପରିବାର ଲୋକେ ପହଞ୍ଚି ନାହାନ୍ତି। ପରିବାର ପକ୍ଷରୁ ଅଭିଯୋଗ ଆସିଲେ ସେହି ଆଧାରରେ ତଦନ୍ତ କରାଯିବ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# ସଫେଇ ହେଉନି ରେଙ୍ଗାଳୀ ଦକ୍ଷିଣ କେନାଲ

## ପ୍ରଦୂଷିତ ଜଳ ବ୍ୟବହାର କରୁଛନ୍ତି ଲୋକେ

ତାଳଚେର, ୨୪।୫(ସମିସ)

ତାଳଚେର ସହର ଦେଇ ଯାଇଥିବା ଜଳସେଚନ ବିଭାଗର ରେଙ୍ଗାଳୀ ଦକ୍ଷିଣ ମୁଖ୍ୟ କେନାଲ ଏବେ ପ୍ରଚୁର ମାତ୍ରାରେ ପ୍ରଦୂଷିତ ହୋଇପଡ଼ିଛି। ତାଳଚେର ଉପଖଣ୍ଡର ବିଭିନ୍ନ ଗ୍ରାମ ପାର୍ଶ୍ୱଦେଇ ଯାଇଥିବା ଏହି କେନାଲ ଉପରେ ନିକଟବର୍ତ୍ତୀ ଲୋକମାନେ ନିର୍ଭର କରି ଚଳିଆସୁଛନ୍ତି। ଚାଷୀମାନେ ଚାଷ କାର୍ଯ୍ୟରେ ଏହାର ଜଳକୁ ବ୍ୟବହାର କରୁଛନ୍ତି। ତେବେ କେନାଲ ଅପରିଷ୍କାର ଜଳ, ଅଳିଆ ଆବର୍ଜନା, ଅନାବନା ଗଛ, ଶିଉଳିରେ ପୋତି ହୋଇ ପୂରି ଯାଇଛି। ଫଳରେ କେନାଲ ପାଣି ବହୁମାତ୍ରାରେ ପ୍ରଦୂଷିତ ହୋଇଛି। ଲୋକମାନେ ଏହି ଜଳକୁ ନେଇ ଘରର ବିଭିନ୍ନ କାର୍ଯ୍ୟରେ ଲଗାଉଛନ୍ତି। ଏହି ଜଳରେ ଗାଧୋଇଲେ ଲୋକଙ୍କ ଦେହରେ ଚର୍ମରୋଗ ବ୍ୟାପୁଥିବା କେନାଲ ପାର୍ଶ୍ୱବର୍ତ୍ତୀ ବାସିନ୍ଦା କହୁଛନ୍ତି। ଜଳକୁ ବ୍ୟବହାର କଲେ ଯାଦୁ, କାଛୁ, କୁଣ୍ଡିଆ, ପାଣିକନ୍ଦା ଏବଂ



ଅନ୍ୟାନ୍ୟ ଚର୍ମ ରୋଗ ବ୍ୟାପୁଛି। ଅଞ୍ଚଳର ଜଣେ ବ୍ୟକ୍ତି ଏ ସମ୍ପର୍କରେ କୁହନ୍ତି, ଗତ କିଛିଦିନ ତଳେ ତାଙ୍କ ଦେହରେ ଏମିତି ଯାଦୁ ପରି ଲକ୍ଷଣ ଦେଖାଦେଲା। ସେ ଡାକ୍ତରଙ୍କ ପରାମର୍ଶ ନେବାରେ କେନାଲ ପାଣିରେ ଗାଧେଇବାକୁ ବାରଣ କରିଥିଲେ।

କେନାଲ ପାର୍ଶ୍ୱରେ ଥିବା ଦୋକାନ ଓ ଘରଗୁଡ଼ିକ ନିଜ ପ୍ରତିଦିନର ଅଳିଆ ଆବର୍ଜନା, ପାଉଁଶ, ପ୍ଲାଷ୍ଟିକ୍ ବୋତଲ, ନିଶାଡ଼ିମାନେ ମଦ୍ୟପାନ କରି ପଲିଥିନ୍, ଗ୍ଲାସ, ମଦବୋତଲ ଇତ୍ୟାଦି କେନାଲରେ ପକାଉଛନ୍ତି। କୌଣସି କାରଣରୁ ପଶୁପକ୍ଷୀମାନେ ମୃତାହତ ହୋଇ କେନାଲରେ ପଡ଼ି ପଚିଶଢ଼ି ଦୁର୍ଗନ୍ଧ ହେବାସହ ପାଣିକୁ ପ୍ରଦୂଷିତ କରୁଛି। ଏହାକୁ ବ୍ୟବହାର କଲେ ଚର୍ମରୋଗ ବ୍ୟାପୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଶେଷ କରି ଆଜକୁ ଦୁଇମାସ ହେବ ଲୋକଙ୍କ ସହାରା ହୋଇଥିବା ରେଙ୍ଗାଳୀ ଦକ୍ଷିଣ ପାର୍ଶ୍ୱ କେନାଲରେ ପାଣି ଆସୁ ନ ଥିବାରୁ ଏହା ଉପରେ ନିର୍ଭର କରୁଥିବା ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ଏପରିକି ଚାଷୀ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଯେଉଁ ଗ୍ରାମଗୁଡ଼ିକରେ ନଦୀ, ଜଳାଶୟ, ପୋଖରୀ, ଯୋର ନାହିଁ, ସେହି ଅଞ୍ଚଳବାସୀଙ୍କ ଜଳାଭାବ ଦୂର କରିବା ନେଇ କେନାଲ ମାଧ୍ୟମରେ ବିଭିନ୍ନ ଗ୍ରାମକୁ ଜଳ ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ଲୋକଙ୍କ ହିତପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ଓ ପରିଷ୍କାର ପରିଚ୍ଛନ୍ନ କରାଯାଉ ନ ଥିବାରୁ ସରକାରୀ ପ୍ରକଳ୍ପଗୁଡ଼ିକ ନିର୍ମିତ ହେବା ପରଠାରୁ କାମରେ ଲାଗୁନାହିଁ। ଅଞ୍ଚଳରେ ଜଳାଭାବ ଯୋଗୁଁ ଚାଷକାର୍ଯ୍ୟ ହୋଇପାରୁ ନାହିଁ। ଏହି କେନାଲରେ ତୁରନ୍ତ ଜଳ ଛାଡ଼ିବାକୁ ସାଧାରଣରେ ଦାବି ହେଉଛି।

ସକାଳ THE SAKALA



www.sakalaepaper.com

### ସୀମାନ୍ତରେ ବାଲି ଚୋରି

# ମିଥ୍ୟା ଖବର ପାଇ ୩ ଦିନ ନୟାନ୍ତ ପ୍ରଶାସନ!

ନନ୍ଦପୁର,୨୪।୫ (ସମିସ): ବାଲି ଚୋରି ରୋକିବାକୁ ଲଘୁ ଖଣିଜ ସମ୍ପଦ ବିଭାଗ ପକ୍ଷରୁ ନନ୍ଦପୁର ବ୍ଲକରେ ଡୁରୁବା ଠାରୁ ଗାଲଗଣ୍ଡା ପର୍ଯ୍ୟନ୍ତ ନଦୀ ଘାଟକୁ ଆଡିବନ୍ଧ ବାନ୍ଧିବା ସହ ରାସ୍ତାକାଟି ନଦୀ ଘାଟକୁ ଯାତାୟାତ ବନ୍ଦ କରାଯାଇଛି। ସୀମାନ୍ତ ପାଛଲୁଙ୍ଗ ଗ୍ରାମ ପଞ୍ଚାୟତରେ ପ୍ରଭାବିତ ନଦୀ ଘାଟରେ ବାଲି ଚୋରା କାରବାର ଖବର ପାଇ ଗତ ତିନି ଦିନ ହେବ ସୀମାନ୍ତ ଅଞ୍ଚଳକୁ ମାରାଥନ୍ ଗସ୍ତ କରି ସ୍ଥିତି ସମୀକ୍ଷା କରି ଫେରିଛନ୍ତି ପ୍ରଶାସନିକ ଅଧିକାରୀ। ବାଲି ଚୋରି ଖବର ସଂପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି ଅଧିକାରୀ।



ସୂଚନା ଅନୁସାରେ ଡୁରୁବା ଓ ଗାଲଗଣ୍ଡା ନଦୀ ପଠାରେ ନିୟମିତ ବେଆଇନ ବାଲି ଚାଲାଣ ରୋକିବାକୁ ସପ୍ତାହକ ତଳେ ପ୍ରଶାସନ ପକ୍ଷରୁ ଆଡ଼ିବନ୍ଧ ଓ ରାସ୍ତା କାଟି ନଦୀ ପଟ୍ଟାକୁ ଯାତାୟାତ ବନ୍ଦ୍ କରାଯାଇଥିଲା। ଗୁଜବ ଖବରକୁ ନେଇ ପୁଣି ପୁଲିସ ଦଳ ସହ ସ୍ଥାନୀୟ ଭାରପ୍ରାପ୍ତ ତହସିଲଦାର ତଥା ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା, ସହକାରୀ ଲଘୁ ଖଣି ଅଧିକାରୀ ଚମ୍ପକ ନାୟକ ଏବଂ ପୁରା ପ୍ରଶାସନ ଗତ ତିନି ଦିନ ଧରି ପଛାଲୁଙ୍ଗ ଗ୍ରାମ ପଞ୍ଚାୟତର ସୁଡୁବ, ସୋଭାପୁଟ ନଦୀଘାଟ ଅଞ୍ଚଳର ମାରାଥନ୍ ଗସ୍ତ କରି ଖାଲି ହାତରେ ଫେରିଥିବା ଖବର ମିଳିଛି। ଏ ନେଇ ଭାରପ୍ରାପ୍ତ ତହସିଲଦାର ଶ୍ରୀ ଦୋରା କହିଛନ୍ତି ଯେ ଓଡ଼ିଶା ସୀମାନ୍ତ ଶୋଭାପୁଟ, ସୁଡୁବ ନଦୀ ଘାଟରୁ ବାଲି ଚୋରା ଚାଲାଣ ସମ୍ପୂର୍ଣ୍ଣ ଗୁଜବ ବୋଲି କହିବା ସହ ବାଲି ଉଠାଣ କାର୍ଯ୍ୟ ଆନ୍ଧ୍ର ସୀମାନ୍ତ ନଦୀରୁ ବାଲି ଉଠାଣ ଅବ୍ୟାହତ ରହିଛି। ପ୍ରକାଶ ଥାଉ କି ଗତ ଦୁଇ ବର୍ଷ ତଳେ ଓଡ଼ିଶା ସୀମାନ୍ତର ଉକ୍ତ ଅଞ୍ଚଳରୁ ବେଆଇନ ବାଲି ଉଠାଣ ଯୋଗୁ ପରିବେଶ ନଷ୍ଟ ହେଉଥିବା ନେଇ ଗ୍ରୀନ ଟ୍ରିବ୍ୟୁନାଲ ତଦନ୍ତ କରି ଫେରି ସାରିଛନ୍ତି। ତେବେ ପୁଣି ଉକ୍ତ ଅଞ୍ଚଳରୁ ବାଲି ଚୋରି ଖବର କଣ ଓ କାହିଁକି ଉଠୁଛି, ଏହାର କାରଣ କ'ଣ ହୋଇଥିବ ସେ ନେଇ ନିଜେ ପ୍ରଶାସନ ମଧ୍ୟ ବୁଝି ପାରୁନଥିବା କୁହାଯାଉଛି ।

## ବିଜୁ ଜନତା ଦଳର ସାଂଗଠନିକ ବୈଠକ



କୋରାପୁଟ,୨୪।୫(ସମିସ): ଦମନଯୋଡ଼ି ସ୍ଥିତ ନାଲ୍‌କୋ କମ୍ୟୁନିଟ୍ ସେଣ୍ଟର ଠାରେ କୋରାପୁଟ ବ୍ଲକ ୨ ନମ୍ବର ଜିଲ୍ଲା ପରିଷଦ ଜୋନ ଅଧିନ ଗ୍ରାମ ପଞ୍ଚାୟତର କର୍ମୀ ମାନଙ୍କୁ ନେଇ ବିଜୁ ଜନତା ଦଳର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି ମଣ୍ଟୁ ବେନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଟ୍ଟାଙ୍ଗିର ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ମହିଳା ବିଜେଡି ଜୋନାଲ କାର୍ଯ୍ୟକାରୀ ସଭାନେତ୍ରୀ ଲତା ସାହୁ, ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ଫିରୋଜ ପଡ଼ାଲ, ବିଜେଡି ଜିଲ୍ଲା ଉପ ସଭାପତି ରାମ ପୂଜାରୀ ପ୍ରମୁଖ ଯୋଗ ଦେଇ ଦଳୀୟ ସଙ୍ଗଠନ ଅଧିକ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋରାପୁଟ ବ୍ଲକର ମାଥାଲପୁଟ, ଲିଟିଗୁଡ଼ା, ଡୁମୁରିପଦର, ମାରିଚମାଲ ଗ୍ରାମପଞ୍ଚାୟତର କର୍ମୀ ମାନେ ଯୋଗ ଦେଇଥିଲେ। ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୱାର୍ଡ ସଭ୍ୟ, ସରପଞ୍ଚ, ସମିତି ଓ ଜିଲ୍ଲା ପରିଷଦର ଦଳୀୟ ପ୍ରାର୍ଥୀମାନଙ୍କୁ ବିଜୟୀ କରିବାକୁ ପରାମର୍ଶ ଦେଇଥିଲେ।

### ମନରେଗାରେ ଶ୍ରମିକଙ୍କ ବଦଳରେ ମେସିନ କାର୍ଯ୍ୟ

# ବିଡିଓଙ୍କ ତଦନ୍ତ, ୩ କର୍ମଚାରୀଙ୍କୁ ଜବାବ ତଲବ

ମାଲକାନଗିରି/କୋରୁକୋଣ୍ଡା, ୨୪।୫(ସମିସ): ମନରେଗାରେ ପୋକଲିନ ମେସିନ ଲଗାଇ ହେଉଥିଲା ୨ଟି ପୋଖରୀ କାର୍ଯ୍ୟ। ବିଡିଓଙ୍କ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ ପରେ ବନ୍ଦ ହୋଇଥିଲା କାର୍ଯ୍ୟ। ଏହାପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପଞ୍ଚାୟତ ଅଧିକାରୀ, ଜିଆରଏସ ଏବଂ ଯନ୍ତ୍ରୀ ଉପରେ ପଡିଲା ଛାଟ। ୩ କର୍ମଚାରୀଙ୍କୁ ଚିଠି କରି ଜବାବ ତଲବ କଲେ ବିଡ଼ିଓ। ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ କାମବେଡା ପଞ୍ଚାୟତ ଅନ୍ତର୍ଗତ ଏମଭି-୩୦ ଗ୍ରାମରେ। ମନରେଗା ଯୋଜନାରେ ଉକ୍ତ ଗ୍ରାମରେ ଥିବା ଅମୃତ ସରୋବର ଏବଂ ଜଙ୍ଗଲପଡା ନିକଟରେ ହେଉଥିବା ଟ୍ୟାଙ୍କ୍ ନବୀକରଣ ନାମରେ ଲକ୍ଷାଧିକ ଟଙ୍କା ଆସିଥିବା ବେଳେ ଏଠି ଦିନ ଦ୍ୱିପହରରେ ମେସିନ ଲଗାଇ କାର୍ଯ୍ୟ କରୁଥିଲେ ସ୍ଥାନୀୟ ଜିଏସ୍‌ଙ୍କ ସମେତ ଗ୍ରାମର କିଛି ବ୍ୟକ୍ତି। ଉକ୍ତ ପଞ୍ଚାୟତ ଅଧୀନ ଏମ୍‌ଭି-୩୦ ଗ୍ରାମରେ ଦୁଇ ଗୋଟି ପୋଖରୀ ନିମନ୍ତେ ୨୦୨୫/୨୬ ଆର୍ଥିକ ବର୍ଷରେ ଗୋଟାଏ ୭.୩୫ ହଜାର ଏବଂ ଅନ୍ୟଟି ୯.୯୦ଲକ୍ଷ ଟଙ୍କାରେ ସରକାର ବ୍ୟୟ ମଞ୍ଜୁର କରିଥିଲେ। ଯାହାକି ସ୍ଥାନୀୟ ଶ୍ରମିକ ମାନଙ୍କ ମାଧ୍ୟମରେ କରାଯିବା କଥା । ହେଲେ ଦାୟିତ୍ୱରେ ଥିବା ପଞ୍ଚାୟତ ଅଧିକାରୀଙ୍କ ଦୟାରେ ଉକ୍ତ କାର୍ଯ୍ୟକୁ ମେସିନ ସାହାଯ୍ୟରେ କରି ଏନ୍‌ଏମ୍‌ଏମ୍‌ଏସରେ ଶ୍ରମିକଙ୍କ ଫୋଟୋ ଦର୍ଶାଯାଉଥିବା ଦେଖିବାକୁ ମିଳିଥିବା ବେଳେ ଆଉ ଗୋଟାଏ କାର୍ଯ୍ୟ ଆରମ୍ଭ ନ ହୋଇ ଅନୁମୋଦିତ ହୋଇଥିବା କାର୍ଯ୍ୟକୁ ମଧ୍ୟ ମେସିନ ସାହାଯ୍ୟରେ କରୁଥିବାର ଦେଖିବାକୁ ମିଳିଥିଲା।



ଏହାକୁ ନେଇ ଆମେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ନେଲୁରୁଙ୍କୁ ପଚାରିବାରୁ ସେ କହିଥିଲେ କି ମୋତେ ବିରକ୍ତ କରନ୍ତୁ ନାହିଁ। ଯାହା କରିବା କଥା କରନ୍ତୁ। ଏଣୁ ଉକ୍ତ ତଥ୍ୟକୁ ନେଇ ଆମେ କୋରୁକୋଣ୍ଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ ଯେ, ଏହାକୁ ନେଇ ସେ ଅନୁଧ୍ୟାନ କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଶ୍ରୀ ସାହୁ କାର୍ଯ୍ୟକୁ ଅନୁଧ୍ୟାନ କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଗତ ୧୯/୫/୨୦୨୬ ତାରିଖରେ, ପତ୍ର ସଂଖ୍ୟା ୧୮୦୫/୨୦୨୬ରେ ପଞ୍ଚାୟତ କାର୍ଯ୍ୟ ନିରୀକ୍ଷକ ବା ହିସାବ ରକ୍ଷକ ମାଛୁ ଖରା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ନେଲୁରୁ ଏବଂ କନିଷ୍ଠ ଯନ୍ତ୍ରୀ ରୂପକ କୁମାର ସିଙ୍ଗ ସାମନ୍ତଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇଥିବା ଜଣାପଡ଼ିଛି।

# କେନ୍ଦ୍ରୀୟ ବିଦ୍ୟାଳୟ ଓଡ଼ିଶା କବାଡି ଦଳରୁ ପ୍ରତିନିଧିତ୍ୱ କରିବେ ଆୟୁଷ୍ମାନ

ନବରଙ୍ଗପୁର,୨୪।୫(ସମିସ): ନବରଙ୍ଗପୁର ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ଆୟୁଷ୍ମାନ ପଣ୍ଡା ୧୭ ବର୍ଷରୁ କମ୍ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ କବାଡି ଦଳରୁ ଓଡ଼ଶା ତରଫରୁ ପ୍ରତିନିଧିତ୍ୱ କରିବେ। ଦିଲ୍ଲୀ ଠାରେ ଆୟୋଜତ ହେବାକୁ ଥିବା ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ କବାଡ଼ି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ଲାଗି ଭୁବନେଶ୍ୱର ଠାରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଏକମାତ୍ର ଖେଳାଳି ଭାବେ ୧୦ ଜଣିଆ ଓଡ଼ଶା ଦଳରେ ସାମିଲ ହେବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏହା ପୂର୍ବରୁ ଶ୍ରୀମାନ୍ ଆୟୁଷ୍ମାନ କଟକ ବାରବାଟୀ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ ଠାରେ ଆୟୋଜିତ ଓଡ଼ଶା ସିନିୟର୍ କବାଡ଼ି ଦଳରେ ସାମିଲ ହୋଇ ନିଜ ନିପୁଣ କ୍ରୀଡ଼ା କୌଶଳ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ଓଡ଼ିଶା ଦଳରେ ତାଙ୍କ ଏହି ସଫଳତା ପାଇଁ ଶୁଭେଚ୍ଛାର ବାର୍ତ୍ତା ଛୁଟୁଛି। ଏହି ସଫଳତା ହାସଲ ପଛରେ ନିଜ ପିତା ରାଜୁ ସାହି ନିବାସୀ ବାନାମ୍ବର ପଣ୍ଡା, ମାତା ନିରୁପମା ଦାଶ, କେନ୍ଦ୍ରୀୟ ବିଦ୍ୟାଳୟ ପିଇଟି ଶିକ୍ଷକ ଅଙ୍କିତ ଯାଦବ, ନବରଙ୍ଗପୁର ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ, ପ୍ରଶିକ୍ଷକ ଏମ୍. ବାଲକ୍ରିଷ୍ଣା ରାଓ, ମିଡ଼ିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ଓ ଅନ୍ୟାନ୍ୟ ସଦସ୍ୟ ମାନଙ୍କ ଆଶୀର୍ବାଦ ଥିବା ପ୍ରକାଶ କରିଛନ୍ତି।




# ବସ୍ ପାର୍ସଲରୁ ୭୦ ମୋବାଇଲ୍ ଗାଏବ



### ଥାନାରେ ଅଭିଯୋଗ

ମାଲକାନଗିରି, ୨୪।୫(ସମିସ): ମାଲକାନଗିରିରେ ଘରୋଇ ବସ୍‌ରୁ ଆସୁଥିବା ପାର୍ସଲରୁ ୭୦ଟି ମୋବାଇଲ ଗାଏବ ହୋଇଥିବା ଅଭିଯୋଗ ହୋଇଛି। ମୋବାଇଲ ଗୁଡ଼ିକର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏନେଇ ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, 'ମହାଦେବ' ନାମକ ଘରୋଇ ବସ୍‌ରେ ଭୁବନେଶ୍ୱରର 'ଡିଲାଇଟ ଡିଷ୍ଟ୍ରିବ୍ୟୁଟର' ପକ୍ଷରୁ ମାଲକାନଗିରିର 'ଡିଜିଟାଲ ୱାର୍ଲ୍ଡ' କୁ ୭୦ଟି ମୋବାଇଲ ପଠାଯାଇଥିଲା। ପାର୍ସଲ ବାବଦକୁ ୨୦୦ ଟଙ୍କା ଦେଇ ରସିଦ ମଧ୍ୟ ନିଆଯାଇଥିଲା। କିନ୍ତୁ ବସ୍‌ଟି ମାଲକାନଗିରି ପହଞ୍ଚିବା ପରେ ମୋବାଇଲ ଥିବା ପେଟି ମିଳିନଥିଲା। ବସ୍ କର୍ମଚାରୀଙ୍କୁ ପଚାରିଲେ ମଧ୍ୟ ସଠିକ୍ ଉତ୍ତର ମିଳିନଥିବାରୁ 'ଡିଜିଟାଲ ୱାର୍ଲ୍ଡ'ର ମାଲିକା ମୌସୁମୀ ସାହା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ବସ୍‌କୁ ଅଟକ ରଖି ତଦନ୍ତ ଚଳାଇଛି।

### ମଦୁଆ ଡ୍ରାଇଭର ସାବାଡ୍

# ବାଲି ଚୋରା ଚାଲାଣ ବେଳେ ଧରିଲା ପୁଲିସ

କୋଷାଗୁମୁଡ଼ା,୨୪।୫(ସମିସ): ଦିନକୁ ଦିନ କୋଷାଗୁମୁଡ଼ା ଅଞ୍ଚଳରେ ବାଲି ଚୋରା ଚାଲାଣ ସହ ମଦୁଆଙ୍କ ଗାଡି ଚାଳନା ବଢି ଚାଲିଛି। ଏହି ସବୁକୁ ରୋକିବା ସହ ସାମାଜିକ ସୁରକ୍ଷା ଦୃଷ୍ଟିକୁ ଦେଖି ଆରକ୍ଷୀ ଅଧିକ୍ଷକ କାଶ୍ୟପ ପାର୍ଥ ଜଗଦୀଶ ଏବଂ ଏସ୍‌ଡିପିଓ ସତ୍ୟଜିତ କାଣ୍ଡେଲକେଲଙ୍କ ନିର୍ଦ୍ଦେଶ ପ୍ରକାରେ କୋଷାଗୁମୁଡ଼ା ଥାନାଧିକାରୀ ବାଙ୍ଗି ମାଝୀ ସଦଳବଳେ ଅପରାହ୍ଣ ଓ ରାତିରେ ନାଇଟ୍ ପାଟ୍ରୋଲିଂ କରୁଥିବା ସମୟରେ ଭାସ୍କେଲ ନଦୀରୁ ଚୋରା ବାଲି ଚାଲାଣ ସମୟରେ ମିର୍ମିଣ୍ଡା ଛକ ନିକଟରେ ଦୁଇ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଥାନାରେ ରଖିଛନ୍ତି। ସେଭଳି ବିଗତ ରାତି ନାଇଟ୍ ପାଟ୍ରୋଲିଂ ସମୟରେ ବଡ଼ ଆମ୍ବଡା ନିକଟରେ ଏକ ପିକ୍‌ଅପ୍ ଗାଡ଼ିକୁ ମଦ ପିଇ ଚଳାଉଥିବା ଘଟଣାରେ ପିକୋପ ଗାଡିକୁ ଜବତ କରି କୋଷାଗୁମୁଡ଼ା ଥାନାରେ ରଖିଛନ୍ତି। ଆଗକୁ ଏଭଳି ମଦ ପିଇ ଗାଡି ଚଳାଇବା, ବିନା ହେଲମେଟରେ କିମ୍ବା ବିନା କାଗଜପତ୍ରରେ ଗାଡ଼ି ଚଳାଇବା, ବେଆଇନ ବାଲି, କିମ୍ବା ଅନ୍ୟାନ୍ୟ ଜଙ୍ଗଲ ଜାତଦ୍ରବ୍ୟ ଚାଲାଣ, ଗଞ୍ଜେଇ, ମଦ ଚାଲାଣ ଉପରେ ନଜର ରଖି ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ଥାନାଧିକାରୀ ଶ୍ରୀମତୀ ମାଝୀ କହିଛନ୍ତି।




# ବେଧଡ଼କ ଚାଲିଛି ବାଲିଚାଲାଣ; ପ୍ରଶାସନ ନୀରବଦ୍ରଷ୍ଟା

ପୋଡ଼ାଗଡ଼,୨୪।୫(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡା ପଦର ପଞ୍ଚାୟତ ଅଧିନସ୍ଥ ବାଲିଘାଟ ଗ୍ରାମ ଓ ଘାଟଗୁଡ଼ା ଗ୍ରାମ ନିକଟରେ ଥିବା ମୁରନ୍ ନଦୀରୁ ଦିନ ଦ୍ୱିପ୍ରହରରେ ଚାଲିଛି ବାଲି ଚୋରାଚାଲାଣ। ଏହି ବାଲି ଚାଲାଣ ଯୋଗୁଁ ଗ୍ରାମର ନିତିଦିନିଆ ରାସ୍ତା ଖରାପ ହେଉଥିବା ଉକ୍ତ ଦୁଇ ଖଣ୍ଡ ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ କହିଛନ୍ତି କି ଏହି ବାଲି ଚାଲାଣ ପ୍ରତିବର୍ଷ ଶୀତ ଓ ଗ୍ରୀଷ୍ମ ଋତୁରେ ଚାଲିଛି। କିନ୍ତୁ ଗ୍ରାମବାସୀ ଯେତେ କହିଲେ ମଧ୍ୟ ଶୁଣୁ ନାହାନ୍ତି । ଓଲଟା ଗ୍ରାମବାସୀଙ୍କୁ ଧମକ ଦେଉଥିବା କହିଛନ୍ତି। ଏହି ବାଲି ଚାଲାଣ ସମ୍ପର୍କରେ ଅନେକ ଥର ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ କୌଣସି ସୁଫଳ ମିଳିନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ନିଜ ଗ୍ରାମରେ ଘରଟିଏ ତିଆରି କରିବାକୁ ବାଲି ମିଳୁ ନଥିବା ବେଳେ ଦିନକୁ ୪ରୁ ୬ ଟ୍ରାକ୍ଟର ନଦୀରେ ଆସି ବାଲି ନେଉଥିବା ଗ୍ରାମବାସୀ କହିଛନ୍ତି। ଏନେଇ ଆମେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ନିମନ୍ତେ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ।



# ଚଢ଼େଇ ପାଇଁ ସର୍ଟସର୍କିଟ୍ ହୋଇ ଜଳିଗଲା ବତୀଖୁଣ୍ଟ

ଲକ୍ଷ୍ମୀପୁର,୨୪।୫(ସମିସ): ରବିବାର ସକାଳେ ରାମ ମନ୍ଦିର ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ଦୁଇ ଚଢ଼େଇର ଲଢ଼େଇ ଯୋଗୁଁ ପୋଲ ଉପରେ ଦେଇ ଯାଇଥିବା ତାର ଗୁଡ଼ିକ ହୁତୁ ହୁତୁ ହୋଇ ନିଆଁ ଲାଗି ଯାଇଥିଲା । ଚଢ଼େଇ ଦୁଇଙ୍କ ଲଢ଼େଇ ଯୋଗୁଁ ସର୍ଟସର୍କିଟ୍ ହୋଇ ପୋଲରୁ ବିଭିନ୍ନ ଘରକୁ ଯାଇଥିବା ତାର ପୋଡି ପାଉଁଶ ହୋଇ ଯାଇଥିଲା। ଲୋକେ ଏହା ଦେଖିବାକୁ ରୁଣ୍ଡ ହୋଇ ସ୍ଥାନୀୟ ବିଦ୍ୟୁତ ବିଭାଗକୁ ଜଣାଇ ଥିଲେ ଏବଂ ପରେ ବିଦ୍ୟୁତ କାଟ କରିଥିଲେ। ଅଗ୍ନିଶମ କାର୍ଯ୍ୟାଳୟକୁ ଯୋଗାଯୋଗ କରି ଦମକଳ ଗାଡି ଧରି ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖରା ଦିନ ସାଙ୍ଗକୁ ନିଆଁ ଏଭଳି ଜଳିଥିଲା ଯେ ପୋଲ ପାଖରେ ଥିବା ଘର ଲୋକେ ଭୟଭୀତ ହୋଇଯାଇ ଘରୁ ବାହାରକୁ ବାହାରି ଥିଲେ। ଠିକ୍ ସମୟରେ ଖବର ପାଇ ବିଦ୍ୟୁତ ବିଭାଗର କର୍ମଚାରୀ କରେଣ୍ଟ କାଟ୍ କରିଥିଲେ । ନଚେତ ତାର ଛିଣ୍ଡି ଯଦି ରାସ୍ତା ଉପରେ ପଡ଼ିଥାନ୍ତା , ତେବେ ବହୁ କ୍ଷୟକ୍ଷତି ହୋଇଥାନ୍ତା। ଏହାକୁ ସଜାଡ଼ିବା ପାଇଁ ଦୀର୍ଘ ସମୟ ଲାଗି ଥିଲା।



### ■ ଜୟପୁର ପ୍ରିମିୟର ଲିଗ୍

# ଜୟପୁର ରୟାଲ୍‌ସ ଚାମ୍ପିଅନ୍

ଜୟପୁର, ୨୪।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଦଶହରା ପଡିଆ ଠାରେ ଆୟୋଜିତ ୩ୟ ଜୟପୁର ପ୍ରିମିୟର ଲିଗ୍ ୨୦୨୬ ଫାଇନାଲ ମ୍ୟାଚରେ ଜୟପୁର ରୟାଲସ ଦଳ ୨୩ ରନ୍‌ରେ ସନ୍‌ସାଇନ ସୁପର କିଙ୍ଗସ୍‌କୁ ପରାସ୍ତ କରିବା ସହିତ ଚାମ୍ପିଅନ୍ ଟ୍ରଫି ସହିତ ନଗଦ ଦେଢ ଲକ୍ଷ ଟଙ୍କା ଏବଂ ଉପବିଜେତା ଦଳ ଏକ ଲକ୍ଷ ଟଙ୍କା ନଗଦ ପୁରସ୍କାର ରାଶି ଗ୍ରହଣ କରିଛନ୍ତି। ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରୟାଲସ୍ ଦଳ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଭଗେଶ ଶର୍ମା ୩୦ଟି ବଲରେ ୬୦ ରନ ଏବଂ ଆଦିତ୍ୟ ରାଉତ ୧୮ଟି ବଲରେ ୩୦ ରନ ସଂଗ୍ରହ କରିଥିଲେ। ବିରୋଧି ଦଳର ଶ୍ରେଷ୍ଠ ବୋଲର ଭାବେ ଏ.ସି ମୁନିର ୩୮ ରନ ଦେଇ ୨ଟି ୱିକେଟ ଅକ୍ତିଆର କରିଥିଲେ। ବିଜୟ ଲକ୍ଷ୍ୟ ନେଇ ସନସାଇନ ସୁପର କିଙ୍ଗସ୍ ଦଳ ୨୦ ଓଭରରେ ୯ଟି ୱିକେଟ ହରାଇ ମତ୍ର ୧୬୮ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ପି.ରୋଶନ ୨୦ଟି ବଲରେ ୨୫ ରନ ଏବଂ ଚନ୍ଦୁ ରାଜା ୯ଟି ବ୍ଲରେ ୨୪ ରନ ସଂଗ୍ରହ କରିଥିଲେ ଏବଂ ବିପକ୍ଷ ଦଳ ପକ୍ଷରୁ ଆଦିତ୍ୟ ଶତପଥି ୨୫ ରନ ଦେଇ ୩ଟି ୱିକେଟ ଅକ୍ତିଆର କରିଥିଲେ। ସେହିପରି ଆଜିର ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ଭାବେ ସର୍ବାଧିକ ସ୍କୋର କରିଥିବା ଭିଗେଷ ଶର୍ମା ମ୍ୟାନ ଅଫ ଦି ମ୍ୟାଚ ଏବଂ ମ୍ୟାନ ଅଫ ଦି ସିରିଜ ଅର୍ଜୁନ ମଳୟ, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବ୍ୟାଟସମ୍ୟାନ ଦିଲ୍ଲୀପ ବିଶୋୟୀ, ଶ୍ରେଷ୍ଠ ବୋଲର ଆଦିତ୍ୟ ଶତପଥି, ଶ୍ରେଷ୍ଠ ୱିକେଟ କିପର ଜୀବନ କୁମାର, ଶ୍ରେଷ୍ଠ ଫିଲଡର ଦିଲ୍ଲୀପ କୁମାର ସ୍ୱାଇଁ ଏବଂ ଅଭିଶେକ, ଶ୍ରେଷ୍ଠ ଅଧିନାୟକ ଗିରି କ୍ରୀଷ୍ଣାଙ୍କୁ ଚୟନ କରାଯାଇ ପୁରସ୍କୃତ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଆୟୋଜକ କମିଟିର ଅଧକ୍ଷ ବାବୁଲା ରାଉତ ଏବଂ ସୁବାଶ ରାଉତଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ।

# ବେକଡାବେଢ଼ାରେ ପାଣି ପାଇଁ ରାସ୍ତାରୋକ

ଉମରକୋଟ ୨୪।୫(ସମିସ): ନବରଙ୍ଗପୁର ଠାରୁ ଉମରକୋଟକୁ ସଂଯୋଗ କରୁଥିବା ୩୯ ନମ୍ବର ରାଜ୍ୟ ରାଜପଥକୁ ପାଣି ପାଇଁ ବେକଡାବେଢ଼ା ନିକଟରେ ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ। ରାସ୍ତା ପ୍ରଶସ୍ତିକରଣ କାମ ଚାଲିଥିବା ବେଳେ ତିନୋଟି ୱାର୍ଡକୁ ପାନୀୟ ଜଳ ଯୋଗାଣ କରୁଥିବା ପାଇପ୍‌କୁ ଠିକା ସଂସ୍ଥା କାମ କଲାବେଳେ ଭାଙ୍ଗି ଦେଇଛନ୍ତି ।ଯାହା ଫଳରେ, ବେକଡାବେଢ଼ା ଗ୍ରାମପଞ୍ଚାୟତର ୱାର୍ଡ ନମ୍ବର ୮, ୧୦, ୧୧କୁ ଦୀର୍ଘ ସାତ ଦିନ ଧରି ଜଳଯୋଗାଣ ବନ୍ଦ ରହିଛି। ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଳ କଷ୍ଟ ଭୋଗୁଥିବା ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର କହିବା ସତ୍ତ୍ୱେ ମରାମତି କରିନଥିଲେ ଓ ଠିକା ସଂସ୍ଥାକୁ ପାଇପ ମରାମତି ପାଇଁ ଅନୁରୋଧ କରିବାରୁ ଗ୍ରାମବାସୀଙ୍କୁ ପାଣି ନ ପାଇଲେ ମରିଯିବକି ବୋଲି ପ୍ରଶ୍ନ କରିଥିଲେ। ସବୁ ଆଡୁ ନିରାଶ ହେବା ଫଳରେ ଅନ୍ୟ କିଛି ଉପାୟ ନପାଇ ଗ୍ରାମବାସୀ ସକାଳ ୯ ଟା ଠାରୁ ରାସ୍ତା ଅବରୋଧ କରିଛଲେ। ଅପରାହ୍ନରେ ବିଭାଗୀୟ ଅଧିକାରୀ ଆସି ଆସନ୍ତା କାଲି ସୁଦ୍ଧା ଜଳ ଯୋଗାଣ ସ୍ୱାଭାବିକ କରିବେ ବୋଲି ପ୍ରତିଶୃତି ଦେବା ପରେ ରାସ୍ତାରୋକ ହଟିଥିଲା।



# ଗୋଷ୍ଠୀ ସଂଘର୍ଷ ରୋକିବାକୁ ପ୍ରଶାସନର ଶାନ୍ତି କମିଟି ଗଠନ

ରାୟଗଡ,୨୪।୫(ସମିସ): ଚଳିତ ମାସ ୯ ତାରିଖରେ ରାୟଗଡ ସହର ଆମ୍ବେଦକର (ରେଲି ସାହି )ସାହିର ହାଡ଼ପା ନିଖିଳ ହତ୍ୟା ମାମଲାରେ ପୋଲିସ ବର୍ତମାନ ସୁଦ୍ଧା ୧୨ଜଣଙ୍କୁ ଗିରଫ କରିଥିବା ବେଳେ ଏଥିରେ ଜଡ଼ିତ ଥିବା ଅନ୍ୟ ଅପରାଧୀଙ୍କୁ ଧରିବାକୁ ତଦନ୍ତ ଜାରି ରଖିଛି। ତେବେ ନିଖିଲ ହତ୍ୟା ଘଟଣାକୁ ନେଇ ସାହି ବାସିନ୍ଦା ପକ୍ଷରୁ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜୋରଦାର ଦାବି ହୋଇଥିଲା । ପୋଲିସ ସମ୍ବେଦନଶୀଳ ଘଟଣାକୁ ନେଇ ପରିସ୍ଥିତି ଉପରେ ନିୟନ୍ତ୍ରଣ ପାଇଥିବା ବେଳେ ଘଟଣାର ୧୬ଦିନ ପରେ ପୁଣି ଗତ ଶୁକ୍ରବାର ରାତିରେ ରେଲି ସାହି ଓ ପିଟଲା ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଯାହାକୁ ଶନିବାର ଦିନ ପୋଲିସ ପକ୍ଷରୁ ରେଲି ସାହି ଏବଂ ପିଟଲା ସାହିରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ଏଥି ସହିତ ମୃତ ନିଖିଲଙ୍କ ବାପା ହାଡ଼ପା



### ଅପରାଧ ନିୟନ୍ତ୍ରଣ ପାଇଁ ଜିଲ୍ଲା ପୁଲିସର ପଦକ୍ଷେପ

ଶିବାଙ୍କୁ ପୋଲିସ ଖୋଜୁଥିବା ଜଣାପଡ଼ିଛି। ତାଙ୍କ ନାଁରେ ମଧ୍ୟ ଅପରାଧିକ ମାମଲା ରହିଥିବା କାରଣରୁ ପୋଲିସ ଖୋଜାଖୋଜି ଆରମ୍ଭ କରିଛି ବୋଲି ଏସ୍‌ଡିପିଓ କହିଛନ୍ତି । ସହରକୁ ଅପରାଧମୁକ୍ତ କରାଯିବା ପାଇଁ ପୋଲିସ ଦୃଢ ପଦକ୍ଷେପ ନେବାକୁ ନିଷ୍ପତି ନେଇଥିବା ସୂଚନା ମିଳିଛି। ତେବେ ଶୁକ୍ରବାର ହୋଇଥିବା ଗୋଷ୍ଠୀ ସଂଘର୍ଷକୁ ରୋକିବା କ୍ଷେତ୍ରରେ ଶନିବାର ଅପରାହ୍ନରେ ରାୟଗଡ ଉପଜିଲ୍ଲାପାଳ ରମେଶ କୁମାର ଜେନା, ଏଏସପି ରାମେନ୍ଦ୍ର ପ୍ରସାଦ ଓ ଅନ୍ୟ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ରେଲି ସାହି ଓ ପିଟଲା ସାହିର ଲୋକଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ କରାଯାଇ ସମସ୍ୟାର ସମାଧାନ କରିବା ସହିତ ଗୋଷ୍ଠୀ ସଂଘର୍ଷରୁ ଦୂରେଇ ରହିବା ପାଇଁ ଆଲୋଚନା ହୋଇଥିବା ଜଣାପଡିଛି। ତେବେ ସହରର ସୁରକ୍ଷା ଏବଂ ଉତେଜନା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ସହରରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଏଭଳିକି ପୋଲିସ ଅଧିକାରୀ ଓ ଯବାନମାନେ ସାଧା ପୋଷାକରେ ମଧ୍ୟ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରୁଥିବା ଜଣାପଡିଛି।

**▶ ୭୮ ବର୍ଷ ବୟସରେ ହକ୍ ପାଇଁ କାମରାଜୁଙ୍କ ସଂଘର୍ଷ**

# ମିଳୁନି ପେନସନ, ବୁଲୁଛନ୍ତି ଅଫିସ୍‌ରୁ ଅଫିସ୍

ତେନ୍ତୁଲିଖୁଣ୍ଟି,୨୪।୫(ସମିସ): ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ପ୍ରକଳ୍ପରେ ଜଣେ ୭୮ ବର୍ଷ ବୟସ୍କ ବୃଦ୍ଧଙ୍କ ସଂଘର୍ଷ ନଜରକୁ ଆସିଛି। ନିଜ ହକ ପାଇଁ ବର୍ଷ ବର୍ଷ ହେବ ସଂଘର୍ଷ କରୁଛନ୍ତି କାମରାଜୁ ମହାରଣା। ୭୮ ବର୍ଷ ବୟସରେ ନିଜ ଜନ୍ମ ପ୍ରମାଣପତ୍ର ପାଇବା ପାଇଁ ସରକାରୀ ବ୍ୟବସ୍ଥାର ଜାଲ ରେ ଛନ୍ଦି ହୋଇ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି । ସୂଚନା ଅନୁଯାୟୀ, ଇନ୍ଦ୍ରାବତୀ ପ୍ରକଳ୍ପ ପୋଡ଼ଗଡ଼ରେ ରହୁଥିବା କାମରାଜୁ ମହାରଣା ଇନ୍ଦ୍ରାବତୀ ପ୍ରକଳ୍ପ ଜଳସେଚନ ବିଭାଗ କଲୋନୀ ରକ୍ଷଣାବେକ୍ଷଣ କାର୍ଯ୍ୟାଳୟରେ ୧୯୮୧ ମସିହାରୁ କାର୍ଯ୍ୟ କରି ଆସୁଥିଲେ। କିନ୍ତୁ ୨୦୦୩ ମସିହାରେ ସରପ୍ଲସ ଘୋଷଣା କରି କାମରାଜୁଙ୍କୁ ଅନ୍ତର କରିଦିଆଗଲା।



ଯେତେବେଳେ କି କାମରାଜୁଙ୍କ ସହିତ କାର୍ଯ୍ୟ କରୁଥିବା ଅନ୍ୟ ସାଥି ଙ୍କୁ ରେଗୁଲାର ଘୋଷଣା କରାଗଲା ସେଠି କାମରାଜୁ ଏବଂ ତାଙ୍କ ଅନ୍ୟ କିଛି ସହକର୍ମୀଙ୍କୁ କାର୍ଯ୍ୟ ରୁ ଅନ୍ତର କରାଗଲା । ଏହାପରେ କାମରାଜୁ ଇଆଇସିଙ୍କ ଠାରୁ ଆରମ୍ଭ କରି ଲେବର କମିଶନ, ଜଳ ସେଚନ ସଚିବଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ପତ୍ର ମାଧ୍ୟମରେ ଜଣାଇ ମଧ୍ୟ କିଛି ସୁଫଳ ପାଇପାରିନାହାନ୍ତି। ନିଜ ଦୁଇ ଭେଣ୍ଡିଆ ପୁଅ ଆରପାରିକୁ ଚାଲିଯିବା ପରେ କଷ୍ଟେ ମଷ୍ଟେ ପରିବାର ପ୍ରତିପୋଷଣ କରି ପେନସନ ଖଣ୍ଡିକ ପାଇଁ ୨୩ ବର୍ଷ ହେଲା ଲଢେଇ କରୁଛନ୍ତି। ସରକାର ସମସ୍ତ ସରକାରୀ ସେବା ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷରେ କାର୍ଯ୍ୟକରୁଥିବା କହୁଥିବା ବେଳେ କାମରାଜୁଙ୍କ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ପରିଣତ ବୟସରେ ଅଫିସରୁ ଅଫିସ ଦୌଡ଼ି ଦୌଡ଼ି କାମରଜୁ ଥକି ଯାଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିବେଦନ କରିଛନ୍ତି।

**● ବଦଳିଲେ ରାୟଗଡ ଜିଲ୍ଲାର ପ୍ରଥମ ମହିଳା ଏସ୍‌ପି ସ୍ୱାତୀ ଏସ.କୁମାର**

# ନୂତନ ଏସ୍‌ପି ହେଲେ ଆଇପିଏସ୍ ରାଜ ପ୍ରସାଦ





ରାୟଗଡ଼,୨୪।୫(ସମିସ): ରାଜ୍ୟରେ ଆଇପିଏସ ସ୍ତରରେ ବଡଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଯେଉଁଥିରେ ରାଜ୍ୟର ୧୩ଟି ଜିଲ୍ଲାର ଏସ୍‌ପିଙ୍କୁ ବଦଳି ହୋଇଛି। ଏହି କ୍ରମରେ ରାୟଗଡ଼ ଏସ୍‌ପି ସ୍ୱାତୀ ଏସ.କୁମାରଙ୍କୁ ଏସ୍‌ଟିଏଫ ଏସ୍‌ପି ଭାବେ ବଦଳି ହୋଇଥିବା ବେଳେ ସ୍ପେଶାଲ ବ୍ରାଞ୍ଚ ଏସ୍‌ପି ରାଜ ପ୍ରସାଦଙ୍କୁ ରାୟଗଡ ଏସପି ଭାବେ ସରକାର ଅବସ୍ଥାପିତ କରିଛନ୍ତି। ଏସପି ସୁଶ୍ରୀ ସ୍ୱାତୀ ଏସ.କୁମାର ରାୟଗଡରେ ଗତ ୨୦୨୪ ମସିହା ଅକ୍ଟୋବର ମାସରେ ଦାୟିତ୍ୱ ଗ୍ରହଣ କରିଥିଲେ। ରାୟଗଡ ଜିଲ୍ଲାର ସେ ପ୍ରଥମ ମହିଳା ଏସପି ଭାବେ ଅବସ୍ଥାପିତ ହୋଇ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ଆଦିବାସୀ ଅଧ୍ୟୁଷିତ ତଥା ନକ୍ସଲ ପ୍ରବଣ ରାୟଗଡ ଜିଲ୍ଲାରେ ବୃଦ୍ଧି ପାଉଥିବା ନକ୍ସଲ ହିଂସା,ଚୋରି ,ଡକାୟତି, ଗଞ୍ଜେଇ ଚୋରା ଚାଲାଣ, ବେଆଇନ ମଦ ବେପାର, ଟ୍ରାଫିକ୍ ନିୟନ୍ତ୍ରଣ, ସଡକ ଦୁର୍ଘଟଣା ହ୍ରାସ କରିବା, ହତ୍ୟା ଭଳି ଅପରାଧିକ ତଥା ଅସାମାଜିକ କାର୍ଯ୍ୟକଳାପ ମାମଲାକୁ ରୋକିବାକୁ ଏବଂ ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ବଜାୟ ରଖିବା ପାଇଁ ପ୍ରୟାସ କରି ଆସିଥିଲେ। ଏସ୍‌ପି ସ୍ୱାତୀଙ୍କ ଦୀର୍ଘ ଦେଢବର୍ଷରୁ ଅଧିକ ରାୟଗଡରେ ଚାକିରି କାର୍ଯ୍ୟକାଳ ସମୟ ମଧ୍ୟରେ ଜିଲ୍ଲାରେ ସିପିଆଇଏମ ବାଘୁନା ଡିଭିଜନର ଟପ୍ କ୍ୟାଡର ମାଓନେତା ନିଖିଲ, ଇନ୍ଦୁଙ୍କ ସମେତ ୧୫ଜଣ ସଶସ୍ତ୍ର ମାଓବାଦୀ ଆଓସର୍ମପଣ କରିଥିବା ବେଳେ ତାଙ୍କ ନେତୃତ୍ୱରେ ଜିଲ୍ଲାର ବହୁ ଥାନା ଅଂଚଳରେ ବେଆଇନ ଗଂଜେଇ ଚାଷ ନଷ୍ଟ, ରାୟଗଡର ବହୁ ଚର୍ଚ୍ଚିତ ନିଖିଲ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ମଧ୍ୟ ହୋଇପାରିଛି। ତେବେ ଜିଲ୍ଲାର ସିଜିମାଳି ପ୍ରସଙ୍ଗରେ କଂଟାମାଳ ଗାଁରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ଖଣ୍ଡଯୁଦ୍ଧକୁ ନେଇ ସେ ବିବାଦୀୟ ହୋଇପଡିଥିଲେ। ରାୟଗଡ ଏସପି ସ୍ୱାତୀ ଏସ.କୁମାରଙ୍କ ବଦଳି ପରେ ନୂତନ ଏସ୍‌ପି ଭାବେ ଆରଆର-୨୦୧୮ ବ୍ୟାଚର ଆଇପିଏସ ରାଜ ପ୍ରସାଦ ଜିଲ୍ଲା ଏସପି ଭାବେ ଦାୟିତ୍ୱ ଗ୍ରହଣ କରିବେ। ସୂଚନାନୁଯାୟୀ ରାଜ ପ୍ରସାଦ ଏଥିପୂର୍ବରୁ ରାୟଗଡ ଜିଲ୍ଲାରେ ଗତ ୨୦୨୩ ମସିହାରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ।

**ଦାଦନ ଖଟିବାକୁ ଯାଇ ୪ ବର୍ଷ ହେଲା ଘର ମୁଖିଆ ନିଖୋଜ**

# କଅଁଳ କାନ୍ଧରେ ପରିବାର ବୋଝ

କୁନ୍ଦୁରା,୨୪।୫(ସମିସ) ପୁଣି ସମ୍ନାକୁ ଆସିଛି ଦାଦନ ଦୁଃଖ । ପରିବାର ଚଳାଇବା ପାଇଁ ବାହାର ରାଜ୍ୟକୁ କାମ କରିବାକୁ ଗଲେ ବାପା। ଉଦେଶ୍ୟ ଥିଲା ଦୁଇ ପଇସା ରୋଜଗାର କରି ଆଣିବେ ପରିବାରର ଦୁଃଖ ଦୂର କରିବେ । କିନ୍ତୁ ଦାଦନ ଯାଇ ଚାରି ବର୍ଷ ହେବ ନିଖୋଜ ଅଛନ୍ତି ଘରର ମୁଖିଆ । ସେପଟେ ପୁଅ ପେଟ ପାଇଁ ପାଠ ଛାଡିଛି, କୁଲି କାମ କରି ପରିବାର ଚଳାଉଛି । ଏଭଳି ଘଟଣା କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ବାଗଦିରୀର ନିଖୋଜ ଦୁର୍ଯ୍ୟୋଧନଙ୍କ ପରିବାର ନିକଟରେ ଦେଖିବାକୁ ମିଳିଛି । କୁନ୍ଦୁରା ବ୍ଲକ ବାଗଦିରୀ ଗାଁର ଦୁର୍ଯ୍ୟୋଧନ ପାଇକ ଜଣେ କୁଲି ମଜୁରିଆ। ସେ କଷ୍ଟେ ମଷ୍ଟେ ନିଜ ପରିବାର ଚଳାଉ ଥିଲେ। ହେଲେ ଗରିବ ଶ୍ରେଣୀର ହେତୁ ତାଙ୍କର ଆର୍ଥିକ ଅନଟନ ଲାଗିରହିଥିଲା। ଦୁଇ ପଇସା ଅଧିକ ରୋଜରାଗ କରିବେ ଆଉ ପରିବାରର ଦୁଃଖ ଦୂର କରିବେ,ଏହି ଆଶା ନେଇ ଦୁର୍ଯ୍ୟୋଧନ ଚାରି ବର୍ଷ ତଳେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। ହେଲେ ସେ ଏ ଯାଏଁ ଘରକୁ ଫେରିଲେ ନାହିଁ। ତାଙ୍କ





ସହ ପରିବାର ଲୋକଙ୍କ ଯୋଗାଯୋଗ ନାହିଁ। ତେଣୁ ଚିନ୍ତାରେ ପଡି ଯାଇଛନ୍ତି ଦୁର୍ଯ୍ୟୋଧନଙ୍କ ପରିବାର ପୁଅ ମିଥୁନ, ଝିଅ ବରୁଣୀ ପାଇକ ଓ ସ୍ତ୍ରୀ ପଦ୍ମା ପାଇକ। ଚାରି ବର୍ଷ ହେବ ଅସହାୟ ଅବସ୍ଥାରେ କେବଳ ସ୍ୱାମୀଙ୍କ ଫଟୋକୁ ଧରି ଗାଁର ଫେରିବା ରାସ୍ତାକୁ ଅନାଇ ବସିଛନ୍ତି ସ୍ତ୍ରୀ । ସେପଟେ ପେଟ ପାଇଁ ପାଠ ଛାଡିଲେ ପୁଅ ମିଥୁନ ପାଇକ । ଏବେ କଅଁଳ କାନ୍ଧରେ ପରିବାର ବୋଝ,ଘରର ଆର୍ଥିକ ସମସ୍ୟା ପାରିବାରିକ ଦାୟିତ୍ୱ ବଢିଗଲା । ମାଆ ଓ ଭଉଣୀ ଙ୍କୁ ନେଇ କୁଲି ଭୁତି କରି ବଡ଼ କଷ୍ଟରେ ପରିବାର ଚଳାଉଛନ୍ତି ମିଥୁନ। ଏଣୁ ସରକାରୀ ସହାୟତା ପାଇଁ ପ୍ରଶାସନକୁ ନିବେଦନ କରାଯାଇଛି ପରିବାର ଲୋକେ। ଦୁର୍ଯ୍ୟୋଧନ ପାଇକ ୨୦୨୩ ମସିହାରେ ଗାଁର କିଛି ଲୋକଙ୍କ ସହିତ ହାଇଦ୍ରାବାଦ ଦାଦନ ଖଟିବା ପାଇଁ ଯାଇଥିଲେ। ହେଲେ ସାଥିରେ ଯାଇଥିବା ଗାଁ ଲୋକେ ଘରକୁ ଫେରିଲେ କିନ୍ତୁ ଚାରି ବର୍ଷ ବିତିଲାଣି କିନ୍ତୁ ଦୁର୍ଯ୍ୟୋଧନ ପାଇକ ଆଉ ଫେରି ନାହାନ୍ତି। ଏନେଇ ପ୍ରଥମେ କୁନ୍ଦୁରା ଥାନା ଦ୍ୱାରସ୍ତ ହୋଇଛନ୍ତି ଦୁର୍ଯ୍ୟୋଧନ ପାଇକଙ୍କ ସ୍ତ୍ରୀ ପଦ୍ମା ପାଇକ କ୍ଷ ତା ପରେ କୋରାପୁଟ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ ପରେ ୧୮୪ / ୨୦୨୩ ଅନୁଯାଇ ନିଖୋଜ ମାମଲା ରୁଜୁ ହୋଇଛି ଏବଂ ଗତ ତା ୧୧-୧୧-୨୦୨୪ରିଖ ଦିନକୁ କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲାପାଳଙ୍କ ଜନଶୁଣାଣିରେ ମଧ୍ୟ ଅଭିଯୋଗ ହୋଇଛି । କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ଖବର ନାହିଁ । ଏଣୁ ଦୁର୍ଯ୍ୟୋଧନଙ୍କୁ ଖୋଜିଆଣିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଛି ସ୍ଥାନୀୟ ସରପଞ୍ଚ ଏବଂ ଗାଁ ର ରଘୁନାଥ ବିଶୋଇ, ସେନାପତି ନାୟକ। କେବଳ ଯେ କୁନ୍ଦୁରାର ବାଗଦିରୀ ଅଂଚଳ ନୁହଁ ସମଗ୍ର କୋରାପୁଟ ଜିଲ୍ଲାରେ ରହିଛି ଏଭଳି ଦାଦନ ସମସ୍ୟା ଚିନ୍ତା ବଢ଼ାଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ଦୃଷ୍ଟି ଦେବା ଜରୁରୀ ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ଚାଲିଛି।

**● ବୋଲେରୋ ଗାଡ଼ିରୁ ଗଞ୍ଜେଇ ଜବତ**

# ନକଲି ନମ୍ବର ପ୍ଲେଟ୍ ଲଗାଇ ଚୋରାଚାଲାଣ ଉଦ୍ୟମ




ରାୟଗଡ,୨୪।୫(ସମିସ): ପୋଲିସ ଓ ଅବକାରୀ ପୋଲିସ ହାତରୁ ଖସି ଯିବା ପାଇଁ ଗାଡିର ଅସଲି ନମ୍ବର ପ୍ଲେଟକୁ କାଢି ନକଲି ନମ୍ବର ପ୍ଲେଟ ଲଗାଇ ଗଞ୍ଜେଇ ଚୋରା ଚଲାଣ ଉଦ୍ୟମକୁ ପଣ୍ଡ କରିଛି ରାୟଗଡ ଟାଉନ ଥାନା ପୋଲିସ । ରାୟଗଡ଼ା ଟାଉନ ଥାନା ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ମନୋଜ କୁମାର ଜେନା ଓ ଟିମ୍ ଥାନା ଅଞ୍ଚଳରେ ଶୁକ୍ରବାର ଦିନ ୩୨୬ ନମ୍ବର ଜାତୀୟ ରାଜପଥ ରାୟଗଡ-କୋରାପୁଟ ମୁଖ୍ୟ ରାସ୍ତାରେ ସହର ନିକଟବର୍ତି ହାଲୁଆ ଗାଁ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହ କରି ଏକ ବୋଲୋରୋ ଗାଡ଼ି (ଓଆର ୦୩ ସି ୫୯୦୧)କୁ ଅଟକାଇ ପଚରାଉଚୁରା କରିଥିଲେ। ତେବେ ଗାଡ଼ି ଚାଳକ ଉପରେ ସନ୍ଦେହ ହେବାରୁ ଯାଞ୍ଚ ବେଳେ କୌଶଳ କ୍ରମେ ଗାଡ଼ି ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ଯାଞ୍ଚ ବେଳେ ଗାଡିର ନମ୍ବର ପ୍ଲେଟ ନକଲି ହୋଇଥିବା ସହିତ ସେଥିରୁ ୩୮କେଜି ୨୫୦ ଗ୍ରାମ ଗଞ୍ଜେଇ ବାହାରିଥିଲା। ପୁଲିସ ଏହି ଗଞ୍ଜେଇକୁ ଜବତ କରିବା ସହିତ ବୋଲେରୋ ଗାଡିକୁ ମଧ୍ୟ ଜବତ କରି ଥାନାରେ ରଖିଛି। ଡ୍ରାଇଭର ଫେରାର ରହିଥିବାରୁ ପୋଲିସ ତଦନ୍ତ ଜାରି ରଖିଥିବା କହିଛନ୍ତି ଏସଆଇ ମନୋଜ ଜେନା। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୩ଲକ୍ଷ ୮୨, ୫୦୦ଟଙ୍କା ହେବା ନେଇ ପୁଲିସ ଆକଳନ କରିଛି।

## ଆହତଙ୍କୁ ମାନବିକତା ଦେଖାଇଲେ ଟ୍ରାଫିକ୍ କନେଷ୍ଟବଳ

ମାଲକାନଗିରି,୨୪।୫(ସମିସ): ମାଲକାନଗିରି ସହରର ବାଲିମେଳା ଛକରେ ଡ୍ୟୁଟି କରୁଥିବା ଟ୍ରାଫିକ କନେଷ୍ଟବଳ ହରବିଳାସ ବିଶ୍ୱାସ ମାନବିକତାର ପରିଚୟ ଦେଇ ସାଧାରଣ ଲୋକଙ୍କ ପ୍ରଶଂସା ସାଉଟିଛନ୍ତି। ଆଜି ଟ୍ରାଫିକ ରେଡ୍ ଲାଇଟ୍ ସମୟରେ ଏକ ବୋଲେରୋ ଅଟକିଥିବା ବେଳେ ପଛପଟୁ ଆସୁଥିବା ଏକ ମୋଟର ସାଇକେଲ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକଙ୍କ ଗୋଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଘଟଣା ଦେଖି କନେଷ୍ଟବଳ ହରବିଳାସ ବିଶ୍ୱାସ ତୁରନ୍ତ ଆହତଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଇଥିଲେ। ପରେ ତାଙ୍କ ଆଘାତ ସ୍ଥାନକୁ ସଫା କରି ଔଷଧ ଲଗାଇ ପ୍ରାଥମିକ ଚିକିତ୍ସା ଯୋଗାଇଥିଲେ। ପରବର୍ତ୍ତୀ ଚିକିତ୍ସା ପାଇଁ ମଧ୍ୟ ବ୍ୟବସ୍ଥା କରିଥିଲେ। ତାଙ୍କ ଏହି ସେବାଭାବ ଓ ତତ୍ପରତାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।



# ସୀମାନ୍ତରେ ବିପୁଳ ମାଓ ସାମଗ୍ରୀ ଜବତ

ମାଲକାନଗିରି,୨୪।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ସୁରକ୍ଷା ବାହିନୀଙ୍କ ବଡ଼ ସଫଳତା ଦେଖିବାକୁ ମିଳିଛି। ପୁଲିସ, ଡିଆରଜି ଓ ବିଏସଏଫ ଯୁକ୍ତ ତଲାସି ଅଭିଯାନ ସମୟରେ ମାଓବାଦୀମାନଙ୍କ ଗୁପ୍ତ ଡମ୍ପ ଉଦ୍ଧାର କରାଯାଇଛି। ନାରାୟଣପୁର ଜଙ୍ଗଲ ଅଞ୍ଚଳରେ ମାଟି ତଳେ ଲୁଚାଇ ରଖାଯାଇଥିବା ବଙ୍କରରୁ ଅନେକ ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ସହ ଦୈନନ୍ଦିନ ବ୍ୟବହାରର ଜିନିଷପତ୍ର ଜବତ ହୋଇଛି। ଛୋଟେବେଟିଆ ଅଞ୍ଚଳରେ ହୋଇଥିବା ଏହି ଅଭିଯାନ ମାଓବାଦୀଙ୍କ ଦ୍ୱାରା ଗଚ୍ଛିତ ବିପୁଳ ମାରଣାସ୍ତ୍ର ଜବତ ସୁରକ୍ଷା ବଳ ପାଇଁ ବଡ଼ ସଫଳତା ବୋଲି କୁହାଯାଉଛି। ଏହି ସଫଳତାର ପଛରେ ପୂର୍ବତନ ମାଓବାଦୀଙ୍କ ଭୂମିକାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଆତ୍ମ ସମର୍ପଣ ପରେ ସେମାନେ ସଂଗଠନର ଗତିବିଧି, ଗୁପ୍ତ ଠିକଣା ଓ ଅସ୍ତ୍ର ଭଣ୍ଡାର ସମ୍ପର୍କରେ ପୁଲିସକୁ ତଥ୍ୟ ଦେବା ଫଳରେ ଏପରି ଅଭିଯାନ ସଫଳ ହେଉଛି। ଏକଦା ମାଓବାଦୀଙ୍କ ଗଡ ଭାବେ ପରିଚିତ ନାରାୟଣପୁର ଓ ସୀମାନ୍ତ ଅଞ୍ଚଳରେ



ବର୍ତ୍ତମାନ ସୁରକ୍ଷାବାହିନୀଙ୍କ ଲଗାତାର କାର୍ଯ୍ୟାନୁଷ୍ଠାନ ଓ ଆତ୍ମସମର୍ପଣ ପ୍ରକ୍ରିୟା ଫଳରେ ପରିସ୍ଥିତି ବଦଳୁଥିବା ସହ ଅଞ୍ଚଳ ମାଓ ମୁକ୍ତ ହୋଇଛି। ସୁରକ୍ଷା ଅଭିଯାନ ସହ ସରକାରଙ୍କ ପୁନର୍ବାସ ନୀତି ମଧ୍ୟ ମାଓ ପ୍ରଭାବ କମାଇବାରେ ସହାୟକ ହୋଇଛି। ଏପରି ସଫଳତା ଆଗାମୀ ଦିନରେ ଅଞ୍ଚଳରେ ଶାନ୍ତି ଓ ବିକାଶକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି।

# ଭଉଣୀକୁ ହତ୍ୟା ସନ୍ଦେହ; ଭିଣୋଇ ନାଁରେ ଏତଲା ଦେଲା ଭାଇ

ଜୟପୁର, ୨୪।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସଦରଥାନାର ପାଲିଗୁଡା ଗ୍ରାମ ଠାରେ କମଳା ମାଝିଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ମାମୁ ଭାଇ ପୂର୍ଣ୍ଣ ମାଝି ଭଉଣୀଙ୍କ ଗ୍ରାମର ପହଞ୍ଚି ଥିଲେ। କିନ୍ତୁ ମୃତଙ୍କ ପାଟିରୁ ରକ୍ତସ୍ରାବ ହେଉଥିବା ବେଳେ ପିଠିରେ ମାଡ ଚିହ୍ନ ରହିଛି। ତେଣୁ ଅଭିଯୋଗକାରୀ ଭାଇ ପୂର୍ଣ୍ଣ ମାଝିଙ୍କ ସନ୍ଦେହ ହୋଇଥିଲା ଏବଂ ଗ୍ରାମରେ ପଚରାଉଚରା ବେଳେ କିଛି ତଥ୍ୟ ଜାଣିବାକୁ ପାଇଥିଲେ। ଶେଷରେ ତାଙ୍କର ଭଉଣୀର ପ୍ରାକୃତିକ ଭାବେ ମୃତ୍ୟୁ ହୋଇନାହିଁ, ତାଙ୍କର ସ୍ୱାମୀ ବିଭୀଷଣ ଗୁମିଆ ମାଡମାରି ହତ୍ୟା କରିଥିବା ନେଇ ସନ୍ଦେହରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିନେଇ ସଦରଥାନା ପୁଲିସ ଶବ ଜବତ କରିଥିବା ବେଳେ ଶବ ବ୍ୟବଚ୍ଛେଦ କରାଯିବା ସହିତ ଏକ ମମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି ବୋଲି ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଖଲାସୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

ଉମରକୋଟ,୨୪।୫ (ସମିସ): ଛିଡୁନି ଖଲାସୀ ସଂଘର ବିବାଦ । ଅଷ୍ଟମ ଦିନରେ ଖଲାସୀ ସଂଘର ଆନ୍ଦୋଳନ। ଲୋଡିଂ, ଅନ୍‌ଲୋଡିଂ ପାଉଣା ବୃଦ୍ଧି ଦାବିରେ ଆନ୍ଦୋଳନ ବିଫଳ ହେଲା ପ୍ରଶାସନିକ ବୈଠକ। ମିଳୁନି ଅତ୍ୟାବଶ୍ୟକ ସାମଗ୍ରୀ । ହନ୍ତସନ୍ତ ଉଛନ୍ତି ଖାଉଟି । ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ଖଲାସୀ ସଂଘର ଆନ୍ଦୋଳନ ଅଷ୍ଟମ ଦିନରେ ପହଞ୍ଚିଛି। ଲୋଡିଂ ଅନ୍‌ଲୋଡିଙ୍ଗ ପାଉଣା ବୃଦ୍ଧି ଦାବିରେ ସଂଘ ନିଜ ଜିଦ୍‌ରେ ଅଟଳ ରହିଛି। ବାହାର ଅଞ୍ଚଳରୁ ଆସୁଥିବା ଟ୍ରକ୍, ମାଲବାହୀ ଗାଡି ସହର ଭିତରକୁ ପ୍ରବେଶ କରିପାରୁନାହିଁ। କିଛି ବ୍ୟବସାୟୀ ନିଜ ସ୍ତରରେ ମାଲ ଖଲାସ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଖଲାସୀ ସଂଘର ତୀବ୍ର ବିରୋଧ ଯୋଗୁଁ ତାହା ସମ୍ଭବ ହେଉନାହିଁ। ଯେଉଁ ବ୍ୟବସାୟୀଙ୍କର ସହର ବାହାରେ ଗୋଦାମ ଅଛି। ସେମାନେ ସେଠାରେ ଅନ୍ ଲୋଡିଙ୍ଗ କରୁଛନ୍ତି। ହେଲେ ଦୋକାନୀ ସେଠାରୁ ସାମଗ୍ରୀ ଆଣି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଫଳରେ ବଜାରରେ ଅନ୍ୟ ଜିନିଷର ଦରଦାମ ହୁ ହୁ ହୋଇ ବଢୁଛି। ଆଳୁ ପିଆଜ ଟମାଟୋ ମିଳୁ ନ ଥିବା ବେଳେ ଉମରକୋଟ ସହରର ଦୁଇଟି ଆଳୁ ଗୋଦାମ ସମ୍ପୂର୍ଣ୍ଣ ଖାଲି ହୋଇଯାଇଛି। ପରିସ୍ଥିତି ଜଟିଳ ହେବାରୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଉମରକୋଟ ତହସିଲ କାର୍ଯ୍ୟାଳୟଠାରେ ଏକ ବୈଠକ ବସିଥିଲା। ପ୍ରଶାସନିକ ଅଧିକାରୀୟଙ୍କ ଉପସ୍ଥିତି ରେ ବ୍ୟବସାୟୀ ସଂଘ ଓ ଖଲାସି ସଂଘ ମଧ୍ୟରେ ଆଲୋଚନା ହୋଇଥିଲା। ନୂତନ ଦଳ ତାଲିକା ବ୍ୟବସାୟୀ ଗ୍ରହଣ ନକରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଫା ସଫା ଶୁଣାଇ ଦେଇଛି ଖଲାସୀ ସଂଘ। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଘଟଣାରେ ହସ୍ତକ୍ଷେପ କରି ସ୍ଥାୟୀ ସମାଧାନ ବାହାର କରିବାକୁ ଦାବି ହୋଇଛି।

**ନନ୍ଦପୁରରେ ଅଟଳ ବସ୍ ଟର୍ମିନାଲ ନିର୍ମାଣରେ ଅନିଶ୍ଚିତତା**

# ପୁଣି ହେବ ଚିହ୍ନଟ ଜମିର ମାପଚୁପ୍

ନନ୍ଦପୁର,୨୪।୫ (ସମିସ): ବହୁ ପ୍ରତୀକ୍ଷିତ ନନ୍ଦପୁର ଅଟଳ ବସ୍ ଟର୍ମିନାଲ ନିର୍ମାଣ କାମ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରିନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପାଇଁ ଚିହ୍ନଟ ହୋଇଥିବା ଜମିର ଦୁଇ ଦୁଇଥର ମାପଚୂପ କାର୍ଯ୍ୟ ସମ୍ପନ୍ନ ହୋଇଥିଲେ ମଧ୍ୟ ପ୍ରକଳ୍ପର କାର୍ଯ୍ୟାଦେଶ ଜାରି ହୋଇନାହିଁ। ଏହି ପରିସ୍ଥିତିରେ ପୁଣିଥରେ ଉକ୍ତ ଜମିର

### ବଢୁଛି ଲୋକଙ୍କ ଅସନ୍ତୋଷ

ପଡ଼ୋଶୀ ବ୍ଲକମାନଙ୍କରେ ଅଟଳ ବସ୍ ଟର୍ମିନାଲ ନିର୍ମାଣ କାମ ସମ୍ପୂର୍ଣ୍ଣ କିମ୍ବା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ନନ୍ଦପୁରରେ ଏପର୍ଯ୍ୟନ୍ତ ମାଟି ଖୋଳା କାମ ମଧ୍ୟ ଆରମ୍ଭ ହୋଇନଥିବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ, ବସ୍ ଟର୍ମିନାଲ ମାପ ଚୁପ କରାଯିବ ବୋଲି ଜଣାପଡ଼ିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ଓ ଅସନ୍ତୋଷ ଆହୁରି ଘନୀଭୂତ ହୋଇଛି। ଏନେଇ ଜୟପୁର ଓଡ଼ିଶା ରାଜ୍ୟ ପରିବହନ ନିଗମର ସହକାରୀ ପରିଚାଳକ ପ୍ରକାଶ କୁମାର ନାୟକ କହିଛନ୍ତି ଯେ, ନନ୍ଦପୁର



ଅଟଳ ବସ୍ ଟର୍ମିନାଲ ପାଇଁ ଉଦ୍ଦିଷ୍ଟ ଜମିର ପୁନଃ ମାପଚୂପ କରି ପରିସୀମା ନିର୍ଦ୍ଧାରଣ କରାଯିବ। ଏହା ପରେ ହିଁ କାର୍ଯ୍ୟାଦେଶ ଜାରି କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଏହାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନ ଉଠିଛି। ପୂର୍ବରୁ ମାପଚୁପ୍ ପ୍ରକ୍ରିୟା ସମ୍ପନ୍ନ ହୋଇଥିବା ସତ୍ତ୍ୱେ ପୁଣିଥରେ ମାପଚୁପର ଆବଶ୍ୟକତା କାହିଁକି ପଡ଼ିଲା ଓ କିଛି ସ୍ଥାନୀୟ ନେତା କେଉଁ ଆଧାରରେ ବସ୍ ଟର୍ମିନାଲ ଶୀଘ୍ର ଲୋକାର୍ପିତ ହେବ ବୋଲି ସୋସିଆଲ ମିଡିଆରେ ପ୍ରଚାର କରିଥିଲେ। ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଦୀର୍ଘଦିନ ଧରି ନନ୍ଦପୁର ଅଞ୍ଚଳବାସୀ ଏକ ସୁବ୍ୟବସ୍ଥିତ ବସ୍ ଟର୍ମିନାଲ ଆଶା କରିଥିବା ବେଳେ ପ୍ରକଳ୍ପ ବିଳମ୍ବ ଯୋଗୁଁ ସେମାନଙ୍କ ଆଶା ଏବେ ଅନିଶ୍ଚିତତାରେ ପଡ଼ିଥିବା ଦେଖାଯାଉଛି।

## କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ +୩ ପରୀକ୍ଷା ଫଳ ପ୍ରକାଶ

# କଳା, ବିଜ୍ଞାନ ଓ ବାଣିଜ୍ୟରେ ଝିଅଙ୍କ ବାଜିମାତ୍

କରଞ୍ଜିଆ, ୨୪।୫(ସମିସ)




**ଇତିଶ୍ରୀ ଗୋଚ୍ଛାୟତ ବେଷ୍ଟ ଗ୍ରାଜୁଏଟ୍**

କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର +୩ ଶେଷ ବର୍ଷ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତବର୍ଷ କଳା ବିଭାଗରେ ମୋଟ ୨୭୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪୨, ବିଜ୍ଞାନରେ ୧୪୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୮ ଓ ବାଣିଜ୍ୟରେ ୪୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ପାସ୍‌ହାର ୮୬.୭୯ ପ୍ରତିଶତ ହୋଇଛି। କଳାରେ ସଂଯୁକ୍ତା ନାଏକ, ବିଜ୍ଞାନରେ ଇତିଶ୍ରୀ ଗୋଚ୍ଛାୟତ ଓ ବାଣିଜ୍ୟରେ ବିଦୁସ୍ମିତା ସି ବିଭାଗୀୟ ବେଷ୍ଟ ଗ୍ରାଜୁଏଟ ହୋଇଥିବାବେଳେ ଇତିଶ୍ରୀ ଗୋଚ୍ଛାୟତ ୩ଟି ବିଭାଗର ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସର୍ବୋଚ୍ଚ ନମ୍ବର ରଖି ମହାବିଦ୍ୟାଳୟର ବେଷ୍ଟ ଗ୍ରାଜୁଏଟ ଭାବେ ଘୋଷିତ ହୋଇଛନ୍ତି।

ସେହିପରି ପ୍ରତ୍ୟେକ ବିଭାଗର ସମ୍ମାନ ବର୍ଗରେ ସୁନୀତା ଭୋଳ (ଅର୍ଥନୀତି), ଶୁଭମ ମହାନ୍ତ (ଇଂରାଜୀ), ଶିବାନୀ ମହାରଣା (ଇତିହାସ), ପ୍ରିୟଙ୍କା ପ୍ରିୟଦର୍ଶିନୀ ଗିରି (ଓଡ଼ିଆ), ପ୍ରିୟଙ୍କା ମହାନ୍ତ (ଦର୍ଶନ ଶାସ୍ତ୍ର), ସ୍ୱାତୀସ୍ମିତା ସାହୁ (ରାଜନୀତି ବିଜ୍ଞାନ), ଜୟଶ୍ରୀ ବାରିକ (ସଂସ୍କୃତ), ସୁନୀତା ଟୁଡୁ (ସାନ୍ତାଳୀ), ସଂଯୁକ୍ତା ନାଏକ (ସାମାଜିକ ବିଜ୍ଞାନ), ସୌଦାଗର ମାଣିକ (ଉଦ୍ଭିଦ ବିଜ୍ଞାନ), ଖୁସି ପରବିନ (ରସାୟନ ବିଜ୍ଞାନ), ବର୍ଷାରାଣୀ ମହାନ୍ତ (ଗଣିତ), ଇତିଶ୍ରୀ ଗୋଚ୍ଛାୟତ (ପଦାର୍ଥ ବିଜ୍ଞାନ), ଶିବାନୀ ମହାକୁଡ଼ (ପ୍ରାଣୀ ବିଜ୍ଞାନ) ଓ ବିଦୁସ୍ମିତା ସି (ବାଣିଜ୍ୟ)ରେ ଟପ୍ପର ହୋଇଥିବା ନେଇ ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସତ୍ୟବ୍ରତ ସାହୁ, ଅଧ୍ୟକ୍ଷ ମନୋଜ କୁମାର ସାହୁ ଓ ଉପ ପରୀକ୍ଷା ନିୟନ୍ତ୍ରକ ଡଃ କୁନିଲ କୁମାର ବେହେରା ଘୋଷଣା କରିଛନ୍ତି। ସେହିପରି ସ୍ନାତକୋତ୍ତର ପରୀକ୍ଷାର ଇଂରାଜୀ ବିଭାଗରେ ମୋଟ ୧୩ ପରୀକ୍ଷାର୍ଥୀ ମଧ୍ୟରୁ ୧୨, ଇତିହାସ ବିଭାଗରେ ୧୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪ ଜଣ କୃତକାର୍ଯ୍ୟ ହୋଇଥିବା ଜଣାଯାଇଛି। ଚିନ୍ମୟୀ ପାଢ଼ୀ ଇଂରାଜୀ ବିଭାଗରେ ଓ ଫୁଲମଣି ବେଶ୍ରା ଇତିହାସରେ ଟପ୍ପର ହୋଇଛନ୍ତି।

## ● ଗୋବିନ୍ଦପୁରରେ କାଳବୈଶାଖୀର ତାଣ୍ଡବ

# ଭାଙ୍ଗିଲା ଘର, ଗଛ ପଡ଼ି କାର୍ କ୍ଷତିଗ୍ରସ୍ତ

କୁଆଁମରା/ଖୁଣ୍ଟା, ୨୪।୫(ସମିସ): ରବିବାର ଅପରାହ୍ଣରେ ଖୁଣ୍ଟା ବ୍ଲକର ଗୋବିନ୍ଦପୁରରେ କାଳବୈଶାଖୀ ତାଣ୍ଡବ ରଚିଛି। କାଳବୈଶାଖୀ ପ୍ରଭାବରେ ଖୁଣ୍ଟା ବ୍ଲକ କରକଚିଆ ଗ୍ରାମପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ଘର ଭାଙ୍ଗିଥିବାବେଳେ ଗଛ ପଡ଼ି କାର୍ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍ ତାର ଛିଣ୍ଡିଯିବା ଯୋଗୁଁ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଛି। ଗ୍ରାମର ସୁଲୋଚନା ଖଟୁଆଙ୍କ ଆଜବେଷ୍ଟସ ଛପର ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେହିପରି ଦୁର୍ଗା ହେମ୍ବ୍ରମଙ୍କ କାର୍ ଉପରେ ଘର ନିକଟରେ ଥିବା ଏକ ପୁରୁଣା ଆମ୍ବଗଛ ପଡ଼ିବାରୁ ତାହା ଭାଙ୍ଗିରୁଜି ଯିବା ସହ ଘରର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି। ଖୁଣ୍ଟା ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।





# ଲଞ୍ଚ୍ ୱିଣ୍ଡୋଜ୍ ଏଜୁ୍ୟକେସନ ଟ୍ରଷ୍ଟର ପୁରସ୍କାର ବିତରଣ ଉତ୍ସବ




ରାଇରଙ୍ଗପୁର, ୨୪।୫(ସମିସ): ରାଇରଙ୍ଗପୁରର ଲଞ୍ଚ ୱିଣ୍ଡୋଜ ଏଜୁ୍ୟକେସନ ଟ୍ରଷ୍ଟର ୧୨ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ଟ୍ରଷ୍ଟର ଅଧ୍ୟକ୍ଷ ଦୀପକ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବହଳଦାର ପୂର୍ବତନ ବିଆରସିସି ବିଭୂତି ଭୂଷଣ ପଲେଇ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହିତ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ବାରିପଦାସ୍ଥ କିସ୍ ଉଚ୍ଚବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ ମିଶ୍ର ଯୋଗଦେଇ ଛୋଟ ଛୋଟ ପିଲାଙ୍କ ପ୍ରତିଭାକୁ ବିକଶିତ କରିବା ପାଇଁ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟର ଇଂରାଜୀ ଶିକ୍ଷକ ଉଦୟଭାନୁ ପ୍ରଧାନ, ବିଶିଷ୍ଟ ପାଲା ସଂସ୍କୃତି ସମାଲୋଚକ ଉପେନ୍ଦ୍ର କୁମାର ବେହେରା, ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ (ପୁନେ)ର ସଭାପତି ବିଜୟ କୁମାର ପାଣି, ରାଇରଙ୍ଗପୁର ଆଲଫାବେଜ ସ୍କୁଲର ଅଧ୍ୟକ୍ଷ ସ୍ୱରାଜ ମହାନ୍ତ, ଟ୍ରଷ୍ଟିର ନିର୍ଦ୍ଦେଶିକା ଗୀତାଞ୍ଜଳି ବେହେରା ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ସ୍ମୃତିରଞ୍ଜନ ପାଣି ସଂଯୋଜନା କରିଥିବାବେଳେ ଟ୍ରଷ୍ଟିର ପରିଚାଳନା ନିର୍ଦ୍ଦେଶକ ଆଶିଷ କୁମାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ଜ୍ୟୋତିରଞ୍ଜନ ପାଣି, ଦ୍ୱିତୀୟ ଦିବ୍ୟାଂଶୁ ବେହେରା, ତୃତୀୟ ସ୍ୱରୂପ ରଞ୍ଜନ ପାଣି, ସାଇ ସମ୍ପୂର୍ଣ୍ଣା ପାଣି, ବିଶ୍ୱରଞ୍ଜନ ପାଣି ପ୍ରମୁଖଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ଆକାଶ ରଞ୍ଜନ ରାଉତ, ସତ୍ୟନାଥ ଦାସ, ସୁରେନ୍ଦ୍ର ମୁର୍ମୁ, ଧନେଶ୍ୱର ମାରାଣ୍ଡି, ମୁନା ଷ୍ଟାର ସହଯୋଗ କରିଥିଲେ। ଶେଷରେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ରକ୍ତର ସଙ୍କଟ ଥିବାରୁ ଆଗାମୀ ୨୯ ତାରିଖରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟର ଅଧ୍ୟକ୍ଷ ଦୀପକ କୁମାର ବେହେରା ପ୍ରକାଶ କରିଛନ୍ତି।

# ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସବ୍‌ଡିଭିଜନାଲ ମାନ୍ୟତା ଦାବି

ବେତନଟୀ, ୨୪।୫(ସମିସ): ଯୁବ ସମାଜସେବୀ ଅଜିତ କୁମାର ସାହୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସବ୍‌ଡିଭିଜନାଲ୍ ଡାକ୍ତରଖାନାର ମାନ୍ୟତା ଦିଆଯିବାକୁ ଦାବି କରିଛନ୍ତି। ସେ ଏହି ଦାବି ସହ ହସ୍ପିଟାଲ୍‌ର ଶଯ୍ୟା ସଂଖ୍ୟା ୩୦ରୁ ୧୦୦କୁ ବୃଦ୍ଧି କରିବା, ପୂର୍ବ ସରକାରଙ୍କ ନିଷ୍ପତ୍ତି ଅନୁଯାଇ ତୁରନ୍ତ ଟ୍ରମା ସେଣ୍ଟର ପ୍ରତିଷ୍ଠା ପାଇଁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ବାରିପଦା ପିଆରଏମ୍ ମେଡିକାଲ୍ କଲେଜ୍ ଓ ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଚିକିତ୍ସା ଅଧିକାରୀ ଡା. ଶଶୀକାନ୍ତ ସେଠୀ ଗତ ମଙ୍ଗଳବାର ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବାକୁ ଆସିଥିଲେ। ସେ ସମୟରେ ଅଜିତ କୁମାର ସାହୁ ଡାକ୍ତରଙ୍କୁ ସାକ୍ଷାତ କରି ବେତନଟୀ ଡାକ୍ତରଖାନାର ଉନ୍ନତି ପାଇଁ ଆଲୋଚନା କରିଥିଲେ। ସେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳର ଭିତ୍ତିଭୂମି, ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଥିବା ଆବଶ୍ୟକତା ଓ ବର୍ତ୍ତମାନର ସମସ୍ୟା ଉପରେ ଆଲୋକପାତ କରିଥିଲେ।



ବେତନଟୀ ସବ୍‌ଡିଭିଜନ ଅଞ୍ଚଳରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବ୍ୟତୀତ ପୁଲିସ୍ ସବ୍‌ଡିଭିଜନାଲ୍ କାର୍ଯ୍ୟାଳୟ, ପିଡବ୍ଲ୍ୟୁଡି, ଆରଡି, ମାଇନର୍ ଇରିଗେସନ୍, ଇଲେକ୍ଟ୍ରିକାଲ୍ ସବ୍ ଡିଭିଜନ, ଟ୍ରେଜେରୀ, ଆରଏମ୍‌ସି, ଜିଲ୍ଲା କୃଷି କାର୍ଯ୍ୟାଳୟ, ଜେଏମଏଫସି କୋର୍ଟ୍ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ କାର୍ଯ୍ୟାଳୟ ଥିବା ସତ୍ତ୍ୱେ ସବ୍‌ଡିଭିଜନାଲ୍ ଡାକ୍ତରଖାନାର ଅଭାବ ରହିଛି। ଏହା ବେତନଟୀ ସହ ଆଖପାଖ ବ୍ଲକ ବଡ଼ସାହି, ମୋରଡ଼ା ଓ ବାରିପଦା ବ୍ଲକର ରୋଗୀଙ୍କ ପାଇଁ ମୁଖ୍ୟ ଚିକିତ୍ସା କେନ୍ଦ୍ର ଭାବେ କାର୍ଯ୍ୟ କରୁଛି। ବେତନଟୀ ବ୍ଲକର ୨୪ଟି ପଞ୍ଚାୟତ ସହ ଆଖପାଖ ଅଞ୍ଚଳର ରୋଗୀ ଏଠାରେ ଆସି ଚିକିତ୍ସା କରାଉଛନ୍ତି। ଫଳସ୍ୱରୂପ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ ସ୍ଥାନ ତୁଳନାରେ ଅଧିକ ରୋଗୀଙ୍କ ଭିଡ଼ ଦେଖାଯାଉଛି। ମାତ୍ର ୩୦ଟି ଶଯ୍ୟା ଥିବାରୁ ଅନେକ ସମୟରେ ରୋଗୀ ବେଡ୍ ନ ପାଇ ତଳେ ବେଡ୍ ବିଛାଇ ଚିକିତ୍ସା ହେଉଥିବା ଦୃଶ୍ୟ ଦେଖାଯାଉଛି। ଏଥିସହିତ ୧୮ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବାରୁ ଏହି ହସ୍ପିଟାଲ୍‌କୁ ଟ୍ରମା ସେଣ୍ଟର କରିବା ନେଇ ସରକାରୀ ନିଷ୍ପତ୍ତି ଥିବା ସତ୍ତ୍ୱେ କାର୍ଯ୍ୟ ବିଳମ୍ବ ହେଉଥିବା ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ଅଜିତ ସାହୁ। ସମାଜସେବୀ ଅଜିତ କୁମାର ସାହୁ କହିଛନ୍ତି, ବେତନଟୀ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଜରୁରୀ। ତେଣୁ ସେ ବେତନଟୀର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ମିଡିଆ ପ୍ରତିନିଧିଙ୍କ ସହ ଆଲୋଚନା କରି ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଓ ସବ୍‌ଡିଭିଜନାଲ୍ ମାନ୍ୟତା ଦାବି ଅଞ୍ଚଳବାସୀଙ୍କ ଦୀର୍ଘଦିନର ଆଶାକୁ ପ୍ରତିଫଳିତ କରୁଛି। ଯଦି ସରକାର ଏହି ଦାବିଗୁଡ଼ିକୁ ଗୁରୁତ୍ୱ ଦେଇ ଶୀଘ୍ର ପଦକ୍ଷେପ ନେବେ, ତେବେ ମୟୂରଭଞ୍ଜ ଜିଲ୍ଲାର ଏହି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳର ଲକ୍ଷାଧିକ ଜନତା ଉପକୃତ ହେବେ ବୋଲି ଆଶା କରାଯାଉଛି।

# ରତନପୁର-ଦୁର୍ଗାଦେବୀ ରାସ୍ତା ଶୋଚନୀୟ

କୁଆଁମରା, ୨୪।୫(ସମିସ): ବାରିପଦାରୁ କୁଆଁମରା ଦେଇ ବାଲେଶ୍ୱରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ରତନପୁରଠାରୁ ଦୁର୍ଗାଦେବୀ ପର୍ଯ୍ୟନ୍ତ ଦୁଇ କିଲୋମିଟର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ତିନିବର୍ଷ ପୂର୍ବେ ନିର୍ମିତ ଏହି ରାସ୍ତାର ନୂତନ ପିଚୁ କାର୍ଯ୍ୟ ହୋଇଥିଲା। ଏବେ ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ଅସଂଖ୍ୟ ଗର୍ତ୍ତ ସୃଷ୍ଟି ହୋଇଛି। ଅଧିକାଂଶ ସ୍ଥାନରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଗର୍ତ୍ତରେ ବର୍ଷା ଜଳ ଜମି ରହିବା ଯୋଗୁଁ ପଥଚାରୀଙ୍କ ଦୁର୍ଦ୍ଦଶା ବଢୁଛି। ଦୁଇ ଜିଲ୍ଲାକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଯାତ୍ରୀବାହୀ ବସ୍, ଟ୍ରକ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ କରୁଥିବାରୁ ଏହା ଏକ ବ୍ୟସ୍ତବହୁଳ ଓ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଅଟେ। ସ୍କୁଲ ଓ କଲେଜକୁ ମଧ୍ୟ ଏହା ପ୍ରମୁଖ ରାସ୍ତା ହୋଇଥିବାରୁ ଏହାକୁ ତୁରନ୍ତ ମରାମତି କରିବାକୁ ଦାବି ହେଉଛି।

## ● ଉଦଳାରେ ରାସ୍ତା କାମକୁ ନେଇ ଗଣ୍ଡଗୋଳ

# ଭିଡିଓ ଉତ୍ତୋଳନ କରିଥିବା ଯୁବକ ଓ ତାଙ୍କ ପରିବାରକୁ ଧମକ ଅଭିଯୋଗ

ଉଦଳା, ୨୪।୫(ସମିସ): ପାଖାପାଖି ମାସେ ପୂର୍ବରୁ ରାସ୍ତା କାମ ଗଣ୍ଡଗୋଳକୁ ନେଇ ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ଘଟଣାକୁ ହାଲୁକା ଢଙ୍ଗରେ ଛାଡି ଦିଆଯାଇଥିଲା। ତେବେ ଘଟଣା ବେଳର ସାଙ୍ଘାତିକ ଭିଡିଓ ସାମ୍ନାକୁ ଆସିବା ପରେ ସମସ୍ତେ କାବା ଓ ତାଜୁବ ହୋଇଥିଲେ। ଉକ୍ତ ଭିଡିଓ ଭାଇରାଲ ପରେ ପୁଲିସ ତଦନ୍ତକୁ ନେଇ ପ୍ରଶ୍ନ ଉଠିଥିଲା। ଥାନାଠାରୁ ୫ ଶହ ମିଟର ଦୂରରେ ସ୍ପଷ୍ଟ ଦିବାଲୋକରେ ବିଚ ରାସ୍ତାରେ ଗୁଣ୍ଡାଗିରି। ଉକ୍ତ ଭିଡିଓ ଉତ୍ତୋଳନ କରିଥିବା ଯୁବକ ଓ ପରିବାରକୁ ଧମକ ନେଇ ଉଦଳା ଥାନାରେ ୧୧ ତାରିଖରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ ୧୦ ତାରିଖରେ ଭିଡିଓ ଉତ୍ତୋଳନ କରିଥିବା ପରିବାରକୁ ରାତ୍ରି ୯ ଘଟିକା ସମୟରେ ଧମକ ମିଳିଥିଲା। ରଞ୍ଜନ ପାତ୍ରଙ୍କ ନାମରେ ୧୧ ତାରିଖରେ ଉଦଳା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକାରୀ ଉଦଳା ୱାର୍ଡ ନଂ୬ର ଶାନ୍ତିଲତା ଦାସଙ୍କୁ ଉକ୍ତ ଧମକକୁ ନେଇ କୌଣସି ପ୍ରକାର ନ୍ୟାୟ ମିଳି ନ ଥିବା ସୂଚନା ଦେଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଦେଖିବାକୁ ବାକି ରହିଲା ଅଭିଯୋଗକାରୀଙ୍କୁ ଉଚିତ୍ ନ୍ୟାୟ ମିଳିପାରୁଛି କି ନାହିଁ। ଉଦଳାର ପୁଲିସ ପ୍ରଶାସନ ଅଭିଯୋଗକାରୀଙ୍କୁ ନ୍ୟାୟ ଦେବାରେ ସଫଳ ହେଉଛନ୍ତି କି ନାହିଁ, ତାହା ଦେଖିବାକୁ ବାକି ରହିଲା।

# ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବେତନଟୀ, ୨୪।୫(ସମିସ): ୧୮ ନଂ ଜାତୀୟ ରାଜପଥର କେସିପୁର ନିକଟରେ ରାସ୍ତା ଅତିକ୍ରମ କରୁଥିବା ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିବାବେଳେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ବେତନଟୀ ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ସୁରେଇଡ଼ିହି ଗ୍ରାମର ଗୁରୁଚରଣ ବିନ୍ଧାଣିଙ୍କ ପୁଅ ରାମ ବିନ୍ଧାଣି। ରାମ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ରାସ୍ତା ଅତିକ୍ରମ ପାଇଁ ଅପେକ୍ଷା କରିଥିଲେ। ସେ ସମୟରେ ଗୋଟିଏ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ କେସିପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବେତନଟୀ ପୁଲିସ ଏ ନେଇ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରିଛି। କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସଆଇ ରତ୍ନାକର ବାରିକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଧକ୍କା ଦେଇ ଫେରାର ହୋଇଥିବା ଗାଡ଼ିକୁ ଚିହ୍ନଟ କରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ସ୍ଥାନୀୟ ଲୋକେ ଏହି ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଗାଡ଼ିକୁ ଠାବ କରି ଦୋଷୀକୁ ଶୀଘ୍ର ଗିରଫ କରିବାକୁ ପୁଲିସ ପ୍ରଶାସନକୁ ଦାବି କରିଛନ୍ତି।

# ଗ୍ରୀଷ୍ମକାଳୀନ ଛଉ ନୃତ୍ୟ ଶିବିର ଉଦ୍‌ଘାଟିତ



ବାରିପଦା, ୨୪।୫(ସମିସ): ସ୍ଥାନୀୟ ଛଉ ମଣ୍ଡପରେ ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ଛଉ ନୃତ୍ୟ ଶିବିର ଉଦଘାଟିତ ହୋଇଯାଇଛି। ଅତିଥି ଭାବେ ଯୋଗଦେଇ ଜିଲ୍ଲା ଓକିଲ ସଂଘର ସଭାପତି ଜ୍ୟୋତିପ୍ରକାଶ ରଥ ଓ ସମ୍ପାଦକ ବିପ୍ଳବ ବାରିକ, ଆଇନଜୀବୀ କିଶୋର ମହାନ୍ତି, ଡଃ ପିନାକୀ ମହାନ୍ତି, ଯୋଗଗୁରୁ ଜ୍ୟୋତିରଞ୍ଜନ ଦାସ ଏହି ଶିବିରକୁ ଉଦଘାଟନ କରିବା ସହ ଶିବିରର ସଫଳତା କାମନା କରିଥିଲେ। ପ୍ରତିଷ୍ଠାନର ଉପସଭାପତି ସୁଜାତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସନ୍ଦୀପ ବିଶୋଇ, ଅମ୍ବିକା ପ୍ରସାଦ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ନୃତ୍ୟଶିଳ୍ପୀ ତୃପ୍ତି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଛଉ ଗୁରୁ ଶମ୍ଭୁନାଥ ଦାସଙ୍କ ନେତୃତ୍ୱରେ ଏହି ଶିବିରରେ ୫୦ ଜଣ ପ୍ରଶିକ୍ଷଣ ନେବେ। ଏହା ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୁଧୀର କୁମାର ନାୟକ ଜଣାଇଛନ୍ତି।

## ବାରିପଦାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

# ବଦଳିବ ସହରର ଚେହେରା, ଜଳବନ୍ଦୀ ସମସ୍ୟାରୁ ମିଳିବ ମୁକ୍ତି

ବାରିପଦା, ୨୪।୫(ସମିସ)

ବାରିପଦା ପୌରାଞ୍ଚଳର ବିକାଶଧାରାକୁ ଦ୍ରୁତ ଗତିଶୀଳ କରିବା ପାଇଁ ରବିବାର ସହରରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ସକାଳ ୮ଟାରୁ ଏହି ମାରାଥନ୍ ଶିଳାନ୍ୟାସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବାରିପଦା ପୌରପାଳିକା ପକ୍ଷରୁ ମୋଟ ୭ଟି ପ୍ରମୁଖ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଯେଉଁଥିରେ ସହରର ଦୀର୍ଘଦିନର ଜଳବନ୍ଦୀ ସମସ୍ୟାର ସମାଧାନ ଓ ଭିତ୍ତିଭୂମିର ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି।

ସହରର ସମସ୍ତ ୭ଟି ପ୍ରକଳ୍ପ ପାଇଁ ମୋଟ ୨୫, ୩୭, ୪୪, ୯୦୦ ବ୍ୟୟ ଅଟକଳ କରାଯାଇଛି। ଏଥିମଧ୍ୟରେ ରଘୁନାଥପୁରଠାରେ ପ୍ରସ୍ତାବିତ ଗୋଶାଳା ନିର୍ମାଣ ସହ ସହରର ବିଭିନ୍ନ ପ୍ରମୁଖ ଜଳବନ୍ଦୀପ୍ରବଣ ଅଞ୍ଚଳରେ ଡ୍ରେନେଜ୍ ନେଟୱର୍କର ସୁଧାର ସାମିଲ ରହିଛି। ସେହିପରି ବାରିପଦା ପୌରପାଳିକା ପକ୍ଷରୁ ଜାରି କରାଯାଇଥିବା ସୂଚୀ



ଅନୁଯାୟୀ ରଘୁନାଥପୁରଠାରେ ପ୍ରସ୍ତାବିତ ଗୋଶାଳା ନିର୍ମାଣ ପାଇଁ ୬ କୋଟି ୭୯ ଲକ୍ଷ ୮୮ ହଜାର ଟଙ୍କା, ଝିଞ୍ଜିରିବନ୍ଧ ଅଞ୍ଚଳର ଜଳବନ୍ଦୀ ପ୍ରବଣ ପେକେଟ୍ ଓ ଡ୍ରେନେଜର ଉନ୍ନତିକରଣ ପାଇଁ ୨ କୋଟି ୬୦ ଲକ୍ଷ ୨୯ ହଜାର ୪୦୦ ଟଙ୍କା, ଦୁର୍ଗା ହୋଟେଲ ଅଞ୍ଚଳର ଜଳବନ୍ଦୀ ସମାସ୍ୟାର ସମାଧାନ ଓ ଡ୍ରେନେଜ ସିଷ୍ଟମ ପାଇଁ ୨ କୋଟି ୫୪ ଲକ୍ଷ ୭୦ ହଜାର ୨୦୦ ଟଙ୍କା, ଉଦଳା ରୋଡ ଓ ବଗିଚା ସାହି ଅଞ୍ଚଳରେ ଡ୍ରେନେଜ ବିକାଶ ପାଇଁ ୪ କୋଟି ୧୨ ଲକ୍ଷ ୫୩ ହଜାର ୩୦୦ ଟଙ୍କା, ବାରୁଣୀଘାଟ ଅଞ୍ଚଳର ଜଳବନ୍ଦୀ ସମାସ୍ୟାର ଦୁରୀକରଣ ଓ ଡ୍ରେନେଜ ବ୍ୟବସ୍ଥା ପାଇଁ ୫ କୋଟି ୭୦ ଲକ୍ଷ ୬ ହଜାର ୩୦୦ ଟଙ୍କା, ଷ୍ଟେସନରୋଡ ଅଞ୍ଚଳର ଜଳବନ୍ଦୀ ପ୍ରବଣ ଓ ଡ୍ରେନେଜ ପାଇଁ ୨ କୋଟି ୬୦ ଲକ୍ଷ ୨୩ ହଜାର ୭୦୦ ଟଙ୍କା, ୱାର୍ଡ ନମ୍ବର ୨୭ ତଖତପୁର ଆୟୁର୍ବେଦିକ କଲେଜ ଆଡକୁ ଯାଇଥିବା ରାସ୍ତା ଓ ଡ୍ରେନେଜ ନିର୍ମାଣ ପାଇଁ ୧ କୋଟି ଟଙ୍କା ମଞ୍ଜୁରି ମିଳିଛି। ବାରିପଦା ସହରବାସୀଙ୍କ ପାଇଁ ବର୍ଷା ଦିନେ ଜଳବନ୍ଦୀ ଏକ ବଡ଼ ସମସ୍ୟା ପାଲଟିଥିଲା। ବିଶେଷକରି ଝିଞ୍ଜିରିବନ୍ଧ, ଦୁର୍ଗା ହୋଟେଲ୍ ପାର୍ଶ୍ୱ, ଅସ୍ତିଆ ରାସ୍ତା, ବଗିଚାସାହି, ବାରୁଣୀଘାଟ ଏବଂ ଷ୍ଟେସନ ରୋଡ୍ ଅଞ୍ଚଳରେ ସାମାନ୍ୟ ବର୍ଷା ହେଲେ ପାଣି ଜମି ଜଳବନ୍ଦୀ ହେଉଥିଲା। ଏହାର ସମାଧାନ ପାଇଁ ଡ୍ରେନେଜ୍ ପ୍ରକଳ୍ପର ଶିଳାନ୍ୟାସ ହେବା ଦ୍ୱାରା ଆଗାମୀ ଦିନରେ ସହରବାସୀଙ୍କୁ ଏହି ସମସ୍ୟାରୁ ସ୍ଥାୟୀ ମୁକ୍ତି ମିଳିବ ବୋଲି ଆଶା କରାଯାଉଛି। ଏହି ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ସମ୍ପୃକ୍ତ ୱାର୍ଡର କାଉନସିଲର, ପୌରପାଳିକାର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପ୍ରକଳ୍ପର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି।

## ଟ୍ରେନରେ ମିଳୁନି ସିଟ୍, ଯାତ୍ରୀ ହନ୍ତସନ୍ତ

# ଆରପିଏଫ୍ ଓ ନିୟମିତ ଯାତ୍ରୀ ମୁହାଁମୁହିଁ

ନୟାଗଡ଼, ୨୪।୫(ସମିସ)




ରେଳ ସମସ୍ୟାକୁ ନେଇ ତାତିଲେ ଯାତ୍ରୀ। ନିୟମିତ ଯାତ୍ରୀ ଏହାକୁ ବିରୋଧ କରିବାକୁ ସଜବାଜ ହେଉଥିବା ବେଳେ ଆର୍ପିଏଫ୍ ସହ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ନୟାଗଡ଼ ରେଳ ଷ୍ଟେସନରେ ଆଜି ସକାଳେ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ନିୟମିତ ଯାତ୍ରୀଙ୍କୁ ଷ୍ଟେସନ ପରିସରକୁ ଯିବାକୁ ଛଡ଼ାଯାଇନାହିଁ।

ଦୀର୍ଘଦିନଧରିସମସ୍ୟାଭୋଗିବାପରେ ଆଜି ବିରୋଧ ପାଇଁ ସଜବାଜ ହୋଇଥିଲେ ନିୟମିତ ତଥା ମାସିକିଆ ଟିକେଟଧାରୀ। ନୟାଗଡ଼ ଜିଲ୍ଲାକୁ ୨୦୧୭ରୁ ରେଳସେବା ଆରମ୍ଭ ହୋଇଛି। ତେବେ ଯାତ୍ରୀଙ୍କୁ ସର୍ବନିମ୍ନ ସୁବିଧା ମିଳିପାରୁନାହିଁ। ଦଶପଲ୍ଲା, ନୂଆଗାଁ ଓ ନୟାଗଡ଼ ଅଞ୍ଚଳରୁ ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ଆଦି ସ୍ଥାନକୁ ପ୍ରତିଦିନ ଯା'ଆସ କରୁଥିବା ମାସିକିଆ ଟିକେଟଧାରୀ ନିୟମିତ ଯାତ୍ରୀମାନେ ଚରମ ହଇରାଣ ହେଉଛନ୍ତି। ଦଶପଲ୍ଲାରୁ ଭୁବନେଶ୍ୱର ଚଳାଚଳ କରୁଥିବା 'ସେବା ଏକ୍ସପ୍ରେସ'ରେ ଯାତ୍ରୀସଂଖ୍ୟା ତୁଳନାରେ ବଗି ସଂଖ୍ୟା ଅତ୍ୟନ୍ତ କମ୍ ରହୁଥିବାରୁ ପ୍ରବଳ ଭିଡ଼ ଯୋଗୁଁ ଯାତ୍ରୀଙ୍କୁ ବସିବା ପାଇଁ ସିଟ୍ ଖଣ୍ଡେ ମଧ୍ୟ ମିଳୁନାହିଁ। ଟ୍ରେନରେ ନିୟମିତ ଟିକେଟ୍ ଯାଞ୍ଚ ହେଉ ନ ଥିବାରୁ ବିନା ଟିକେଟଧାରୀଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ଏହି ଅଣ ଟିକେଟଧାରୀ ଯାତ୍ରୀମାନେ ଜବରଦସ୍ତ ସିଟ୍ ଅକ୍ତିଆର କରି ବସୁଥିବାରୁ ବୈଧ ଟିକେଟ୍ ଧରି ଯାତ୍ରା କରୁଥିବା ନିୟମିତ ଯାତ୍ରୀମାନେ ଠିଆ ଠିଆ ଯିବାକୁ ବାଧ୍ୟ ହେଉଛନ୍ତି। ରେଳ କର୍ତ୍ତୃପକ୍ଷଙ୍କ ଏଭଳି ଉଦାସୀନତା ପ୍ରତିବାଦରେ ନିୟମିତ ଯାତ୍ରୀ ଓ ସ୍ଥାନୀୟ ଜନସାଧାରଣ ପୂର୍ବ ସୂଚନା ମୁତାବକ ଆଜି ନୟାଗଡ଼ ଟାଉନ ରେଳ ଷ୍ଟେସନରେ ବିକ୍ଷୋଭ ପ୍ରଦର୍ଶନ ସହ ବିରୋଧ କରିବାକୁ ସ୍ଥିର କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଷ୍ଟେସନ ପରିସରରେ ବ୍ୟାପକ ରେଲୱେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ନିୟମିତ ଯାତ୍ରୀମାନେ ଷ୍ଟେସନ ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ସେମାନଙ୍କୁ ବାହାରେ ଅଟକାଇ ଦେଇଥିଲା। ଏହାକୁ କେନ୍ଦ୍ର କରି ପୁଲିସ ଓ ଉତ୍ତ୍ୟକ୍ତ ଯାତ୍ରୀଙ୍କ ମଧ୍ୟରେ ଉତ୍ତେଜନା ହୋଇଥିଲା। ଆର୍‌ପିଏଫ୍ ଆଜି ବିରୋଧକୁ ଦମନ କରିଥିବା ବେଳେ ଆଗାମୀ ଦିନରେ ଏହାକୁ ନେଇ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସୂଚନା ମିଳିଛି।

## ନିମ୍ନମାନର ଗାର୍ଡୱାଲ ଓ ପାଚେରି ନିର୍ମାଣ

ରଣପୁର, ୨୪।୫(ସମିସ): ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ଯୋଗୁଁ ରଣପୁର ଏନ୍‌ଏସି ୬ ନମ୍ବର ୱାର୍ଡ ନେଳିଆ ପୋଖରୀରେ ନିର୍ମାଣାଧୀନ ଗାର୍ଡୱାଲ, ପାଚେରି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ଅଭିଯୋଗ ହେଉଛି। କାର୍ଯ୍ୟରେ ନିମ୍ନମାନର ସିମେଣ୍ଟ, ମେଣ୍ଟାଲ ବ୍ୟବହାର ହେଉଛି। ମୂଳଦୁଆ ଅଳ୍ପ ଖୋଳାଯାଇ ସେଥିରେ ବାଲି ଜାଗାରେ ଡଷ୍ଟ ଦିଆଯାଇଛି। ସେହିପରି ଅତ୍ୟଧିକ ବାଲି ଏବଂ କମ୍ ସିମେଣ୍ଟରେ ଗାର୍ଡୱାଲ ନିର୍ମାଣ କରାଯାଉଥିବା ଓ ଏଥିରେ ଆବଶ୍ୟକ ପରିମାଣର ପାଣି ଦିଆଯାଉ ନ ଥିବାରୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଙ୍ଗୁଳି ଘସିଲେ ପାଚେରିରୁ ବାଲି ଝଡ଼ି ଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରିସ୍ଥଳେ ଲକ୍ଷ ଲକ୍ଷ ଟଙ୍କାର



ଗାର୍ଡୱାଲ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଠିକାଦାର ଅନୁପସ୍ଥିତ ରହି ଶ୍ରମିକଙ୍କ ହାତରେ କାମ ଟେକିଦେଇଛନ୍ତି। ଏହି ଗାର୍ଡୱାଲ ଓ ପାଚେରି କାମର ତଦନ୍ତ ଏକାନ୍ତ ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।

● ସ୍କୁଟି-ବୁଲେଟ ମୁହାଁମୁହିଁ, ନିଶା ଖାଇ ପିଟିଦେଲେ

## ଚାଲିଗଲା ଶିକ୍ଷକ ସୁବାସଙ୍କ ଜୀବନ

ନୟାଗଡ଼, ୨୪।୫(ସମିସ): ନୟାଗଡ଼ ସଦରଥାନା ଅନ୍ତର୍ଗତ ବାଲୁଗାଁ ନିକଟ ଜୟମଙ୍ଗଳପ୍ରସାଦଠାରେ ରବିବାର ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ନୂଆଗାଁ ବ୍ଲକ ଶ୍ରୀବନ୍ତଦେଇପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁବାସ ଚନ୍ଦ୍ର ଦୁଆରୀଙ୍କ ମୃତ୍ୟୁ ଘଟିଛି। ସୁବାସ ନୟାଗଡ଼ରୁ ଖଣ୍ଡପଡ଼ା ଅଭିମୁଖେ ନିଜ ସ୍କୁଟିରେ ଯାଉଥିବା ବେଳେ ଖଣ୍ଡପଡ଼ାରୁ ନୟାଗଡ଼ ଅଭିମୁଖେ ବୁଲେଟ୍ ଧରି ଆସୁଥିବା ଜଣେ ନିଶାସକ୍ତ ବ୍ୟକ୍ତି ବିପଜ୍ଜନକ ଭାବେ ଦୁର୍ଘଟଣା ଘଟାଇଥିଲେ। ଶିକ୍ଷକଙ୍କୁ



ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏହି ଘଟଣାକୁ ନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇଛି। ଶିକ୍ଷକ ସୁବାସଙ୍କ ଘର ଦୁରୁଦୁରା ଗ୍ରାମରେ ବୋଲି ସୂଚନା ମିଳିଛି। ଦୁରୁଦୁରା ଗ୍ରାମରେ ଶିକ୍ଷକଙ୍କ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବହୁ ଶିକ୍ଷକ ତାଙ୍କ ଶେଷ ଦର୍ଶନ କରି ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି।

## ଦୁର୍ଘଟଣାରେ ଦୁଇ ଗୁରୁତର

ନୂଆଗାଁ, ୨୪।୫(ସମିସ): ନୂଆଗାଁ ଥାନା ଅନ୍ତର୍ଗତ ଜୟପଲ୍ଲୀ ବଡ଼ଆମ୍ବ ବ୍ରିଜ ନିକଟରେ ରବିବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣା ଘଟି ଦୁଇ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଦଶପଲ୍ଲା ଥାନା ସୁବଳୟା ଗ୍ରାମର ସିଦ୍ଧାନ୍ତ ଦାସ ଓ ପ୍ରତାପ ନାୟକ। ଉଭୟ ଏକ ବାଇକ୍ ଯୋଗେ ଜୟପଲ୍ଲୀ ଗ୍ରାମକୁ କୌଣସି କାମରେ ଆସିଥିଲେ। ଫେରୁଥିବା ବେଳେ ବଡ଼ଆମ୍ବ ବ୍ରିଜ ନିକଟରେ ଥିବା ଏକ ବିଦ୍ୟୁତ ଖୁମ୍ବରେ ଧକ୍କା ହୋଇ ରାସ୍ତା କଡ଼ରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ନୂଆଗାଁ ଥାନା ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି।

ଭିତ୍ତିଭୂମି ସୁଧାର ପାଇଁ ନାହିଁ ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତି

# କେବେ ଉଦଘାଟନ ହେବ ୮ କୋଟିର ଡାକ୍ତରଖାନା ଗୃହ

ଭାପୁର, ୨୪।୫(ସମିସ): ନୟାଗଡ଼ ଜିଲ୍ଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ୩ ମହଲା ବିଶିଷ୍ଟ ନୂତନ କୋଠାଘର ନିର୍ମାଣ ହୋଇଛି। ଗୋଟିଏ କୋଠାରେ ସମସ୍ତ ସ୍ୱାସ୍ଥ୍ୟସେବାର ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ପୂର୍ବ ସରକାର ୭ କୋଟି ୯୦ ଲକ୍ଷ ୨୫ ହଜାର ଟଙ୍କା ମଞ୍ଜୁର କରିଥିଲେ। ହେଲେ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲେ ହେଁ କେଉଁ କାରଣ ପାଇଁ ଏହା ଲୋକାର୍ପଣ ହେଉନାହିଁ ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡାକ୍ତର ଅଭାବ ସାଙ୍ଗକୁ ଅନ୍ୟ କର୍ମଚାରୀଙ୍କ ଅଭାବ ଭାପୁର ଡାକ୍ତରଖାନା ବର୍ଷ ବର୍ଷର ସମସ୍ୟା। ବିଶେଷଜ୍ଞ ଡାକ୍ତର ଏଠି ସାତସପନ। ଏ ସମସ୍ତ ଅସୁବିଧା ସତ୍ତ୍ୱେ ଏଠାରେ ଏକ ତିନି ମହଲା ନୂତନ କୋଠାଘର ପୂର୍ବ ସରକାର ଅମଳରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଓଡ଼ିଶା ହାଉସିଂ କର୍ପୋରେସନ ଏହି କାର୍ଯ୍ୟ ତଦାରଖ କରୁଛି। ସ୍ଥାନ ଅଭାବରୁ ଏହି କୋଠାଘର ଦୁଇଥର ନକ୍ସା ବଦଳାଯାଇ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଅଧିକ ଏକ ବର୍ଷ ସମୟ ଲାଗିଛି। ହେଲେ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲେ ହେଁ ଏହାକୁ ଉଦଘାଟନ କରାଯାଉନାହିଁ କି ରୋଗୀ ସେବାରେ ଲାଗୁନାହିଁ। ଏ ନେଇ କାହା ପାଖରେ କୌଣସି ଖବର ନାହିଁ। ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କହୁଛନ୍ତି, ଆମେ ଏ ବିଷୟରେ କିଛି ଜାଣିନାହୁଁ। ଗତ ୨ ବର୍ଷ ହେଲା ନୂତନ ସରକାର ଆସିବା ପରଠାରୁ ଭାପୁର ପ୍ରଗତି ସ୍ଥାଣୁ ହୋଇଯାଇଥିବା ଦେଖିବାକୁ ମିଳୁଛି। ବ୍ଲକରେ ବିଡିଓ, ଅଧକ୍ଷାଙ୍କ ସମ୍ପର୍କ ଖରାପ ରହିବା ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିଡିଓ ଖାତିର ନ କରିବା ବ୍ଲକ କାର୍ଯ୍ୟକୁ ସ୍ଥାଣୁ କରିଦେଇଛି।

● ନାହିଁ ଅଂଶୁଘାତ ଚିକିତ୍ସା ଗୃହ

## ଆକ୍ରାନ୍ତ ହୋଇ କଲବଲ ହେଉଛନ୍ତି ରୋଗୀ

ଭାପୁର, ୨୪।୫(ସମିସ): ନୟାଗଡ଼ ଜିଲ୍ଲା ଭାପୁର ଡାକ୍ତରଖାନାରେ ଭିତ୍ତିଭୂମି ନ ଥିବାରୁ ଏଠାରେ ସବୁଦିନ ବିଭିନ୍ନ ସମାସ୍ୟା ଦେଖାଦେଇଛି। ବର୍ତ୍ତମାନ ଅହସ୍ୟ ଗୁଳୁଗୁଳି ଓ ରୌଦ୍ରତାପରେ ପ୍ରତିଦିନ ଅଂଶୁଘାତ ରୋଗୀ ଡାକ୍ତରଖାନାକୁ ଆସୁଥିବା ବେଳେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରି ଖୋର୍ଦ୍ଧା, ନୟାଗଡ଼ ପଠାଇ ଦିଆଯାଉଛି। ରବିବାର ପଦ୍ମାବତୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ସାହୁ ଅଂଶୁଘାତରେ ଆକ୍ରାନ୍ତ ହୋଇ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ବେଳେ ଶୀତତାପ ନିୟନ୍ତ୍ରିତ ଘର ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଖୋର୍ଦ୍ଧା ଡାକ୍ତରଖାନା ପଠାଇ ଦିଆଯାଇଛି। ଯାହାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଡାକ୍ତରଖାନାରେ ବିଦ୍ୟୁତ ପଙ୍ଖାଗୁଡ଼ିକ ଡେଣା ହଲେଇ ଆସ୍ତେ ଆସ୍ତେ ବୁଲୁଥିବାରୁ ରୋଗୀମାନେ କାଉଲୁବାଉଲୁ ହେଉଛନ୍ତି। ତାଙ୍କ ପରି ଅନେକ ରୋଗୀ ମଧ୍ୟ ଅଂଶୁଘାତରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇ ସଠିକ ଚିକିତ୍ସା ସୁବିଧା ପାଇପାରୁ ନ ଥିବା ଅଭିଯୋଗ ହୋଇଆସୁଛି।

## ସୋସାଇଟି ଦାୟିତ୍ୱ ନେବାକୁ ବ୍ୟାଙ୍କ କର୍ମଚାରୀ କୁଣ୍ଠକୁଣ୍ଠ

ନୟାଗଡ଼, ୨୪।୫(ସମିସ): ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ କୁରାଳ ପ୍ରାଥମିକ କୃଷି ସମବାୟ ସମିତି ଲିଃ ର ସମ୍ପାଦକ ଭାବେ ଓଡ଼ଗାଁ ବ୍ୟାଙ୍କ ସୁପରଭାଇଜର ବିଦ୍ୟାଧର ମହାନ୍ତି ଦାୟିତ୍ୱ ତୁଲାଉଥିଲେ। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଚିଠି ସଂଖ୍ୟା ୧୯୨ ତା ୦୧.୦୫.୨୦୨୬ରେ ବ୍ୟାଙ୍କ ସୁପରଭାଇଜର ବିଦ୍ୟାଧର ମହାନ୍ତିଙ୍କୁ ଓଡ଼ଗାଁ ଶାଖା କ୍ୟାସିଅର ରୁପେ ବଦଳି କରାଯାଇଛି। ମହିପୁର ଶାଖା ସୁପରଭାଇଜର ଦିପକ କୁମାର ବେହେରା ଓଡ଼ଗାଁ ଶାଖା ସୁପରଭାଇଜର ରୁପେ ବଦଳି ହୋଇ ଆସି କାର୍ଯ୍ୟ କରୁଛନ୍ତି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଚିଠି ସଂଖ୍ୟା ୨୨୭ ତା ୦୫.୦୫.୨୦୨୬ରେ ଓଡ଼ଗାଁ ଶାଖା ସୁପରଭାଇଜର ଦିପକ କୁମାର ବେହେରା କୁରାଳ ପ୍ୟାକ୍ସ ସମ୍ପାଦକ ରୁପେ ଦାୟିତ୍? ନେବା ପାଇଁ ବ୍ୟାଙ୍କ ସମ୍ପାଦକ ଚିଠି କରିଥିଲେ। କିନ୍ତୁ ସେ କାର୍ଯ୍ୟରେ ଯୋଗଦେବା ପାଇଁ ସିଧା ସିଧା ମନା କରିଦେଇଥିଲେ। ପୁନର୍ବାର ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଚିଠି ସଂଖ୍ୟା ୩୪୭ ତା ୨୦.୦୫.୨୦୨୬ରେ ଆମ୍ଭ ବ୍ୟାଙ୍କରେ କର୍ମଚାରୀ ଅଭାବ, ରବି ଋଣ ଲଗାଣ ଚାଲୁ ରହିଛି, ବ୍ୟାଙ୍କ କର୍ମଚାରୀ ସୋସାଇଟରେ କାର୍ଯ୍ୟ କରିପାରିବେ ନାହିଁ ବୋଲି ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ନୟାଗଡ଼ଙ୍କୁ ଚିଠି କରି ଜଣାଇଛନ୍ତି। ଏହି ଚିଠି ଦିଆ ନିଆ ଭିତରେ ଆଜିକୁ ୨୫ ଦିନ ହୋଇଯାଇଥିଲେ ମଧ୍ୟ କୌଣସି ସମ୍ପାଦକ କୁରାଳ ପ୍ୟାକ୍ସରେ ଯୋଗ ଦେଇନାହାନ୍ତି। ଯାହା ଫଳରେ ରବି ଋଣ ଲଗାଣ, ସାର, ବିହନ ସମିତିର ଦୈନନ୍ଦିନ କାର୍ଯ୍ୟ କିଛି ହୋଇପାରୁନାହିଁ।

● କଦଳୀବନ୍ଧ ସରକାରୀ ପ୍ରାଥମିକ ବିଦ୍ୟାଳୟ

## ୧୮ ବର୍ଷ ପରେ ହେଲା ବିଦ୍ୟୁତ୍ ସଂଯୋଗ

ଓଡ଼ଗାଁ, ୨୪।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ପ୍ରବେଶଦ୍ୱାର ନିକଟରେ ଅବସ୍ଥିତ କଦଳୀବନ୍ଧ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୧୮ ବର୍ଷ ପରେ ବିଦ୍ୟୁତ୍ ସଂଯୋଗ ହୋଇଛି। ୨୦୦୮ ରେ ସ୍ଥାପିତ ଏହି ବିଦ୍ୟାଳୟରେ ଏପର୍ଯ୍ୟନ୍ତ ବିଦ୍ୟୁତ୍ ସୁବିଧା ନ ଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ବିଦ୍ୟୁତ୍ ସଂଯୋଗ ହେବା ପରେ ଗ୍ରୀଷ୍ମ ପ୍ରବାହ ସମୟରେ ହେଉଥିବା ଅସୁବିଧାରୁ ମୁକ୍ତି ମିଳିଥିବାରୁ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଖୁସିର ପରିବେଶ ଦେଖାଦେଇଛି। ଏହି କାର୍ଯ୍ୟ ସଫଳ ହେବାରେ ଓଡ଼ଗାଁ ବିଡିଓ ପ୍ରୀତିବାଳା ରଣାଙ୍କ ମୁଖ୍ୟ ଭୂମିକା ରହିଥିବାରୁ ଅଭିଭାବକମାନେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ଦାଶଙ୍କ ସହ କଦଳୀବନ୍ଧ ଓ ରଗଡ଼ିସାହି ଗ୍ରାମବାସୀ ଦୀର୍ଘଦିନ ଧରି ଏହି ସମସ୍ୟା ସମାଧାନ ପାଇଁ ପ୍ରୟାସ ଜାରି ରଖିଥିଲେ। ଏନେଇ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଦୁଇଥର ଅଭିଯୋଗ ମଧ୍ୟ କରାଯାଇଥିଲା। ବିଦ୍ୟୁତ୍ ସଂଯୋଗ ହେବା ପରେ ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦାଶ, ସହକର୍ମୀ ଶିକ୍ଷୟିତ୍ରୀ ରୀତା ପଣ୍ଡା ଏବଂ ସହଯୋଗ କରିଥିବା ପ୍ରଶାସନିକ ଅଧିକାରୀମାନଙ୍କୁ କୃତଜ୍ଞତା ଜଣାଯାଇଛି। ତେବେ ବିଦ୍ୟାଳୟରେ ପାନୀୟଜଳ ସୁବିଧା ଓ ମୁଖ୍ୟ ଫାଟକଠାରୁ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କେବେ ସମ୍ପୂର୍ଣ୍ଣ ହେବ, ସେନେଇ ଏବେ ମଧ୍ୟ ସ୍ଥାନୀୟ ଲୋକଙ୍କ ଅପେକ୍ଷା କରିଛନ୍ତି।

## ଶିଶୁଙ୍କ ପାଇଁ ଗ୍ରୀଷ୍ମକାଳୀନ ରାଜଯୋଗ ଶିବିର

ଓଡ଼ଗାଁ, ୨୪।୫(ସମିସ): ଶିଶୁଙ୍କ ମଧ୍ୟରେ ଆତ୍ମିକ ଜାଗରଣ ସୃଷ୍ଟି କରିବା ଲକ୍ଷ୍ୟରେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମକୁମାରୀ ଜାଗୃତି ଭବନ, ରୋହିବାଙ୍କ ପରିସରରେ ରବିବାର ଗ୍ରୀଷ୍ମକାଳୀନ ରାଜଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ରୋହିବାଙ୍କ ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବିକେ ଶାନ୍ତି ଭଉଣୀଙ୍କ ଉଦ୍ୟମରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୪୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶିବିରରେ ଯୋଗ ଦେଇଥିବା ଶିଶୁମାନେ ବ୍ରହ୍ମକୁମାରୀ ଓ ବ୍ରହ୍ମକୁମାରଙ୍କ ଆଶିର୍ବଚନ ମାଧ୍ୟମରେ ଆଧାର ଜାଗରଣ, ନୈତିକ ମୂଲ୍ୟବୋଧ ଓ ସକାରାକେ ଚିନ୍ତାଧାରା ସମ୍ପର୍କରେ ଅବଗତ ହୋଇଥିଲେ। ଏହା ସହ ସାଧାରଣଜ୍ଞାନ (କୁଇଜ୍) ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବ୍ରହ୍ମକୁମାରୀ ଅବସରପ୍ରାପ୍ତ ଅଧ୍ୟାପିକା ପ୍ରତିଭା ମହାରଥୀ, ନୟାଗଡ଼ ଜିଲ୍ଲାର ମୁଖ୍ୟ ସଞ୍ଚାଳିକା ମିନୀ ଭଉଣୀ (ବଡ଼ ଦିଦି), ଆସ୍କା (ଗଞ୍ଜାମ)ର ମୁଖ୍ୟ ସଞ୍ଚାଳିକା ବିକେ ଜମୁନା ଭଉଣୀ, ଖୋର୍ଦ୍ଧାରୁ ବ୍ରହ୍ମକୁମାର ଜୟକୃଷ୍ଣ ଭାଇ, ଭୁବନେଶ୍ୱରରୁ ଅରୁଣ ଭାଇ ଏବଂ ରୋହିବାଙ୍କର ରାଜେଶ, ରାଧାଗୋବିନ୍ଦ, ପ୍ରସନ୍ନ ଭାଇ ଓ ଦମୟନ୍ତୀ ଭଉଣୀ ପ୍ରମୁଖ ଯୋଗଦେଇ ଶିଶୁଙ୍କୁ ଆଶିର୍ବଚନ ପ୍ରଦାନ କରିଥିଲେ।

# ୨ ମାସ ପରେ ବି ମିଳିଲାନି ପାଠ୍ୟପୁସ୍ତକ

● ପ୍ରଶିକ୍ଷଣ ଦେୟ ଦେବାରେ ଟାଳଟୁଳ ନୀତି

● କାହା ସ୍ୱାର୍ଥରେ କାମ କରୁଛନ୍ତି ବିଇଓ

ଖଣ୍ଡପଡ଼ା, ୨୪।୫(ସମିସ): ଶିକ୍ଷାବର୍ଷକୁ ଦୁଇମାସ ବିତିଯାଇଥିଲେ ମଧ୍ୟ ଖଣ୍ଡପଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ଏଯାବତ ପାଠ୍ୟ ପୁସ୍ତକ ମିଳିନାହିଁ। ସେହିପରି ବର୍ଷେ ହେବ ଶିକ୍ଷକଙ୍କୁ ୩ଟି ପ୍ରଶିକ୍ଷଣ ବାବଦ ଦେୟ ମିଳି ନ ଥିବା ଅଭିଯୋଗ ହୋଇଛି। ୨୦୨୬-୨୭ ଶିକ୍ଷାବର୍ଷ ଆରମ୍ଭ ହେବାର ୨ ମାସ ପରେ ବି ଛାତ୍ରଛାତ୍ରୀଙ୍କୁ ଏଯାବତ ମାତ୍ର ୬୦ ପ୍ରତିଶତ ବହି ମିଳିଥିବା ସଙ୍ଗିନ ଅଭିଯୋଗ ହୋଇଛି। ବହି ଯୋଗାଇବାରେ ଶିକ୍ଷା ବିଭାଗ ବିଫଳ ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କୁ ଏକାଧିକ ପର୍ଯ୍ୟାୟରେ ବହି ମିଳିଥିବା ଜଣାପଡ଼ିଛି। ଗୋଟିଏ ପଟେ ଅସହ୍ୟ ତାତିକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ବନ୍ଦ କରି ଦିଆଯାଇଥିବା ବେଳେ ଅଘୋଷିତ ଭାବେ ବିଦ୍ୟାଳୟ ଖୋଲି ଶିକ୍ଷକମାନଙ୍କୁ ବହି ବାଣ୍ଟିବାକୁ ବାଧ୍ୟ କରାଯାଉଛି। ଏପରିକି ଅସହ୍ୟ ଖରାରେ ମଧ୍ୟ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସି ବହି ନେଉଥିବା ଅଭିଯୋଗ କରିଛନ୍ତି ଅଭିଭାବକ। ଅନ୍ୟପକ୍ଷରେ ଗତ ବର୍ଷେ ହେବ ବ୍ଲକ ଅଧୀନ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ୩ଟି ପ୍ରଶିକ୍ଷଣ ବାବଦ ଦେୟ ମିଳି ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଗତବର୍ଷ ମେ ମାସରେ ଶିଶୁ ଟ୍ରାକିଂ ସର୍ଭେ ବାବଦରେ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ଆଜିଯାଏଁ ପ୍ରାପ୍ୟ ମିଳି ନ ଥିବା ସୂଚନା ମିଳିଛି। ସେହିପରି ଉଲ୍ଲାସ କାର୍ଯ୍ୟକ୍ରମ ସର୍ଭେ ଏବଂ ପ୍ରଧାନଶିକ୍ଷକମାନଙ୍କ ପ୍ରାପ୍ୟ ମଧ୍ୟ ଦେଇନି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ। ପ୍ରବୋଧନ କାର୍ଯ୍ୟକ୍ରମ ବାବଦ ଅର୍ଥ ମଧ୍ୟ ଏଯାବତ ମିଳି ନ ଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଫଳରେ କାହା ସ୍ୱାର୍ଥରେ ଗୋଷ୍ଠୀ ଶିକ୍ଷାବିଭାଗ କାମ କରୁଛି ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଖଣ୍ଡପଡ଼ା ବ୍ୟତୀତ ଅନ୍ୟ ବ୍ଲକରେ ଏଭଳି ପ୍ରଶିକ୍ଷଣ ବାବଦ ଦେୟ ମିଳିସାରିଥିବା ବେଳେ ଖଣ୍ଡପଡ଼ାରେ ଏହା ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଶିକ୍ଷକ ମହଲରୁ ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଟଙ୍କତୋରାଣି ବଣ୍ଟନ

ଗଣିଆ, ୨୪।୫(ସମିସ): ଗଣିଆରେ ଥିବା ରାମଦୟା ପରିଷଦ ତରଫରୁ ରବିବାର ସ୍ଥାନୀୟ ଗାନ୍ଧୀଛକରେ ଟଙ୍କତୋରାଣି ବଣ୍ଟନ କରାଯାଇଛି। ଆଜି ଗଣିଆ ହାଟ ହୋଇଥିବାରୁ ଗଣିଆ ବ୍ଲକ ତଥା ଆଖପାଖ ଅଞ୍ଚଳର ଶହ ଶହ ଲୋକ ଏହି ହାଟକୁ ଆସିଥିବା ବେଳେ ଟଙ୍କତୋରାଣି ପାନ କରି ଆତ୍ମସନ୍ତୋଷ ଲାଭ କରିଛନ୍ତି। ଗଣିଆ ବଜାରରେ ପ୍ରଶାସନ ତରଫରୁ ଜଳଛତ୍ରଟିଏ ଖୋଲିବା ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନ ଚୁପ୍ ବସିଥିବା ବେଳେ ରାମଦୟା ପରିଷଦର ଏଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି। ରାମଦୟା ପରିଷଦର ସଭାପତି ଜଗନ୍ନାଥ ଦାଶ, ସମ୍ପାଦକ ସାନୁଜ ରାମ ମିଶ୍ର, ରାକେଶ କୁମାର ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ବେହେରା, ସୁରେଶ ଦାଶ ପ୍ରମୁଖ ଟଙ୍କ ତୋରାଣି ବଣ୍ଟନରେ ସହଯୋଗ କରିଥିଲେ। ପରିଷଦର ସମସ୍ତ ସଦସ୍ୟ ପାରମ୍ପରିକ ପୋଷାକ ଧୋତି, ବେଢ଼ାଣ ପରିଧାନ କରି ଏହି କାର୍ଯ୍ୟରେ ସାମିଲ ହୋଇଥିଲେ।



## ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୋଧରେ ସଚେତନତା

ଓଡ଼ଗାଁ, ୨୪।୫(ସମିସ): ନୟାଗଡ଼ ଜିଲ୍ଲାର ଓଡ଼ଗାଁ ସ୍ଥିତ ରଘୁନାଥ ସମବାୟ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ରବିବାର ସକାଳେ ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୋଧରେ ଏକ ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। ଅଧ୍ୟାପିକା ଡ଼. ସଞ୍ଜୁକ୍ତା ଦାସଙ୍କ ନେତୃତ୍ୱରେ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀମାନେ ଗ୍ରାମକୁ ଗ୍ରାମ ବୁଲି ଲୋକଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। କେତେକ ଅଞ୍ଚଳରେ ଗୁଣିଗାରେଡ଼ି ଓ ବାଲ୍ୟ ବିବାହ ଭଳି କୁସଂସ୍କାର ଚାଲିଥିବାରୁ ଏପରି ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା। ଦୂରଦର୍ଶନ, ରେଡିଓ, ଖବରକାଗଜ ଭଳି ଗଣମାଧ୍ୟମ ଓ ସରକାରୀ ସଚେତନତା କାର୍ଯ୍ୟକ୍ରମ ସମାଜରୁ କୁସଂସ୍କାର ଦୂର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବେଳେ ଯୁବପିଢ଼ିର ସକ୍ରିୟ ଭୂମିକା ସମାଜ ପରିବର୍ତ୍ତନରେ ସହାୟକ ହେବ ବୋଲି ଅଭିଯାନରେ ଉଲ୍ଲେଖ କରାଯାଇଥିଲା।



## ବିପଦସଙ୍କୁଳ ଗୁଣ୍ଡିଚା ଘର, ବର୍ଷସାରା ଅନ୍ଧାର

ସରକାରୀ ଦୃଷ୍ଟି ଆଢୁଆଳରେ ଅବହେଳିତ

ଗଣିଆ, ୨୪।୫(ସମିସ): ମହାପ୍ରଭୁଙ୍କ ରଥଯାତ୍ରା ପାଖେଇ ଆସୁଛି। ମହାପ୍ରଭୁ ଥାଟବାଟ ନେଇ ଶ୍ରୀମନ୍ଦିରରୁ ବାହାରି ୯ ଦିନ ପର୍ଯ୍ୟନ୍ତ ଗୁଣ୍ଡିଚା ଘରେ ଅବସ୍ଥାନ କରିବେ। କିନ୍ତୁ ବିପଦସଙ୍କୁଳ ଅବସ୍ଥାରେ ଏହି ଗୁଣ୍ଡିଚା ଘର ରହିଥିବା ଦେଖିବାକୁ ମିଳିଛି। ଗଣିଆ ବ୍ଲକ ନିକଟରେ ଥିବା ଗୁଣ୍ଡିଚା ଘର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏଠାରେ ବର୍ଷ ସାରା ଅନ୍ଧାର ଥିବା ବେଳେ କେବଳ ୯ ଦିନ ଆଲୁଅ ଜଳିଥାଏ। ରଥଯାତ୍ରା ପରେ ମହାପ୍ରଭୁ ଏଠାରେ ୯ ଦିନ ଧରି ଅବସ୍ଥାନ କରୁଥିବା ବେଳେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଆବଶ୍ୟକ ନଥିବା ସ୍ଥାନରେ ଚକଚକିଆ କୋଠାଘର ନିର୍ମାଣ ହେଉଥିବା ବେଳେ ବର୍ଷ ବର୍ଷ ଧରି କାଠଖମ୍ବ ଓ ଟିଣ ଛପରରେ ନିର୍ମିତ ଏହି ଗୁଣ୍ଡିଚା ଘର ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ବ୍ଲକ ପାର୍ଶ୍ୱରେ ଏହି ମନ୍ଦିରଟି ଥିଲେ ମଧ୍ୟ ନା ବ୍ଲକ ପ୍ରଶାସନ ନା ରାଜନେତା କେହି ବି ଏହାର ଉନ୍ନତି ପାଇଁ ଚିନ୍ତା କରୁନାହାନ୍ତି। ନୂତନ ମନ୍ଦିର ନିର୍ମାଣ ତ ଦୂର କଥା ମନ୍ଦିରଟି ମରାମତି କରିବାକୁ କେହି ବି ଆନ୍ତରିକତା ଦେଖାଉ ନାହାନ୍ତି। ଏପରିକି ଗୁଣ୍ଡିଚା ମନ୍ଦିର ପାଖରେ ଥିବା ରୋଷଘର ଅବସ୍ଥା ମଧ୍ୟ ଶୋଚନୀୟ। ଦିନବେଳା ବି ଉକ୍ତ ଘରେ ବିଷାକ୍ତ ସରୀସୃପ ଚଳପ୍ରଚଳ କରନ୍ତି। ବର୍ଷ ସାରା ଏଠାରେ ପାନୀୟ ଜଳ ସମସ୍ୟା ଲାଗି ରହୁଛି। ୯ ଦିନ ଏଠାରେ ଆଲୁଅ ଜଳୁଥିବା ବେଳେ ଅବଶିଷ୍ଟ ଦିନ ଅନ୍ଧାରରେ ରହୁଛି। ଏପରିକି ବର୍ଷା ହେଲେ ଉକ୍ତ ଘର ଭିତରେ ପାଣି ଗଳୁଛି। ବିଶ୍ୱ ନିୟନ୍ତା ମହାପ୍ରଭୁ ଏଭଳି ଦୟନୀୟ ଅବସ୍ଥାରେ ୯ ଦିନ କାଳ ରହୁଥିବାରୁ ଭକ୍ତ ମହଲରେ ଅସନ୍ତୋଷ ଦେଖା ଦେଇଛି। ଅପରପକ୍ଷେ ରାଜ୍ୟ ସରକାର ମଠ, ମନ୍ଦିର, ଐତିହ୍ୟର ସୁରକ୍ଷା ଦିଗରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଦୀପତଳ ଅନ୍ଧାର ଭଳି ଏହି ଗୁଣ୍ଡିଚା ମନ୍ଦିର ଦୃଷ୍ଟି ଆଢୁଆଳରେ ରହିଯାଇଛି। ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ, ବିଧାୟକ କିମ୍ବା ସାଂସଦ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜଗନ୍ନାଥପ୍ରେମୀ ଦାବି କରିଛନ୍ତି।



ବିଜେଡି ପକ୍ଷରୁ ମହିଳା ଅଧିକାର ଅଭିଯାନ

# ମା'ର ସମ୍ମାନ ମାଟିରୁ ଆକାଶ ଯାଏଁ ଉଚ୍ଚା

ନୟାଗଡ଼, ୨୪।୫(ସମିସ)

ନୟାଗଡ଼ ବିଜେଡି କାର୍ଯ୍ୟାଳୟରେ ମହିଳା ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର ବିଜେଡି ସଭାପତି ଇପସିତା ସାହୁ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିରଜାଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ ଆଳରେ ଯୋଜନାବଦ୍ଧ ଭାବେ ଷଡ଼ଯନ୍ତ୍ର କରିବା, ମହିଳାଙ୍କୁ ସଂରକ୍ଷଣ ନ ଦେବା ମହିଳାଙ୍କ ପ୍ରତି ଅସମ୍ମାନ ବୋଲି ମତ ପ୍ରକାଶ ପାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କୁ ବିଶ୍ୱରେ ପରିଚିତ କରାଉଥିଲେ। ଡବଲ ଇଞ୍ଜିନ ସରକାର ମହିଳାଙ୍କ ଭାତହାଣ୍ଡିରେ ଲାତ ମାରୁଛି। ତେଲ କମ ବ୍ୟବହାର କରିବା, ସୁନା ନ କିଣିବା ପାଇଁ କହି ମହିଳାଙ୍କୁ ଉପହାସ କରୁଛି। ନୟାଗଡ଼ ବିଧାୟକ ଡ. ସାହୁ ତାଙ୍କ ବକ୍ତବ୍ୟରେ ମାଟିରୁ ଆକାଶ ଯେତିକି ଉଚ୍ଚା, ମା'ର ସମ୍ମାନ ସେତିକି ଉଚ୍ଚା ବୋଲି କହିଥିଲେ। ମହିଳା ଅଧିକାରକୁ ବିଜେପି ସରକାର କ୍ଷୁଣ୍ଣ କରିବାରେ ଲାଗିଛି ବୋଲି କହିଥିଲେ। ମହିଳାଙ୍କୁ ବର୍ଷକୁ ୫୦ ହଜାର ଦେବାକୁ କହି ସୁଭଦ୍ରା ଯୋଜନା ଆଳରେ ଠକିଥିବା କହିଥିଲେ। ନବୀନ ସରକାର ମହିଳାଙ୍କୁ ବିଶ୍ୱରେ ପରିଚିତ କରିବା ପାଇଁ ଦୁବାଇ ଭଳି ସହରକୁ ପଠାଇ ଶିକ୍ଷଣୀୟ ବ୍ୟବସ୍ଥା କରାଇଥିଲେ। ବିଶ୍ୱ ସ୍ତରରେ ଓଡ଼ିଶାର ମା'ମାନଙ୍କୁ ପରିଚିତ କରୁଥିଲେ। ଛାତ୍ର ସଭାପତି ସାହୁ, ଡବଲ ଇଞ୍ଜିନ ସରକାରକୁ ଟାର୍ଗେଟ କରିବା ସହ ନାରୀକୁ ଦିଆଯାଇଥିବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଥିଲେ। ନାରୀ ଶକ୍ତିର ଝଡ଼ ଆସିଲେ ସିଂହାସନ ଟଳମଳ ହେବ ବୋଲି କହିଥିଲେ। ବୈଠକରେ ରାଜ୍ୟ ମହିଳା ବିଜେଡି ସମ୍ପାଦିକ ତୃପ୍ତିରାଣୀ ପଟ୍ଟନାୟକ, ନୟାଗଡ଼ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଜିଲ୍ଲା ପରିଷଦ ସଭ୍ୟା ଝିଲ୍ଲି ପ୍ରଧାନ, ସାଗରବାଳା ବରାଡ଼, ସ୍ୱପ୍ନେଶ୍ୱରୀ ସେଠୀ, ଅଳକା ମଞ୍ଜରୀ ନାୟକ, କାମିନୀ ନାୟକ, ସନ୍ଧ୍ୟାରାଣୀ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ବ୍ଲକ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ଓଡ଼ଗାଁ ବ୍ଲକ ବିଜେଡି ସଭାପତି ନିତ୍ୟାନନ୍ଦ ପ୍ରଧାନ, ଓଡ଼ଗାଁ ବ୍ଲକ ମହିଳା ସଭାନେତ୍ରୀ ନିବେଦିତା ଦାଶ, ନୟାଗଡ଼ ପୌର ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର କହଁର, କ୍ଷୀରୋଦ ମହାପାତ୍ରଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।






# ଗୋଷ୍ଠୀ ସଂଘର୍ଷ ମାମଲାରେ ୪ ଜଣଙ୍କୁ ଗିରଫ କଲା ପୁଲିସ

ଭଞ୍ଜନଗର,୨୪।୫(ସମିସ): ସହରରେ ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ଗତ ୧୮ ତାରିଖ ଭୋର ୩ ଟାବେଳେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏହି ଘଟଣାରେ ଭଞ୍ଜନଗର ପୁଲିସ ୪ଟି ପୃଥକ୍ ମାମଲା ରୁଜୁ କରି ଶନିବାର ୪ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାର ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ବୋଲି ଥାନାଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ପୁଲିସର ସୂଚନା ପ୍ରକାରେ ଗତ ୧୭ ତାରିଖରେ ଭଞ୍ଜନଗର ପୌର ପରିଷଦ ପକ୍ଷରୁ ମା'ଙ୍କ ଯାତ୍ରା ଆୟୋଜନ କରାଯାଇଥିଲା। ସେହିଦିନ ସହରରେ ପ୍ରବଳ ଜନସମାଗମ ହୋଇଥିଲା। ମାଆ ଗମ୍ଭୀରାରେ ପ୍ରବେଶ କରିବା ପରେ ହଠାତ୍ ରାତି ୩ଟା ପରେ ପୌର ପରିଷଦ କାର୍ଯ୍ୟାଳୟ ଆଗରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ପରେ ଏହା ଉଗ୍ର ରୂପ ନେଇ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଏହି ଘଟଣାରେ ସଂପୃକ୍ତ ଅଭିଯୋଗରେ ସହରର ଇମ୍ମୁ ଓରଫ୍ ଏମଡି ଇମ୍ରାନ୍ (୩୨), ଦୀପକ କୁମାର ମହାନ୍ତି (୨୮), ଅରୁଣ କୁମାର ବେହେରା (୪୦) ଓ ଭେଜିପୁଟର ଯଶୋବନ୍ତ ସ୍ୱାଇଁ (୨୨) ଙ୍କୁ ଭିନ୍ନ ଭିନ୍ନ ଦଫାରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଶ୍ରୀ ଜେନା ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ ୧୭ ତାରିଖ ବିଳମ୍ବିତ ରାତିରେ ଘଟିଥିବା ଏହି ଘଟଣା ପରେ ୨୧ ତାରିଖ ମଧ୍ୟରାତ୍ରରେ ନଗରପାଳ ଗୋପବନ୍ଧୁ ମହାପାତ୍ରଙ୍କ ବାସଭବନ ଉପରକୁ କିଛି ଦୁର୍ବୃତ୍ତ ବୋମାମାଡ କରିଥିଲେ। ଏହି ଘଟଣାରେ ପୁଲିସ ନିଜଆଡୁ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ଖୁବଶୀଘ୍ର ଏହା ଉପରୁ ମଧ୍ୟ ପରଦା ହଟିବ ବୋଲି ଥାନାଧିକାରୀ ଜେନା ସ୍ପଷ୍ଟ ସୂଚନା ଦେଇଛନ୍ତି।

# ୭୮ତମ ସହିଦ ଦିବସ ପାଳିତ



ଶେରଗଡ,୨୪।୫(ସମିସ): ଶେରଗଡ ବ୍ଲକ ସ୍ଥିତ ଡାକରଡା ଗୋବିନ୍ଦ ରଙ୍ଗ ମଞ୍ଚରେ ୭୮ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ବାମପନ୍ଥୀ ନେତା ଗୋପାଳ କୃଷ୍ଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶହୀଦ ଦିବସରେ ବରିଷ୍ଠ ସିପିଆଇ ନେତା ଅନନ୍ତ ମହାଙ୍କୁଡ, କମ୍ରେଡ ହର ପ୍ରସାଦ ଆଚାରୀ, ସମୀର ପ୍ରଧାନ, ସିପିଆଇର ବରିଷ୍ଠ ନେତା ପଞ୍ଚାନନ ସ୍ୱାଇଁ, ଶେରଗଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ମେଘନାଦ ଦାସ, କମ୍ରେଡ ଶିବରାମ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଶହୀଦ ମାନଙ୍କ ସ୍ମୃତି ଚାରଣ କରିବା ସହ ପରିବାରର ଦାୟାଦ ମାନଙ୍କୁ ସମ୍ମାନିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶହୀଦ ହାଇସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଙ୍କ ସହିତ ଶହୀଦ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ।

# ବିଜେପିର ଜିଲ୍ଲା ପ୍ରଶିକ୍ଷଣ ଶିବିର ଉଦ୍ଯାପିତ




ଭଞ୍ଜନଗର,୨୪।୫(ସମିସ): ଲେମ୍ବେଇଠାରେ ବିଜେପିର ଦୁଇଦିନିଆ ପଣ୍ଡିତ ଦୀନଦୟାଳ ଉପାଧ୍ୟାୟ ଜିଲ୍ଲା ପ୍ରଶିକ୍ଷଣ ବର୍ଗ ସଫଳତାର ସହିତ ଶେଷ ହୋଇଛି। ଭଞ୍ଜନଗର ସାଙ୍ଗଠନିକ ଜିଲ୍ଲା ସଭାପତି ତଥା ଗଞ୍ଜାମ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ନୀଳମାଧବ ପାତ୍ରଙ୍କ ଅଧକ୍ଷତା ଏବଂ ପ୍ରଭାରୀ ଭଗବାନ ମହାନ୍ତିଙ୍କ ତତ୍ୱାବଧାନରେ ଆୟୋଜିତ ଏହି ବର୍ଗର ବୈଷୟିକ ଶିବିରକୁ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଉଦଘାଟନ କରିଥିବାବେଳେ ପ୍ରଦର୍ଶନୀ ଶିବିରକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ବୌଦ୍ଧିକ ଏବଂ ସାଙ୍ଗଠନିକ ଦକ୍ଷତାର ବିକାଶ ପାଇଁ ଆୟୋଜିତ ଏହି ବର୍ଗରେ ସମାଜ ଏବଂ ସଂଗଠନ ଉପଯୋଗୀ ବାରଟି ବିଭିନ୍ନ ପ୍ରସଙ୍ଗରେ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସାଂସଦ ତଥା କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ବଳଭଦ୍ର ମାଝୀ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଜକୁମାର ପୁଲୱାରିୟା, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ ଏବଂ ସୀମାଞ୍ଚଳ ଖଟେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରଥ ବିଶ୍ୱାଳ, ଖୋର୍ଦ୍ଧା ପ୍ରଭାରୀ ପବିତ୍ର ଦାସ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା,ରାଜ୍ୟ ସମ୍ପାଦକ ସରୋଜ କର ଏବଂ ଭଗବାନ ମହାନ୍ତି, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ ଏବଂ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ପ୍ରମୁଖ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବର୍ଗ ପ୍ରଭାରୀ ଅରୁଣ କୁମାର ପଣ୍ଡା ଏବଂ ମହେଶ ମିଶ୍ର ସମଗ୍ର କାର୍ଯ୍ୟକ୍ରମର ତଦାରଖ କରିଥିବାବେଳେ ବର୍ଗ ପ୍ରମୁଖ ବୁଲୁ ସ୍ୱାଇଁ, କାର୍ଯ୍ୟକ୍ରମ ପ୍ରମୁଖ ରବୀନ୍ଦ୍ର କୁମାର ଗୌଡ଼, ନିୟନ୍ତ୍ରକ ଶିବାନନ୍ଦ ସ୍ୱାଇଁ ଏବଂ ବର୍ଷା ନାୟକ, ବ୍ୟବସ୍ଥା ପ୍ରମୁଖ ଧୋବା ଗୌଡ଼, ଜିଲ୍ଲା ସାଧାରଣ ସମ୍ପାଦକ ସୀମାଞ୍ଚଳ ସାହୁ ଏବଂ ସନ୍ତୋଷ ପାଳଙ୍କ ସହିତ ସମସ୍ତ ଜିଲ୍ଲା ପଦାଧିକାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ବର୍ଗରେ ଜିଲ୍ଲାର ସମସ୍ତ ୨୪ ଗୋଟି ମଣ୍ଡଳରୁ ୧୪୮ ଜଣ ତାଲିକାଭୁକ୍ତ ପ୍ରମୁଖ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷାର୍ଥୀ ଭାବରେ ଯୋଗଦେଇଥିଲେ।

## କାହା ସ୍ୱାର୍ଥରେ ଗଜପତିର ପରିବହନ ବ୍ୟବସ୍ଥା?

# ବିନା ପୂର୍ବ ସୂଚନାରେ ରୁଟ୍ ପରିବର୍ତ୍ତନକୁ ନେଇ ଅସନ୍ତୋଷ

ପାରଳାଖେମୁଣ୍ଡି,୨୪।୫(ସମିସ)





ଉପାନ୍ତ ଗଜପତି ଜିଲ୍ଲାରେ ଲୋକଙ୍କ ଗମନାଗମନ ପାଇଁ ପରିବହନ ବ୍ୟବସ୍ଥା ଆଜିକା ଦିନରେ ସୁଦୃଢ ହେବା ବଦଳରେ ଦୁର୍ବଳ ହେବାରେ ଲାଗିଛି। ଏହି ଶିଳ୍ପ ବିହୀନ ଜିଲ୍ଲାରେ ଅନେକ ଦୁର୍ଗମାଞ୍ଚଳ ରହିଛି। ଜିଲ୍ଲାରେ ସଡକ ପଥର କିଛି ମାତ୍ରାରେ ବିକାଶ ଘଟିଥିଲେ ମଧ୍ୟ ଆଭ୍ୟନ୍ତରଣ ଇଲାକାରେ ଏବେବି ରାସ୍ତାର ଆବଶ୍ୟକତା ରହିଛି। ସେହିପରି ଆଜି ବି ଅନେକ ସ୍ଥାନକୁ ସିଧାସଳଖ ପରିବହନ ବ୍ୟବସ୍ଥା ହୋଇପାରିନଥିବା ବେଳେ ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରୁ ଥିବା ଗୋଟି ଗୋଟି କରି ଓଡିଶା ରାଜ୍ୟ ପରିବହନ ବିଭାଗର ବସ ଚଳାଚଳକୁ ବନ୍ଦ କରିଦିଆଯାଉଛି ନଚେତ ରୁଟ୍ ପରିବର୍ତ୍ତନ କରାଯାଉଛି। ଏପରିକି ତିନି ଦଶନ୍ଧିରୁରୁ ଅଧିକ ସମୟ ଧରି ଚଳାଚଳ କରୁଥିବା ବସ୍‌କୁ ବନ୍ଦ କରି ଦିଆଯାଇଛି ନ ହେଲେ ରୁଟ୍ ପରିବର୍ତ୍ତନ କରାଯାଉଛି। ଲୋକେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ନୂତନ ବସ୍ ଚଳାଚଳ ପାଇଁ ଦାବି କରିଥିଲେ ସୁଦ୍ଧା ତାହା ପୁରଣ ହୋଇପାରୁନାହିଁ। ଯାହାକୁ ନେଇ ଜିଲ୍ଲାରେ ପ୍ରବଳ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାରେ ଖୋଦ୍ ପରିବହନ ମନ୍ତ୍ରୀ ଏକ ପ୍ରକାରର ଡେରା ପକାଇ ବସୁଥିବା ବେଳେ ଜିଲ୍ଲାର ପରିବହନ ବିଷୟରେ ଧ୍ୟାନ ଦେଉନଥିବା ଚର୍ଚ୍ଚା ଜୋର୍ ଧରିଛି। ଜିଲ୍ଲା ସଦରମହକୁମା ଠାରୁ ରାଜ୍ୟ ରାଜଧାନୀକୁ ସଂଯୋଗ କରିବା ପାଇଁ ପାଇଁ ଥିବା ଏକ ମାତ୍ର ସରକାରୀ ବସ୍ ଗଜପତି ଏକ୍ସପ୍ରେସ ଯାହାକି ଦୀର୍ଘ ୩୫ ବର୍ଷରୁ ଅଧିକ ସମୟ ଧରି ଭାୟା ଆନ୍ଧ୍ରର ପଲାସା ଦେଇ ଚଳାଚଳ କରୁଥିଲା ତାହାକୁ ଅଚାନକ ଭାବରେ ଦୁଇ ଦିନ ହେଲା ଭାୟା ପଲାସା ରୁଟ୍ ପରିବର୍ତ୍ତେ ଭାୟା ରାମଗିରି ଦେଇ ଚଳାଚଳ କରୁଛି। ଯାହାକୁ ନେଇ ଶନିବାର ରାତିରେ ପାରଳାଖେମୁଣ୍ଡି ବାସୀ ତଥା ଯୁବଗୋଷ୍ଠୀ ବସଷ୍ଟାଣ୍ଡରେ ପହଞ୍ଚି ତୀବ୍ର ପ୍ରତିବାଦ ଜଣାଇବା ସହ ଏହାର ପରିଚାଳକଙ୍କୁ ଡକାଇ ଆଲୋଚନା କରିଥିଲେ। ରୁଟ୍ ପରିବର୍ତ୍ତନ ନେଇ ଜନସାଧାରଣଙ୍କୁ ବିଭାଗ କୌଣସି ପୂର୍ବ ସୂଚନା କିମ୍ବା ବଜ୍ଞପ୍ତି ପ୍ରକାଶ କରାଯାଇନାହିଁ। ଯାହାକୁ ନେଇ ତୀବ୍ର ବିରୋଧ କରାଯିବା ସହ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଉକ୍ତ ବସ ଭାୟା ପଲାସା ଦେଇ ଯିବା ଫଳରେ ରାଜଧାନୀକୁ ସିଧାସଳଖ ସଂଯୋଗ କରିପାରୁଥିବା ବେଳେ ବହୁ ଯାତ୍ରୀ ପଲାସାରେ ଓହ୍ଲାଇ ଦେଶର ବିଭିନ୍ନ ପ୍ରାନ୍ତକୁ ଯାଉଥିବା ଦୂରଗାମୀ ଟ୍ରେନରେ ଯାତ୍ରା କରିପାରୁଥିଲେ। ସେହିପରି ଏହି ପଲାସା ଷ୍ଟେସନରେ ଓହ୍ଲାଇ ଭୁବନେଶ୍ୱରରୁ ପାରଳାଖେମୁଣ୍ଡି ଆସୁଥିବା ବିପରିତ ଗଜପତି ଏକ୍ସପ୍ରେସରେ ଭୋରରୁ ଚଢି ପାରଳାଖେମୁଣ୍ଡି ଏବଂ ଆଖପାଖ ଗ୍ରାମକୁ ଆସିପାରୁଥିଲେ। ବର୍ତ୍ତମାନ ଏହି ବସ୍ ରାମଗିରି ମୋହନା ଦେଇ ଯିବା ଫଳରେ ଯାତ୍ରୀଙ୍କ ସମୟ ଅପଚୟ ହେବା ସହ ଆର୍ଥିକ ବୋଝ ବଢିଯାଇଛି। ଏହି ବସ୍ ପୁରୁଣା ରୁଟ୍‌ରେ ଯାଉଥିବା ସମୟରେ ଯାତ୍ରୀମାନେ କମ୍ ସମୟ ଓ କମ୍ ଅର୍ଥରେ ପାରଳାଖେମୁଣ୍ଡି ଠାରୁ ଭୁବନେଶ୍ୱରକୁ ଯାତାୟତ କରିପାରୁଥିବା ଯୋଗୁଁ ଏହା ଲୋକଙ୍କ ନିକଟରେ ଆଦୃତ ହୋଇପାରିବା ସହ ଏବଂ ଏହା ଆଦାୟକାରୀ ବସ୍ ଭାବେ ପରିଗଣିତ ହୋଇଆସୁଥିଲା।

**ଜିଲ୍ଲାରେ ଡେରା ପକାଉଛନ୍ତି ବିଭାଗୀୟ ମନ୍ତ୍ରୀ; ପରିବହନ ବ୍ୟବସ୍ଥା ବିପର୍ଯ୍ୟସ୍ତ**

ସୂଚନା ପ୍ରକାରେ ଏହି ବସର ସମୟ ସାରଣୀ ରାତି ୯ଟା ବେଳେ ପାରଳାଖେମୁଣ୍ଡିରୁ ଛାଡୁଛି ଏବଂ ବିପରିତ ଭୁବନେଶ୍ୱରରୁ ପାରଳାଖେମୁଣ୍ଡିକୁ ସମାନ ସମୟ ସାରଣୀ ମଧ୍ୟରେ ଅନ୍ୟ ଏକ ବସ୍ ଆସୁଛି। ଗଜପତି ଏକ୍ସପ୍ରେସ ଛାଡୁଥିବା ସମୟର ଆଖପାଖ ସମୟ ମଧ୍ୟରେ ଉଭୟ ପଟେ ଚାରି ରୁ ପାଞ୍ଚ ଘରୋଇ ବସ୍ ଆର୍.ଉଦୟଗିରି, ଦିଗପହଣ୍ଡି ଦେଇ ଯାତାୟତ କରୁଛି। ହେଲେ ଗଜପତି ଏକ୍ସପ୍ରେସ ଭାୟା ଆନ୍ଧ୍ର ଦେଇ ଯାତାୟତ କରୁଥିବାରୁ ସ୍ୱଳ୍ପ ସମୟ ଓ ଟିକେଟ ଦର କମ୍ ରହୁଥିବାରୁ ଏହାର ଚାହିଦା ଅଧିକ ରହିଛି। ଏପରିସ୍ଥଳେ ଘରୋଇ ବସର ଡିମାଣ୍ଡ ରହୁ ନଥିବାରୁ ଏହାକୁ ଚକ୍ରାନ୍ତ କରି ରୁଟ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପାରଳାଖେମୁଣ୍ଡି ଠାରୁ ଜୟପୁର ଯାହାକି ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ଚାଲୁ ରହିଥିଲା ସେହି ଓଏସ୍ଆରଟିସି ବସଟିକୁ ୫-୬ବର୍ଷ ପୂର୍ବେ କରୋନା ମହାମାରୀ ସମୟରେ ସାମୟିକ ଭାବେ ବନ୍ଦ କରାଯାଇଥିଲା। ସେତେବେଳେ ସରକାର କୋଭିଡ କଟକଣା ଜାରି କରି ସମ୍ପୂର୍ଣ୍ଣ ଯାତ୍ରୀବାହୀ ବସ ଚଳାଚଳକୁ ବନ୍ଦ କରିଥିଲେ। ମହାମାରି ହଟିବା ପରେ ବସ୍ ଯାତାୟତ ସ୍ୱାଭାବିକ ହୋଇଥିଲେ ହେଁ ଏହି ବସ ଆଉ ଗଡିଲା ନାହିଁ। ଏହି ବସ୍ ସେତେବେଳେ ଅଭିଭକ୍ତ କୋରାପୁଟ ଜିଲ୍ଲାର ଗୁଣୁପୁର, ରାୟଗଡା, କୋରାପୁଟ, ଜୟପୁର ଭଳି ସହରକୁ ଏକମାତ୍ର ବସ୍ ଭାବେ ଯାତାୟତ କରି ସଂଯୋଗ କରୁଥିଲା। ସେହିପରି ବିଗତ କିଛି ମାସ ହେଲା ଜିଲ୍ଲା ମଧ୍ୟରେ ଚାଲୁ ରହିଥିବା ବସ ମଧ୍ୟରୁ ଜିଲ୍ଲା ସଦରମହକୁମା ଠାରୁ ମଳାସପଦର, ନୂଆଗଡ, ବସ୍ ସେବାକୁ ବନ୍ଦ କରିଦିଆଯାଇଛି। ଏହି ବସ୍ ଗୁଡିକରେ ଯାତ୍ରୀଙ୍କ ସଂଖ୍ୟା ଅଧିକ ଥିବା ବେଳେ ଆଦାୟକାରୀ ବସ୍ ଭାବେ ପରିଚିତ ଥିଲା। ଗୁମ୍ମା, ସେରଙ୍ଗ ଦେଇ ନୂଆଗଡ ଯାଉଥିବା ବସ ସେରଙ୍ଗ ଠାରୁ ନୂଆଗଡ ଘାଟିରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବା ଯୋଗୁଁ ବନ୍ଦ କରିଦିଆଯାଇଥିବା ଜଣାପଡିଥିବା ବେଳେ ଅନ୍ୟ ଦୁଇ ବସ୍ କେଉଁ କାରଣରୁ ବନ୍ଦ କରିଦିଆଗଲା ସେନେଇ ବିଭାଗ ସ୍ପଷ୍ଟ କରିନାହିଁ। ପରିବହନ ବିଭାଗର ଏପରି ଅଘୋଷିତ ମନମୁଖୀ କାରବାରକୁ ଦେଖି ସରକାର ଘରୋଇ ବସ୍ ମାଲିକଙ୍କ ନିକଟରେ ନତମସ୍ତକ ହୋଇପଡିଛନ୍ତି ବୋଲି ଅଭିଯୋଗ ହେଉଛି। ଗୋଟିଏ ପଟେ ଚାଲୁ ରହିଥିବା ଆଦାୟକାରୀ ବସ୍‌ର ରୁଟ ପରିବର୍ତ୍ତନ କିମ୍ବା ବନ୍ଦ କରିଦିଆଯାଉଥିବା ବେଳେ ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ବସ୍ ସେବା ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ବସଷ୍ଟାଣ୍ଡକୁ ଯାଇପାରୁନାହିଁ। ଏହି ବସ ଗୁଡିକ ବାର ଦ୍ୱାରରେ ଆଶ୍ରୟ ନେଉଛି। ସହରର ଏଣେତେଣେ ଯାଗାରେ ଛକି ରହିଲା ଭଳି ରହୁଛି। ଏପରି ପରିସ୍ଥିତି ଦେଖି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନାମରେ ଚାଲୁ ରହିଥିବା ବସ୍ ସେବା ଯଦି ବସଷ୍ଟାଣ୍ଡରେ ପହଞ୍ଚୁନି ତେବେ ଡବଲଇଞ୍ଜିନ ସରକାରର ଯୋଜନା କିପରି ଲୋକଙ୍କ ନିକଟରେ ପହଞ୍ଚୁଥିବ ତାହା ସହଜେ ଅନୁମେୟ ବୋଲି ଆଲୋଚନା ହେଉଛି। ରାଜ୍ୟର ସବୁ ସହରାଞ୍ଚଳରେ ରହିଥିବା ବସ୍‌ଷ୍ଟାଣ୍ଡ ନଗର ଉନ୍ନୟନ ବିଭାଗ ହାତରୁ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନକୁ ଆସିବ। ଯାହାକି ୩୮ତମ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ହୋଇଥିଲା। ତଦଅନୁଯାୟୀ ରାଜ୍ୟର ସବୁ ବସ୍‌ଷ୍ଟାଣ୍ଡର ପୁନର୍ନିର୍ମାଣ, ଉନ୍ନତୀକରଣ, ପରିଚାଳନା, ମରାମତି ଏବଂ ମ୍ୟାନେଜମେଣ୍ଟ ଅଟଳ ବସ୍‌ଷ୍ଟାଣ୍ଡ ଯୋଜନା ଅନୁଯାୟୀ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ମଧ୍ୟ ପାଇଛି। ହେଲେ ଏସବୁ ଗଜପତିରେ କାର୍ଯ୍ୟକାରୀ ହେବ ନା ଏଠାରେ ଚିରାଚିତ ଢଙ୍ଗରେ ଘରୋଇ ବସ୍ ମାଲିକଙ୍କ ମର୍ଜିରେ ପରିଚାଳିତ ହେବ ତାହା ଏବେ ପ୍ରଶ୍ନ ହୋଇଛି।

■ ଶୈବପୀଠ ଜିର୍ଣ୍ଣୋଦ୍ଧାର ମହୋତ୍ସବ ଶୁଭାରମ୍ଭ

# କଳସ ଯାତ୍ରାରେ ସହସ୍ରାଧିକ ଶ୍ରଦ୍ଧାଳୁ ସାମିଲ

ଦିଗପହଣ୍ଡି,୨୪।୫(ସମିସ): ଦିଗପହଣ୍ଡି ସହର ଉପକଣ୍ଠ କୁଶପଡ଼ା ଗ୍ରାମ ନିକଟ କମାପଡିଆ ସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ଶୈବପୀଠ ଜିର୍ଣ୍ଣୋଦ୍ଧାର ମହୋତ୍ସବ ଓ ଶତରୁଦ୍ର ମହାଯଜ୍ଞ ନିମନ୍ତେ ରବିବାର ଜଳ କଳସ ଯାତ୍ରାରେ ସହସ୍ରାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତାର ଗୁପ୍ତେଶ୍ୱର ଶୈବପୀଠ ପୋଖରୀ କଡ଼ରେ ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ଦୀକ୍ଷା ଗ୍ରହଣ କରାଇବା ପରେ ଜଳ କଳସ ଶୋଭାଯାତ୍ରା ସହର ପରିକ୍ରମା କରି ମହାଯଜ୍ଞ ସ୍ଥଳରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଆଖପାଖ ଗ୍ରାମର ବହୁ ସଂଖ୍ୟକ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିବା ବେଳେ ଢୋଲ, ଘୋଡ଼ାନାଚ, ବାଘନାଚ ସାଙ୍ଗକୁ ମହିଳାଙ୍କ ହୁଳହୁଳିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଯଜ୍ଞ ପୀଠରେ ଦୀକ୍ଷାଗ୍ରହଣ, ବନଯାଗ ପୂଜା ସରିବା ପରେ ସନ୍ଧ୍ୟାରେ ଯଜ୍ଞଶାଳାରେ ଅଙ୍କୁରାରୋପଣ କରାଯାଇଥିଲା। ଯଜ୍ଞକୁଣ୍ଡ ସ୍ଥଳରେ ମୁଖ୍ୟ କର୍ତ୍ତା ରୂପେ ଗୌରାଙ୍ଗ ସାହୁ ଓ ତାଙ୍କ ସହଧର୍ମିଣୀ କୁମୁଦିନୀ ସାହୁଙ୍କ ସମେତ ଦିଗପହଣ୍ଡି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ଓ ତାଙ୍କ ସହଧର୍ମିଣୀ ସଙ୍ଗୀତା ତ୍ରିପାଠୀ , ଶିକ୍ଷକ ସୁବ୍ରତ କୁମାର ପାଢୀ ଓ ସଂଯୁକ୍ତା ପାଳ, ପ୍ରଦୀପ ପଣ୍ଡା ଓ ମନୀକା ପଣ୍ଡା, ରମା ବଲ୍ଲଭ ପଣ୍ଡା ଓ ସୁକାନ୍ତି ପଣ୍ଡା ପ୍ରମୁଖ ଯଜ୍ଞକର୍ତ୍ତା ରୂପେ ଆସନ ଅଳଙ୍କୃତ କରିଥିଲେ। ଶୈବପୀଠ ପରିସରରେ ନବନିର୍ମିତ ଶ୍ରୀ ଗଣେଶ ଏବଂ ଶ୍ରୀ ହନୁମାନଙ୍କ ପ୍ରାସାଦ ପ୍ରତିଷ୍ଠା କରାଯାଇଥିଲା। ମହାଯଜ୍ଞ ପୀଠରେ ଦିଗପହଣ୍ଡି ସହର ସମେତ ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ମହାଯଜ୍ଞ ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମହାଯଜ୍ଞ ପରିଚାଳନା କମିଟି ସଭାପତି ତଥା ଦିଗପହଣ୍ଡି ଏନଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, ଉପ ସଭାପତି ବସନ୍ତ ପଟ୍ଟନାୟକ, କେ. ତାରକେଶ୍ୱର ଦୋରା, ଏସ୍ .ଗାନ୍ଧୀ, ସୁଶାନ୍ତ ପ୍ରଧାନ, ସମ୍ପାଦକ ସୁରେନ୍ଦ୍ର ବିଷୋୟୀ, ସହ-ସମ୍ପାଦକ ବିପ୍ରଚରଣ ସେଠୀ, ନିରାକାର ପ୍ରଧାନ, ହର୍ଷ ପ୍ରଧାନ ଏବଂ କୋଷାଧକ୍ଷ କୋରେଶୁ ସେଠୀ, କାଉନସିଲର ଦୀପକ ମିଶ୍ର, ନୀଳମାଧବ ଗୌଡ଼, ବିଚିତ୍ରାନନ୍ଦ ପଟ୍ଟନାୟକ, ଭଗବାନ ଦୋରା, ମୁଖ୍ୟ ଉଦ୍ୟୋକ୍ତା ଅମ୍ବିକା ପ୍ରସାଦ ସେଠୀ, ଶଙ୍କର ପାଢ଼ୀ, କ୍ଷେତ୍ରବାସୀ ପ୍ରଧାନ, ପଞ୍ଚାନନ ସ୍ୱାଇଁ, ଯଜ୍ଞ ପରିଚାଳନା କମିଟି ଉପଦେଷ୍ଟା ପୂର୍ବତନ ଏନଏସି ଅଧକ୍ଷ ଭି.ରବି ନାରାୟଣ ରାଜୁ, ପ୍ରମୋଦ ପାଣିଗ୍ରାହୀ, ଭି. ଧର୍ମ ରାଜୁ, ରାମନାଥ ବିଷୋୟୀ, କାଉନସିଲର ଦୀପକ ମିଶ୍ର, ନୀଳମାଧବ ଗୌଡ଼, ବିଚିତ୍ରାନନ୍ଦ ପଟ୍ଟନାୟକ, କେ. କୁନା, ଅର୍ଦ୍ଧୁ ଗୋବିନ୍ଦ, ଭଗବାନ ଦୋରାଙ୍କ ସମେତ ଯଜ୍ଞ ପରିଚାଳନା କମିଟି ସଦସ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।



# ବାଇକ ଆରୋହୀଙ୍କୁ ଆକ୍ରମଣ କରି ଲୁଟ୍; ୨ ଭାଇ ଗିରଫ




ବ୍ରହ୍ମପୁର,୨୪।୫(ସମିସ): ବ୍ରହ୍ମପୁର ସହରର ଗିରି ମାର୍କେଟ ଓ ମାଛ ବଜାର ଅଞ୍ଚଳରେ ଜଣେ ବାଇକ୍ ଆରୋହୀଙ୍କୁ ଗାଳିଗୁଲଜ ସହ ଷ୍ଟିଲରଡ୍‌ରେ ଆକ୍ରମଣ କରି ଟଙ୍କା ଲୁଟି ନେବା ଅଭିଯୋଗରେ ଟାଉନ ଥାନା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଖଜାସାହିର ଦୁଇ ଭାଇ ସୟଦ ସାକିର(୨୩) ଓ ସୟଦ ଆସିଫ୍ (୧୯)। ଅଭିଯୁକ୍ତଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଷ୍ଟିଲରଡ୍ ଏବଂ ଏକ ବାଇକ୍ ଜବତ କରାଯାଇଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ୍ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାପ୍ରକାରେ, ୨୨ ତାରିଖ ସକାଳେ ବଡବଜାର ଥାନା ଅନ୍ତର୍ଗତ ଧାନମେରା ସାହିର ଜିତୁ ଦାସ(୩୩) ନିଜ ବାଇକ୍‌ରେ ଗ୍ରୋସରି ଗିରି ମାର୍କେଟ ଯାଉଥିଲେ। ଛକ ନିକଟରେ ୪ରୁ ୫ ଜଣ ଯୁବକ ତାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ଅଭିଯୁକ୍ତମାନେ ଦୁଇଟି ବାଇକ୍‌ରେ ତାଙ୍କ ପିଛା କରି ମାଛ ବଜାର ନିକଟରେ ପୁଣି ଅଟକାଇଥିଲେ। ଜିତୁ ସେମାନଙ୍କୁ ବିରୋଧ କରିବାରୁ ଅଭିଯୁକ୍ତମାନେ ଏକ ଷ୍ଟିଲରଡ୍ ଏବଂ ବାଇକ୍ ଚାବିରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏହାପରେ ତାଙ୍କୁ ଗୋଇଠା ଓ ବିଧା ମାରି ପକେଟ୍‌ରୁ ଜବରଦସ୍ତି ୩୫ଶହ ଟଙ୍କା ଲୁଟି ନେଇଥିଲେ। ଘଟଣାକୁ ନେଇ ଜିତୁ ଥାନାରେ ଅଭିଯୋଗ କରିବା ପରେ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ ତଦନ୍ତ କରି ସାକିର ଓ ଆସିଫ୍‌ଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ବେଳେ ଘଟଣାରେ ସଂପୃକ୍ତ ଲଙ୍ଗଳଦେଇ ଅଞ୍ଚଳର ଶେଖ୍ ସାହିଲ ନାମକ ଅନ୍ୟ ଜଣେ ଅଭିଯୁକ୍ତ ଏବେ ସୁଦ୍ଧା ଫେରାର ଥିବା କୁହାଯାଇଛି।

# ଗୁଳୁଗୁଳି ବେଳେ ନାହିଁ ବିଶ୍ରାମାଗାର; ଯାତ୍ରୀ ହନ୍ତସନ୍ତ

ଶେରଗଡ଼,୨୪।୫(ସମିସ)



ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଶେରଗଡରେ ଦିନକୁ ଦିନ ତାପମାତ୍ରା ବଢି ବଢି ଚାଲିଛି। ସକାଳ ୯ଟା ହେଲେ ଘରୁ ବାହାର କୁ ବାହାରି ହେଉନି। ଦିନରେ ଗରମ ସାଙ୍ଗକୁ ଝାଞ୍ଜି ପବନ ଓ ରାତିରେ ଘରୁ ବାମ୍ଫ ବାହାରୁଥିବା ନଜର ହେଉଛି। ଦିନରେ ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ତାପମାତ୍ରା ରହୁଥିବା ବେଳେ ରାତିରେ ପାରଦ ୨୮ ଡିଗ୍ରୀରୁ ଉପରେ ରହୁଛି। ଫଳରେ ଘରେ ଓ ବାହାରେ ରହିବା କଷ୍ଟକର ବ୍ୟାପାର ହୋଇଗଲାଣି। ରବିବାର ଶେରଗଡରେ ତାପମାତ୍ରା ୪୧ ଡିଗ୍ରୀ ଛୁଇଁଛି। ହେଲେ ବିଡମ୍ବନାର ବିଷୟ, ଶେରଗଡ ସହରରେ ଏପର୍ଯ୍ୟନ୍ତ ଯାତ୍ରୀଙ୍କ ଲାଗି ବିଶ୍ରାମାଗାର ଟିଏ ହୋଇ ପାରିନାହିଁ। ମେଡ଼ିକାଲ ଛକ, ଚାରି ଛକ, ପରିବା ବଜାର, ବ୍ଲକ ଛକ ଇତ୍ୟାଦି ସହରର ପ୍ରମୁଖ ଛକ ହୋଇଥିବାରୁ ଏହି ସବୁ ଛକରୁ ବସ୍, କ୍ୟାଣ୍ଟର ଯୋଗେ ଜିଲ୍ଲା ତଥା ଜିଲ୍ଲା ବାହାରକୁ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛନ୍ତି। କିନ୍ତୁ ଏହି ସବୁ ଛକରେ ଯାତ୍ରୀ ମାନଙ୍କ ଲାଗି ବିଶ୍ରାମାଗାରଟିଏ ନାହିଁ। ପ୍ରଚଣ୍ଡ ଖରାରେ ଯାତ୍ରୀ ମାନେ କେଉଁ ଗଛର ଛାଇ ତଳେ ତ ଆଉ କାହାର ଦୋକାନ ବା ଘର ବାରଣ୍ଡାରେ ବସି ଗାଡିକୁ ଅପେକ୍ଷା କରିଥାନ୍ତି। ବିଶେଷ କରି, ରୋଗୀ ମାନେ ଡାକ୍ତରଙ୍କୁ ଦେଖାଇ ଘରକୁ ଫେରିବା ସମୟରେ ବା ବ୍ଲକରୁ ନିଜ କାର୍ଯ୍ୟ ସାରି ଘଣ୍ଟା ଘଣ୍ଟା ଧରି ଗାଡିକୁ ଅପେକ୍ଷା କରିଥାନ୍ତି। ବର୍ତ୍ତମାନ ତାପମାତ୍ରା ୪୧ ଡିଗ୍ରୀରୁ ଉପରେ ରହୁଥିବା ବେଳେ ଯାତ୍ରୀଙ୍କ ଲାଗି ଏତେ ସମୟ ଖରାରେ ଛିଡା ହେବା କାଠିକର ପାଠ ହୋଇଗଲାଣି। ତେଣୁ ବାଧ୍ୟ ହୋଇ ଯାତ୍ରୀ ମାନେ ଗଛର ଛାଇ ତଳେ ଛିଡା ହୋଇ ରହୁଥିବା ଦେଖିବାକୁ ମିଳୁଛି। ତେବେ ଶେରଗଡ ସହରରେ ବିଶ୍ରାମାଗାର ନଥିବାରୁ ଯାତ୍ରୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତ୍ରୀ ମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯଦି ସରକାରଙ୍କ ପକ୍ଷରୁ ସହରର ପ୍ରମୁଖ ଛକ ମାନଙ୍କରେ ବିଶ୍ରାମାଗାର ନିର୍ମାଣ କରାଯାଆନ୍ତା, ତେବେ ଯାତ୍ରୀ ମାନେ ଖରା, ବର୍ଷାର ପ୍ରକୋପରୁ ରକ୍ଷା ପାଇପାରନ୍ତେ ବୋଲି ସହରର ବହୁ ବୁଦ୍ଧିଜୀବି ମତବ୍ୟକ୍ତ କରିଛନ୍ତି।

# ବିଜୁ ଜନତା ଦଳର ସାଂଗଠନିକ ବୈଠକ



କୋରାପୁଟ,୨୪।୫(ସମିସ): ଦମନଯୋଡ଼ି ସ୍ଥିତ ନାଲ୍‌କୋ କମ୍ୟୁନିଟ୍ ସେଣ୍ଟର ଠାରେ କୋରାପୁଟ ବ୍ଲକ ୨ ନମ୍ବର ଜିଲ୍ଲା ପରିଷଦ ଜୋନ ଅଧିନ ଗ୍ରାମ ପଞ୍ଚାୟତର କର୍ମୀ ମାନଙ୍କୁ ନେଇ ବିଜୁ ଜନତା ଦଳର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି ମଣ୍ଟୁ ବେନିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପଟ୍ଟାଙ୍ଗିର ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ମହିଳା ବିଜେଡି ଜୋନାଲ କାର୍ଯ୍ୟକାରୀ ସଭାନେତ୍ରୀ ଲତା ସାହୁ, ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ଫିରୋଜ ପଡ଼ାଲ, ବିଜେଡି ଜିଲ୍ଲା ଉପ ସଭାପତି ରାମ ପୂଜାରୀ ପ୍ରମୁଖ ଯୋଗ ଦେଇ ଦଳୀୟ ସଙ୍ଗଠନ ଅଧିକ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋରାପୁଟ ବ୍ଲକର ମାଥାଲପୁଟ, ଲିଟିଗୁଡ଼ା, ଡୁମୁରିପଦର, ମାରିଚମାଳ ଗ୍ରାମପଞ୍ଚାୟତର କର୍ମୀ ମାନେ ଯୋଗ ଦେଇଥିଲେ। ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୱାର୍ଡ ସଭ୍ୟ, ସରପଞ୍ଚ, ସମିତି ଓ ଜିଲ୍ଲା ପରିଷଦର ଦଳୀୟ ପ୍ରାର୍ଥୀମାନଙ୍କୁ ବିଜୟୀ କରିବାକୁ ପରାମର୍ଶ ଦେଇଥିଲେ।

ସକାଳ
THE SAKALA



www.sakalaepaper.com

## ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣରେ ଅନିୟମିତତା

# ୫୦ କିଲୋ ବସ୍ତାରେ ୫ କିଲୋ କମ୍



ନିଶ୍ଚିନ୍ତକୋଇଲି,୨୪।୫(ସମିସ): ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଅପୁଷ୍ଟିର ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ବିଦ୍ୟାଳୟକୁ ଯୋଗାଣ ଠିକାଦାରୀଙ୍କ ପକ୍ଷରୁ ପରିବହନକାରୀ ସଂସ୍ଥା ଦ୍ୱାରା ଚାଉଳ ବଣ୍ଟନ କରାଯାଉଛି। ପରିବହନକାରୀ ସଂସ୍ଥା ୫୦ କିଲୋ ଚାଉଳ ବସ୍ତାକୁ ଓଜନ ନ କରି ବିଦ୍ୟାଳୟରେ ଦେଉଛନ୍ତି। ପରବର୍ତ୍ତୀ ସମୟରେ ବିଦ୍ୟାଳୟ ପକ୍ଷରୁ ଏହାକୁ ଓଜନ କରାଗଲେ ଗୋଟିଏ ବସ୍ତାରେ ୩ରୁ ୫ କିଲୋ ପର୍ଯ୍ୟନ୍ତ ଚାଉଳ କମ୍ ବାହାରୁଥିବା ନେଇ ଅଭିଯୋଗ ହେଉଛି। ଚାଉଳ ବଣ୍ଟନରେ ବ୍ୟାପକ ଅନିୟମିତତା କରୁଥିବାରୁ ଶିକ୍ଷକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି।
ବିଗତ ସରକାରଙ୍କ ଅମଳରେ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଥିଲା। ବିଜେପି ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଦୁଇ ଯୋଜନାରେ ବଣ୍ଟନ କରାଯାଉଥିବା ଚାଉଳ ବସ୍ତାରେ ୫ କିଲୋ ପର୍ଯ୍ୟନ୍ତ ଚାଉଳ କମ୍ ରହୁଛି। ଏହି ବ୍ଲକ ଅଧୀନରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୯୪ଟି ବିଦ୍ୟାଳୟ ରହିଥିବା ବେଳେ ଏଥିରେ ୧୪ହଜାର ୧୩୦ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ସାମିଲ କରାଯାଇଛି। ସେହିପରି ଏହି ବ୍ଲକରେ ୪୮ଟି ହାଇସ୍କୁଲରେ ନବମ ଓ ଦଶମ ଶ୍ରେଣୀରେ ୪୯୧୫ ଜଣ ଛାତ୍ରଛାତ୍ରୀଙ୍କୁ ମଧ ଏହି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ପ୍ରତ୍ୟେକ ମାସରେ ଏହି ବ୍ଲକକୁ ୭ ହଜାର କୁଇଣ୍ଟାଲରୁ ଅଧିକ ଚାଉଳ ଯୋଗାଇ ଦିଆଯାଉଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମୁଣ୍ଡପିଛା ଦିନକୁ ୧୫୦ ଗ୍ରାମ ଚାଉଳ ଯୋଗାଇ ଦିଆଯାଉଥିଲା ବେଳେ ନବମ ଓ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ପାଇଁ ମୁଣ୍ଡପିଛା ୨୦୦ ଗ୍ରାମ ଚାଉଳ ଯୋଗାଇ ଦିଆଯାଉଛି। ଏବେ କେତେ ଦିନ ହେବ ବିଦ୍ୟାଳୟ ବନ୍ଦ ରହିଥିବା ବେଳେ ପିଲାମାନଙ୍କୁ ସେତିକି ଦିନର ଚାଉଳ ବଣ୍ଟନ କରାଯିବାର ବ୍ୟବସ୍ଥା ହୋଇଛି।

### ପରିବହନକାରୀ ସଂସ୍ଥା ପ୍ରତି ଅନୁକମ୍ପା ଅଭିଯୋଗ

ସରକାରୀ ନିୟମାନୁଯାୟୀ, ପିଲାମାନଙ୍କୁ ଚାଉଳ ବଣ୍ଟନ କରାଗଲେ ଏହା ନିଅଣ୍ଟ ପଡିବାର ଆଶଙ୍କା ପ୍ରକାଶ ପାଇବାରୁ ଶିକ୍ଷକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଉକ୍ତ ଯୋଗାଣ ଠିକାଦାର ଓ ପରିବହନକାରୀ ସଂସ୍ଥା ବସ୍ତାରେ କମ୍ ପରିମାଣରେ ଚାଉଳ ଦେଉଥିବା ବେଳେ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଂପୃକ୍ତ ସଂସ୍ଥାକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଜିଲ୍ଲା ଶିକ୍ଷାଧିକାରୀ ମଧ୍ୟାହ୍ନ ଭୋଜନର ଜିଲ୍ଲା ନୋଡାଲ ଅଫିସର ଭାବେ ଦାୟିତ୍ୱ ନେଇଥିବା ବେଳେ ଏହାର ତଦାରଖ କରିବା ତାଙ୍କର କାର୍ଯ୍ୟ। ସେ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହେଉଛି। ଯୋଗାଣ ଠିକାଦାରଙ୍କଠାରୁ ବ୍ଲକ ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ମାସିକିଆ ବଟି ଆଦାୟ କରାଯାଉଥିବାରୁ ପରିବହନସଂସ୍ଥା କମ୍ ଚାଉଳ ପ୍ରଦାନ କରୁଥିଲେ ମଧ ସେମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ମଧ ଅଭିଯୋଗ ସାମନାକୁ ଆସୁଛି। ଫଳରେ ଏହି ବ୍ଲକରେ ଚାଉଳ ଯୋଗାଣରେ ମାସକୁ ହଜାର ହଜାର ଟଙ୍କା ବାଟମାରଣା ହେଉଥିବା ଦେଖିବାକୁ ମିଳୁଛି। ଉକ୍ତ ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସାଧାରଣରେ ଜିଲ୍ଲାପାଳଙ୍କଠାରେ ଦାବି ହେଉଛି।

## ■ ବେଆଇନ ଗୋରୁ ଚାଲାଣ ବେଳେ ଚଢ଼ଉ

# ୪ ଗାଈ ଉଦ୍ଧାର; ଗାଡ଼ି ଜବତ, ଚାଳକ ଗିରଫ



ସାଲେପୁର,୨୪।୫(ସମିସ): ସାଲେପୁର ପୁଲିସ ଆଜି ଭୋର ସମୟରେ ଚଢ଼ଉ କରି ଏକ ଟାଟା ଏସି ଗାଡ଼ିରୁ ବେଆଇନ ଭାବେ ଚାଲାଣ ହେଉଥିବା ୪ଟି ଗୋରୁଗାଈଙ୍କୁ ଉଦ୍ଧାର କରିଛି। ଏହାସହ ଗୋରୁ ବୋଝେଇ ଗାଡ଼ିକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି ପୁଲିସ। ଗିରଫ ଚାଳକ ଜଣକ ହେଲେ ମାହାଙ୍ଗା ଅଞ୍ଚଳର ସନ୍ତୋଷ କୁମାର ସାହୁ। ସୂଚନା ଅନୁଯାୟୀ, ରାଇସୁଙ୍ଗୁଡ଼ା ପଟୁଆ ରାସ୍ତା ଦେଇ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ଖବର ପାଇ ସାଲେପୁର ଥାନାଧିକାରୀ ମହେଶ୍ୱର ବେହେରା ସଦଳବଳେ ଚଢ଼ଉ କରିଥିଲେ। ପୁଲିସ ଉଦ୍ଧାର ହୋଇଥିବା ଗାଈଗୁଡ଼ିକୁ ସ୍ଥାନୀୟ ଗୋଶାଳାରେ ଛାଡ଼ିଥିବା ବେଳେ ଏନେଇ ଅଧିକ ତଦନ୍ତ ଜାରି ରଖିଛି।

# ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ନରସିଂହପୁର,୨୪।୫(ସମିସ): ନରସିଂହପୁର ତହସିଲ ପୂର୍ବ ବନାଞ୍ଚଳ ଅଧୀନ ପାତ୍ରଭାଗ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ହେଲେ ସ୍ଥାନୀୟ ଅଞ୍ଚଳର ମକରା ଜାନି (୫୬)। ସୂଚନା ଅନୁଯାୟୀ, ଆଜି ସକାଳେ ମକରା ନିଜ ବାଡ଼ି ପଛପଟ ଜଙ୍ଗଲକୁ ଶୌଚ ପାଇଁ ଯାଇଥିବା ବେଳେ ସେଠାରେ ଆମ୍ବ ଗୋଟାଉଥିଲେ। ଏହି ସମୟରେ ହଠାତ୍ ଏକ ଜନ୍ତା ହାତୀ ପଛପଟୁ ଆସି ତାଙ୍କୁ ଆକ୍ରମଣ କରି ଦଳି ଦେଇଥିଲା। ଫଳରେ ତାଙ୍କର ଅଣ୍ଟା ଓ ଗୋଡ଼ ଭାଙ୍ଗିଯିବାରୁ ସେ ସେଠାରେ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ। ରାସ୍ତାରେ ଯାଉଥିବା ପଥଚାରୀମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ



ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ପୂର୍ବାଞ୍ଚଳ ରେଞ୍ଜର କୁଳେଶ କୁମାର ସାହୁ ଓ ବନ କର୍ମଚାରୀ ହସ୍ପିଟାଲରେ ପହଞ୍ଚି ଆହତଙ୍କ ଚିକିତ୍ସା ପାଇଁ ଜରୁରିକାଳୀନ ବ୍ୟବସ୍ଥା କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।

# ଡାକବିଭାଗ ଏଜେଣ୍ଟ ସଂଘର ନୂତନ କର୍ମକର୍ତ୍ତା




ସାଲେପୁର,୨୪।୫(ସମିସ): ସାଲେପୁର ଜାଗୁଲାଇ ପୀଠରେ ଡାକ ବିଭାଗ ରାଷ୍ଟ୍ରୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘର ବାର୍ଷିକ ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଜିତେନ୍ଦ୍ର କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସମ୍ପାଦକ ରାମଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଏବଂ ଜାତୀୟ ଗ୍ରାମୀଣ ଡାକସେବକ ସଂଘର ରାଜ୍ୟ ସମ୍ପାଦକ ଗୌତମ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆସନ୍ତା ୩ ବର୍ଷ ପାଇଁ କଟକ ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସଂଘର ଜିଲ୍ଲା ସଭାପତି ଭାବେ ଜ୍ଞାନେନ୍ଦ୍ର ପ୍ରଧାନ, ସମ୍ପାଦକ ଭାବେ ଦେବାଶିଷ ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ବିଚିତ୍ରାନନ୍ଦ ଲେଙ୍କା ନିର୍ବାଚିତ ହୋଇଛନ୍ତି। ହୃଷୀକେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ସନ୍ତୋଷ ମହାନ୍ତି, ଅଶୋକ ନାୟକ ଓ ସଲିଳ ନାୟକଙ୍କ ସମେତ ସଂଘର ବହୁ ସଦସ୍ୟ ସହଯୋଗ କରିଥିଲେ।

# ଜନ୍ମମାଟିରେ ବୀର ସୈନିକ ଜନକ ସ୍ୱାଇଁଙ୍କ ଅନ୍ତିମ ସଂସ୍କାର

### ଆର୍ମି ଓ ପୁଲିସ ପକ୍ଷରୁ ଗାର୍ଡ ଅଫ୍ ଅନର



ତିଗିରିଆ,୨୪।୫(ସମିସ): ଲେହ’ର କଠିନ ବରଫାବୃତ ଅଞ୍ଚଳରେ ଦେଶ ମାତୃକାର ସେବା ଓ ସୁରକ୍ଷା ପାଇଁ ନିଜ ଜୀବନକୁ ଅର୍ପଣ କରି ବୀରଗତି ପ୍ରାପ୍ତ ହୋଇଥିବା ଆଠଗଡ଼ ମାଟିର ସୁପୁତ୍ର ଜନକ କୁମାର ସ୍ୱାଇଁଙ୍କ ପାର୍ଥିବ ଶରୀର ଆଜି ନିଜ ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ବୀର ସୈନିକଙ୍କ ମରଶରୀର ଆଠଗଡ଼ ଥାନା ଅନ୍ତର୍ଗତ ରେଗେଡାପଡା ଗାଁରେ ପହଞ୍ଚିବା ପରେ ସମଗ୍ର ଅଞ୍ଚଳରେ ଏକ ଶୋକାକୁଳ ତଥା ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ଆଠଗଡ଼ ଅବସରପ୍ରାପ୍ତ ସୈନିକ ସଂଘର କର୍ମକର୍ତ୍ତାମାନେ ଏକ ବିଶାଳ ଶୋଭାଯାତ୍ରାରେ ବୀର ଯବାନଙ୍କ ପାର୍ଥିବ ଶରୀରକୁ ତାଙ୍କ ବାସଭବନକୁ ଆଣିଥିଲେ। ସେଠାରେ ଭାରତୀୟ ସେନା ଏବଂ ଓଡ଼ିଶା ପୁଲିସ ପକ୍ଷରୁ ମିଳିତ ଭାବେ ବୀର ସୈନିକଙ୍କୁ “ଗାର୍ଡ ଅଫ୍ ଅନର’ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆଠଗଡ଼ ଉପଜିଲ୍ଲାପାଳ, ଉପଖଣ୍ଡ ଆରକ୍ଷୀ ଅଧିକାରୀ, ଥାନା ଅଧିକାରୀ, ଅବସରପ୍ରାପ୍ତ ସେନା କର୍ମଚାରୀ ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଦିନେ



ଯେଉଁ ପଡ଼ିଆରେ ଜନକ ସେନାରେ ଭର୍ତ୍ତି ହେବା ପାଇଁ କଠିନ ପରିଶ୍ରମ କରୁଥିଲେ, ଆଜି ସେହି ପଡ଼ିଆରେ ହିଁ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ତାଙ୍କର ଶେଷ ଦର୍ଶନ ପାଇଁ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିବା ବେଳେ ଶୋକସନ୍ତପ୍ତ ପରିବାରକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ବାସିନ୍ଦା ସରକାରଙ୍କୁ ନିବେଦନ କରିଛନ୍ତି। ବୀର ଯବାନଙ୍କ ଏକମାତ୍ର ପୁତ୍ର ଜୟଦୀପ୍ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

# ‘ସଣ୍ଡେ ଅନ୍ ସାଇକଲ୍’ ଅଭିଯାନ




ନରସିଂହପୁର,୨୪।୫(ସମିସ): ଓଡ଼ିଶା ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା)ଙ୍କ ନିର୍ଦ୍ଦେଶକ୍ରମେ ଏବଂ ରାଷ୍ଟ୍ରମଣ୍ଡଳ ଦିବସ ଅବସରରେ ନରସିଂହପୁର ଥାନା ପକ୍ଷରୁ ରବିବାର “ସଣ୍ଡେ ଅନ୍ ସାଇକଲ୍ କ୍ୟାମ୍ପେନ’ର ୭୫ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ତପନ କୁମାର ପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସାଇକଲ ରାଲିଟି ଥାନା ପରିସରରୁ ବାହାରି ସମଗ୍ର ଟାଉନ ପରିକ୍ରମା କରିଥିଲା। କ୍ରୀଡ଼ାବିତ୍ ମନୋଭାବ, ପାରସ୍ପରିକ ଏକତା ଏବଂ ସ୍ୱାସ୍ଥ୍ୟ ସଚେତନତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁଲିସ କର୍ମଚାରୀ, ସ୍ଥାନୀୟ ସଂଗଠନ ଏବଂ ବିପୁଳ ସଂଖ୍ୟାରେ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଆସନ୍ତା ଜୁନ୍ ୭ ତାରିଖ “ବିଶ୍ୱ ବାଇସାଇକଲ ଦିବସ’ରେ ଏହାର ଆଉ ଏକ ସ୍ୱତନ୍ତ୍ର ସଂସ୍କରଣ ଆୟୋଜନ କରାଯିବ ଏବଂ ଅଂଶଗ୍ରହଣକାରୀଙ୍କ ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ଚୌଦ୍ୱାର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଚୌଦ୍ୱାର,୨୪।୫(ସମିସ): ଚୌଦ୍ୱାର ରୂପଯାତ୍ରା ପଡ଼ିଆଠାରେ ଶନିବାରଠାରୁ “ଚୌଦ୍ୱାର ପ୍ରିମିୟର ଲିଗ୍’ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟ କମିଟି ସଭାପତି ନରେଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଇମ୍ଫାର ବରିଷ୍ଠ ଉପସଭାପତି ବିନୟ ଅଗ୍ରୱାଲ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଇମ୍ଫାର ଅଧିକାରୀ ମାନସ ରଞ୍ଜନ ବସନ୍ତିଆ, ନିରଞ୍ଜନ ସାହୁ, ମାନସ ପଣ୍ଡା ଓ ସଞ୍ଜୀବ ପୁରୋହିତ ଉପସ୍ଥିତ ଥିଲେ। ୩ ଦିନ ଧରି ଫ୍ଲଡ୍‌ଲାଇଟ୍‌ରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଚୌଦ୍ୱାର ଅଞ୍ଚଳର ୮ଟି ଦଳ ଅଂଶଗ୍ରହଣ କରୁଥିବା ବେଳେ ମୋଟ ୧୭ଟି ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଅଜିତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଟୁର୍ଣ୍ଣାମେଣ୍ଟ



କମିଟିର ବିଷ୍ଣୁଚରଣ ସାହୁ, ଜୟନ୍ତ ଲେଙ୍କା ଓ ଭରତଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

# ବ୍ୟବସାୟୀଙ୍କ ବିୟୋଗରେ ଶୋକ

ନିଶ୍ଚିନ୍ତକୋଇଲି,୨୪।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଳ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ତଥା ଛତ୍ରକଣ୍ଟା ବଜାର ବ୍ୟବସାୟୀ ସଂଘର ସହସମ୍ପାଦକ ହିମାଂଶୁ ଶେଖର ପୃଷ୍ଟିଙ୍କ ଅକାଳ ବିୟୋଗ ଘଟିଛି। ଗତ ଶୁକ୍ରବାର ସେ ଆତ୍ମହତ୍ୟା କରିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପୁତୁରା ଶୁଭେନ୍ଦୁ ପୃଷ୍ଟି ମୁଖାଗ୍ନି ଦେଇଛନ୍ତି। ମେଳାପୀ ଓ ପରୋପକାରୀ ହିମାଂଶୁଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ସ୍ମୃତି ପ୍ରତି ସମ୍ମାନ ଜଣାଇ ଛତ୍ରକଣ୍ଟା ବଜାରକୁ ଗୋଟିଏ ଦିନ ପାଇଁ ବନ୍ଦ ରଖାଯାଇଥିଲା। ବ୍ୟବସାୟୀ ସଂଘର ପୂର୍ବତନ ସଭାପତି ଧ୍ରୁବଚରଣ ସାହୁ, ସମ୍ପାଦକ ରଞ୍ଜନ କୁମାର ସାହୁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବ୍ଲକ ଉପାଧ୍ୟକ୍ଷ ନୃସିଂହ ମିଶ୍ର ଏବଂ ସରପଞ୍ଚ ବୈଷ୍ଣବ ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ତିଗିରିଆ ବ୍ଲକ କଂଗ୍ରେସର ବୈଠକ

ତିଗିରିଆ,୨୪।୫(ସମିସ): ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଆଇନ ତୁରନ୍ତ ଲାଗୁ କରିବା ଦାବିରେ, ସର୍ବଭାରତୀୟ କଂଗ୍ରେସ କମିଟିର ଆହ୍ୱାନକ୍ରମେ ଆସନ୍ତା ୨୯ ତାରିଖରେ ତିଗିରିଆ ବ୍ଲକ କଂଗ୍ରେସ ପକ୍ଷରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ରବିବାର ନିଜିଗଡ଼ ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପରେ ବ୍ଲକ କଂଗ୍ରେସ ସଭାପତି ସୋମନାଥ ଦାସଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ପର୍ଯ୍ୟବେକ୍ଷକ ନିର୍ମଳ କୁମାର ମିଶ୍ର, ଜିଲ୍ଲା କଂଗ୍ରେସ ଉପସଭାପତି ଗିରିଜା ପ୍ରସାଦ ପଟ୍ଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ମନୋରଞ୍ଜନ ଦାଶ ଏବଂ ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଅଭିଷେକ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଦୁର୍ଘଟଣାଗ୍ରସ୍ତ ଯୁବନେତାଙ୍କୁ ଭେଟିଲେ ଚନ୍ଦ୍ରସାରଥୀ



ନିଶ୍ଚିନ୍ତକୋଇଲି,୨୪।୫(ସମିସ): କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉତ୍ତରକୂଳ ପଞ୍ଚାୟତ ମୁଗୁରିଆ ଗ୍ରାମର ବିଜେଡି ଯୁବନେତା ସୁନୀଲ କୁମାର ମଲ୍ଲ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଘରେ ଚିକିତ୍ସିତ ହେଉଛନ୍ତି। ଏହି ଖବର ପାଇ ପ୍ରାକ୍ତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ଚନ୍ଦ୍ରସାରଥି ବେହେରା ଆଜି ସୁନୀଲଙ୍କ ବାସଭବନରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ସମୟରେ ପୂର୍ବତନ ମନ୍ତ୍ରୀଙ୍କ ସହ ସ୍ଥାନୀୟ ବିଜେଡି କର୍ମୀ କୈଳାସଚନ୍ଦ୍ର ପରିଡ଼ା, ଦୁର୍ଗାପ୍ରସାଦ ଦାସ, ଶଶିକାନ୍ତ ବେଉରା, ନିମାଇଁ ମହାପାତ୍ର ଓ ସଂଗ୍ରାମ ସାହାଣୀଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ପଦ୍ମବନ ପୀଠରେ ଦେବସ୍ନାନ ପୂର୍ଣ୍ଣିମା ପ୍ରସ୍ତୁତି

ନେମାଳ,୨୪।୫(ସମିସ): ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପବିତ୍ର ପଦ୍ମବନ ପୀଠରେ ଆଗାମୀ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବର ସୁପରିଚାଳନା ପାଇଁ ତହସିଲଦାର ଦମୟନ୍ତୀ ସାହୁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ସମସ୍ତ ବ୍ୟବସ୍ଥା ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ମୁଖ୍ୟତଃ ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ ସେବା ଏବଂ ସୁରକ୍ଷିତ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସମ୍ପର୍କରେ ସବିଶେଷ ଆଲୋଚନା ହେବା ସହ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଏହି ସମୟରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଅମୀୟ ମହାନ୍ତି, ସୁବାସଚନ୍ଦ୍ର ଦାସ, ବ୍ୟବସାୟୀ ସଂଘର ସଭାପତି ସୁଧାଂଶୁ ମହାପାତ୍ର, ସ୍ୱେଚ୍ଛାସେବୀ ସଂଗଠନ “ଶାସ’ର ମୁଖ୍ୟ ବିନୟ ଦାସ, ଟ୍ରଷ୍ଟ କର୍ମଚାରୀ ଶରତଚନ୍ଦ୍ର ମଲିକ ଏବଂ ଆରଆଇ ଅଜିତ ନାୟକଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



# ଆଞ୍ଚଳିକ ଶାନ୍ତି କମିଟିର ମେଧା ସମ୍ମାନ ସମାରୋହ



### ୩୪ ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ଫୁଲନଖରା,୨୪।୫(ସମିସ): ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ପ୍ରତାପନଗରୀସ୍ଥିତ ମା’ ଧାକୁଲେଇଙ୍କ ପୀଠରେ “ମେଧା ସମ୍ମାନ ସମାରୋହ-୨୦୨୬’ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମେଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା କଟକ ସଦର ଅଞ୍ଚଳର ପ୍ରାୟ ୩୧ଟି ହାଇସ୍କୁଲରୁ ୩୪ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କମିଟିର ସଭାପତି ନିମାଇଁ ଚରଣ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି ଓ ପ୍ରମୋଦ କୁମାର ସ୍ୱାଇଁ, ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ଏବଂ ଓୟୁଜ୍ଞା ରାଜ୍ୟ ସମ୍ପାଦକ ପ୍ରକାଶଚନ୍ଦ୍ର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିକ୍ରମ କେଶରୀ ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁଗ୍ମ ସମ୍ପାଦକ ନଳିନୀ ସେନାପତି ପରିଚାଳନା କରିଥିଲେ। ଅନୁଷ୍ଠାନର ସଦସ୍ୟ ରାକେଶ ସ୍ୱାଇଁ, ଦିଲ୍ଲୀପ ସ୍ୱାଇଁ, ଅନୀଲ ବେଉରା ଓ ବାଦଲ ଜେନାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସୁଶାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ପୁଣି ସକ୍ରିୟ ମାଟି ମାଫିଆ; ଜାଣି ଅଜଣା ରାଜସ୍ୱ ବିଭାଗ

### କୋଟି କୋଟି ଟଙ୍କାର ସରକାରୀ ସମ୍ପତ୍ତି ଲୁଟ୍

କଣ୍ଟାପଡ଼ା,୨୪।୫(ସମିସ): ଗତ ସପ୍ତାହରେ ସାରା ରାଜ୍ୟରେ ଦେଖାଦେଇଥିବା ତୈଳ ସଂକଟ ଯୋଗୁଁ କଣ୍ଟାପଡ଼ା, ଗୋବିନ୍ଦପୁର ଓ ସଦର ଅଞ୍ଚଳରେ ପେଟ୍ରୋଲ ପମ୍ପଗୁଡ଼ିକ ପ୍ରାୟ ବନ୍ଦ ରହିଥିଲା ଏବଂ ଡିଜେଲର ଅଭାବ ଦେଖାଦେଇଥିଲା। ମାତ୍ର ବର୍ତ୍ତମାନ ଡିଜେଲ ଯୋଗାଣ ସ୍ୱାଭାବିକ ହେବା ପରେ ସ୍ଥାନୀୟ ଅଞ୍ଚଳରେ ମାଟି ମାଫିଆମାନଙ୍କ ରାତିଅଧିଆ କାର୍ଯ୍ୟକଳାପ ପୁଣି ଥରେ ଜୋରଦାର ହେବାରେ ଲାଗିଛି। କଣ୍ଟାପଡ଼ା ଓ ବାରଙ୍ଗ ତହସିଲ ସୀମାନ୍ତରେ ଥିବା ବିଭିନ୍ନ ସରକାରୀ ଗୋଚର, ଅନାବାଦୀ, ଜଙ୍ଗଲ ଜମି ଏବଂ ସାଧାରଣ ଲୋକଙ୍କ ଘରୋଇ ଧାନ ଜମିରୁ ମାଫିଆମାନେ ଜେସିବି ସାହାଯ୍ୟରେ ବେଆଇନ ଭାବେ ମାଟି ଖୋଳି ଚାଲାଣ କରୁଛନ୍ତି। ୮ରୁ ୧୮ ଚକିଆ ବିଶାଳ ହାଇୱା ଗାଡ଼ି ମାଧ୍ୟମରେ ଏହି ମାଟି କଟକ ସଦର, ଓଲଟପୁର, ଗୋବିନ୍ଦପୁର ଓ ବାଲିଅନ୍ତା ଥାନା ଅଞ୍ଚଳକୁ ନିର୍ବିଘ୍ନରେ ଚାଲାଣ କରାଯାଉଛି। ଏହି ବେଆଇନ କାରବାର ଯୋଗୁଁ ମାଫିଆମାନେ କୋଟି କୋଟି ଟଙ୍କା ମୁନାଫା କମାଉଥିବା ବେଳେ ରାଜସ୍ୱ ବିଭାଗ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ରାତିରେ ଏହି ଚାରୋଟି ଥାନାର ପୁଲିସ ଗାଡ଼ି ପାଟ୍ରୋଲିଂ କରୁଥିଲେ ମଧ ଏଭଳି ବଡ଼ଧରଣର ଲୁଟ୍ ସମ୍ପର୍କରେ କେହି କିଛି ନ ଜାଣିପାରିବା ଜନସାଧାରଣଙ୍କ ମଧ୍ୟରେ ସନ୍ଦେହ ଓ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସାଙ୍ଘାତିକ ମାଟି ଲୁଟ୍ ସମ୍ପର୍କରେ ପୂର୍ବରୁ ଓଲଟପୁର ଏବଂ ଗୋବିନ୍ଦପୁର ଥାନାରେ ଏକାଧିକ ଲିଖିତ ଅଭିଯୋଗ ହୋଇଥିଲେ ସୁଦ୍ଧା କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ପୁଲିସ ପ୍ରଶାସନର ମାନ୍ଦା ଆଭିମୁଖ୍ୟ ଯୋଗୁଁ ଏହି ସବୁ ଅଭିଯୋଗ ଫାଇଲ ତଳେ ଚାପି ହୋଇ ରହିଯାଉଥିବା ସ୍ଥାନୀୟ ଲୋକେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଉଭୟ ଥାନାର ଅନେକ ଅଧିକାରୀ ବଦଳି ହୋଇ ସାରିଥିଲେ ମଧ ମାଫିଆମାନଙ୍କ ସାମ୍ରାଜ୍ୟ ଉପରେ କୌଣସି ପ୍ରଭାବ ପଡ଼ିନାହିଁ। ଅପରପକ୍ଷରେ, କଣ୍ଟାପଡ଼ାର ପୂର୍ବତନ ତହସିଲଦାର ଭିଜିଲାନ୍ସ ମାମଲାରେ ଗିରଫ ଓ ନିଲମ୍ବିତ ହେବା ପରେ ଗତ ସପ୍ତାହରେ ଜଣେ ନୂଆ ତହସିଲଦାର ଏଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବର୍ତ୍ତମାନ ଏହି ନୂତନ ଅଧିକାରୀ ଜଣକ ଅଞ୍ଚଳର ଏହି ସକ୍ରିୟ ମାଟି ମାଫିଆଙ୍କ ବିରୋଧରେ କିଭଳି ଆଭିମୁଖ୍ୟ ଗ୍ରହଣ କରୁଛନ୍ତି ଏବଂ ବେଆଇନ ଖନନ ଉପରେ ରୋକ୍ ଲଗାଇବାରେ କେତେ ସଫଳ ହେଉଛନ୍ତି, ତାହା ଉପରେ ସମଗ୍ର କଣ୍ଟାପଡ଼ାବାସୀଙ୍କ ନଜର ରହିଛି।

## ବିଜେଡିର ନାରୀ ସୁରକ୍ଷା ଅଧିକାର ଅଭିଯାନ

# ଉଦଳା ବିଜେଡି ପକ୍ଷରୁ ନାରୀ ଅଧିକାର ନେଇ ରଣହୁଙ୍କାର

ଉଦଳା, ୨୪।୫(ସମିସ)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉଦଳା ନିର୍ବାଚନମଣ୍ଡଳୀ ସ୍ତରୀୟ ନାରୀ ସୁରକ୍ଷା ଅଧିକାର ଅଭିଯାନ ଆୟୋଜିତ ହୋଇଛି। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ନେତୃତ୍ୱ ନାରୀ ଅଧିକାର ସମ୍ପର୍କରେ ମହାସମାବେଶ ଅନୁଷ୍ଠିତ ହୋଇଛି। ଉକ୍ତ ସମାବେଶରେ ଶହ ଶହ ସଂଖ୍ୟାରେ ମହିଳା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାରକୁ କଡ଼ା ସମାଲୋଚନା କରିଛନ୍ତି।

ବିଜେପି ସରକାର ମହିଳା ସଂରକ୍ଷଣ ବିଲ୍ ସମ୍ପର୍କରେ ମହିଳାଙ୍କୁ ମିଛ କଥା କହି ଭ୍ରମିତ କରିବା ପାଇଁ ଯେଉଁ ଅପଚେଷ୍ଟା କରୁଛି, ତାହା ବିଜୁ ମହିଳା ଦଳ କରିବା ପାଇଁ କେବେ ଦେବ ନାହିଁ। ୨୦୨୩ରେ ସଂସଦରେ ସର୍ବସମ୍ମତିକ୍ରମେ ଯେଉଁ ୩୩ ପ୍ରତିଶତ ମହିଳା ସ୍ଥାନ ସଂରକ୍ଷଣ ନିମନ୍ତେ ବିଲ ପାରିତ ହୋଇ ରାଷ୍ଟ୍ରପତି ଦସ୍ତଖତ କରିଥିଲେ ସେ ବିଲ୍‌କୁ ବିଜେପି ସରକାର ୨୦୨୪ ସାଧାରଣ ନିର୍ବାଚନରେ କାହିଁକି ଲାଗୁ କଲେନାହିଁ। ଏବେ ସାରା ଦେଶରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇ ହଜାର ହଜାର ଶିକ୍ଷିତ ଯୁବକ/ଯୁବତୀଙ୍କ ଜୀବନ ମାଟି କରାଯାଇଛି। ପେଟ୍ରୋଲ, ଡିଜେଲ୍, ଗ୍ୟାସଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦାମ ଆକାଶ ଛୁଆଁ ହୋଇଛି। ସାରା ଓଡ଼ିଶାରେ ଅରାଜକତା ଚାଲିଛି।




ନାରୀ ନିର୍ଯାତନାଠାରୁ ଆରମ୍ଭ କରି ଦୁଷ୍କର୍ମ, ପୁଲିସ୍ ଉପସ୍ଥିତିରେ ହତ୍ୟା, ଓଡ଼ିଶାର ମହିଳା ବାହାରକୁ ଯିବା ପାଇଁ ଭୟ କରୁଛନ୍ତି। ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାରକୁ ଗାଦିଚ୍ୟୁତ କରିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ଉପସ୍ଥିତ ନେତା ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ଆଜିର ମହିଳା ଅଧିକାର ସମାବେଶରେ ବଡ଼ସାହିର ପୂର୍ବତନ ବିଧାୟକ, ମହିଳା ନେତ୍ରୀ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ଦୀପ୍ତିଲତା ମିଶ୍ର, ପ୍ରୀତିଲତା କାନୁନଗୋ, ଭାରତୀ ସିଂ, ଲିଲି ଭୋଳ, ଯୁବ ନେତା ଜିତେନ୍ଦ୍ର ମହାନ୍ତି, ଦେବାଶୀଷ ମହାନ୍ତି, ନୀଳମାଧବ ପାତ୍ର, ଜିଲ୍ଲା ସମ୍ପାଦକ ମନୋଜ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ମାକୁ ସିଂ, ଲଳିତା ବିଶୋଇ, ପ୍ରମିଳା ସତ୍ୟବାନ ଉପାଧ୍ୟାୟ, ପ୍ରଶାନ୍ତ ବେହେରା, ଜିଲ୍ଲା ସମ୍ପାଦକ ଅଭିମନ୍ୟୁ ମଣ୍ଡଳ, ଘନଶ୍ୟାମ ମହାନ୍ତ, ଅରୁଣ ନାଏକ, ବନମାଳୀ ବେହେରା, ଯୁବନେତା ପ୍ରଦୀପ ପରିଡ଼ା, ସିଜିତ୍ ପୋଥାଳ, ଡିକେନସ୍ ବେହେରା, ଉପସଭାପତି ଶଶଧର ସ୍ୱାଇଁ, ଛାତ୍ର ନେତା ସୁନୀଲ ନାୟକ, ଆଶିଷ ଦାସ, ଭବାନୀ ଶଙ୍କର ମହାନ୍ତ, ବୀଣାକର ମହାପାତ୍ର ଯୋଗ ଦେଇଥିଲେ। ପ୍ରତାପ ଚନ୍ଦ୍ର ବେହେରା, ସୁଶାନ୍ତ ବେହେରା, ସୁମନ୍ତ ମହାନ୍ତି, ସ୍ୱରୂପ ଦାସ, ଶୈଳେଶ ବିଶ୍ୱାଳ, ଶଶୀକାନ୍ତ ମଲ୍ଲିକ, ଭକ୍ତହରି ଜେନା, ସୁନୀଲ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଅମୀୟ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## କରଞ୍ଜିଆରେ ବିଜେଡିର ନାରୀ ଅଧିକାର ଅଭିଯାନ

କରଞ୍ଜିଆ, ୨୪।୫(ସମିସ): ମୟୂରଭଞ୍ଜ ଜିଲ୍ଲା ସାରସକଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଶୋଇ ବ୍ଲକରେ ରବିବାର ନାରୀ ଅଧିକାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳ-୨ ସଭାପତି ଡା. ଦେବାଶିଷ ମାର୍ଣ୍ଡିଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ମହିଳାମାନେ ଯୋଗଦାନ କରି ସରକାରଙ୍କ ଗରିବ ଓ ମହିଳା ବିରୋଧୀ ନୀତିକୁ ବିରୋଧ କରି କ୍ଷୋଭ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ମୟୂରଭଞ୍ଜ-୨ ପର୍ଯ୍ୟବେକ୍ଷକ ସାବିତ୍ରୀ ସେଠୀ, ବିଜାତଳା ମହିଳା ସଭାପତି ରଶ୍ମିରେଖା ମହାନ୍ତ, ବରିଷ୍ଠ ନେତା ଚକ୍ର ହେମ୍ବ୍ରମ୍, ମୟୂରଭଞ୍ଜ-୨ ୱାର୍କିଂ ପ୍ରେସିଡେଣ୍ଟ ରାଇସେନ ମୁର୍ମୁ, ମହିଳା ସଭାପତି ତନୁଜା ମହାନ୍ତ, ବିଜାତଳା ବ୍ଲକ ପୂର୍ବତନ ଚେୟାରମ୍ୟାନ ନିମାଇ ମୁର୍ମୁ, ବିଜୁ ଜନତା ଦଳର ବ୍ଲକ ସଭାପତି ମଝିଆ ରାମ ଟୁଡୁ, ମୟୂରଭଞ୍ଜ-୨ ଉପସଭାପତି ଅମରେନ୍ଦ୍ର କର, ସାରସକଣା ମହିଳା ସଭାପତି ମନାଲି ସାହୁ, ରାଜ୍ୟ ସମ୍ପାଦକ ଦୀପକ ମଡୁଆଳ, ଛାତ୍ର ସଭାପତି ମୟୂରଭଞ୍ଜ-୨ ଚନ୍ଦ୍ରଶେଖର ସାହୁ, ବିଶୋଇ ବ୍ଲକ ଯୁବ ସଭାପତି ସୁନୀଲ ମହାପାତ୍ର, ବିଶୋଇ ବ୍ଲକ ଛାତ୍ର ସଭାପତି ସଚ୍ଚିନ୍ଦ୍ର ମହାନ୍ତ, ସାରସକଣା ବ୍ଲକ ବିଜୁ ଜନତା ଦଳ ସଭାପତି ମଣିଶଙ୍କର ବାରିକ, ରାଜ୍ୟ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ହରେକୃଷ୍ଣ ଦାସ ଓ ବିଜୁ ଜନତା ଦଳ ମୟୂରଭଞ୍ଜ-୨ ସମ୍ପାଦକ ବିରଞ୍ଚି ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।



## ସାରସକଣା ନିର୍ବାଚନମଣ୍ଡଳୀ

# 'ମହିଳାଙ୍କୁ ସଂରକ୍ଷଣ ଓ ସୁରକ୍ଷା ଦେବାରେ ଡବଲ ଇଞ୍ଜିନ ସରକାର ବିଫଳ'

ବିଶୋଇ, ୨୪।୫(ସମିସ): ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସାରସକଣା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡିର ନାରୀ ଅଧିକାର ଅଭିଯାନ ସ୍ଥାନୀୟ ବିଶୋଇଠାରେ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ମୟୂରଭଞ୍ଜ-୨ ଜିଲ୍ଲାର ସଭାପତି ଡାକ୍ତର ଦେବାଶିଷ ମାରାଣ୍ଡିଙ୍କ ନେତୃତ୍ୱରେ ସାରସକଣା ନିର୍ବାଚନମଣ୍ଡଳୀର ବିଶୋଇ, ବିଜାତଳା ଓ ସାରସକଣା ବ୍ଲକର ହଜାର ହଜାର ସଂଖ୍ୟକ ମହିଳା ସମେତ ବିଜେଡିର ଯୁବ, ଛାତ୍ର ଓ ଛାମୁଆ ନେତୃବୃନ୍ଦ ଏହି ଅଭିଯାନରେ ସାମିଲ ହୋଇ ବିଜେପି ସରକାର ବିରୁଦ୍ଧରେ ନାରାବାଜି ଦେଇ ବିଶୋଇ ଡାକ ବଙ୍ଗଳାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବିଶୋଇ ବ୍ଲକ ଛକ ନିକଟସ୍ଥ ସଭାସ୍ଥଳରେ ପହଞ୍ଚିଥିଲେ। ପରେ ଡାକ୍ତର ଦେବାଶିଷ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଜେଡିର ନାରୀ ଅଧିକାର ଅଭିଯାନ ସମାବେଶରେ ଉପସ୍ଥିତ ରାଜ୍ୟ, ଜିଲ୍ଲା, ବ୍ଲକ ଓ ପଞ୍ଚାୟତସ୍ତରୀୟ ଆଗଧାଡ଼ିର ଦଳୀୟ ନେତୃବୃନ୍ଦଙ୍କୁ ଦଳୀୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମାବେଶରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ବାଚସ୍ପତି ସାନନ୍ଦ ମାରାଣ୍ଡି ଯୋଗଦେଇ ରାଜ୍ୟରେ ନାରୀମାନଙ୍କୁ ସୁରକ୍ଷା ଓ ସଂରକ୍ଷଣ ଦେବାରେ ଡବଲ ଇଞ୍ଜିନ ବିଜେପି ସରକାର ବିଫଳ ହୋଇଛି ବୋଲି କହିଥିଲେ।

ଦେଶରେ ୫୪୩ ଆସନରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ, ରାଜ୍ୟରେ ମହିଳା ଓ ଛାତ୍ରୀ ପ୍ରତି ବଢୁଥିବା ନିର୍ଯାତନା ବନ୍ଦ କରିବା, ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ପଞ୍ଚାୟତିରାଜ ଓ ପୌରସଂସ୍ଥାରେ




ମହିଳା ସଂରକ୍ଷଣକୁ ୫୦ ପ୍ରତିଶତ ବୃଦ୍ଧି ସୀମା ପୁନଃନିର୍ଦ୍ଧାରଣ ବିଲକୁ ଲୁକ୍କାୟିତ ଭାବେ ମହିଳା ସଂରକ୍ଷଣ ବିଲ ନାଁରେ ପାଳିତ କରିବାରେ ଅପଚେଷ୍ଟା ଓ ହୀନ ଚକ୍ରାନ୍ତକୁ ଯଥାଶୀଘ୍ର ବନ୍ଦ କରିବା ପାଇଁ ସାନନ୍ଦ ମାରାଣ୍ଡି କହିଥିଲେ। ମୁଖ୍ୟବ୍ୟକ୍ତା ଭାବେ ଜିଲ୍ଲା ମହିଳା ପର୍ଯ୍ୟବେକ୍ଷିକା ସାବିତ୍ରୀ ସେଠୀ ଓ ପ୍ରାକ୍ତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସିଧାସଳଖ ଆକ୍ଷେପ କରି କହିଥିଲେ ଯେ, ବିଜେପି ସରକାର ସମୟରେ ପ୍ରତ୍ୟେକ ଦିନ ଗଣଦୁଷ୍କର୍ମ, ଛାତ୍ରୀ ଓ ମହିଳାଙ୍କୁ ହତ୍ୟା ଭଳି ବର୍ବରୋଚିତ ଅମାନୁଷିକ କାଣ୍ଡ ରାଜ୍ୟରେ ମହିଳାଙ୍କୁ ବିପଦ ଘେରକୁ ଟାଣି ନେଇଛି। ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ-୨ ଜିଲ୍ଲାର ଉପସଭାପତି ବୁଦ୍ଧିମାନ ମଣ୍ଡଳ, ଉପସଭାପତି ଅମରେନ୍ଦ୍ର କର, ରାଜ୍ୟ ସମ୍ପାଦକ ଦୀପକ ମାଡୁଆଳ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ସାଧାରଣ ସମ୍ପାଦକ ନିମାଇଁ ମୁର୍ମୁ, ସମ୍ପାଦକ ବିରଞ୍ଚି ନାରାୟଣ ନନ୍ଦ, ସମ୍ପାଦକ ଖେଲାରାମ ଟୁଡୁ, ଜିଲ୍ଲା ଛାତ୍ର ଜନତା ଦଳ ସଭାପତି ଚନ୍ଦ୍ରଶେଖର ସାହୁ, ବରିଷ୍ଠ କର୍ମୀ ଚକ୍ରଧର ହେମ୍ବ୍ରମ, ଜିଲ୍ଲା ଯୁବ ସଭାପତି ଅଭିଶେଖ ସାହୁ, ପ୍ରାକ୍ତନ ଜିଲ୍ଲା ମହିଳା ସଭାନେତ୍ରୀ ତନୁଜା ମହାନ୍ତ, ବିଜାତଳା ବ୍ଲକ ଅଧ୍ୟକ୍ଷା ରାଣୀ ମୁର୍ମୁ, ବିଜାତଳା ବ୍ଲକ ମହିଳା ସଭାପତି ରଶ୍ମି ମହାନ୍ତ, ବିଶୋଇ ବ୍ଲକ ମହିଳା ସଭାପତି ଆରତୀ ମହାନ୍ତ, କେନ୍ଦୁଝର ଜିଲ୍ଲା ଛାତ୍ର ସଭାପତି ଅମରେନ୍ଦ୍ର ଧଳ, ନାରୀନେତ୍ରୀ ମନାଲି ସାହୁ, ବିଶୋଇ ବ୍ଲକ ସଭାପତି ରଞ୍ଜନ ନନ୍ଦ, ବିଜାତଳା ବ୍ଲକ ସଭାପତି ମାଝୀଆ ରାମ ଟୁଡୁ, ସାରସକଣା ବ୍ଲକ ସଭାପତି ମଣିଶଙ୍କର ବାରିକ, ବରିଷ୍ଠ କର୍ମୀ ଶୋଭରାମ ଶ୍ୟାମ ମୁର୍ମୁ, ପ୍ରାକ୍ତନ ଜିଲ୍ଲା ମହିଳା ସମ୍ପାଦିକା ନମିତା ସ୍ୱାଇଁ, ବହଳଦା ବ୍ଲକ ଜିଲ୍ଲା ପରିଷଦ ସଦସ୍ୟା ସୂର୍ଯ୍ୟ ହାଁସଦା ପ୍ରମୁଖ ଯୋଗଦେଇ ବିଜେପି ସରକାର ସବୁ ଯୋଜନାରେ ବିଫଳ ହେବା ସହିତ ଏହି ସରକାର କେବଳ ମିଛରେ ଭାସୁଛି। ଏହାର ପ୍ରତିବଦଳରେ ଆଗାମୀ ନିର୍ବାଚନରେ ରାଜ୍ୟର ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି କହିଥିଲେ। ଯୁବନେତା ସୁନୀଲ ମହାପାତ୍ର, ସଚିନ୍ଦ୍ର ମହାନ୍ତ, ଗୋପବନ୍ଧୁ ଗିରି, ଅନୀମା ମହାନ୍ତ, ଯାଜ୍ଞସେନୀ ବେହେରା, ସୀତାମଣି ବାସ୍କେ, ଚନ୍ଦ୍ରିକା ବେହେରା, ଅନୀତା ସାହୁ, ସରୋଜିନୀ ଗିରି, କଳ୍ପନା ମହାନ୍ତ, ଅଶୋକ ଗିରି, ଦେବବ୍ରତ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବୈଶିଙ୍ଗା, ୨୪।୫ (ସମିସ): ବୈଶିଙ୍ଗା ଥାନା ଅଧୀନ ଯୁଗଳ ଉପକଣ୍ଠ ଶାଳବଣି ଗାଁ ପାର୍ଶ୍ୱ ଜଙ୍ଗଲ ନିକଟରେ ଥିବା ଏକ ଜାମୁକୋଳି ଗଛରୁ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ପ୍ରଥମେ ପରିଚୟ ମିଳି ନ ଥିବାବେଳେ ପରେ ତଦନ୍ତରୁ ଜଣାପଡ଼ିଲା ମୃତକ ହେଉଛନ୍ତି ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅଧୀନ ଖଇରଙ୍ଗ ଗ୍ରାମର ସ୍ୱପ୍ନା ପ୍ରଧାନ ଓ କନକ ପ୍ରଧାନଙ୍କ ୨୦ ବର୍ଷୀୟ ଝିଅ ମିଠେଇ ପ୍ରଧାନ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଯୁବତୀ ଜଣକ ସ୍ଥାନୀୟ ଅଞ୍ଚଳର ହୋଇ ନ ଥିବାବେଳେ କିଛିଦିନ ପୂର୍ବରୁ ଭାଗୀରଥିପୁର ଗ୍ରାମର କିଶନ ମାଝୀଙ୍କ ପୁଅ ମାନସିଂ ସହ ଇନଷ୍ଟାଗ୍ରାମରୁ ପରିଚିତ ହୋଇଥିଲା। ପରେ ସେମାନଙ୍କ ଭିତରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ମିଠେଇ ଘର ଛାଡି ଆସି ମାନସିଂ ସହିତ ଭାଗୀରଥିପୁର ଗ୍ରାମ ଘରେ ରହୁଥିଲେ। କିଛିଦିନ ପରେ ମାନସିଂଙ୍କ ବାପାମାଆ ମିଠେଇକୁ ଘରେ ରଖିବାକୁ ଚାହିଁ ନ ଥିଲେ ଓ ଗାଳିଗୁଲଜ କରିଥିଲେ। ଯେଉଁଥିପାଇଁ ମାନସିଂ ମଧ୍ୟ ମିଠେଇକୁ ଫେରିଯିବାକୁ ବାଧ୍ୟ କରୁଥିଲା। ତେବେ ମିଠେଇ ନ ଯିବାରୁ ମାନସିଂ ତାକୁ ଧକ୍କା ଦେଇ ଅସହାୟ ଭାବେ ଏକୁଟିଆ ଛାଡ଼ି ନିଜେ ଘରୁ କୁଆଡେ କାମ କରିବାକୁ ପଳାଇଥିଲେ। କିଛିଦିନ ଏକୁଟିଆ ରହିବା ପରେ ମିଠେଇ ଚାପ ସମ୍ଭାଳି ନ ପାରି ବାପଘରକୁ ପଳାଇ ଯାଇଥିବା ନେଇ କହିଛନ୍ତି ମାନସିଂଙ୍କ ବାପା। ଆଜି ସକାଳୁ ହଠାତ ଗ୍ରାମବାସୀ ଗାଁ ପାର୍ଶ୍ୱ ଏକ ଜାମୁକୋଳି ଗଛରେ ମିଠେଇଙ୍କ ଜିନପ୍ୟାଣ୍ଟ ସାର୍ଟ ପିନ୍ଧା ଝୁଲନ୍ତା ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ପ୍ରଥମେ ଯୁବତୀଙ୍କ ସଠିକ ପରିଚୟ ପାଇ ନ ଥିଲା। ପରେ ସାଇଣ୍ଟିଫିକ ଟିମ ଆସି ଛାନଭିନ କରିବା ପରେ ଶବକୁ ତଳକୁ ଓହ୍ଲାଇ ବାରିପଦାସ୍ଥ ଶବ ଗୃହରେ ରଖାଯାଇଛି। ମାନସିଂ ବାପାଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ଛାନଭିନ କରି ଯୁବତୀଙ୍କ ଠିକଣେ ଜାଣିବାକୁ ପାଇଥିଲା। ମିଠେଇର ପରିବାର ଲୋକ ଆସିବା ପରେ ଶବ ବ୍ୟବଚ୍ଛେଦ କରାଯିବା ନେଇ ପୁଲିସ ସୂଚନା ଦେଇଛି। ତେବେ ଏହା ଏକ ସନ୍ଦେହଜନକ ମୃତ୍ୟୁ ହୋଇଥିବାରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ବିସିସି କ୍ଲାସେସର ପ୍ରତିଷ୍ଠା ଦିବସ




ମୋରଡ଼ା, ୨୪।୫(ସମିସ): ମୋରଡ଼ା ବ୍ଲକ ଅଧୀନସ୍ଥ ଚିତ୍ରଡାର ଅଗ୍ରଣୀ ବେସରକାରୀ ଶିକ୍ଷାନୁଷ୍ଠାନ ବିସିସି କ୍ଲାସେସର ପ୍ରତିଷ୍ଠା ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଅଧ୍ୟାପକ ସ୍ମାରକ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଚିତ୍ରଡା ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ତଥା ଶିକ୍ଷାବିତ ବରେନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ପିତ୍ତରଞ୍ଜନ ଜେନା, ଗଗନ ଦଳେଇ, ହରିପ୍ରିୟା ମହାନ୍ତ, ସତ୍ୟ ମହାନ୍ତ, ବନଜା ମହାନ୍ତ, ଶୁଭସ୍ମିତା ମହାନ୍ତ, ସ୍ୱାତୀ ମହାନ୍ତ ପ୍ରମୁଖ ଯୋଗଦେଇ କଠିନ ପରିଶ୍ରମ ଓ ଶୃଙ୍ଖଳା ସଫଳତାର ଚାବି କାଠି ବୋଲି ମତବ୍ୟକ୍ତ କରିଥିଲେ। କ୍ରମାଗତ ତିନିବର୍ଷ ଧରି ଉକ୍ତ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅନୁଷ୍ଠାନର ସୁନାମ ଅର୍ଜନ କରୁଥିବାରୁ ଅନୁଷ୍ଠାନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଚଳିତ ବର୍ଷ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ସେହିପରି ଦଶମ ଶ୍ରେଣୀ ପାସ କରିଥିବା ପିଲାଙ୍କ ପାଇଁ ଅନୁଷ୍ଠିତ ହୋଇଥିବା ଟ୍ୟାଲେଣ୍ଟ ଖୋଜ-୨୦୨୬ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ର କେକ୍ କାଟି ପରସ୍ପରକୁ ଖୁଆଇ ଖୁସି ମନାଇଥିଲେ।

## ରାଜ୍ୟ ରାଜପଥରେ ମେଳିଛି ତାଳସଜ ପସରା

ମୋରଡ଼ା, ୨୪।୫(ସମିସ): ବର୍ତ୍ତମାନ ସାରା ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ତାପମାତ୍ରା ବଢୁଥିବାବେଳେ ଲୋକଙ୍କୁ ଗୁଲୁଗୁଲି ବିଶେଷ କଷ୍ଟ ଦେଉଛି। ଗରମରୁ ରକ୍ଷା ପାଇବା ପାଇଁ ଲୋକେ ରାସ୍ତା କଡ଼ର ସରବତ, ସୋଡ଼ା ମସଲା, ତରଭୁଜ, କାକୁଡ଼ି, ଆଖୁପଣା ପ୍ରଭୃତି ଥଣ୍ଡା ପାନୀୟକୁ ଗୁରୁତ୍ୱ ଦେଉଛନ୍ତି। ଇତିମଧ୍ୟରେ ଏବେ ଗ୍ରାମବାସୀଙ୍କ ଜୀବିକା ପାଲଟିଛି ସୁଆଦିଆ କଅଁଳ ତାଳସଜ। ବର୍ତ୍ତମାନ ତାଳସଜର ସ୍ୱାଦ ସମସ୍ତଙ୍କୁ ଆକର୍ଷିତ କରୁଛି। ଚିତ୍ରଡାରୁ ବାରିପଦା ରାସ୍ତାରେ ଆଦିବାସୀ ସମ୍ପ୍ରଦାୟର ପିଲାମାନେ ତାଳସଜର ପସରା ମେଲାଇ ବସିଥିବା ଦେଖିବାକୁ ମିଳିଛି। ତେବେ ଯାନବାହନରେ ଯାଉଥିବା



ଲୋକମାନେ ବାଟରେ ଅଟକି ତାଳସଜ ଖାଇବା ସହିତ ଘରକୁ କିଣିନେଉଛନ୍ତି। ତାଳ ଗଛକୁ ଲୋକେ ହାଣି ଦେଉଥିବାରୁ ବର୍ତ୍ତମାନ ତାଳସଜ ଅଧିକ ମାତ୍ରାରେ ମିଳୁନାହିଁ। ଫଳରେ ଏହାର ଦାମ୍ ବଢ଼ିବାରେ ଲାଗିଛି। ତେବେ ଆଗ ଭଳି ଆଉ ତାଳ ଗଛ ନାହିଁ କିମ୍ବା ଗଛ ଚଢ଼ାଳି ମଧ୍ୟ ମିଳୁନାହାଁନ୍ତି। ସେଥିପାଇଁ ଦୂରରୁ ତାଳସଜ ସଂଗ୍ରହ କରି ଆଣିବାକୁ ଅଧିକ କଷ୍ଟ ହେଉଛି। ଦର ଅଧିକ ଥିଲେ ମଧ୍ୟ ଲୋକେ ତାଳସଜ କିଣିବା ପାଇଁ ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳୁଛି।

ବର୍ଷକରେ ଥରେ ମିଳୁଥିବା ଏହି ତାଳସଜ ରାସ୍ତାକଡ଼ରେ ତିନୋଟି ତାଳକୁ କାଟି ତାହାର ସଜ ବାହାର କରି ୩୦ ଟଙ୍କା ନେଉଥିବାବେଳେ ଦୈନିକ ଦୁଇ ହଜାର ଟଙ୍କା ରୋଜଗାର ହେଉଛି ବୋଲି ବ୍ୟବସାୟୀ ମାଥୁରା ସରେନ ପ୍ରକାଶ କରିଛନ୍ତି। ତାଳସଜ ପାଟିକୁ ସୁଆଦ ପେଟକୁ ଥଣ୍ଡା ପ୍ରଦାନ କରୁଥିବାବେଳେ ମଣିଷ ଜୀବନ ରକ୍ଷା କବଚ ପାଲଟିଥାଏ। ଏଥିସହିତ ବ୍ରଜପାତକୁ ରୋକିବାରେ ସହାୟକ ହୋଇଥାଏ। ତେବେ ତାଳଗଛ ହାଣିଦେଉଥିବାରୁ ତାଳପତ୍ରରେ ତିଆରି ବିଭିନ୍ନ ଘର କରଣା ସାମଗ୍ରୀ ଲୋପ ପାଇବାକୁ ବସିଛି। ପ୍ରକୃତି ସନ୍ତୁଳନ ରଖିବାରେ ତାଳ ଗଛ ସହାୟକ ହେଇଥାଏ ବୋଲି ପରିବେଶବିତ ମତ ପ୍ରକାଶ କରିଛନ୍ତି।

## +୨ ବିଜ୍ଞାନ ପରୀକ୍ଷାରେ ମୌସୁମୀ ମହାପାତ୍ରଙ୍କ ସଫଳତା

କପ୍ତିପଦା, ୨୪।୫ (ସମିସ): +୨ ବିଜ୍ଞାନ ପରୀକ୍ଷାରେ କପ୍ତିପଦା କଲେଜ ଛାତ୍ରୀ ମୌସୁମୀ ମହାପାତ୍ର ୫୯୬ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି। ଆଦିତ୍ୟ ମହାପାତ୍ର ଓ ତିଲୋତ୍ତମା ପଣ୍ଡାଙ୍କ କନ୍ୟା ମୌସୁମୀ ୯୬.୦୩ ପ୍ରତିଶତ ନମ୍ବର ରଖିଥିବାବେଳେ ଇଂରାଜୀରେ ୭୯, ଓଡ଼ିଆରେ ୮୦, ଫିଜିକ୍ସରେ ୭୦, କେମେଷ୍ଟ୍ରିରେ ୭୮, ଗଣିତରେ ୭୮ ଓ ବାୟୋଲଜିରେ ୬୯ ନମ୍ବର ରଖିଛନ୍ତି। ସେହିପରି କପ୍ତିପଦା କଲେଜରେ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୩୪, ଦ୍ୱିତୀୟ ଶ୍ରେଣୀରେ ୧୨ ଜଣ, ତୃତୀୟ ଶ୍ରେଣୀରେ ୩ ଜଣ, କଳାରେ ପ୍ରଥମ ଶ୍ରେଣୀରେ ୧୧ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୭ ଜଣ, ତୃତୀୟ ଶ୍ରେଣୀରେ ୧୨୦ ଜଣ ଓ ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୩ ଜଣ ଓ ତୃତୀୟ ଶ୍ରେଣୀରେ ୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।



## ଶରତ ବିକାଶ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

# କପ୍ତିପଦା ବ୍ଲକର ୬ଟି ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଉ

ବାରିପଦା, ୨୪।୫(ସମିସ)

କପ୍ତିପଦା ବ୍ଲକର ୬ଟି ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯିବାକୁ ଶରତ ବିକାଶ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର ଉପାନ୍ତ ତଥା ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କପ୍ତିପଦା ବ୍ଲକର ଶରତ ଅଞ୍ଚଳ ଅବସ୍ଥିତ ରହିଛି। ଅଞ୍ଚଳବାସୀ ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ରାସ୍ତା ସମସ୍ୟା ରହିଥିବା କାରଣରୁ ଶରତ ଅଞ୍ଚଳରେ ଅନେକ ସମୟରେ ଖଟିଆରେ ରୋଗୀଙ୍କୁ ବୋହିବା ଭଳି ଦୃଶ୍ୟ ମନକୁ ବ୍ୟଥିତ କରେ। ଚିର ଅବହେଳିତ ଅବସ୍ଥାରେ ରହିଥିବା ଶରତ ଅଞ୍ଚଳରେ ଗମନାଗମନର ସୁବିଧା କରାଯିବା ନିମନ୍ତେ ୬ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯିବା ଦାବିରେ ଜିଲ୍ଲାପାଳ ହେମକାନ୍ତ ସଏ ଓ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଭେଟି ଶରତ ବିକାଶ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପୃଥକ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି।



ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ ଓ ଯୁଗ୍ମସମ୍ପାଦକ ଜାମାଦାର ବାଲମୁଚୁଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିବା ଦାବିପତ୍ର ଅନୁସାରେ ରାଣୀପୋଖରୀ ପଞ୍ଚାୟତର ଲାମ୍ପୁଆସାହି ଛକଠାରୁ ସରଡିହା ପଞ୍ଚାୟତର ଭଣ୍ଡାର ଗ୍ରାମ ଛକ (୧୦ କିଲୋମିଟର) ଭାୟା ପେଚାଦର ଗ୍ରାମ ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ, ଦ୍ୱିତୀୟରେ କଳମଗୋଡିଆ ପଞ୍ଚାୟତର ବାମୁଣୀ ଗ୍ରାମ ଛକଠାରୁ କେନ୍ଦୁଝର ଜିଲ୍ଲାର ପାଲବଣୀ ଗ୍ରାମ ଛକ (ହାଟଡିହି ବ୍ଲକ) ୧୦ କିଲୋମିଟର ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ, ତୃତୀୟରେ ମଝିଗୋଡିଆ ପଞ୍ଚାୟତର ସାପଘର ଛକଠାରୁ ପଦ୍ମପୋଖରୀ ପଞ୍ଚାୟତର ଧପଡ଼ା ଗ୍ରାମ ଛକ ରାସ୍ତା (୧୦ କିଲୋ ମିଟର) ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ, ଚତୁର୍ଥରେ କଳମଗୋଡିଆ ପଞ୍ଚାୟତର ଝାଉଁରୀ ଛକଠାରୁ ସୁଡ଼ଙ୍ଗ ଗ୍ରାମ (୧୦ କିଲୋମିଟର ରାସ୍ତା) ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ, ପଞ୍ଚମରେ ସରଡିହା ପଞ୍ଚାୟତର ସରଡିହା ଗ୍ରାମ ଛକଠାରୁ ସୁଡ଼ଙ୍ଗ ଗ୍ରାମ (୧୦ କିଲୋ ମିଟର) ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ ଓ ଷଷ୍ଠରେ ରାମଚନ୍ଦ୍ରପୁର ପଞ୍ଚାୟତର କେନ୍ଦୁଗୋଠ ଛକଠାରୁ କଳମଗୋଡିଆ ପଞ୍ଚାୟତର କଳମଗୋଡିଆ ହାଇସ୍କୁଲ ଛକ (୧୦ କିଲୋ ମିଟର) ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ ଉଲ୍ଲେଖ ରହିଛି। ଚିର ଅବହେଳିତ ଅଞ୍ଚଳର ବିକାଶ କରାଯିବା ନିମନ୍ତେ ସରକାରଙ୍କ ରାଜକୋଷରୁ ଯଥେଷ୍ଟ ପରିମାଣରେ ଅର୍ଥ ଅନୁମୋଦନ କରି ରାସ୍ତା ନିର୍ମାଣ କରାଯିବା ନିମନ୍ତେ ଦାବିପତ୍ରରେ ଦର୍ଶାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ସଭାପତି ଗାମାଏ ଗୋଇପାଇ, ଯୁଗ୍ମସମ୍ପାଦକ ଜାମାଦାର ବାଲମୁଚୁ, ନବୀନ ମୁଣ୍ଡରୀ, ଗୁଲୁରାମ ଲାମାଏ, ଦୁଲମୁ ଆଲଡା ଓ ଦୟାନନ୍ଦ ମୁଣ୍ଡରୀ ପ୍ରମୁଖ ଉପସ୍ଥିତ ଥିଲେ। ଉପରୋକ୍ତ ରାସ୍ତାଗୁଡ଼ିକ ୧ ମାସ ଭିତରେ ସର୍ଭେ କରି ପିଚୁ ରାସ୍ତା ନିର୍ମାଣ କରାଯିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ମଞ୍ଚର କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ପିଆରଏମ୍‌ରେ ଲାଗିବ ସେଣ୍ଟ୍ରାଲ ଏସି

ବାରିପଦା, ୨୪।୫(ସମିସ): ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ସମସ୍ୟାର ସମାଧାନ ସହିତ ସେଣ୍ଟାଲ ଏସି ଲାଗିବାକୁ ଯାଉଛି। ଏପରି ଦାବି ପୂରଣ ନିମନ୍ତେ ମୟୂରଭଞ୍ଜର ଜାଗ୍ରତ ସଂଗଠନ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ୫ ଦଫା ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଶଶୀକାନ୍ତ ସେଠୀଙ୍କୁ ଗତ ୧୫ ତାରିଖ ଦିନ ପ୍ରଦାନ କରାଯାଇଥିଲା। ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଥିଲା କି ବର୍ତ୍ତମାନ ଗ୍ରୀଷ୍ମଋତୁ ଚାଲିଛି। ତେଣୁ ପ୍ରବଳ ଖରା ସାଙ୍ଗକୁ ଅତ୍ୟଧିକ ଗରମ ହେଉଥିବାରୁ ଡାକ୍ତରଖାନାରେ ଆଡମିସନ ହୋଇଥିବା ରୋଗୀ ଗରମରେ ଶିଝୁଛନ୍ତି। କେଉଁଠି ପଙ୍ଖା ଚାଲୁଛି ତ କେଉଁଠି ବନ୍ଦ ହୋଇପଡ଼ିଛି। ତେଣୁ ରୋଗୀ ଓ ରୋଗୀ ପରିବାରଙ୍କୁ ଗରମରୁ ଆଶ୍ୱସ୍ତି ଦେବା ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ସେଣ୍ଟ୍ରାଲ ଏସି ଲଗାଇଲେ ରୋଗୀ ଓ ରୋଗୀ ପରିବାର ଲୋକ ଗରମରୁ ରକ୍ଷା ପାଇପାରିବେ। ତେଣୁ ସମ୍ପୂର୍ଣ୍ଣ ହସ୍ପିଟାଲକୁ ତୁରନ୍ତ ସେଣ୍ଟ୍ରାଲ ଏସିକରଣ କରାଯିବାକୁ ଦାବି କରାଯାଇଥିଲା।

ଏଥିସହ ସିଟି ସ୍କାନ, ଏମଆରଆଇ, ଅଲ୍ଟ୍ରାସାଉଣ୍ଡ ମେସିନ ଗୃହକୁ ଯିବା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବା ଯୋଗୁଁ ରୋଗୀଙ୍କୁ ନେବା ଆଣିବାରେ ଅସୁବିଧା ହେଉଥିଲା। ରାସ୍ତା ତୁରନ୍ତ ମରାମତି ପାଇଁ ମଧ୍ୟ କୁହାଯାଇଥିଲା। ମାସାଆର୍ମୀ ସଂଗଠନର ଦାବିକୁ ଗୁରୁତର ସହିତ ନେଇ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ଜିଲ୍ଲା ଚିକିତ୍ସା ଅଧିକାରୀ ସଙ୍ଗେ ସଙ୍ଗେ ଏକ ଚିଠି ଗତ ୧୮ ତାରିଖରେ ବାରିପଦା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଲେଖିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ତୁରନ୍ତ ସେଣ୍ଟ୍ରାଲ ଏସିକରଣ କରିବାକୁ କୁହାଯାଇଛି। ପୂର୍ତ୍ତ



ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମଧ୍ୟ ରୋଗୀଙ୍କ ମଙ୍ଗଳ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଅପରପକ୍ଷରେ ଶନିବାର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଡାକ୍ତରଖାନା ପରିଦର୍ଶନରେ ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ରାକେଶ ସିଂ ଓ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପହଞ୍ଚି ଅସହ୍ୟ ତାତି ପାଇଁ ରୋଗୀ ସମ୍ମୁଖୀନ ହେଉଥିବା ଅସୁବିଧା ଦୂର ପାଇଁ ପ୍ରତି ୱାର୍ଡରେ କୁଲର ଓ ରୋଗୀଙ୍କ ପରିବାର ବର୍ଗଙ୍କୁ ସ୍ୱଚ୍ଛ ଅପେକ୍ଷା ଗୃହ ସହିତ ଥଣ୍ଡା ପାଣିର ବ୍ୟବସ୍ଥା କରିବାକୁ ସିଡିଏମଓ ଓ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ସେ ମଧ୍ୟ ୩ଦିନ ମଧ୍ୟରେ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ସହିତ ଉତ୍ତମ ପରିବେଶ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ରୋଗୀସେବା ସାଙ୍ଗକୁ ମାଟି ମାଆର ସେବା

# ବିରିଖୁଣ୍ଟିରେ ସୁନା ଫଳାଉଛନ୍ତି ଡାକ୍ତର ଓ ଫାର୍ମାସିଷ୍ଟ





**ଗଁଦିଆ, ୨୪।୫(ସମିସ)**

'ଚାଷ କାମ ଯାହାର, କି ସୁଖ ତାହାର' ଏହି ଉକ୍ତିକୁ କେବଳ ବହିର ପୃଷ୍ଠାରେ ସୀମିତ ନ ରଖି ବାସ୍ତବରେ ରୂପାୟନ କରି ଦେଖାଇଛନ୍ତି ଗଁଦିଆ ବ୍ଲକ ନେଉଳପୋଇ ପଞ୍ଚାୟତ ବିରିଖୁଣ୍ଟି ଗ୍ରାମର ଦୁଇ ଉଚ୍ଚଶିକ୍ଷିତ ଭାଇ। ଜଣେ ଆୟୁର୍ବେଦ ଡାକ୍ତର ଏବଂ ଅନ୍ୟ ଜଣେ ଫାର୍ମାସିଷ୍ଟ ଭାବେ ନିଜ ପେସାଗତ ଜୀବନ ବିତାଉଥିଲେ ମଧ୍ୟ ମାଟି ସହ ସେମାନଙ୍କ ନିବିଡ଼ ସମ୍ପର୍କ ଏବେ ସମଗ୍ର ଅଞ୍ଚଳ ପାଇଁ ଚର୍ଚ୍ଚାର ବିଷୟ ପାଲଟିଛି। ବୃତ୍ତି ଅଲଗା ହେଲେ ମଧ୍ୟ କୃଷି ପ୍ରତି ଥିବା ଅହେତୁକ ନିଶା ଉଭୟଙ୍କୁ ଆଜି ଏକ ସଫଳ ତଥା ଆଦର୍ଶ ଚାଷୀ ଭାବେ ପରିଚିତ କରାଇପାରିଛି। ବିରିଖୁଣ୍ଟି ଗ୍ରାମର ଉନ୍ନତ ପରିଡ଼ା (ଫାର୍ମାସିଷ୍ଟ) ଓ ତାଙ୍କ ଭାଇ ଡା. ଉତ୍କଳମଣି ପରିଡ଼ା ମିଳିତ ଭାବେ ୮ ଏକର ଜମିରେ ପନିପରିବା ଚାଷ ଆରମ୍ଭ କରିଛନ୍ତି। ସେଥିମଧ୍ୟରୁ ୪ ଏକର ଜମିରେ ବାଇଗଣ ଏବଂ ଅବଶିଷ୍ଟ ୪ ଏକରରେ କଲରା ଚାଷ କରାଯାଇଛି। କେବଳ ପରିବା ନୁହେଁ, ଏହି ଜମିରେ କାଜୁ ଓ ଆମ୍ବ ଭଳି ଅର୍ଥକାରୀ ଫସଲ ମଧ୍ୟ ଲଗାଯାଇଛି। ଗତ ଜାନୁଆରୀ ମାସରୁ ଜମି ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ମାର୍ଚ୍ଚ ମାସରେ ଛତିଶଗଡ଼ରୁ ଉନ୍ନତ ମାନର ବିଏନ୍‌ଆର୍-୧୨ ଏବଂ ହର୍ଷିତା କିସମର ବାଇଗଣ ଓ କଲରା ଚାରା ଆଣି ରୋପଣ କରାଯାଇଥିଲା। ଏହି ବିରାଟ କୃଷି ପ୍ରକଳ୍ପକୁ ସୁରକ୍ଷିତ ରଖିବା ପାଇଁ ସମ୍ପୂର୍ଣ୍ଣ ୮ ଏକର ଜମିକୁ ସୋଲାର୍ ଫେନ୍ସିଂ (ସୌର ବାଡ଼) କରାଯାଇଛି। ଜଳସେଚନ ପାଇଁ ୪ଟି ବୋରୱେଲ୍ ଖନନ କରାଯାଇଛି। ଏଥିପାଇଁ ପ୍ରାୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇସାରିଥିବା ଉନ୍ନତ ପରିଡ଼ା ପ୍ରକାଶ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦୁଇ ଭାଇଙ୍କ ଏହି ପ୍ରୟାସ ଯୋଗୁଁ ସ୍ଥାନୀୟ ଅଞ୍ଚଳର ୩୦ରୁ ୪୦ ଜଣ ମହିଳା ଓ ପୁରୁଷ ଦୈନିକ ନିଯୁକ୍ତି ପାଇ ନିଜ ପରିବାର ପ୍ରତିପୋଷଣ କରିପାରୁଛନ୍ତି। ବର୍ତ୍ତମାନ ଫସଲ ଅମଳ ଜୋରସୋରରେ ଚାଲିଛି। ଦୈନିକ ୨୦ କୁଇଣ୍ଟାଲ ବାଇଗଣ ଏବଂ ୧୦ କୁଇଣ୍ଟାଲ କଲରା ଅମଳ ହେଉଛି। ଏହି ସତେଜ ପନିପରିବା ଢେଙ୍କାନାଳ ସମେତ ଯାଜପୁର, ଭୁବନ, ତାଳଚେର ଏବଂ କାମାକ୍ଷାନଗରର ବିଭିନ୍ନ ବଜାରକୁ ପଠାଯାଉଛି। ଦିନରାତି କ୍ଷେତରେ ଅକ୍ଳାନ୍ତ ପରିଶ୍ରମ କରୁଥିବା ଉନ୍ନତ ପରିଡ଼ା କହିଛନ୍ତି ଯେ, ନିଜ ହାତରେ ପରିବା ଉତ୍ପାଦନ କରି ଲୋକମାନଙ୍କୁ ସୁଲଭ ଦରରେ ଯୋଗାଇ ପାରୁଥିବାରୁ ବହୁତ ଖୁସି ଲାଗୁଛି। ଚଳିତ ବର୍ଷର ସଫଳତା ଆମ ମନୋବଳକୁ ଦ୍ୱିଗୁଣିତ କରିଛି। ଆସନ୍ତା ବର୍ଷ ଏହି ଚାଷକୁ ୨୦ ଏକର ଜମିରେ କରିବା ସହ ବାଇଗଣ, କଲରା, ଭେଣ୍ଡି, ଝୁଡ଼ଙ୍ଗ ଏବଂ କ୍ୟାପ୍‌ସିକମ୍ ଚାଷ କରିବାକୁ ଲକ୍ଷ୍ୟ ରହିଛି। ଯୁବପିଢ଼ି ଚାକିରି ପଛରେ ଗୋଡ଼ାଉଥିବା ବେଳେ, ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ କୃଷିକୁ ଆପଣାଇ ଆତ୍ମନିର୍ଭରଶୀଳ ହେବାର ଏହି ବାର୍ତ୍ତା ସମାଜ ପାଇଁ ଏକ ବଡ଼ ଉଦାହରଣ।

## ଭୁବନରେ ପୁଣି ସୀମା ଟପିଲା ବର୍ବରତା

# ମାନସିକ ଅନଗ୍ରସରଙ୍କୁ ବହ୍ଲାରେ ନିସ୍ତୁକ ମାଡ଼

**ଭାଙ୍ଗିଲା ଗୋଡ଼, ଫାଟିଲା ମୁଣ୍ଡ**

**ଢେଙ୍କାନାଳ, ୨୪।୫(ସମିସ):** ମାନବିକତା ମରିଗଲାଣି। ମଣିଷ ସବୁ ଅମଣିଷ ହେଲେଣି। ପୁଲିସ ଉପରେ ଭରସା ନାହିଁ। ୪୫ ଡିଗ୍ରୀ ତାପମାତ୍ରରେ ଜଣେ ଦିବ୍ୟାଙ୍ଗଙ୍କୁ କରାଯାଇଛି ବହ୍ଲା ପ୍ରହାର। ଭୁବନ ଏନ୍‌ଏସି ୱାର୍ଡ ନମ୍ବର ୨ ଭୁବନ ନୂଆ ବଜାର ବସଷ୍ଟାଣ୍ଡଠାରୁ ୧୦୦ ମିଟର ଦୂରରେ ଥିବା ଅନୁସୂଚିତ ଜାତି ବସ୍ତିର ଦିବ୍ୟାଙ୍ଗ ହେଉଛନ୍ତି ଭୀମ ମଳିକ। ତାଙ୍କ ପଡ଼ୋଶୀ ଖଣ୍ଡେ ଜାଗା ପାଇଁ ୬ ମାସ ପୂର୍ବରୁ ଘର ପୋଡ଼ି ଦେଇଥିଲେ। ଫଳରେ ପୁରୁଣା ଥାନା ପରିସରରେ ଏକ ଭଙ୍ଗା ଘରେ ପଡ଼ି ପଡ଼ି ୨ ମାସ ପୂର୍ବେ ଭୀମଙ୍କ ମୃତ୍ୟୁ ହୋଇଛି। ତାଙ୍କ ସାନ ପୁଅ ମଧ୍ୟ ମାସକ ପୂର୍ବେ ଭୂଷଳରେ ପୋଖରୀ କୂଳରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ଆଉ ଘରେ କେବଳ ଭୀମଙ୍କ ଦିବ୍ୟାଙ୍ଗ ବଡ଼ ପୁଅ। ପୁରୁଣା ଥାନା ପରିସରରେ ଥିବା ଆହାର କେନ୍ଦ୍ର ହିଁ ବଞ୍ଚିବାର ଭରସା। ତେବେ ପଡ଼ୋଶୀଙ୍କ ଘର ନିଶା, ଯେତେ ଶୀଘ୍ର ଭୀମଙ୍କ ବଡ଼ ପୁଅ ଅଜୟ ମଳିକଙ୍କ ମୃତ୍ୟୁ ହେବ ସେତେ ଶୀଘ୍ର ଜାଗା ଖଣ୍ଡିକ ହାତେଇବେ। ତେଣୁ ଖରା ସମୟରେ ବହ୍ଲାରେ ତାଙ୍କୁ ନିସ୍ତୁକ ମାଡ଼ ମରାଯାଇଛି। ଏଥିରେ ତାଙ୍କ ଗୋଡ଼ ଭାଙ୍ଗିଥିବା ବେଳେ ମୁଣ୍ଡ ମଧ୍ୟ ଫାଟିଚି। ୩ ଦିନ ବିତିଗଲାଣି କିନ୍ତୁ ପୁଲିସ ଅଭିଯୋଗ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। କେହି ଆଟେଣ୍ଡାଣ୍ଟ ନ ଥିବାରୁ ଭୁବନ ଡାକ୍ତରଖାନା ବେଡ୍‌ରେ ପଡ଼ିରହିଛନ୍ତି ଅଜୟ।

# ବେଆଇନ ପଥର ଖଣି ଓ ଖଣିଜ ଚୋରା ଚାଲାଣ ଅଭିଯୋଗ

**ଗଁଦିଆ, ୨୪।୫(ସମିସ):** ଢେଙ୍କାନାଳ ଜିଲ୍ଲାର ନିହଲପ୍ରସାଦ ଥାନା ଅଞ୍ଚଳର ରାଇଗୋଡ଼ା ବେଆଇନ ପଥର ଖଣି ଅଞ୍ଚଳରେ ଚାଲୁଥିବା ଅବୈଧ ଖଣିଜ ଉତ୍ତୋଳନ ଓ ଚୋରାଚାଲାଣ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଥାନା ଆଇଆଇସି ଧୀରେନ୍ଦ୍ର କୁମାର ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ୨୨ ତାରିଖ ରାତି ପ୍ରାୟ ୧୨ଟା ୨୦ରେ ପୁଲିସ ଟିମ୍ ରାତ୍ରିକାଳୀନ ପାଟ୍ରୋଲିଂ ପାଇଁ ରାଇଗୋଡ଼ା, ନିତ୍ୟାନନ୍ଦପୁର, ଚଢ଼କାମରା ଓ ଦଶମାଣପାଟଣା ଅଞ୍ଚଳକୁ ଯାଇଥିଲେ। ରାତି ପ୍ରାୟ ୧ଟା ସମୟରେ ମିଳିଥିବା ଗୁପ୍ତ ସୂଚନା ଓ ସ୍ଥାନୀୟ ତଦନ୍ତରୁ ଜଣାପଡ଼ିଥିଲା ଯେ ଏକ ସଂଗଠିତ ହୋଇ ବେଆଇନ ଭାବେ ଖଣିଜ ସମ୍ପଦ ଲୁଟ୍ କରୁଥିବା ଏତଲାରେ ଦର୍ଶାଯାଇଛି। ଅଭିଯୋଗରେ ଚଢ଼କାମରା ଗ୍ରାମର ମଦନ ବାରିକ, ନିତ୍ୟାନନ୍ଦପୁରର ଦିଲ୍ଲୀପ ବାରିକ ଓ ନିହାଲପ୍ରସାଦର ବିକାଶ ଜେନାଙ୍କ ସମେତ ବହୁ ବ୍ୟକ୍ତିଙ୍କ ନାମରେ ଏତଲା ହୋଇଛି। ସେମାନେ ଅନ୍ୟ ସହଯୋଗୀମାନଙ୍କ ସହ ମିଶି ଏକ୍ସକାଭେଟର, ଟ୍ରାକ୍ଟର, ଟିପ୍ପର ଓ ଟ୍ରକ୍ ବ୍ୟବହାର କରି ରାଇଗୋଡା ଅଞ୍ଚଳରୁ ପଥର, ମୋରମ, ଲାଟେରାଇଟ୍ ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ବେଆଇନ ଭାବେ ଉତୋଳନ, ଗଚ୍ଛିତ ଓ ପରିବହନ କରୁଥିବା ଅଭିଯୋଗ ହୋଇଛି।

ପୁଲିସ କହିଛି ଯେ ଅଭିଯୁକ୍ତମାନଙ୍କ ପାଖରେ କୌଣସି ବୈଧ ଲିଜ୍, ପରମିଟ୍, ଲାଇସେନ୍ସ କିମ୍ବା ଟ୍ରାନ୍ଜିଟ୍ ପାସ୍ ନଥିବା ସତ୍ତ୍ୱେ ସେମାନେ ସରକାରୀ ଖଣିଜ ସମ୍ପଦ ଲୁଟ୍ କରି ବିପୁଳ ଆର୍ଥିକ ଲାଭ ହାସଲ କରୁଥିଲେ। ଏହା ଫଳରେ ସରକାରୀ ରାଜସ୍ୱ କ୍ଷତି ସହ ପରିବେଶ ଉପରେ ମଧ୍ୟ ଖରାପ ପ୍ରଭାବ ପଡୁଥିବା ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ନିହାଲପ୍ରସାଦ ଥାନାର ଏସଆଇ ଅନୁରାଗ ମଲ୍ଲିକଙ୍କୁ ଦିଆଯାଇଛି। ପୁଲିସ ପକ୍ଷରୁ ଚଢ଼ଉ ଜାରି ରହିଥିବା ବେଳେ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ମଧ୍ୟ ଚିହ୍ନଟ କରାଯାଉଛି।

# ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ



**ହିନ୍ଦୋଳ / ଖଜୁରିଆକଟା, ୨୪।୫(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାବନ୍ଧ ମୀନକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ତମ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବରିଷ୍ଠ ବିଜେଡି ବିଧାୟକ ବ୍ରଜକିଶୋର ପ୍ରଧାନ ଓ ମୁଖ୍ୟବକ୍ତା ଭାବରେ ବରିଷ୍ଠ ବିଜେଡିନେତା ପୂର୍ବତନ ସାଂସଦ ତଥା ବିଧାୟକ ମହେଶ ସାହୁ ଯୋଗଦେଇ ଏହି ସ୍କୁଲର ୫୦ବର୍ଷର ସଫଳଯାତ୍ରା ଏବଂ ଶିକ୍ଷାପାଇଁ କିପରି ଦେଶସମାଜ ଗଠନ ହୁଏ ଉଭୟ ଅତିଥି ଉଦବୋଧନ ଦେବାସହ ବିଦ୍ୟାଳୟର ଉତୋରତର ଉର୍ନ୍ନତି କାମନା କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ବରିଷ୍ଠ ବିଜେଡି ନେତା ପୂର୍ବତନ ବିଧାୟକ ସୁଧୀର ସାମଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ହିନ୍ଦୋଳ ବ୍ଲକଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ଓଡାପଡ଼ା ପିଏସ ମହାବିଦ୍ୟାଳୟ ଅଧ୍ୟାପକ ଡ଼ଃ ଦିନାନାଥ ଦାସ, କୁଟୁଣିଆ ସମିତିସଭ୍ୟ ହେମନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ସର୍ବବୃହତ ପୁରାତନ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଅବସରରେ ସ୍କୁଲର ପରିଚାଳନା, ଶିକ୍ଷିକ ପରିବେଶ, ଶିକ୍ଷାଦାନଙ୍କୁ ଅତିଥିମାନେ ଭୂୟସୀ ପ୍ରଶଂସା କରିବାସହ ବିଦ୍ୟାଳୟ କିପରି ଶିକ୍ଷା କ୍ଷେତ୍ରରେ ଆଗକୁ ଦେଶ ସମାଜର ଗଠନ ପ୍ରମୁଖ ଭୂମିକା ନେବ ସେଥିପାଇଁ ପ୍ରେରଣା ଦେଇଥିଲେ।ତେବେ ସମଗ୍ର ଉତ୍ସବରେ ବହୁପୁରାତନ ଛାତ୍ର, ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ଏବଂ ଅଭିଭାବକ ମାନେ ଯୋଗଦେଇଥିଲେ। ଉଦଯାପନୀ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାସହ ବିଭିନ୍ନ ଶିକ୍ଷଣୀୟ ଷ୍ଟଲ ସବୁ ପ୍ରସ୍ତୁତ ହୋଇଥିଲା ଯାହାକି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଶିକ୍ଷାତ୍ମକ ଗୁଣକୁ ସୂଚାଇ ଦେଇଥିଲା।

# ୨୦୦୮ ରୁ ୨୦୧୮ ଅନୁଦାନ ନିମିତ୍ତ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଢେଙ୍କାନାଳ, ୨୪।୫(ସମିସ):** ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଜିଲ୍ଲା ଶାଖା ପକ୍ଷରୁ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅନୁଦାନ ସମ୍ପର୍କିତ ଅଭିଯାନ ଆରମ୍ଭ ହୋଇଛି। ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ସରକାରୀ ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ମହବିଦ୍ୟାଳୟରେ ୨୦୦୮ ଜୁନ ୧ରୁ ୨୦୧୮ ଜୁନ ୧ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଆଜିପର୍ଯ୍ୟନ୍ତ ଅନୁଦାନ ପରିସରଭୁକ୍ତ କରାଯାଇନାହିଁ। ଏହି ନ୍ୟାଯ୍ୟ ଦାବି ପାଇଁ ପୂର୍ବରୁ ସଙ୍ଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଏବଂ ଅନଶନ ଭଳି ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଥିଲା। ସଙ୍ଘ ସୂଚନା ମୁତାବକ ଗତ ୨୦୨୫ ଅକ୍ଟୋବର ୧୫ରେ ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବାବୁ



ସିଂ, ଆଶ୍ରୀତ ପଟ୍ଟନାୟକ ଏବଂ ବିଭାଗୀୟ ସଚିବଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ଏଥିରେ ନୂତନ ଅନୁଦାନ ନୀତି ପ୍ରଣୟନ ପାଇଁ ପ୍ରତିଶ୍ରୁତି ମିଳିଥିଲା। ପରେ ମୁଖ୍ୟମନ୍ତ୍ରୀ, ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଅଶୋକ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଉକ୍ତ କମିଟି ସହ ଆଲୋଚନା ଶେଷ ହେବାର ୪ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ନ ମିଳିବାରୁ କର୍ମଚାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନୂତନ ଅନୁଦାନ ନୀତି ତୁରନ୍ତ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ସୁପାରିସ ପତ୍ର ପଠାଇବା ପାଇଁ ସଙ୍ଘ ମନ୍ତ୍ରୀଙ୍କୁ ଅନୁରୋଧ କରିଛି। ଦାବିପତ୍ର ପ୍ରଦାନ ବେଳେ ସଙ୍ଘର ଜିଲ୍ଲା ଶାଖାର ବିଭିନ୍ନ ବ୍ଲକର ଖଣ୍ଡ ସଂଯୋଜକ ଦିଲୀପ କୁମାର ପଣ୍ଡା, ଆଶିଷ କୁମାର ପଣ୍ଡା, ସୁଧାଂଶୁ ଶେଖର ଓଝା, ସୁନୀଲ କୁମାର ଦାସଙ୍କ ସମେତ ବହୁ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ଅଭିଯୁକ୍ତ ଗିରଫ

**ଢେଙ୍କାନାଳ, ୨୪।୫(ସମିସ):** ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି। ଘଟଣାର ଦୀର୍ଘ ଏକ ମାସ ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କୋର୍ଟ ଚାଲାଣ କରିଛି। ଭାପୁର ଅଞ୍ଚଳର ସୁକୁଟା ନାଏକ ଗତ ଏପ୍ରିଲ ୨୭ ତାରିଖ ସ୍ଥାନୀୟ ଅଞ୍ଚଳର ଜଣେ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ କରିଥିବା ସଦର ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୁକୁଟା ପଥରରେ ଆକ୍ରମଣ କରି ପୀଡ଼ିତାଙ୍କ ମୁହଁରେ ଗୁରୁତର ଆଘାତ ସୃଷ୍ଟି କରିଥିଲା। ପୁଲିସ ତଦନ୍ତରୁ ବିଭିନ୍ନ ପ୍ରମାଣ, ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଓ ଅନ୍ୟ ତଥ୍ୟ ସଂଗ୍ରହ କରିଥିଲା। ପୁଲିସ ଭାପୁର ଅଞ୍ଚଳରେ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରିବା ସହ ବ୍ୟବହୃତ ପଥର ଜବତ କରିଛି। ଏ ନେଇ ଏସପି ଅଭିନବ ସୋନକର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ବୀଜ ବିନିମୟ ମେଳା ସମ୍ପର୍କିତ ପ୍ରସ୍ତୁତି ବୈଠକ



**ଢେଙ୍କାନାଳ, ୨୪।୫(ସମିସ):** ଜଙ୍ଗଲ ପରିବେଶ ସୁରକ୍ଷା ମଞ୍ଚ ପକ୍ଷରୁ ବୀଜ ବିନିମୟ ମେଳା ସମ୍ପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ହିନ୍ଦୋଳ ବ୍ଲକ ରଞ୍ଜାଗୋଳ ପଞ୍ଚାୟତ ଭବନରେ ଅନୁଷ୍ଠିତ ବୈଠକରେ ମଞ୍ଚ ସଭାପତି ତ୍ରିନାଥ ବେହେରା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ରଞ୍ଜାଗୋଳ ସରପଞ୍ଚ ରମେଶ ଚନ୍ଦ୍ର ବିଶ୍ୱାଳ, ଅଖିଳ ଭାରତୀୟ ଗଣ୍ଡୱାନା ଗୋଣ୍ଡ ସମାଜର ସାଧାରଣ ସମ୍ପାଦକ ଅମରେନ୍ଦ୍ର ସିଂହ, କଳାଙ୍ଗ ପରିବେଶ ସୁରକ୍ଷା ମଞ୍ଚ ସଭାପତି ଅନ୍ତର୍ଯ୍ୟାମୀ ସାମଲ, ଲକ୍ଷ୍ମୀନାରାୟଣ କ୍ଲବ, ମାନପୁରର ସଭାପତି ପ୍ରଦୀପ କୁମାର ବେହେରା, ଏଫଇଏସ ଢେଙ୍କାନାଳର କର୍ମୀ ଜଗନ୍ନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ସୂର୍ଯ୍ୟନାରାୟଣ ସିଂହ ବିବରଣୀ ପାଠ କରିଥିଲେ। ଏହି ବୈଠକରେ ଉପସ୍ଥିତ ଫେଡ଼ରେସନ ମାନଙ୍କର ପ୍ରତିନିଧିମାନେ ନିଜ ନିଜ ସଂଗଠନର କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନ କରିଥିଲେ। ଆସନ୍ତା ବିଶ୍ୱ ପରିବେଶ ଦିବସ ପାଳନ ଉପରେ ଆଲୋଚନା କରି ସର୍ବସମ୍ମତି କ୍ରମେ ରଞ୍ଜାଗୋଳ ସ୍ଥିତ ଧୁନିଘର ମଠ ବାଙ୍କଟବିହାରୀ ମନ୍ଦିରଠାରେ ବିଶ୍ୱ ପରିବେଶ ଦିବସ ପାଳନ ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଛି। ଚଳିତ ବର୍ଷ ବୀଜ ବିନିମୟ ମେଳାର ଆୟୋଜନ ସଂକ୍ରାନ୍ତିୟ ଚର୍ଚ୍ଚା ଆଲୋଚନା କରାଯାଇଥିଲା। ବିରଳ ଜଙ୍ଗଲି ଓ ପାରମ୍ପରିକ ମଞ୍ଜି ବିନିମୟ ନିମନ୍ତେ ହେବାକୁ ଥିବା ମେଳାର ବିଭିନ୍ନ ଦିଗ, ଲକ୍ଷ୍ୟ ଓ ଆବଶ୍ୟକତା ଉପରେ ଆଲୋଚନା କରାଯାଇ ଏହାକୁ ସଫଳ କରିବା ନିମନ୍ତେ ଏକ କମିଟି ଗଠନ କରାଯାଇଛି। ବିଜୟ କୁମାର ଜେନା ମଞ୍ଚ ପରିଚାଳନା କରିଥିବାବେଳେ ବିମଳ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

# ଅଞ୍ଚଳ ପାଇଁ ଗର୍ବ ଆଣିଲେ ଶୁଭଲକ୍ଷ୍ମୀ

**ଗଁଦିଆ, ୨୪।୫(ସମିସ):** ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳାଫଳ ପ୍ରକାଶ ହୋଇସାରିଛି। ଏହି ପରିପ୍ରେକ୍ଷୀରେ ଗଁଦିଆ ବ୍ଲକ ଅନ୍ତର୍ଗତ ମଠତେନ୍ତୁଳିଆ ଗ୍ରାମର ପ୍ରଶନ୍ନ ଖିଲାରଙ୍କ ପୁଅ ପାର୍ଥସାରଥୀ ଖିଲାର ୬୦୦ରୁ ୫୯୮ ନମ୍ବର ଅର୍ଥାତ୍ ୯୯.୬୬ ପ୍ରତିଶତ ନମ୍ବର ରଖି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଉକ୍ତ ବ୍ଲକର ନିହଲପ୍ରସାଦ ଗ୍ରାମର ପ୍ରଦୀପ କୁମାର କର ଓ ସଂଘମିତ୍ରା କରଙ୍କ କନ୍ୟା ତଥା ହରିଶଙ୍କର କର ଓ ବିଷ୍ଣୁପ୍ରିୟା କରଙ୍କ



ନାତୁଣୀ ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ କର ୬୦୦ରୁ ୫୯୫ ନମ୍ବର ଅର୍ଥାତ୍ ୯୯.୧୬ ପ୍ରତିଶତ ନମ୍ବର ରଖି ଅଞ୍ଚଳ ପାଇଁ ଆଣିଛନ୍ତି ଗର୍ବ। ଶୁଭଲକ୍ଷ୍ମୀ ନିଜ ଗ୍ରାମ ନିହଲପ୍ରସାଦ ଉଚ୍ଚ ବିଦ୍ୟାଳୟରୁ ଦଶମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ପରବର୍ତ୍ତୀ ସମୟରେ ଯାଜପୁର ଜିଲ୍ଲାସ୍ଥିତ ପ୍ରୟାସ ନାମକ ଏକ ବେସରକାରୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗରେ ଅଧ୍ୟୟନ କରିଥିଲେ। ପାଠପଢ଼ା ସହ ସେ ବିଭିନ୍ନ ସମୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଛନ୍ତି। ଏହି ସଫଳତା ପାଇଁ ଶୁଭଲକ୍ଷ୍ମୀ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ, ପିତାମାତା ଓ ଗୁରୁଜନମାନଙ୍କୁ ଶ୍ରେୟ ଦେଇଛନ୍ତି। ଶୁଭଲକ୍ଷ୍ମୀଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ପ୍ରସଂଶାର ସୁଅ ଛୁଟୁଛି।

# ଅଂଶୁଘାତରେ ୨ ଜଣଙ୍କ ମୃତ୍ୟୁ ଅଭିଯୋଗ

**କାମାକ୍ଷାନଗର, ୨୪।୫(ସମିସ):** କଙ୍କଡ଼ାହାଡ଼ ଥାନା ଅଞ୍ଚଳରେ ଆଜି ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଅଂଶୁଘାତରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ବାଟଗାଁର ଶ୍ରୀକାନ୍ତ ପ୍ରଧାନ (୨୫) ଓ ବନ୍ଦାଣିଆର ଜୁନେଇ ବିରୁଆ (୭୦)। ଶ୍ରୀକାନ୍ତ କାମ କରି ଘରକୁ ଫେରିବା ପରେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ମେଡିକାଲ ଆଣିଥିଲେ। ତେବେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଜୁନେଇ ଗାଁ ନିକଟ ପୋଖରୀକୁ ଗାଧୋଇବାକୁ ଯାଇ ଘରକୁ ଫେରୁଥିବା ବେଳେ ବାଟରେ ପଡ଼ିଯାଇଥିଲେ। ତାଙ୍କୁ ପ୍ରଥମେ ବିରାଶାଳ ଓ ପରେ କାମାକ୍ଷାନଗର ମେଡିକାଲ ଅଣାଯାଇଥିଲା। ଏଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ଅଂଶୁଘାତ ଯୋଗୁଁ ଉଭୟଙ୍କ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପୁଲିସ ତଦନ୍ତ ଆରମ୍ଭ କରିଛି।

# ଅଂଶୁଘାତରୁ ରକ୍ଷା ସମ୍ପର୍କରେ ସଚେତନତା

**ଗଁଦିଆ, ୨୪।୫(ସମିସ):** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଖରାକୁ ଦୃଷ୍ଟିରେ ରଖି ରାସ୍ତାରେ ଯାଉଥିବା ପଥଚାରୀମାନଙ୍କ ତୃଷା ନିବାରଣ ପାଇଁ ଆଗେଇ ଆସିଛନ୍ତି ଗଁଦିଆ କାବରାସ୍ଥିତ ବ୍ରଜନାଥ ବଡ଼ଜେନା ଯୁବକ ସଙ୍ଘ। ସଙ୍ଘର ସଦସ୍ୟମାନଙ୍କ ମିଳିତ ପ୍ରୟାସରେ ଚଳିତ ବର୍ଷର ଷଷ୍ଠ ଜଳଛତ୍ର କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସମାଜସେବା କାର୍ଯ୍ୟକ୍ରମରେ ଗଁଦିଆ ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଷ୍ଟେସନ ଅଫିସର ଦିଲ୍ଲୀପ କୁମାର ଦାସ ମୁଖ୍ୟଅତିଥି ଏବଂ ଅଗ୍ନିଶମ କର୍ମଚାରୀ ଦେବଦତ୍ତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ଦାସ ଉପସ୍ଥିତ ଲୋକଙ୍କୁ ଅଂଶୁଘାତରୁ ବର୍ତ୍ତିବାର ବିଭିନ୍ନ ଉପାୟ ସମ୍ପର୍କରେ ସଚେତନ କରିବା ସହ ଯୁବଗୋଷ୍ଠୀଙ୍କ ଏହି



ମହତ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ସଙ୍ଘର ସଦସ୍ୟ ମନୋଜ କୁମାର ମହାନ୍ତି, ବିଶ୍ୱଜିତ ମହାନ୍ତି, ଜ୍ଞାନରଞ୍ଜନ ରାଉତ, ଅମ୍ବିକା ପ୍ରସାଦ ମିଶ୍ର, ଜୟଦୀପ ଭଞ୍ଜ, ପ୍ରଳୟ ଭଞ୍ଜ, ତ୍ରିଲୋଚନ ନାୟକ ପ୍ରମୁଖ ଉପସ୍ଥିତ ରହି ଶୋଷିଲା ପାନ୍ଥଙ୍କୁ ଜଳଦାନ କରିଥିଲେ। ଲୋକଙ୍କ ସୁବିଧା ପାଇଁ ଆଗକୁ ପ୍ରତି ଶନିବାର ଏହି ଜଳଛତ୍ର ଚାଲୁ ରହିବ ବୋଲି ସଙ୍ଘର ସଭାପତି ମନୋଜ କୁମାର ସେଠି ଓ ଉପଦେଷ୍ଟା ଇଂ ପ୍ରଦୀପ କୁମାର ନାୟକ ସୂଚନା ଦେଇଛନ୍ତି।

# ଢେଙ୍କାନାଳ କଲେଜର ୩ ସ୍ୱେଚ୍ଛାସେବୀଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ

**ଢେଙ୍କାନାଳ, ୨୪।୫(ସମିସ)**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୩ ଜଣ ସ୍ୱେଚ୍ଛାସେବୀ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ-୨୦୨୬ ଲାଭ କରି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଜାତୀୟ ସେବା ଯୋଜନା ପକ୍ଷରୁ ସ୍ନାତକ ଦ୍ୱିତୀୟ ବର୍ଷର ଛାତ୍ରୀ ଶୁଭମ ସୁପ୍ରିୟା ପଣ୍ଡା ଓ ସ୍ନାତକୋତର ଦ୍ୱିତୀୟ ବର୍ଷର ଛାତ୍ରୀ ଲକ୍ଷ୍ମୀପ୍ରିୟା କୋଦମାସିଂ ସମ୍ମାନିତ ହୋଇଥିବାବେଳେ, ଯୁବ ରେଡ୍ କ୍ରସ ପକ୍ଷରୁ ବାଣିଜ୍ୟ ବିଭାଗର ସ୍ନାତକ ଦ୍ୱିତୀୟ ବର୍ଷର ଛାତ୍ର ବିଶ୍ୱରଞ୍ଜନ ସାହୁ ଏହି ସମ୍ମାନ ହାସଲ କରିଛନ୍ତି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୫ତମ ତିରୋଧାନ ଦିବସ ଅବସରରେ ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡି ସେଂଟ୍‌ର, ଭୁବନେଶ୍ୱର ପକ୍ଷରୁ ଜୟଦେବ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହରେ ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସମାଜସେବା, ରକ୍ତଦାନ ସଚେତନତା, ପରିବେଶ ସୁରକ୍ଷା, ସ୍ୱଚ୍ଛତା ଅଭିଯାନ ଓ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ତିନିଜଣ ସ୍ୱେଚ୍ଛାସେବୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଜାତୀୟ ସେବା ଯୋଜନା ଓ ଯୁବ ରେଡ୍ କ୍ରସର ବିଭିନ୍ନ ଶିବିର ଓ ସାମାଜିକ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଇ ସେମାନେ ନିଜ ପ୍ରତିଭା ଓ ନେତୃତ୍ୱର ପରିଚୟ ଦେଇଆସୁଛନ୍ତି। ଏହି ସମାରୋହରେ ରାଜୀବ ଗାନ୍ଧୀ ଛାତ୍ର ଫୋରମ୍‌ର ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ସଂଯୋଜନା କରିଥିବାବେଳେ ଜଷ୍ଟିସ୍ ଡିପି ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ଡ. ପବିତ୍ର ମୋହନ ସାମନ୍ତରାୟ, ରାଜ୍ୟ କଂଗ୍ରେସ ଗଣମାଧ୍ୟମ ସେଲ୍‌ଫ ଅଧ୍ୟକ୍ଷ ଅରବିନ୍ଦ ଦାସ, ଫକିର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ. କୁମରବର ଦାସ ଏବଂ ପୂର୍ବତନ ବିଧାୟକ ସୁରେଶ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଫଳତା ମହାବିଦ୍ୟାଳୟର ସ୍ୱେଚ୍ଛାସେବା କ୍ଷେତ୍ରରେ ଉତ୍କର୍ଷତାର ପ୍ରତିଫଳନ ବୋଲି ଅଧ୍ୟକ୍ଷ, ଏନଏସଏସ୍ କାର୍ଯ୍ୟକ୍ରମ ଅଧିକାରୀ, ୱାଇଆରସି କାଉନସେଲର ଓ ଅଧ୍ୟାପକମାନେ ମତ ପ୍ରକାଶ କରିଛନ୍ତି। ସେମାନେ ପୁରସ୍କୃତ ସ୍ୱେଚ୍ଛାସେବୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ମଧ୍ୟ ସମାଜସେବା କ୍ଷେତ୍ରରେ ଅଧିକ ସଫଳତା କାମନା କରିଛନ୍ତି। ଏହି ଉପଲବ୍ଧିକୁ ନେଇ ମହାବିଦ୍ୟାଳୟ ପରିବାର ମଧ୍ୟରେ ଆନନ୍ଦ ଓ ଉତ୍ସାହର ପରିବେଶ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନଏସଏସ୍ ଓ ୱାଇଆରସି ୟୁନିଟ୍ ଜିଲ୍ଲାସ୍ତରରେ ରକ୍ତଦାନ ଶିବିର, ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ସଚେତନତା, ବିପର୍ଯ୍ୟୟ ସମୟରେ ସହାୟତା ଏବଂ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟରେ ନିରନ୍ତର ଭାବେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି। ଏହି ସମ୍ମାନ ମହାବିଦ୍ୟାଳୟର ସମାଜସେବା ପ୍ରତି ନିଷ୍ଠା ଓ ସ୍ୱେଚ୍ଛାସେବୀମାନଙ୍କ ଉତ୍ସର୍ଗୀକୃତ କାର୍ଯ୍ୟର ଏକ ସ୍ୱୀକୃତି ବୋଲି ମତ ପ୍ରକାଶ ପାଇଛି।



## ସୋସିଆଲ୍ ମିଡ଼ିଆରେ ଅପରାଧୀଙ୍କ ଭାଇଗିରି

# ଭିଡିଓ କଲ୍‌ରେ ବନ୍ଧୁକରେ ଗୁଳିଭର୍ତ୍ତି କୌଶଳ ଶିଖିଲେ ଅପରାଧୀ

ବ୍ରହ୍ମପୁର,୨୪।୫(ସମିସ)

ଭିଡିଓ କଲରେ ବନ୍ଧୁକ ଦେଖିବା ସହ ସେଥିରେ କିଭଳି ଗୁଳି ଭର୍ତ୍ତି କରାଯାଏ ତାହା ଶିଖିଲେ ସହରର ରାଜା ନାମକ ଜଣେ ଅପରାଧୀ। ଏପରିକି ଗୁଳି ଭର୍ତ୍ତି ବନ୍ଧୁକ କିଭଳି ଚାଳନା କରାଯାଏ ତାହା ମଧ୍ୟ ଭିଡ଼ିଓ କଲ ମାଧ୍ୟମରେ ଦେଖିଲେ। ରାଜାଙ୍କ ଜଣେ ପରିଚିତ ବନ୍ଧୁ ତାଙ୍କୁ ଏସମସ୍ତ କାର୍ଯ୍ୟ ଶିଖାଇବା ସହ ବନ୍ଧୁକର ଫଟୋ ରାଜାଙ୍କ ନିକଟକୁ ପଠାଇଥିଲେ। ପରେ ଆଜି ସକାଳେ ରାଜା ନିଜର ଫେସବୁକ ଆଇଡିରେ ଯୁଦ୍ଧ ପାଇଁ ପ୍ରସ୍ତୁତ ବା

### ଯୁଦ୍ଧ ପାଇଁ ପ୍ରସ୍ତୁତ ଲେଖି ଷ୍ଟାଟସ୍ ରଖିଲେ ରାଜା

(ରେଡ଼ି ଟୁ ୱାର) ବୋଲି ଉଲ୍ଲେଖ କରିଥିବା ଦେଖିବାକୁ ମିଳିଥିଲା। ଏଭଳି ଷ୍ଟାଟସ୍ ଦେଖିବା ପରେ କିଛି ସମର୍ଥକ ତାଙ୍କୁ ଉତ୍ସାହିତ କରିଥିବା ବେଳେ ଆଉକିଛି ଜଣ ଭୟଭୀତ ହୋଇଥିବା ଜଣାପଡ଼ିଛି। ତେବେ ରାଜାଙ୍କ ସହ କାହାର ଶତ୍ରୁତା ରହିଛି ତାହା ସ୍ପଷ୍ଟ ଜଣା ପଡିନଥିଲେ ହେଁ ବନ୍ଧୁକରେ ଗୁଳି ଭର୍ତ୍ତି କରାଯାଉଥିବା ଭିଡ଼ିଓ ଷ୍ଟାଟସ୍ ଦେଖି ଲୋକେ ଆତଙ୍କିତ ହୋଇଛନ୍ତି।

ଅନ୍ୟପକ୍ଷରେ ଆଇନଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ଓ ଅପରାଧିକ କାର୍ଯ୍ୟକଳାପକୁ ଦମନ କରିବା ପାଇଁ ବ୍ରହ୍ମପୁର ପୁଲିସ ପକ୍ଷରୁ ଆରମ୍ଭ ହୋଇଥିଲା ସ୍ପେଶାଲ ଡ୍ରାଇଭ ଖୋଜ୍। ଆଉ ଏହି ସ୍ପେଶାଲ ଡ୍ରାଇଭରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଥିବା ବଡ଼ବଜାର, ସଦର, ନିମଖଣ୍ଡି ଓ ଦିଗପହଣ୍ଡି, ଗୋଷାଣୀନୁଆଗାଁ ଓ ବୈଦ୍ୟନାଥପୁର ଆଦି ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩୦ରୁ ଅଧିକ ଅପରାଧିଙ୍କୁ ଗିରଫ କରିବାରେ ସଫଳ ହେବା




ସହ ସେମାନଙ୍କ ଠାରୁ ୧୭ରୁ ଉର୍ଦ୍ଧ୍ୱ ପିସ୍ତଲ ସହ ୫୦ରୁ ଅଧିକ ଗୁଳି, ବୋମା ଓ ଖଣ୍ଡା ଆଦି ଜବତ କରିଥିଲା। ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଅପରାଧୀମାନେ ତେଲୁଗୁ ଫିଲ୍ମ ଷ୍ଟାଇଲରେ ହାତରେ ଖଣ୍ଡା ଓ ବନ୍ଧୁକ ଧରି ରାତିରେ ବିଚ ରାସ୍ତାରେ ବୁଲୁଛନ୍ତି।

ସେପଟେ କିଛି ଯୁବକ ଖଣ୍ଡା ଧରିଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବେଳେ ଅନ୍ୟପକ୍ଷରେ ରକି ଭାଇ ନାମକ ଜଣେ ଯୁବକ ଇନ୍‌ଷ୍ଟାଗ୍ରାମରେ ବନ୍ଧୁକ ଧରି ଫଟୋ ପୋଷ୍ଟ କରିଥିବା ନେଇ ସୋସିଆଲ ମିଡ଼ିଆରୁ ଜଣାପଡ଼ିବା ପରେ ଏବେ ବ୍ରହ୍ମପୁର ପୁଲିସ ରକି ଭାଇକୁ ଧରିବାକୁ ଉଦ୍ୟମ ଚଳାଇଛି। ସେପଟେ ଏକାଧିକ ଯୁବକ ଓ ନାବାଳକ ମିଶି ରିଲ୍ସ ପାଇଁ ଭିଡିଓ ସୁଟ କରିବା ସହ ମସ୍ତି କରୁଛନ୍ତି। ପୁଲିସ ପାଟ୍ରୋଲିଂକୁ ଖୋଲା ଚାଲେଞ୍ଜ ଦେଇ ସୋସିଆଲ ମିଡିଆରେ ମାତିଛନ୍ତି ଅପରାଧୀ। ଖୁଲମଖୁଲା ବନ୍ଧୁକ, ଧାରୁଆଅସ୍ତ୍ର ଧରି ରାଜରାସ୍ତାରେ ମସଗୁଲ ହୋଇ ପୁଲିସକୁ ଖୁଲମଖୁଲା ଚାଲେଞ୍ଜ ଦେଇ ଚାଲିଛନ୍ତି। ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ଏବେ ଯୁବକମାନେ ରିଲ୍ସ ପାଇଁ କାହାକୁ ଗାଳି କରୁଛନ୍ତି ତ କାହାକୁ ଧମକ ଦେଉଛନ୍ତି। ରିଲ୍ସ ଜରିଆରେ କିଛି ଜେଲ ଫେରନ୍ତାଙ୍କୁ ମଧ୍ୟ ଗାଳିଗୁଲଜ କରୁଥିବା ଭିଡ଼ିଓ ଇନଷ୍ଟାରେ ଉପଲୋଡ଼ ହୋଇଥିବା ଦେଖିବାକୁ ମିଳୁଛି। ତେବେ ଏମାନେ ସହରର ଅପରାଧୀ ଓ ନେତାଙ୍କ ଛତ୍ରଛାୟା ତଳେ ରହି ଏଭଳି କରୁଥିବା ଜଣାପଡିଛି। ପୁଲିସର ଖବରୀ ପାଲଟିଛନ୍ତି ନୂଆ ଓ ପୁରୁଣା ଅପରାଧୀ। ନୂଆ ଓ ପୁରୁଣା ଅପରାଧୀଙ୍କୁ ପୁଲିସ ପୃଥକ ପୃଥକ ପଚରାଉଚର କରି କିଛି ତଥ୍ୟ ସଂଗ୍ରହ କରିଛି। ବ୍ରହ୍ମପୁର ସମେତ ପୁରା ଗଞ୍ଜାମ ଜିଲ୍ଲାରେ ଏବେ ଅପରାଧୀ ଗୋଷ୍ଠୀର ସଦସ୍ୟମାନେ 'ବାପ୍ ତୋ ବାପ୍ ରେହେଗା' ଗୀତରେ ରିଲ୍ସ କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରୁଥିବା ନଜିର ରହିଛି। ଗୋଟିଏ ଗୋଷ୍ଠୀର ଯୁବକମାନେ ଏହି ଗୀତରେ ନିଜ ବସ ବା ଭାଇଙ୍କ ସହ ଫଟୋ ରଖି ପୋଷ୍ଟ କରିବା ବେଳେ ଅନ୍ୟ ଗୋଷ୍ଠୀର କିଛି ଯୁବକ ସେହି ଗୀତରେ ପୋଷ୍ଟ ହୋଇଥିବା କମେଣ୍ଟ ବକ୍ସରେ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳୁଛି। ମୋଟାମୋଟି ଭାବେ କହିବାକୁ ଗଲେ ଏବେ ଯୁବଗୋଷ୍ଠୀଙ୍କ ଟ୍ରେଣ୍ଡ ଗୀତ ପାଲଟିଛି 'ବାପ୍ ତୋ ବାପ୍ ରେହେଗା'। ଯାହାକୁ ନେଇ କିଛି ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ନିକଟ ଅତିତରେ ଝଗଡ଼ା ମଧ୍ୟ ହୋଇଥିଲା। ଏପରିକି ସୋସିଆଲ ରୋଷ୍ଟିଙ୍ଗ ଗୀତକୁ ନେଇ ହଣାମରା ମଧ୍ୟ ହୋଇଥିବା ନଜିର ରହିଛି। ଏସବୁକୁ ଦେଖି ପୁଲିସ ପ୍ରଶାସନ ଆଗୁଆ ସତର୍କ ଓ ସଜାଗ ହୋଇ ଅପରାଧୀ ଗୋଷ୍ଠୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସାଧାରଣରେ ଦାବି ହୋଇଛି।

## ପ୍ରଧାନମନ୍ତ୍ରୀଙ୍କ ଅପିଲ୍ ଓ ବିଭାଗୀୟ ନିର୍ଦ୍ଦେଶକୁ ଫୁ'

# ବଡ଼ବାବୁଙ୍କ ପୁଅଙ୍କ ସେବାରେ ସରକାରୀ ଗାଡ଼ି



ବ୍ରହ୍ମପୁର,୨୪।୫(ସମିସ): ଦେଶରେ ପେଟ୍ରୋଲ ଓ ଡିଜେଲ ବ୍ୟବହାର କମାଇବାକୁ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ଓ ସଚେତନତା ଜାରି ରହିଛି। ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସରକାରୀ ସ୍ତରରେ ମଧ୍ୟ ଏହାର ପ୍ରଚାର କରାଯାଉଛି। କିନ୍ତୁ ଜଣେ ସରକାରୀ ବାବୁ କୌଣସି ସରକାରୀ କାର୍ଯ୍ୟରେ ଗାଡ଼ିକୁ ବ୍ୟବହାର କରିବା ପରିବର୍ତ୍ତେ ଉକ୍ତ ଗାଡ଼ିକୁ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଇନ୍ଧନ ବ୍ୟୟ ହ୍ରାସ ପାଇଁ ସରକାରୀ ଗାଡ଼ିର ବ୍ୟବହାରରେ ମଧ୍ୟ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। କିନ୍ତୁ ବ୍ରହ୍ମପୁରରେ ରହିଥିବା ଜଳସେଚନ ବିଭାଗର କାର୍ଯ୍ୟରେ ବ୍ୟବହୃତ ହେଉଥିବା ଏକ ସରକାରୀ ଗାଡ଼ିକୁ ଜଣେ ବରିଷ୍ଠ ସରକାରୀ ଅଧିକାରୀଙ୍କ ପୁଅଙ୍କୁ ଘରୁ ଷ୍ଟାଡିୟମ୍ ଏବଂ ଷ୍ଟାଡିୟମ୍ ଠାରୁ ଘରକୁ ନେବା ଆଣିବାରେ ବ୍ୟବହାର କରାଯାଉଥିବା ନେଇ ଅଭିଯୋଗ ହୋଇଛି। ରବିବାର ଏକ ସରକାରୀ ଗାଡ଼ି(ନମ୍ବର-ଓଡ଼ି୦୨ଡ଼ିଏଫ-୮୭୫୨)ରେ ପ୍ରାୟ ୧୪ବର୍ଷର ଜଣେ ବାଳକ ନିଜ କ୍ରିକେଟ୍ କିଟ୍ ସହ ଆସି ବ୍ରହ୍ମପୁର ସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମରେ ଓହ୍ଲାଇଥିଲା। ସରକାରୀ କାର୍ଯ୍ୟରେ ବ୍ୟବହାର ନିମନ୍ତେ ଉକ୍ତ ଗାଡ଼ି ଉଦ୍ଦିଷ୍ଟ ରହିଥିବା ବେଳେ ଏହାକୁ ସରକାରୀ ବାବୁ ଜଣଙ୍କ ନିଜ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ବିଭାଗ କିମ୍ବା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀ ଦୃଷ୍ଟି ଦେବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ଦହି ବଣ୍ଟନ



ବ୍ରହ୍ମପୁର,୨୪।୫(ସମିସ): ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଟାଟାବେଞ୍ଜି ଛକରେ ଦହି ବଣ୍ଟନ କରାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହର ଆଶୁ ପ୍ରତିକାର ପାଇଁ ସଚେତନତା କରାଯାଇଥିଲା। ସଭାପତି ଧିରେନ ମହାରଣାଙ୍କ ସଂଯୋଜନା ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରମୋଦ ମହାରଣା, ଜିଲ୍ଲା ଉପଦେଷ୍ଟା ଶୁଭ୍ରାଂଶୁ ମହାରଣା, ସୁବାଷ ମହାରଣା, ଜିଲ୍ଲା କୋଷାଧ୍ୟକ୍ଷ ମହେଶ ଚନ୍ଦ୍ର ମହାରଣା, ଲକ୍ଷ୍ମୀ ନାରାୟଣ ମହାରଣା, ବିଶ୍ୱଦେବ , ପ୍ରଶାନ୍ତ ମହାରଣା, ରବୀନ୍ଦ୍ର ମହାରଣା, ଶ୍ରଦ୍ଧାଞ୍ଜଳୀ ପାଢ଼ୀ, ନିବେଦିତା ମହାରଣା, ନାରୀ ନେତ୍ରୀ ମମତା ବିଷୋୟୀ, ବାଳକୃଷ୍ଣ ସାମନ୍ତରାୟ, ଭୀଷ୍ମଚାର୍ଯ୍ୟ ଚୌଧୁରୀ, ସୁରେଶ ତ୍ରିପାଠୀ, ବିନୋଦ ଚୌଧୁରୀ ଓ ରବୀନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ।

## ବିଶ୍ୱ ତମାଖୁ ବର୍ଜନ ସପ୍ତାହ ଅବସରରେ ଅଭିଯାନ

# ଶୋଭାଯାତ୍ରା ଜରିଆରେ ଯୁବାବର୍ଗଙ୍କୁ ସାମିଲ ପ୍ରୟାସ

ବ୍ରହ୍ମପୁର,୨୪।୫(ସମିସ): ବିଶ୍ୱ ତମାଖୁ ବର୍ଜନ ସପ୍ତାହ ପାଳନ ଅବସରରେ ବରିଷ୍ଠ ଛାତିରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ନାରାୟଣ ମିଶ୍ରଙ୍କ ଉଦ୍ୟମରେ ତଥା ବିଭିନ୍ନ ସଙ୍ଗଠନର ସହଯୋଗରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ଏମଡିକାଲ କଲେଜ ଖେଳପଡିଆରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହାକୁ ଭାରତୀୟ ଚିକିତ୍ସକ ସଂଘ ବା (ଆଇଏମଏ)ର ସଭାପତି ପ୍ରଫେସର ଡାକ୍ତର ନାଗେଶ୍ୱର ରାଓ ସୁବୁଦ୍ଧି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଆଇଏମଏ ରୋଟାରୀ କ୍ଲବ, ଏନ୍‌ସିସିପି, ଆଇସିଏସ୍, ଫିଜିକାଲ ଏକାଡେମୀ, ମହିଳା ମାରୱାଡି ସଂଘ ଓ ଦକ୍ଷିଣ ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଟିମ କ୍ଲିନ ସିଟି ବ୍ରହ୍ମପୁର ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଯୁବପିଢ଼ି ସାମିଲ ହୋଇ ଶୋଭାଯାତ୍ରା ଜରିଆରେ ଲୋକଙ୍କୁ



ସଚେତନତାର ବାର୍ତ୍ତା ଦେଇଥିଲେ। ପୃଥିବିରେ ପ୍ରତିବର୍ଷ ୮ ନିୟୁତରୁ ଉର୍ଦ୍ଧ୍ୱ ଲୋକ ତମାଖୁ ଜନିତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଥିବା ବେଳେ ଭାରତରେ ଏହି ସଂଖ୍ୟା ୧.୩୫ ନିୟୁତ। ତମାଖୁ ବ୍ୟବହାର ଯୋଗୁଁ ଶରୀରର ଯେକୌଣସି ସ୍ଥାନରେ କର୍କଟ ରୋଗ ସହିତ ଫୁସଫୁସ ଜନିତ ସିଓପିଡି, ହୃଦରୋଗ, ରକ୍ତଚାପ ବୃଦ୍ଧି, ବ୍ରେନ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ହେବା ସହିତ ପରିବେଶ ମଧ୍ୟ ଦୂଷିତ ହେଉଛି ବୋଲି ପ୍ରଫେସର ଡାକ୍ତର ନାରାୟଣ ମିଶ୍ର ସୂଚନା ଦେଇଥିଲେ। ତମାଖୁ ସେବନ ଏକ ଅଭ୍ୟାସ ଜନିତ ବ୍ୟାଧି। ଏହାକୁ ସ୍ୱତନ୍ତ୍ର ଡି-ଆଡିକ୍ସନ କେନ୍ଦ୍ର ଏବଂ ବିଶେଷଜ୍ଞଙ୍କ ପରାମର୍ଶ ନେଇ ସମ୍ପୂର୍ଣ୍ଣ ତ୍ୟାଗ କରିବା ଉଚିତ। ଆଗାମୀ ୭ଦିନ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସମାଜରେ ସଚେତନତା ସୃଷ୍ଟି କରାଯିବ ବୋଲି କୁହାଯାଇଛି।

# ବିଜୁ ପଟ୍ଟନାୟକ ସିନିଅର ସିଟିଜେନ୍ସ ଫୋରମ୍‌ର ବୈଠକ

ବ୍ରହ୍ମପୁର,୨୪।୫(ସମିସ): ସ୍ଥାନୀୟ ସନ୍ତୋଷୀ ମା' କଲ୍ୟାଣ ମଣ୍ଡପରେ ଗଞ୍ଜାମ ଜିଲ୍ଲା ବିଜୁ ପଟ୍ଟନାୟକ ସିନିଅର ସିଟିଜେନ୍ସ ଫୋରମର ମାସିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୋରମର ସଭାପତି ସୂର୍ଯ୍ୟକାନ୍ତ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଦାବି ସମ୍ପର୍କୀତ ଆଲୋଚନା କରାଯାଇଥିଲା। ବ୍ରହ୍ମପୁର ଠାରୁ ପୁରୀ ସକାଳୁ ଏକ ଟ୍ରେନ ଯାଇ ଦାବିକରାଯିବ ଭଳି ବିଭିନ୍ନ ଦାବି ସମ୍ପର୍କରେ ଆଲୋଚାନ କରିଥିଲେ। ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ସ୍ୱାଗତ ଭାଷଣ ସହ ଗତ ମାସ ବୈଠକ ଓ ଆର୍ଥିକ ବିବରଣୀ ପାଠ କରିଥିଲେ। ଫୋରମର ଜଣେ ବରିଷ୍ଠ ସଦସ୍ୟଙ୍କ ଅକାଳ ବିୟୋଗରେ ଦିବଂଗତ ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ୨ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଉପଦେଷ୍ଟା ଇଂ.




ସନ୍ଧ୍ୟାରେ ଫେରିବା ଦାବି ହୋଇଥିବା ବେଳେ ଏନେଇ ଖୋର୍ଦ୍ଧା ରୋଡ ସ୍ଥିତ ଡ଼ିଆରଏମଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତି କରାଯାଇଥିଲା। ପୁଲିସ ସୁରକ୍ଷା ପରିଚୟ ପତ୍ର ପ୍ରଦାନ, ବଡ଼ ମେଡିକାଲ ଓ ସିଟି ହସ୍ପିଟାଲରେ ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଦେଇ ଚିକିତ୍ସା ପ୍ରଦାନ ନିମନ୍ତେ ଆଲୋଚନା କରାଯିବ। ସମସ୍ତ ବ୍ୟାଙ୍କ ଗୁଡିକରେ ବରିଷ୍ଠ ନାଗରିକମାନଙ୍କୁ ସ୍ୱତନ୍ତ୍ର କାଉଣ୍ଟର କରି ସେବା ପ୍ରଦାନ ନିମନ୍ତେ କାଶୀ ବିଶ୍ୱନାଥ ଚୌଧୁରୀ ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଏସ ମହେଶ୍ୱର ପୃଷ୍ଟି, ନୂତନ କୋଷାଧକ୍ଷ ଶରତ କୁମାର ପାତ୍ର, ସମ୍ପାଦକ ଭୀଷ୍ମଚାର୍ଯ୍ୟ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ମହାରଣା, ଅଭିଯୋଗ ପ୍ରକୋଷ୍ଟ ଅଧକ୍ଷ ବି. ପ୍ରସନ କୁମାର ପୃଷ୍ଟି, ଡି. ଆପା ରାଓ, ଦେବରାଜ କୋଠିଆ, ବି. ବେଣୁଗୋପାଳ ପାତ୍ର, କେ. ସୁନ୍ଦର ରାଓ, ଭାସ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଭିଜେ ଇନ୍‌ଫୋର ପ୍ରତିଷ୍ଠା ଉତ୍ସବ

ବ୍ରହ୍ମପୁର,୨୪।୫(ସମିସ): ଭିଜେ ଇନଫୋର ୨୮ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସହାୟକ ପଞ୍ଜୀକର ଡ଼. ସରୋଜ କୁମାର ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ଼. ଅତୁଲ୍ୟ କୁମାର ପଟ୍ଟନାୟକ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତି ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ରୀ ଭାବେ ରିଆ ସାହୁ, ଶ୍ରେଷ୍ଠ ସହଯୋଗୀ ଛାତ୍ରୀ ଭାବେ ସିଭାଙ୍ଗିନୀ ପ୍ରଧାନ ଓ ଶତ ପ୍ରତିଶତ ଉପସ୍ଥାପନା ପାଇଁ ସୋନାଲିକା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସହ-ନିର୍ଦ୍ଦେଶିକା ଡ଼. ଶୋଭନା ସାହୁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶିକା ସରିତା ସାହୁ ସମସ୍ତ କର୍ଯ୍ୟକର୍ତ୍ତାଙ୍କୁ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଣିକ ସଂଘର ସଭ୍ୟ ନିଲେଶ ପାତ୍ର, ସୁଶୀଲ କୁମାର ଦାସ, ପଦ୍ମନାଭ ସାହୁ, ସନ୍ତୋଷ ମହାରଣା, ଆକାଶ ମହାରଣା, ଆଦିତ୍ୟ ରଞ୍ଜନ ପଟ୍ଟନାୟକ, ପର୍ଶୁରାମ ଗ୍ରୁପ୍ ଅଫ୍ କମ୍ପାନୀର ଉପଦେଷ୍ଟା ସୂର୍ଯ୍ୟନାରାୟଣ ସାହୁ, ଦିବ୍ୟେଶ ସାହୁ, ଦୀପିକା ବେହେରା, କବିତା ସେଠୀ ଓ ଶିଖା ସ୍ୱାଇଁ ଉପସ୍ଥିତ ଥିଲେ।




# 'ଭିଡ ହିଂସା, କେତେ ଯଥାର୍ଥ' ଆଲୋଚନାଚକ୍ର



ବ୍ରହ୍ମପୁର,୨୪।୫(ସମିସ): ସ୍ଥାନୀୟ ସଂକଳ୍ପ ବିଦ୍ୟାଳୟଠାରେ ମାନବବାଦୀ ହେତୁବାଦୀ ସଂଗଠନର ଗଞ୍ଜାମ ଜିଲ୍ଲା ଶାଖା ଆନୁକୂଲ୍ୟରେ 'ଭିଡ ହିଂସା, କେତେ ଯଥାର୍ଥ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଇ. ଟି. ରାଓ ସଭାପତିତ୍ୱ କରିଥିଲେ। ସମ୍ପାଦକ କେ.ନନ୍ଦେଶୁ ସେନାପତି ଭିଡ ହିଂସା ଉପରେ ସଂକ୍ଷେପରେ ଆଲୋକପାତ କରିଥିଲେ। ଭିଡ ହିଂସା ଆକସ୍ମିକ ଭାବେ ଓ ପ୍ରାୟୋଜିତ ଭାବେ ଘଟିଥାଏ। ମୁଖ୍ୟତଃ ଏହା ଜାତି, ଧର୍ମ, ଲିଙ୍ଗ, ଗୁଣି ଗାରିଡି ଓ ଗୁଜବ ଯୋଗୁଁ ସୃଷ୍ଟି ହୋଇଥାଏ। ଏଭଳି ଅମାନବୀୟ ଓ ବେଆଇନ ହତ୍ୟା ଦେଶ ପାଇଁ ବିପଜ୍ଜନକ ଅଟେ। ଭିଡ଼ ହିଂସା ସମାଜରେ ବିଭେଦ ଓ ଅରାଜକତା ସୃଷ୍ଟି କରୁଛି ଏବଂ ଏହାକୁ ଶେଷ କରିବା ପାଇଁ ପୁଲିସର କଡ଼ା ହସ୍ତକ୍ଷେପ ହେବା ଆବଶ୍ୟକ ବୋଲି କୁହାଯାଇଥିଲା। ଆଲୋଚନାଚକ୍ରରେ ଭାଲଚନ୍ଦ୍ର ଷଡଙ୍ଗୀ, ସୋମନାଥ ବେହେରା, ଡ. ବିଧୁପ୍ରଭା ରଥ, ଶଙ୍କର ସାହୁ, କିଶନ ସାହୁ, ସୁନେଜ କୁମାର ପାଣିଗ୍ରାହୀ, ଅବନୀ ଗୟା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାୟୋଜିତ ଭିଡ ହିଂସାରେ ବିବେକ ଅପେକ୍ଷା ଧାର୍ମିକ ସାମ୍ପ୍ରଦାୟିକତା କାର୍ଯ୍ୟ କରୁଛି। ଅନ୍ୟମାନଙ୍କ ମଧ୍ୟରେ ଦେବରାଜ ପଣିଗ୍ରାହୀ, ପ୍ରତାପ ଚନ୍ଦ୍ର ପ୍ରଧାନ, ହାକିମ ଖାଁ, ଗାୟତ୍ରୀ ପଣିଗ୍ରାହୀ, ଦେବଦର୍ଶିନୀ, କିଶନ କୁମାର ସାହୁ, ସନ୍ତୋଷ କୁମାର ମିଶ୍ର, ଗଣପତି ବେହେରା, ଲୋକନାଥ ବେହେରା, ବୃନ୍ଦବନ ଖଟେଇ ଭାଗ ନେଇଥିଲେ। ଶେଷରେ ସଂଗଠନର ବରିଷ୍ଠ ସଦସ୍ୟ ଡି. ମୋହନ ରାଓ ଧନ୍ୟବାଦ ଦେଇଥିଲେ।

## ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ

# ବାହାର ସୁନ୍ଦର, ଭିତର ଫମ୍ପା

- ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାର ଶୀକାର ଏକମାତ୍ର କନଷ୍ଟିଚ୍ୟୁଏଣ୍ଟ ମହାବିଦ୍ୟାଳୟ
- ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ଅଛନ୍ତି ମାତ୍ର ଜଣେ ରେଗୁଲାର ଓ ୪ ଅତିଥି ଅଧ୍ୟାପକ
- ନିଯୁକ୍ତି ପାଇଁ ବିଶ୍ୱବିଦ୍ୟାଳୟକୁ ଚିଠି ଲେଖି ନୟାନ୍ତ ଅଧ୍ୟକ୍ଷ; ଖୋଲିନି ଇଣ୍ଟିଗ୍ରେଟେଡ ଆଇନ ପାଠ୍ୟକ୍ରମ

ବ୍ରହ୍ମପୁର,୨୪।୫(ସମିସ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏକମାତ୍ର କନଷ୍ଟିଚୁଏଣ୍ଟ ମହାବିଦ୍ୟାଳୟ ହେଉଛି ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ। ୧୦୭୯ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ମହାବିଦ୍ୟାଳୟ ୨୦୧୯-୨୦ମସିହାରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିଲା। ଦିନ ଥିଲା ଏଠାରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ମୋଟ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ କାର୍ଯ୍ୟ କରୁଥିଲେ। ହେଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାର ଶୀକାର ହୋଇଛି ଏହି ଗୌରବମୟ ଶିକ୍ଷାନୁଷ୍ଠାନ। ୨୫ଜଣ କର୍ମଚାରୀଙ୍କ ସ୍ଥାନରେ ଅଛନ୍ତି ମାତ୍ର ୯ଜଣ। ସେଥିମଧ୍ୟରୁ ଜଣେ ଅଧ୍ୟକ୍ଷ, ଜଣେ ଅଧ୍ୟାପକ, ଜଣେ ପିଅନ, ଜଣେ ସଫେଇ କର୍ମଚାରୀ ଓ ଜଣେ କିରାଣୀଙ୍କ ସମେତ ୪ଜଣ ଅତିଥି ଅଧ୍ୟାପକ। ହେଲେ ଏଠାରେ ୩ବର୍ଷିଆ ଆଇନ ଡିଗ୍ରୀ ପାଠ୍ୟକ୍ରମରେ ପ୍ରତିବର୍ଷ ୧୬୦ଜଣ ହିସାବରେ ମୋଟ ୪୮୦ ଏବଂ ଦୁଇ ବର୍ଷିଆ ସ୍ନାତକୋତ୍ତର ଆଇନ ପାଠ୍ୟକ୍ରମ (ସେଲ୍ଫ ଫାଇନାନ୍ସ)ରେ ପ୍ରତି ବର୍ଷରେ ୧୬ଜଣ ଲେଖାଏଁ ୩୨ଜଣ ଏହିଭଳି ମୋଟ ୫୧୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପାଇଁ ଅଧ୍ୟକ୍ଷଙ୍କୁ ମିଶାଇ ଅଛନ୍ତି ମାତ୍ର ୬ଜଣ ଅଧ୍ୟାପକ। ୨୦୧୮ ମସିହାରୁ ଶିକ୍ଷାନୁଷ୍ଠାନରେ ଜଣଙ୍କୁ ବି ନିୟମିତ ନିଯୁକ୍ତି ଦିଆଯାଇନାହିଁ। ଫଳରେ ଜଣକ ପରେ ଜଣେ ଅବସର ଗ୍ରହଣ କରିବା ସହିତ ଖାଲି ହେବାରେ ଲାଗିଛି ଶିକ୍ଷାନୁଷ୍ଠାନ। ଯଦ୍ୱାରା ବାହାରକୁ ସୁନ୍ଦର ଦିଶୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ଭିତରକୁ ସମ୍ପୂର୍ଣ୍ଣ ଫମ୍ପା ଥିବା ଜଣାପଡିଛି। ଏଠାରେ ଥିବା ଜଣେ ଖେଳ ଶିକ୍ଷକଙ୍କୁ ବିଶ୍ୱବିଦ୍ୟାଳୟକୁ ଡେପୁଟେସନରେ ନିଆଯାଇଛି। ଏଠାରେ ବିରାଟ ଗ୍ରନ୍ଥାଗାର ଥିବା ବେଳେ ତାହାର ଦାୟିତ୍ୱରେ କେହି ଲାଇବ୍ରେରିଆନ ମଧ୍ୟ ନାହାନ୍ତି। ଶିକ୍ଷାନୁଷ୍ଠାନ ପାଇଁ ଅଧ୍ୟକ୍ଷଙ୍କ ସମେତ ଜଣେ ପ୍ରଫେସର, ଜଣେ ରିଡର, ୩ଜଣ ଅଧ୍ୟାପକ, ଜଣେ ସେକ୍ସନ ଅଫିସର, ବରିଷ୍ଠ କିରାଣି ୪ଜଣ, ୨ଜଣ କନିଷ୍ଠ କିରାଣି ଓ ଦୁଇଜଣ ପିଅନଙ୍କ ସମେତ ରାତ୍ରୀ ଜଗୁଆଳି ଆଦି ୨୫ଜଣ କର୍ମଚାରୀଙ୍କ ପଦବୀ ସରକାରଙ୍କ ଦ୍ୱାରା ଅନୁମୋଦିତ ଥିବା ଜଣାପଡିଛି।

୨୦୨୨ରୁ ୨୦୨୪ମସିହା ମଧ୍ୟରେ ଏଠାରୁ ସ୍ନାତକୋତ୍ତର ଆଇନ ବା ଏଲଏଲଏମ ପାଠ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବନ୍ଦ କରି ଦେଇଥିଲେ। ବର୍ତ୍ତମାନ ଅଧ୍ୟକ୍ଷଙ୍କ ଉଦ୍ୟମ କ୍ରମେ ପୁଣିଥରେ ଏହି ପିଜି ପାଠ୍ୟକ୍ରମ ଆରମ୍ଭ କରାଯାଇଥିବା ଜଣାପଡିଛି। ସବୁଠାରୁ ବଡକଥା ହେଲା ଆଇନ ମହାବିଦ୍ୟାଳୟ ପାଇଁ ଆବଶ୍ୟକ 'ଇଣ୍ଡିଆନ ବାର କାଉନସିଲ'ର ଅନୁମୋଦନ ଗତ ୨୦୨୧ମସିହା ପରଠାରୁ ନଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏପରିକି ଫିଜିକାଲ ଭେରିଫିକେସନ ପାଇଁ ମଧ୍ୟ ଗତ ୭ବର୍ଷ ଧରି କେହି ଏଠାକୁ ଆସିନଥିବା ସୂଚନା ମିଳିଛି। ଏଥିପାଇଁ ଯଦି କୌଣସି ଟିମ ଆସିଯିବେ ତେବେ ଏଠାକାର କର୍ମଚାରୀଙ୍କ ସ୍ଥିତିକୁ ଦେଖି ଅନୁମୋଦନ ମିଳିବା ତ ଦୂରର କଥା ଏହାକୁ ତୁରନ୍ତ ବନ୍ଦ କରିବାକୁ କହିବେ। ସେହିଭଳି ସରକାରୀ ଶିକ୍ଷାନୁଷ୍ଠାନ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଏଠାରେ ଯୁକ୍ତ ଦୁଇ ଶ୍ରେଣୀ ପରେ ୫ବର୍ଷିଆ ଇଣ୍ଟିଗ୍ରେଟେଡ ଆଇନ ପାଠ୍ୟକ୍ରମ ଆରମ୍ଭ ହୋଇପାରିନଥିବା ଚିନ୍ତା ଓ ପରିତାପର ବିଷୟ ହୋଇଛି। ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ଗତ ୨୦୧୧ମସିହାରୁ ନିୟମିତ ବା ସ୍ଥାୟୀ ଅଧ୍ୟକ୍ଷ ଭାବେ ପ୍ରଫେସର ଏନ.ସି. ପଟ୍ଟନାୟକ କଲେଜର ସ୍ଥିତିକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଶହ ଶହ ଚିଠି ଲେଖିଥିଲେ ହେଁ ଏଥିପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆଦୌ ଗୁରୁତ୍ୱ ଦେଇନଥିବା କହିଛନ୍ତି ନିଜେ ଅଧ୍ୟକ୍ଷ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚମର ଅବହେଳାର ଶୀକାର ଏହି ଏକମାତ୍ର କନଷ୍ଟିଚ୍ୟୁଏଣ୍ଟ ଶିକ୍ଷାନୁଷ୍ଠାନ ଦିନକୁ ଦିନ ଅଧୋଗତି ଆଡକୁ ଆସି ଏଭଳି ଦୟନିୟ ସ୍ଥିତିରେ ପହଞ୍ଚିଛି। ଏଥିପାଇଁ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବାକୁ ପଛାଇ ନାହାନ୍ତି। ତେବେ ନିକଟରେ ଅଧ୍ୟାପକଙ୍କ ନିଯୁକ୍ତ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ଆଗାମୀ ଦିନରେ ସମସ୍ୟାର ସମାଧାନ ହୋଇ ସ୍ଥିତିରେ ସୁଧାର ଆସିବ ବୋଲି ଆଶା ରଖିଛନ୍ତି ଅଧ୍ୟକ୍ଷ ପ୍ରଫେସର ପଟ୍ଟନାୟକ।



ସକାଳ
THE SAKALA



www.sakalaepaper.com

### ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ

ପୁରୀ,୨୪।୫(ସମିସ)




ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ଅଧ୍ୟକ୍ଷ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ପୁରୀ ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ ଭାବେ ପରିଚିତ। ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟ ବିଶେଷକରି ବନ୍ୟା ଓ ବାତ୍ୟା ପାଇଁ ପ୍ରସ୍ତୁତ କରାଯାଇଥିବା ଯୋଜନା ଅନୁସାରେ ସବୁ ବିଭାଗ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ଜଳସେଚନ ଡିଭିଜନ, ଡ୍ରେନେଜ ଡିଭିଜନ କ୍ଷେତ୍ର ପରିଦର୍ଶନ ସହ ସମସ୍ତ କାର୍ଯ୍ୟକୁ ଅନୁଧ୍ୟାନ କରିବା, ଦୁର୍ବଳ ନଦୀବନ୍ଧ ଚିହ୍ନଟ କରି ସମୀକ୍ଷା ଓ ମରାମତି କରିବା, ଲୋକ ପ୍ରତିନିଧିମାନଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ତାହାର ରିପୋର୍ଟ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ ନଦୀବନ୍ଧ ସୁଦୃଢ଼ କରିବା ସହ ବିପର୍ଯ୍ୟୟ ମୁକାବିଲା ପାଇଁ ବିବିଧ ମତାମତ ପ୍ରଦାନ କରିଥିଲେ। ବିପର୍ଯ୍ୟୟ ପୂର୍ବରୁ ଜନସାଧାରଣଙ୍କୁ ସତର୍କ ଓ ସଚେତନ କରିବା ସହ ସ୍ୱାସ୍ଥ୍ୟ, ପାନୀୟ ଜଳ, ପଶୁ ସମ୍ପଦ, କୃଷି ଇତ୍ୟାଦି ବିଭାଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଜିଲ୍ଲାରେ ଚଳିତ ବର୍ଷ ଜୁନ୍ ୧ରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଅହୋରାତ୍ର ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ହେବ। ବିଡିଓ, ତହସିଲ୍‌ଦାରମାନେ ଦୈନିକ ପରିସ୍ଥିତି ରିପୋର୍ଟ ପ୍ରଦାନ କରିବେ। ଜିଲ୍ଲାରେ ୨୯ଟି ଏସ୍‌ଆର୍‌ସି ବୋଟ୍ ରହିଛି। ଓସ୍‌ଡମା ପକ୍ଷରୁ ୧୭୦ଟି ଓ ରେଡ୍‌କ୍ରସ ପକ୍ଷରୁ

**ଜୁନ୍ ୧ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ହେବ**

୯ଟି ବାତ୍ୟା ଆଶ୍ରୟସ୍ଥଳ ରହିଛି। ସେହିପରି ୩୭୨ଟି ବିକଳ୍ପ ଆଶ୍ରୟସ୍ଥଳ ମଧ୍ୟ ରହିଛି। ଇତିମଧ୍ୟରେ ବୋଟ୍ ଚାଳକ ଓ ଖଲାସୀଙ୍କୁ ନିଯୁକ୍ତ କରାଯିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି, ଯେଉଁମାନେ କି ବନ୍ୟା ସମୟରେ ସହଯୋଗ କରିବେ। ସରକାର ଓ ଏସ୍‌ଆର୍‌ସି ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକାକୁ ସଠିକ୍ ଭାବେ ଅନୁପାଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳଗୁଡ଼ିକର ମରାମତି ଓ ବାସୋପଯୋଗୀ କରିବା, ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଚୁଡ଼ା, ଗୁଡ଼ ଇତ୍ୟାଦି ମହଜୁଦ ରଖିବା, ନିୟନ୍ତ୍ରଣ କକ୍ଷ ପରିଚାଳନା କରିବା, ଜନପ୍ରତିନିଧି ଓ ପଞ୍ଚାୟତ ପ୍ରତିନିଧି, ସ୍ୱେଚ୍ଛାସେବୀମାନଙ୍କ ସହ ଯୋଗାଯୋଗ ମାଧ୍ୟମରେ ଜରୁରୀ ସୂଚନା ପ୍ରଦାନ କରିବା, ଖାଦ୍ୟ, ଔଷଧ, ସାପ କାମୁଡ଼ା ଆଣ୍ଟିଭେନମ୍ ଔଷଧ ମହଜୁଦ ରଖିବା, ଗୋ-ଖାଦ୍ୟ ଇତ୍ୟାଦି ମହଜୁଦ ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ସାଂସଦ ଓ ବିଧାୟକଙ୍କ ପ୍ରତିନିଧି, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଅଧ୍ୟକ୍ଷା, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲ୍‌ଦାର ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା ଜରୁରୀ ବିଭାଗ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ। ଡିପିଓ ସୁକାନ୍ତ ଦାଶ ଓ ଅନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## କେନାଲ ଉନ୍ନତୀକରଣ କାର୍ଯ୍ୟ ନିମ୍ନମାନର; ତଦନ୍ତ ଦାବି

**ବଳଙ୍ଗା,୨୪।୫(ସମିସ):** ବଳଙ୍ଗା ଜଳ ସମ୍ପଦ ଉପଖଣ୍ଡ ଅଧୀନ ନୂଆଗାଁ କେନାଲର ଉନ୍ନତୀକରଣ କାର୍ଯ୍ୟ ଦୀର୍ଘ ୯ କିଲୋମିଟର ପାଇଁ ୨୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି କାର୍ଯ୍ୟ ମାଣ୍ଡିଆକୁଦଠାରୁ କେତକୀପାଟଣା ପର୍ଯ୍ୟନ୍ତ ହେବାକୁ ଥିବାବେଳେ କେନାଲ ଭିତରେ ମୋରମ୍ ପକାଯାଇ ତା' ଉପରେ ପାଣି ପକାଇ ରୋଲିଂ କରାଯାଇ ସିମେଣ୍ଟ, ବାଲି, ଗୋଡ଼ି ଢଳେଇ ପକାଯିବା କଥା। କିନ୍ତୁ ଠିକାଦାର କେବଳ ଶୁଖିଲା ମୋରମ୍ ପକାଇ ତା' ଉପରେ ଢଳେଇ ପକେଇବାବେଳେ କିଛି ସ୍ଥାନୀୟ ବ୍ୟକ୍ତି କାର୍ଯ୍ୟବନ୍ଦ କରିଥିଲେ। ବଳଙ୍ଗା ଜଳ ସମ୍ପଦ ବିଭାଗ ଉପଖଣ୍ଡ ଅଧିକାରୀ ଅଜୟ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟ ବନ୍ଦ କରିବା ସହ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ ତାଗିଦ୍ କରିଥିଲେ। ତେବେ ସବୁ ନିୟମକୁ ଉଲ୍ଲଘଂନ କରି ଠିକାଦାର ମନଇଚ୍ଛାରେ ଶୁଖିଲା ମୋରମ୍ ଉପରେ ଢଳେଇ କାର୍ଯ୍ୟ କରିବା ତାହା ପୁଣି ଅତ୍ୟନ୍ତ



ନିମ୍ନମାନର ଭାବେ କରୁଥିଲେ। ଯାହାଫଳରେ କାର୍ଯ୍ୟର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ଚାଷୀମାନଙ୍କ ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଖର୍ଚ୍ଚ ହେଉଥିବା କୋଟି କୋଟି ଟଙ୍କା ପାଣିରେ ପଡ଼ିବ ବୋଲି ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିଛନ୍ତି। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

### ଶାରଳା ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତପ୍ରତିଶତ ସଫଳତା

## ୧୦୫ ଜଣ ପ୍ରଥମ ଶ୍ରେଣୀରେ ପାସ୍

**କାକଟପୁର,୨୪।୫(ସମିସ):** ଚଳିତ ବର୍ଷ ପ୍ରକାଶିତ +୨ ବିଜ୍ଞାନ ପରୀକ୍ଷା ଫଳରେ କାକଟପୁର ବ୍ଲକ୍ ଅଧୀନସ୍ଥ "ଶାରଳା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ' ବିପୁଳ ସଫଳତା ହାସଲ କରି ସମଗ୍ର ପୁରୀ ଜିଲ୍ଲାରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଚଳିତ ପରୀକ୍ଷାରେ ଅନୁଷ୍ଠାନର ପାସ୍‌ହାର ଶତପ୍ରତିଶତ ରହିଥିବାବେଳେ ଏହା ସ୍ଥାନୀୟ ଅଞ୍ଚଳ ପାଇଁ ଗୌରବ ଆଣିଦେଇଛି। ମୋଟ୍ ୧୧୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ସେଥିରୁ ଜଣେ ଅନୁପସ୍ଥିତ ଥିଲେ। ପ୍ରଥମ ଶ୍ରେଣୀରେ ୧୦୫, ଦ୍ୱିତୀୟ ଶ୍ରେଣୀରେ ୬ ଜଣ ପାସ୍ କରିଛନ୍ତି। ଏହି ପରୀକ୍ଷାରେ ଜନ ପ୍ରକାଶ ମହାରଣା ସର୍ବାଧିକ ୫୭୩ ନମ୍ବର ରଖି କଲେଜ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ମହନ୍ତ ୫୭୨, ଅର୍ପିତା ପ୍ରିୟଦର୍ଶିନୀ ନାୟକ ୫୫୩, ଶୁଭାଶିଷ ନାୟକ ୫୪୨ ନମ୍ବର ରଖି ଶିକ୍ଷାନୁଷ୍ଠାନର ସୁନାମକୁ ଅକ୍ଷୁଣ୍ଣ ରଖିଛନ୍ତି। ବିଶେଷ କରି ଜନ ପ୍ରକାଶ ମହାରଣା ଏବଂ ଦେବାଶିଷ ମହନ୍ତି ସମଗ୍ର ପୁରୀ ଜିଲ୍ଲାର ଟପ୍ପର ତାଲିକାରେ ନିଜର ସ୍ଥାନ ସୁରକ୍ଷିତ କରିପାରିଛନ୍ତି। ଏହା ସହିତ କଲେଜର ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଅଧାରୁ ଅଧିକ ଛାତ୍ରଛାତ୍ରୀ ୭୫%ରୁ ଅଧିକ ନମ୍ବର ରଖି କଲେଜ ପାଇଁ ଏକ ଐତିହାସିକ ସଫଳତା ଆଣିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ଅଭୁତପୂର୍ବ ସଫଳତା ପାଇଁ ଅନୁଷ୍ଠାନର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଚିତ୍ତରଞ୍ଜନ ପରିଡ଼ାଙ୍କ ଉଦ୍ୟମ ଓ ମାର୍ଗଦର୍ଶନକୁ ସବୁଠି ପ୍ରଶଂସା କରାଯାଇଛି। ଏହି ଗୌରବମୟ ସଫଳତା ପାଇଁ ସମସ୍ତ କୃତୀ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ଅଞ୍ଚଳବାସୀ ଅଧ୍ୟକ୍ଷ ଓ ଶିକ୍ଷକ ମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମନ୍ଦିରରୁ ଚୋରିରେ ସମ୍ପୃକ୍ତ ୨ ଅଭିଯୁକ୍ତ ଗିରଫ

**ନିମାପଡ଼ା,୨୪।୫(ସମିସ):** ବିଭିନ୍ନ ମନ୍ଦିରରୁ ଚୋରି ଘଟଣାରେ ସମ୍ପୃକ୍ତ ଥିବା ୨ ଅଭିଯୁକ୍ତଙ୍କୁ ନିମାପଡ଼ା ପୁଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଥାନା ଅନ୍ତର୍ଗତ ଧଳେଶ୍ୱର ମହାଦେବଙ୍କ ମନ୍ଦିରରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିବା ସହ ବଳଙ୍ଗା ଥାନା ଅନ୍ତର୍ଗତ ବେରବୋଇର ଅନିଲ ମୁଦୁଲି (୩୦) ଓ ଯୁଧିଷ୍ଠୀର ଲେଙ୍କା (୩୪)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ମନ୍ଦିରରୁ ଚୋରୀ ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି। ରବିବାର ଉଭୟଙ୍କୁ ନିମାପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ନିମାପଡ଼ା,୨୪।୫(ସମିସ):** ନିମାପଡ଼ା-ପିପିଲି ରାସ୍ତାର ରଚିଲୋ ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ବରୁଣିଚକ ଗ୍ରାମର ନାରାୟଣ ମହାନ୍ତି(୩୦)। ସେ ନିଜ ବାଇକ୍‌ରେ ନିମାପଡ଼ା ଅଭିମୁଖେ ଯାଉଥିବା ସମୟରେ ଏକ ହାଇୱା ତାଙ୍କ ପଛପଟୁ ଧକ୍କା ଦେଇଥିବା ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳିଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ସେଠାରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସ୍ଥାନୀୟ ଲୋକମାନେ ରାସ୍ତାରୋକ କରିଥିଲେ। ଖବରପାଇ ସ୍ଥାନୀୟ ପୁଲିସ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ସହ ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚାଲୁରଖିଛି।

## ଗାଁ ଯୁବକଙ୍କ ଦ୍ୱାରା ଥଣ୍ଡା ସରବତ ବଣ୍ଟନ

**କୁଣ୍ଢେଇ,୨୪।୫(ସମିସ):** ପ୍ରବଳ ଖରାରେ ରାସ୍ତାରେ ଯାଉଥିବା ପଥିକମାନଙ୍କର ତୃଷ୍ଣା ନିବାରଣ ନିମନ୍ତେ ବାଘମୁଣ୍ଡା ଗ୍ରାମର ବାନାମ୍ବର ୟୁଥ୍ କ୍ଲବ୍‌ର ଯୁବକମାନଙ୍କ ଦ୍ୱାରା ନିଜ ଖର୍ଚ୍ଚରେ ଲୋକମାନଙ୍କୁ ଥଣ୍ଡା ସରବତ ବଣ୍ଟନ କରାଯାଇଛି। ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଲୋକମାନେ ପାଣି ମୁନ୍ଦେ ପିଇବାକୁ ପାଉ ନ ଥିବାବେଳେ କୁଣ୍ଢେଇ ବାଘମୁଣ୍ଡା ଦେଇ ଅସ୍ତରଙ୍ଗ ମୁଖ୍ୟ ରାସ୍ତାର ବାଘମୁଣ୍ଡା ଗ୍ରାମ ମଧ୍ୟରେ କ୍ଲବ୍ ସଭାପତି ମନୋଜ ବାରିକ, ସମ୍ପାଦକ ଶିବ ବେହେରାଙ୍କ ତତ୍ତ୍ୱାବଧାନରେ ମାଟି ବେହେରା, ଚିନ୍ମୟ ବାରିକ, ବଳିଆ ବେହେରା, କପିଳା ବେହେରା, ତପୁ ସାହୁ, ବିଜ୍ଞାନ ସ୍ୱାଇଁ, ଆଲୋକ ସାହୁ, ସମ୍ବିତ୍ ବେହେରା ପ୍ରମୁଖ ସଭ୍ୟମାନେ ମିଶି ନିଜ ଖର୍ଚ୍ଚରେ ରାସ୍ତାରେ ଯାଉଥିବା ଲୋକମାନଙ୍କୁ ପଣା ବାଣ୍ଟିଥିଲେ। ଯୁବକଗୋଷ୍ଠୀଙ୍କର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



## ସଂକୀର୍ତ୍ତନ ଗାୟକଙ୍କ ପରଲୋକ

**କଣାସ,୨୪।୫(ସମିସ):** କଣାସ ବ୍ଲକ୍ ଅଣ୍ଡାରସିଂହ ପଞ୍ଚାୟତ ପ୍ରତିଷ୍ଠିତ ସାରଥି ବିଶ୍ୱାଳ ବିଦ୍ୟାପୀଠର ପୂର୍ବତନ ସମ୍ପାଦକ ତଥା ସୁନାମଧନ୍ୟ ସଂକୀର୍ତ୍ତନ ଗାୟକ ପ୍ରଭାକର ବିଶ୍ୱାଳ (୮୪)ଙ୍କର ଶନିବାର ପରଲୋକ ହୋଇଯାଇଛି। ଶେଷଶଯ୍ୟା ନିକଟରେ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସାନ ଭାଇ ରମେଶ ଚନ୍ଦ୍ର ବିଶ୍ୱାଳ ବର୍ତ୍ତମାନର ସମ୍ପାଦକ ସର୍ବେଶ୍ୱର ବିଶ୍ୱାଳ ଅନ୍ୟ ସମସ୍ତ ଭାଇ, ଭାଇବୋହୂ, ପୁଅ, ବୋହୂ, ପୁତୁରା, ପୁତୁରାବୋହୂ, ନାତିନାତୁଣୀ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯିବା ସମୟରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥଲେ।

## ଭତ୍ତା ପାଇବାକୁ ଚାହିଁ ବସିଛନ୍ତି ସହଦେବ

**କୁଣ୍ଢେଇ,୨୪।୫(ସମିସ):** କାକଟପୁର ବ୍ଲକ୍ ଅନ୍ତର୍ଗତ କୁଣ୍ଢେଇ ପଞ୍ଚାୟତ କୃଷ୍ଣନଗର ପାଟଣାର ସହଦେବ ସାହୁ ୬ ବର୍ଷ ହେଲା ଭତ୍ତା ପାଇବାକୁ ଚାହିଁ ବସିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଅସହାୟ ବୃଦ୍ଧବୃଦ୍ଧାଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ତାହାର ସୁଫଳ ପାଇବାକୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତାହାର ଏକ ଉଦାହରଣ ଦେଖିବାକୁ ମିଳିଛି କୁଣ୍ଢେଇ ପଞ୍ଚାୟତ କୃଷ୍ଣନଗର ପାଟଣା ସହଦେବଙ୍କ କ୍ଷେତ୍ରରେ। ଯୁବାବସ୍ଥାରେ ସହଦେବ କାକଟପୁର ଅଞ୍ଚଳରେ ଥିବା ସାପ୍ତାହିକ ପାଲି ହାଟକୁ ଯାଇ ବରା, ପକୋଡ଼ି, ଆଳୁଚପ୍ ବିକ୍ରି କରି ପରିବାର ଚଳାଉଥିଲେ। ହେଲେ ବୟସର ଶେଷ ସମୟରେ ଏସବୁ କରି ଚଳିବା ସମ୍ଭବ ହେଉନାହିଁ। ତେଣୁ ସରକାରଙ୍କ ଭତ୍ତା ଯୋଜନାରେ ସାମିଲ୍ ହୋଇଥିଲେ କିଛି ମାତ୍ରାରେ ଦୁଃଖ ଦୂର ହୋଇପାରନ୍ତା। ଏପଟେ ୩/୪ ବର୍ଷ ହେଲା ଭତ୍ତା ପାଇଁ ଆବେଦନ କରିଥିଲେ ହେଁ ତାହା ମିଳୁନାହିଁ। କୁଣ୍ଢେଇ ସରପଞ୍ଚ, ସମିତିସଭ୍ୟଙ୍କ ନିକଟରେ ଗୁହାରି କରି ଥକିଗଲେଣି। ହେଲେ ଭତ୍ତା ମିଳୁନାହିଁ। ଏଣୁ ବ୍ଲକ୍ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେଇ ଶୀଘ୍ର କିପରି ସହଦେବ ସାହୁଙ୍କୁ ଭତ୍ତା ପ୍ରଦାନ କରାଯିବ ଦୃଷ୍ଟି ଦେବାପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।



## ନୀଳାଚଳ ସେବା ପ୍ରତିଷ୍ଠାନରେ ବିଶ୍ୱ ସିଜୋଫ୍ରେନିଆ ଦିବସ




**କଣାସ,୨୪।୫(ସମିସ):** କଣାସ ବ୍ଲକ୍ ଅନ୍ତର୍ଗତ ଦୟାବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନର ମାନସିକ ଅସୁସ୍ଥ ବିଭାଗ "କଲ୍ୟାଣୀ' ପ୍ରକଳ୍ପର ପୁରୁଷ ଓ ମହିଳା ଅନ୍ତେବାସୀମାନଙ୍କୁ ନେଇ ଏକ ସଚେତନତା ରାଲି କରାଯାଇଥିଲା। ଏଥିରେ ଲୋକମାନଙ୍କୁ ସିଜୋଫ୍ରେନିଆ ରୋଗର ଲକ୍ଷଣ ଏବଂ ନିରାକରଣର ବାର୍ତ୍ତା ଦିଆଯାଇଥିଲା। ଏହାପରେ ପ୍ରକଳ୍ପ ସଂଯୋଜକ କୃଷ୍ଣ ଚନ୍ଦ୍ର ନିଶଙ୍କଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଶ୍ରୀ ନିଶଙ୍କ ସିଜୋଫ୍ରେନିଆ ରୋଗ କ'ଣ ଏବଂ ଏହାର ନିରାକରଣ ଉପରେ ଉଦ୍‌ବୋଧନ ଦେଇଥିଲେ। ଉକ୍ତ ସଭାରେ ବିଭାଗର କର୍ମଚାରୀ ନିଜ ନିଜର ଅଭିଭାଷଣ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ତତ୍ତ୍ୱାବଧାରକ ନିଗମାନାନ୍ଦ ବାରିକ, ଶୁଭଲକ୍ଷ୍ମୀ ବଳିଆରସିଂହ, ତପନ ଦାସ, ମାନସତତ୍ତ୍ୱବିତ୍ ସାମାଜିକ କର୍ମୀ ନୟନ ମୁର୍ମୁ, ଚିକିତ୍ସା ମନୋବିଜ୍ଞାନୀ ମମତା ବାରିକ, ସୁଜାତା ବେହେରା, ସ୍ୱପ୍ନାଶ୍ରୀ ମହାନ୍ତି, ପାର୍ବତୀ ମଲ୍ଲିକ, ଅନ୍ନପୂର୍ଣ୍ଣା ମହାପାତ୍ର, ତୁଳସୀ ରାଣୀ ନାଥ, ଅଙ୍କିତା ପ୍ରିୟଦର୍ଶିନୀ ପ୍ରଧାନ, ଭାଗ୍ୟଶ୍ରୀ ମଙ୍ଗରାଜ, ଲିପି ପ୍ରଧାନ, ସୁନନ୍ଦା ପାଲଟାସିଂହ, ବିଷ୍ଣୁପ୍ରିୟା ମଙ୍ଗରାଜ, ନମିତା ସ୍ୱାଇଁ, ମାନସୀ ସେଠୀ, ସୋନାଲିକା ସାହୁ, କୁଳନନ୍ଦନ ଜେନା, ସର୍ବେଶ୍ୱର ରଣସିଂହ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଶେଷରେ ବିଭାଗର ତତ୍ତ୍ୱାବଧାରକ ନିଗମାନାନ୍ଦ ବାରିକ ଏବଂ ଶୁଭଲକ୍ଷ୍ମୀ ବଳିଆରସିଂହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ● ପୁଣି କଣାସ ଅଶାନ୍ତ; ଜମିଜମା ବିବାଦକୁ ନେଇ ବୁଲିଲା କଟୁରୀ

## ଜମିରେ ହଳ କରୁଥିବାବେଳେ ଗୋଷ୍ଠୀ ସଂଘର୍ଷ; ୩ ଆହତ

**କଣାସ,୨୪।୫(ସମିସ):** କଣାସ ଥାନା ଗଡ଼ସାହି ପଞ୍ଚାୟତ କଇଁରପୁର ଗ୍ରାମରେ ପୂର୍ବରୁ ୨ ପରିବାର ମଧ୍ୟରେ ଜମିଜମା ବିବାଦ ଲାଗିରହିଥିଲା। ରବିବାର ଗୋଟିଏ ପରିବାର ବିବାଦୀୟ ଜମିରେ ହଳ କରୁଥିବାବେଳେ ଅନ୍ୟ ପରିବାର ଏହାକୁ ବିରୋଧ କରିବାରୁ ଉଭୟ ପରିବାର ମଧ୍ୟରେ ପାଟିତୁଣ୍ଡ, ହାତାହାତି ହେବା ସହ ଠେଙ୍ଗା, କଟୁରୀ ବୁଲିଥିଲା। ଏଥିରେ ୩ ଜଣ ଆହତ ହୋଇଥିଲେ। ଆହତ ବ୍ୟକ୍ତିମାନେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବାବେଳେ ଶରତ ଚନ୍ଦ୍ର ବେହେରାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ଆଉ ଦୁଇ ଜଣ ବ୍ୟକ୍ତି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ଖବର ପାଇ କଣାସ ଥାନା ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହିତ ୨ ଜଣଙ୍କୁ ଆଣି ଥାନାରେ ଅଟକ ରଖି ପଚାରଉଚରା କରୁଛି। ବର୍ତ୍ତମାନ ସୁଦ୍ଧା ଉଭୟ ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ପୁଲିସ ପ୍ରକାଶ କରିଛି।





## ଉତ୍କର୍ଷ ନିମାପଡ଼ା ମାରାଥନ ଗଣଦୌଡ଼

**ନିମାପଡ଼ା,୨୪।୫(ସମିସ):** ଉତ୍କର୍ଷ ନିମାପଡ଼ା ଉପଲକ୍ଷେ ରବିବାର ନିମାପଡ଼ା ଦହିଜଙ୍ଗ ହାଇସ୍କୁଲ ପଡ଼ିଆରେ ଏକ ମିନି ଷ୍ଟାଡିୟମ୍‌ର ଶିଳାନ୍ୟାସ ପରେ ମାରାଥନ ଗଣଦୌଡ଼ ଆରମ୍ଭ ହୋଇ ନିମାପଡ଼ା ବଜାର ଦେଇ ପୁର୍ଣ୍ଣେଶ୍ୱରୀ ମନ୍ଦିର ନିକଟରେ ପହଞ୍ଚିଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ମାରାଥନ ଗଣଦୌଡ଼ରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧୀକ୍ଷକ ଡ. ପ୍ରତୀକ୍ ସିଂ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ସିନେ ତାରକା ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ, ସାଂସଦଙ୍କ ପ୍ରତିନିଧି ମୀନଳତା ମହାନ୍ତି, ସିଡିପିଓ ମାଧବୀଲତା ମହାପାତ୍ର, ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ସମେତ ନିମାପଡ଼ା ମହାବିଦ୍ୟାଳୟ ସମେତ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ ଭାଗନେଇଥିଲେ। ଏହି ଅବସରରେ ୨୫ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ମାରାଥନ ଗଣଦୌଡ଼ ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ଯୁବକମାନେ ଏଥିରେ ସାମିଲ୍ ହୋଇଥିବାରୁ ସେମାନଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଧନ୍ୟବାଦ ଜଣାଇଛନ୍ତି।



## ପୁତୁରା ଛୁରାମାଡ଼ରେ ଦାଦା ଗୁରୁତର

**ନିମାପଡ଼ା,୨୪।୫(ସମିସ):** ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ ଅଣିଆ ସାହି ଗ୍ରାମରେ ପୁତୁରାର ଛୁରାମାଡ଼ରେ ଦାଦା ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ମୁତାବକ, ଅଣିଆ ସାହି ଗ୍ରାମର ବାସିନ୍ଦା ପ୍ରକାଶ ଚନ୍ଦ୍ର ବେହେରା ଓ ତାଙ୍କ ପତ୍ନୀ ନିରୋଜ ନଳିନୀ ସାହୁ ତାଙ୍କ ଘରେ ଥିବା ସମୟରେ ପୁତୁରା ଅଗ୍ନି ତନ୍ମୟ ବେହେରା ଅନ୍ୟ ଦୁଇ ସହଯୋଗୀଙ୍କ ସହ ପହଞ୍ଚି ଜାଗାବାଡ଼ି ବିବାଦକୁ କେନ୍ଦ୍ର କରି ପାଟିତୁଣ୍ଡ କରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ସାମାନ୍ୟ ବଚସା ଉଗ୍ରରୂପ ନେବା ସହିତ ପୁତୁରା ଅଗ୍ନି ତନ୍ମୟ ରାଗିଯାଇ ପାଖରେ ଥିବା ଏକ ଛୁରିରେ ପ୍ରଥମେ ପ୍ରକାଶଙ୍କ ମୁଣ୍ଡ, ବେକ ଓ ପିଠି ସହିତ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲା। ପତ୍ନୀ ନିରୋଜ ନଳିନୀ ପୁତୁରାକୁ ରୋକିବାକୁ ଚେଷ୍ଟା କରିବାକୁ ଯିବା ସମୟରେ ପୁତୁରା ଖୁଡ଼ିଙ୍କୁ ମଧ୍ୟ ଛୁରିରେ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ପ୍ରକାଶ ଏବଂ ତାଙ୍କ ପତ୍ନୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିବାବେଳେ ତାଙ୍କ ଝିଅ ଶିବାନୀ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଏନେଇ ଝିଅ ଶିବାନୀ ବେହେରା ନିମାପଡ଼ା ଥାନାରେ ଅଭିଯୋଗ କରିଥିବାବେଳେ ଅଭିଯୁକ୍ତ ପୁତୁରା ଓ ଅନ୍ୟ ଦୁଇ ସହଯୋଗୀ ଘଟଣାସ୍ଥଳରୁ କେଉଁଆଡ଼େ ଫେରାର୍ ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।



## ଗୋଟିଏ ରାତିରେ ୩ ଜଣଙ୍କ ଘରୁ ଚୋରି

**ସାକ୍ଷୀଗୋପାଳ,୨୪।୫(ସମିସ):** ସତ୍ୟବାଦୀ ଥାନା ଅନ୍ତର୍ଗତ ଆଲିଶ ପଞ୍ଚାୟତର ଆଲିଶ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକକାଳୀନ ୩ ଜଣଙ୍କ ଘରୁ ଚୋରି ହୋଇଯାଇଛି। ଦୁର୍ବୃତ୍ତମାନେ କୃଷ୍ଣଚନ୍ଦ୍ର ମଳିକଙ୍କ ଘର ତାଲା ଭାଙ୍ଗି ସୁନା ଅଳଙ୍କାର, ରୁପା ଅଳଙ୍କାର ଓ ପିତ୍ତଳ ଗରା ମାଠିଆ ଆଦି ଚୋରି କରି ନେଇଯାଇଛନ୍ତି। ବାସୁଦେବ ମଳିକଙ୍କ ଘର ତାଲା ଭାଙ୍ଗି ସୁନାହାର ସମେତ ଅନ୍ୟାନ୍ୟ ଅଳଙ୍କାର ଲୁଟି ନେଇଛନ୍ତି। ନିରୁପମା ମଳିକଙ୍କ ନିକଟରେ ଝିଅ ବାହାଘର ହେବ। ଝିଅ ବିବାହ ନିମନ୍ତେ କିଣିଥିବା ସୁନା ଅଳଙ୍କାର ଓ ଲୁଗାପଟା ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ଅଭିଯୋଗ ପାଇବା ପରେ ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଆଇଆଇସି ସୌମ୍ୟରଞ୍ଜନ ମହାଳିକ ଓ ଫୋରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣାର ତଦନ୍ତ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଶ୍ରୀ ମହାଳିକ ସୂଚନା ଦେଇଥିଲେ।

### ସାମ୍ବାଦିକଙ୍କ ନାଁରେ ମିଥ୍ୟା ମାମଲା ଅଭିଯୋଗ

# ଏସ୍‌ଡିପିଓଙ୍କୁ ଫେରାଦ ହେଲେ ନିମାପଡ଼ା ପ୍ରେସ୍ କ୍ଲବ୍ ସଦସ୍ୟ

ନିମାପଡ଼ା,୨୪।୫(ସମିସ)



ନିମାପଡ଼ା ଅଞ୍ଚଳର ଯୁବ ସାମ୍ବାଦିକ ବିଶ୍ୱଜିତ୍ ମିଶ୍ରଙ୍କ ନାମରେ ମିଥ୍ୟା ମାମଲାକୁ ନେଇ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ପରାମର୍ଶ କ୍ରମେ ରବିବାର ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କୁ ନିମାପଡ଼ା ପ୍ରେସ୍ କ୍ଲବ୍‌ର ଏକ ପ୍ରତିନିଧି ଦଳ ଭେଟି କେସ୍ ସମ୍ପର୍କରେ ଅବଗତ କରାଇଛନ୍ତି। ଗତ ୨୨ ତାରିଖରେ ଏହି ମିଥ୍ୟା ମୋକଦ୍ଦମାକୁ ନେଇ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଗୋପ ଜଳସେଚନ ଡାକବଙ୍ଗଳାରେ ଆୟୋଜିତ କାର୍ଯ୍ୟକାରୀ ବୈଠକରେ ଘଟଣାକୁ ନେଇ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା ବେଳେ ଘଟଣାକୁ ସଂଘ ପକ୍ଷରୁ ଗୁରୁତ୍ୱର ସହ ନିଆଯାଇଥିଲା। ରାଜ୍ୟ ସଭାପତିଙ୍କ ପରାମର୍ଶ କ୍ରମେ ନିମାପଡ଼ା ପ୍ରେସ୍ କ୍ଲବ୍‌ର ପ୍ରତିନିଧି ଦଳ ଏସ୍‌ଡିପିଓଙ୍କୁ ଘଟଣା ସମ୍ପର୍କରେ ଅବଗତ କରିବା ସହ ଏହି ମିଥ୍ୟା ମାମଲାକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ଅନ୍ୟପଟେ ଏହି ମିଥ୍ୟା ମାମଲା ସମ୍ପର୍କରେ ନିମାପଡ଼ା ଏସ୍‌ଡିପିଓ ପୁରୀ ଏସ୍‌ପି ପ୍ରତୀକ୍ ସିଂଙ୍କ ସହିତ ଆଲୋଚନା କରିଥିବା କହିଥିଲେ। ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ନିମନ୍ତେ ଏକ ଦୁଇ ଜଣିଆ ତଦନ୍ତ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ନିମାପଡ଼ା ଥାନା ପକ୍ଷରୁ ଯୁବ ସାମ୍ବାଦିକ ବିଶ୍ୱଜିତଙ୍କ ନାମରେ ହୋଇଥିବା ମିଥ୍ୟା ମାମଲାର ପ୍ରତ୍ୟାହାର ନ ହେଲେ ଆଗକୁ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ପୁଲିସ ଡିଜି ଓ ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ରାଜ୍ୟ ସଙ୍ଘ ସଭାପତି ବିଭୂତି ଭୂଷଣ କର କହିଥିଲେ। ଆଜିର ଏହି ଆଲୋଚନାରେ ନିମାପଡ଼ା ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ ବେହେରା, ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବରିଷ୍ଠ ଉପଦେଷ୍ଟା ବିଚିତ୍ରାନନ୍ଦ ସାହୁ, ମାନସ କୁମାର ଦାସ, ଶରତ ସେନାପତି, ସଞ୍ଜୟ ପତି, ସମ୍ପାଦକ ରମାକାନ୍ତ ବେହେରା, ସଂଗଠନ ସମ୍ପାଦକ ସୁଦର୍ଶନ ବେହେରା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବେହେରା, ସଦସ୍ୟ ସନ୍ତୋଷ ବରାଳ, ମୋହନ କୁମାର ପାତ୍ର ପ୍ରମୁଖ ସାମିଲ୍ ଥିଲେ।

# ଶଙ୍ଖାରୀ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



ଚନ୍ଦନେଶ୍ୱର,୨୪।୫(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଶଙ୍ଖାରୀ ସେବା ସମବାୟ ସମିତି ଲିଃ ପରିସରରେ ରବି ଧାନ ସଂଗ୍ରହ ନିମନ୍ତେ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ସମବାୟ ସମିତିର କର୍ମକର୍ତ୍ତା ଓ ବହୁ ସଂଖ୍ୟାରେ ଚାଷୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସେବା ସମବାୟ ସମିତିର ସଭାପତି ତପନ କୁମାର ପଣ୍ଡା, ଉପ ସଭାନେତ୍ରୀ ନମିତା ପାତ୍ର ପ୍ରମୁଖ ଯୋଗଦେଇ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମବାୟ ସମିତିର ପୂର୍ବତନ ସଭାପତି ତଥା ନିର୍ଦ୍ଦେଶକ ନଗେନ୍ଦ୍ର ନାଥ ପାତ୍ର, ଭୋଳନାଥ ବେହେରା, ଅଶ୍ୱିନୀ କୁମାର ଦାସ, ରଞ୍ଜନ କୁମାର ବାରିକ, ପ୍ରଭାତ କୁମାର ଗିରି, ରବୀନ୍ଦ୍ର ନାଥ ସାମଲ, ସୁଧୀର ଚନ୍ଦ୍ର ପାତ୍ର, ପ୍ରଦୀପ କୁମାର ଭଞ୍ଜ, ଶ୍ରୀକାନ୍ତ ପ୍ରଧାନ, ରଜନୀ କାନ୍ତ ପାତ୍ର, ଗଙ୍ଗାଧର ମଣ୍ଡଳ, ହେମନ୍ତ କୁମାର ପାତ୍ର, ଗୌରୀ ପାତ୍ର, ହୁଗୁଳି ଗ୍ରାମ ପଞ୍ଚାୟତର ସମିତି ସଦସ୍ୟ ଗୋବିନ୍ଦ ଦାସ, ଭାରପ୍ରାପ୍ତ ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ, ବୁଦ୍ଧଦେବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅଧରାତିରେ ଜଳିଗଲା ୨୫ରୁ ଉର୍ଦ୍ଧ୍ୱ ଦୋକାନ

ଜଳେଶ୍ୱର ବ୍ଲକ୍/ଜଳେଶ୍ୱର,୨୪।୫(ସମିସ)



ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ପଶ୍ଚିମବାର୍ଡ ମାର୍କେଟରେ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୫ରୁ ଉର୍ଦ୍ଧ୍ୱ ଦୋକାନ ଜଳିଯାଇଥିବାବେଳେ ପ୍ରାୟ ୫କୋଟି ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିବା ଅନୁମାନ କରାଯାଉଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବାବେଳେ ଘଟଣାସ୍ଥଳରେ ଜଳେଶ୍ୱର ପୁଲିସ ପହଞ୍ଚି ତଦନ୍ତ କରୁଛି। ଏହି ମାର୍କେଟରେ ଦୁଇଶହରୁ ଉର୍ଦ୍ଧ୍ୱ ଦୋକାନ ରହିଥିବାବେଳେ ସବୁଦିନ ଭଳି ଗତକାଲି ଦୋକାନୀମାନେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ମାତ୍ର ବିଳମ୍ବିତ ରାତିରେ ହଠାତ ଗୋଟିଏ ଦୋକାନରେ ନିଆଁ ଲାଗି ଯାଇଥିଲା। ଏହା ପରେ ଗୋଟିଏ ପରେ ଗୋଟିଏ ଦୋକାନ ଜଳିବା ଆରମ୍ଭ କରିଥିଲା। ସ୍ଥାନୀୟ ଲୋକେ ଦୋକାନଗୁଡ଼ିକ ଜଳୁଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଦୁଇଟି ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ପ୍ରୟାସ କରିଥିଲେ ମଧ୍ୟ ସବୁ ଜଳି ପୋଡ଼ି ପାଉଁଶ ହୋଇ ଯାଇଥିଲା। ସାମଗ୍ରୀ ସମେତ ନଗଦ ଟଙ୍କା ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ସବୁ ଜଳି ପୋଡି ସର୍ବସ୍ୱାନ୍ତ ହେଇଯିବା ପରେ ଏବେ କେମିତି ପରିବାର ପ୍ରତିପୋଷଣ କରିବେ ସେ ନେଇ ବ୍ୟବସାୟୀମାନେ ଚିନ୍ତାରେ ପଡ଼ିଛନ୍ତି। ଏହି ସମୟରେ ବିଜେପି ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ନେତା ବ୍ରଜମୋହନ ପ୍ରଧାନ ଏବଂ ବେଲେଶ୍ୱର(ଉତ୍ତର) ବିଜେପି ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ସମବେଦନା ଜଣାଇବା ସହିତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,

## ୫ କୋଟି ଟଙ୍କାର ସମ୍ପତ୍ତି ପାଉଁଶ

ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳ, ତହସିଲଦାର ଜଳେଶ୍ୱର, ବିଡିଓ ଜଳେଶ୍ୱର ସହିତ ଫୋନ ଯୋଗେ କଥା ହେଇ ସରକାରୀ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ସହିତ ପଶ୍ଚିମବାଡ଼ ସରପଞ୍ଚ ଶମ୍ଭୁନାଥ ଜେନା, ଝରପିପଲ୍ ଜୟକୃଷ୍ଣ ଅଣ୍ଡିଆ, ସମିତି ସଭ୍ୟ ହରିଶ ମୋହାଲିକ୍, ବର୍ତ୍ତନା ସମିତି ସଭ୍ୟ ତ୍ରିଲୋଚନ ଦାସ, ରାଜେନ୍ଦ୍ର ପାତ୍ର, ସୁମତି ଦେ, ଭୂପତି ମିର୍ଦ୍ଧା, ତାପସ ରଞ୍ଜନ ପାଣିଗ୍ରାହୀ, ଚନ୍ଦନା ଦାସ, ଦିଲ୍ଲୀପ ପଣ୍ଡା, ରମେଶ ଚନ୍ଦ୍ର ପାତ୍ର, ବାପୁଜୀ ଦାସ, ବିଜୟ ସାମଲ, ସଞ୍ଜୀବ ସେନାପତି, କାଳୀଚରଣ ପାଳ, ମନୋରଞ୍ଜନ ମିଶ୍ର, ନୀଳକଣ୍ଠ ମହାନ୍ତି, କରାମାତ୍ ଅଲ୍ଲି ଶାହା, ଲମ୍ବୁଦର୍ ପାତ୍ର, ଶେଖ୍ ମୁତିଲାଲ, ଶ୍ରୀକାନ୍ତ ଜେନା ଉପସ୍ଥିତ ରହିଥିଲେ।

ଅନ୍ୟପକ୍ଷରେ ମନୋରଞ୍ଜନ ରାଉଳ, ଶେଖ୍ ରାମଜାନି, ନନିଗୋପାଳ ଅଣ୍ଡିଆ, ଜୀବନ କୁମାର ଦାସ, ବାପୁଜୀ ଦାସ, ସାଗର ଅଣ୍ଡିଆ, ଗୌରାଙ୍ଗ ନନ୍ଦୀ, ଅରବିନ୍ଦ ଦାସ, ଶ୍ରୀକାନ୍ତ ଦାସ, ଶ୍ରୀକାନ୍ତ ରାଉଳ, ସୁଶାନ୍ତ ଧଳ, କରୁଣାକର ବାରିକ, ରବିନ୍ଦ୍ର ବାରିକ, ନାରାୟଣ ଜ୍ୟୋତି, ବିଜୟ ଦାସ, ସଚିନ୍ଦ୍ର ଗିରି, ଝାଡ଼େଶ୍ୱର ସାହୁ, ସତ୍ୟରଞ୍ଜନ ସାହୁ, ଶ୍ରୀକାନ୍ତ ଜେନା, ଶାନ୍ତନୁ ଦାସ, ଅକ୍ଷୟ ସାହୁ, ଶଙ୍କର ମିଶ୍ର, ରତିକାନ୍ତ ବେହେରା, ହରେନ୍ଦ୍ର ଜେନା, ଶେଖ ମନସୁର, ଗେନି ସାହା, ନୀଳମାଧବ ପ୍ରଧାନଙ୍କ ଦୋକାନ ଘର ପୋଡ଼ିଥିବା ସମ୍ପର୍କରେ ପ୍ରଶାସନକୁ ବଜାରକମିଟି ଜଣାଇଛନ୍ତି।

# ମଙ୍ଗ ସିଂ ଓଡ଼ିଶା ଜନଜାତି କଂଗ୍ରେସର ସ୍ୱତନ୍ତ୍ର ରାଜ୍ୟ ପରାମର୍ଶଦାତା ପରିଷଦ ସଦସ୍ୟ



ବାଲେଶ୍ୱର,୨୪।୫(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ମାର୍ଗଦର୍ଶନ, ଓଡ଼ିଶା ପ୍ରଦେଶ ଜନଜାତି କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀଙ୍କ ଅନୁମୋଦନ କ୍ରମେ ଅଖିଳ ଭାରତୀୟ ଜନଜାତି କଂଗ୍ରେସର ଜାତୀୟ ଅଧ୍ୟକ୍ଷ ବିଧାୟକ ମଙ୍ଗ ସିଂଙ୍କୁ ଓଡ଼ିଶା ପ୍ରଦେଶ ଜନଜାତି କଂଗ୍ରେସର ସ୍ୱତନ୍ତ୍ର ରାଜ୍ୟ ପରାମର୍ଶଦାତା ପରିଷଦ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଶ୍ରୀ ସିଂ ୨୦୧୧ ରୁ ୨୦୧୫ ପର୍ଯ୍ୟନ୍ତ ସଦର ବ୍ଲକ ଅନ୍ତର୍ଗତ ଗେଙ୍ଗୁଟି ପଞ୍ଚାୟତର ସରପଞ୍ଚ ଭାବେ ବହୁ ଉନ୍ନତି ମୂଳକ କାର୍ଯ୍ୟ ସମ୍ପାଦନା କରି ଲୋକଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। ତାଙ୍କ ସରପଞ୍ଚ କାର୍ଯ୍ୟକାଳରେ ଆଦର୍ଶ ପଞ୍ଚାୟତ ଭାବେ ଗେଙ୍ଗୁଟି ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା। ବାଙ୍ଗରା ରେଳଷ୍ଟେସନ ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ସଭାପତି ଭାବେ ବାଙ୍ଗରା ରେଳ ଷ୍ଟେସନ ନିର୍ମାଣ ଓ ବାଙ୍ଗରା ରେଳ ଫାଟକ ଉପରେ ଏକ ଉଡ଼ନ୍ତା ପୋଲ ନିର୍ମାଣ ଦାବିରେ ୨୦୧୭ ମସିହାଠାରୁ ବାରମ୍ବାର ରେଳ ମନ୍ତ୍ରଣାଳୟ, ଖାଡ଼କପୁର ଡିଆର୍‌ଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ତାଙ୍କୁ ଏହି ଗୁରୁ ଦାୟିତ୍ୱ ମିଳିଥିବାରୁ ଶ୍ରୀ ମଙ୍ଗ ସିଂ ପିସିସି ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ ଯଶୋବନ୍ତ ସିଂ ଲାଗୁରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବାଲେଶ୍ୱର ଜିଲ୍ଲା ସଭାପତି ସତ୍ୟଶିବ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୫୬ ୟୁନିଟ୍ ରକ୍ତ ସଂଗୃହୀତ

ବାଲେଶ୍ୱର,୨୪।୫(ସମିସ): ସ୍ୱର୍ଗତ ଶୁଭଙ୍କର ପିରିଙ୍କ ସ୍ମୃତି ଅବସରରେ



ଈଶ୍ୱର କୃପା ୱେଲଫେୟାର୍ ଟ୍ରଷ୍ଟ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅତିଥି ଭାବେ ଓଡ଼ିଶା ସାମ୍ବାଦିକ ୟୁନିଅନ ସଭାପତି ଗଙ୍ଗାଧର ରାଉତ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ସଲିମ ରାଜା, ସାମ୍ବାଦିକ ଅଜିତ କୁମାର ମହାନ୍ତି, ଅଧିପ କୁମାର ଜେନା, ଯୁବ ସଂଗଠକ ବିକାଶ ପାଢ଼ୀ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଟ୍ରଷ୍ଟି ସାମ୍ବାଦିକ ଲୋକନାଥ ପିରି, ସଭାପତି ସରୋଜ କୁମାର ସାହୁ, ସଂପାଦିକା ଅମିତା ପିରି, ସଦସ୍ୟ ଶକ୍ତି କୁମାର ଦାସ, ହରିଶ ମହାନ୍ତି, ମମତା ପାଲ, ସାମ୍ବାଦିକ ସୋମନାଥ ସାହୁ, ପ୍ରୀତିଲତା ପିରି, ମଞ୍ଜୁଲତା ଦାସ ପ୍ରମୁଖ କାର୍ଯ୍ୟକୁ ପରିଚାଳନା କରିଥିଲେ। ଜିଲ୍ଲା ରକ୍ତଭଣ୍ଡାରର ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ଓ ସମସ୍ତ କର୍ମଚାରୀ ଶିବିରରୁ ମୋଟ ୫୬ ୟୁନିଟ ରକ୍ତ ସଂଗ୍ରହ କରିଥିଲେ।

## ଅଡ଼ାରେ ନାରୀ ଅଧିକାର ଅଭିଯାନ ସମାବେଶ

# ମୋହନ ସରକାର ମହିଳାଙ୍କୁ ପ୍ରତାରିତ କରିଛନ୍ତି



ଖଇରା,୨୪।୫(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ସିମୁଳିଆ ସୀମାନ୍ତ ବର୍ତ୍ତୀ ଅଡ଼ା କାଳିମଣ୍ଡପ ନିକଟରେ ଅନୁଷ୍ଠିତ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଜେଡି ମହିଳା ସମାବେଶରେ ରାଜ୍ୟ ମହିଳା ସଭାପତି ସ୍ନେହାଙ୍ଗୀନୀ ଛୁରିଆ ଯୋଗଦେଇ ବକ୍ତବ୍ୟରେ ବିଜୁବାବୁଙ୍କ ସ୍ୱପ୍ନ ଗାଁକୁ କାମ ମାକୁ ସମ୍ମାନ ସ୍ଲୋଗାନକୁ କୁ ପାଥେୟ କରି ନବୀନ ବାବୁ ଆଉ ୨ପାଦ ଆଗକୁ ନେଇ ସେମାନଙ୍କ ପାଇଁ ପଞ୍ଚାୟତିରାଜ ଶାସନ ବ୍ୟାବସ୍ଥାରେ ୫୦ ପ୍ରତିଶତ ସଂରକ୍ଷଣ ଦେଇଥିଲେ। ମହିଳା ମାନଙ୍କୁ ପ୍ରଶିକ୍ଷଣ ପାଇଁ ଉଡ଼ାଜାହାଜରେ ଦୁବାଇ ପଠାଇଥିଲେ। ହେଲେ ବର୍ତ୍ତମାନର ମୋହନ ସରକାର ନିର୍ବାଚନ ବେଳର ସବୁ ପ୍ରତିଶୃତି ଭୁଲି ମହିଳାଙ୍କୁ କିଛି ଟଙ୍କା ଦେଇ ଛେଳି ଚରାଇବାକୁ ପ୍ରୋତ୍ସାହିତ କରୁଛନ୍ତି। ଏଣୁ ମୋହନ ସରକାର ଅମଳରେ ମହିଳାଙ୍କ ସମ୍ମାନ କ୍ଷୁର୍ଣ୍ଣ ହେବା ସହ ଓଡ଼ିଶାର ମହିଳା ପ୍ରତାରିତ ହୋଇଛନ୍ତି ବୋଲି ଉଲ୍ଲେଖ କରିଥିଲେ। ବିଜେଡି ବ୍ଲକ ମହିଳା ସଭାପତି ଜୟନ୍ତୀ ମହଲାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ସଭାପତିଙ୍କ ବ୍ୟତୀତ ବିଜେଡି ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସୋର ବିଧାୟକ ମାଧବ ଧଡ଼ା, ନିଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ପ୍ରାକ୍ତନ ସଦର ବିଧାୟକ ସ୍ୱରୁପ ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ପରିଡ଼ା, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଗିରିଶ ଚନ୍ଦ୍ର ଦାଶ, ବସ୍ତା ବିଜେଡି ମୁଖ୍ୟ ମହାଦେବ ଦାସ ପ୍ରମୁଖ ଯୋଗଦେଇ ବିଜେପି ସରକାର ଅମଳରେ ପ୍ରତ୍ୟେକ ଦିନ ବିଚ ରାସ୍ତାରେ ମହିଳାଙ୍କୁ ନିର୍ଯାତନା ମିଳୁଛି ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆଗାମୀ ପଞ୍ଚାୟତ ନିର୍ବାଚନ ସେମାନଙ୍କୁ ଏହାର ଜବାବ ଦେବାର ସମୟ ଆସିଛି ବୋଲି ପ୍ରକାଶ କରିଥିଲେ। ଉକ୍ତ ସଭାରେ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଉର୍ମିଳତା ଦାସ, ଜିଲ୍ଲା ପରିଷଦ ସଦସ୍ୟା ସୁଷମା ମହାପାତ୍ର,ରଶ୍ମିତା ମହାପାତ୍ର ଓ ସାବିତ୍ରୀ ପାଢ଼ୀ, ଜୟନ୍ତୀ ପତି, ସିମୁଳିଆ ବ୍ଲକ ମହିଳା ସଭାପତି ସୌଦାମିନ ଜେନା, ମଧୁଛନ୍ଦା ମହାପାତ୍ର, ରେମୁଣା ବିଧାୟିକା ପ୍ରାର୍ଥିନୀ ବିଦ୍ୟାସ୍ମିତା ମହାଲିକ, ବିଷ୍ଣୁପ୍ରିୟା ବୁଗୁଡେଇ, ସ୍ଥାନୀୟ ସରପଞ୍ଚ ମନ୍ଦାକିନୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଖଇରା ବ୍ଲକ୍ ବିଜେଡି ସଭାପତି ରାଜେନ୍ଦ୍ର ଦାସ ଓ ସିମୁଳିଆ ବ୍ଲକ ସଭାପତି ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ। ପ୍ରଥମେ ମହିଳାଙ୍କର ବିଶାଳ ଶୋଭାଯାତ୍ରା ମେଡିକାଲ ନିକଟରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ମଞ୍ଚ ନିକଟକୁ ଆସିଥିଲା।

# ପଲ୍‌ସର୍‌ରେ ଆସି ଝାମ୍ପିନେଲେ ସୁନା ଚେନ

ସୋର,୨୪।୫(ସମିସ): କିଛି ଦିନର ବ୍ୟବଧାନ ପରେ ସୋରରେ ପୁଣି କଳା ପଳସର ଆତଙ୍କ ଦେଖିବାକୁ ମିଳିଛି। ଆଜି ସକାଳେ କଳା ପଲସରରେ ଦୁଇ ଜଣ ଦୁର୍ବୃତ୍ତ ଆସି ଘର ସାମ୍ନାରୁ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ସୋର ପୌର ପାଳିକା ଅନ୍ତର୍ଗତ ୨ ନମ୍ବର ୱାର୍ଡ କମରପୁର ଗ୍ରାମର ଗାୟତ୍ରୀ ପୁହାଣ ଆଜି ସକାଳେ ଘର ସାମ୍ନାରେ ଗଛରେ ପାଣି ଦେଉଥିଲେ। ଏହି ସମୟରେ ଦୁଇଜଣ ହେଲମେଟ ପିନ୍ଧା ଦୁର୍ବୃତ୍ତ ଏକ କଳାରଙ୍ଗର ପଲସରରେ ଆସି ତାଙ୍କ ବେକରେ ପିନ୍ଧିଥିବା ୧୪ ଗ୍ରାମର ସୁନାଚେନ ଟିକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ତେବେ ଏ ବାବଦରେ ଗାୟତ୍ରୀ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଯୁବମୋର୍ଚ୍ଚା ମଣ୍ଡଳ ପ୍ରବାସରେ ଫାଲଗୁନୀ ପାଣିଗ୍ରାହୀ ରାଜ୍ୟରେ ପ୍ରଥମ ଜିଲ୍ଲା ସଭାପତି



ଜଳେଶ୍ୱର,୨୪।୫(ସମିସ): ଯୁବମୋର୍ଚ୍ଚା ମଣ୍ଡଳ ପ୍ରବାସ କାର୍ଯ୍ୟକ୍ରମରେ ଯୁବମୋର୍ଚ୍ଚା ବାଲେଶ୍ୱର ଉତ୍ତର ସଭାପତି ଫାଲଗୁନୀ ପାଣିଗ୍ରାହୀ ରାଜ୍ୟରେ ପ୍ରଥମ ଜିଲ୍ଲା ସଭାପତି ଭାବେ ସମସ୍ତ ୧୯ଟି ମଣ୍ଡଳରେ ପ୍ରବାସ ସାରିଥିବାରୁ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଶ୍ରୀ ପାଣିଗ୍ରାହୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ସମଗ୍ର ରାଜ୍ୟରେ ପ୍ରଥମ ଜିଲ୍ଲା ଯୁବମୋର୍ଚ୍ଚା ସଭାପତିଭାବେ ସମ୍ମାନିତ ହୋଇଥିବା ଶ୍ରୀ ପାଣିଗ୍ରାହୀ ନିଜ ପ୍ରତିକ୍ରିୟାରେ ଏହା କେବଳ ତାଙ୍କର ସଫଳତା ନୁହେଁ ବରଂ ରାଜ୍ୟ ଯୁବମୋର୍ଚ୍ଚା ସଭାପତିଙ୍କ ମାର୍ଗଦର୍ଶନ ଓ ନେତୃତ୍ୱରେ ଏବଂ ଏହା ସମଗ୍ର ଉତ୍ତର ବାଲେଶ୍ୱର ଯୁବମୋର୍ଚ୍ଚାର ସମସ୍ତ ମଣ୍ଡଳ ସଭାପତି ଓ ଜିଲ୍ଲା କାର୍ଯ୍ୟକର୍ତ୍ତାଙ୍କ ନିଷ୍ଠାପର ପ୍ରଚେଷ୍ଟା ଯୋଗୁଁ ହିଁ ସମ୍ଭବ ହୋଇପାରିଛି ବୋଲି ମତବ୍ୟକ୍ତ କରିଛନ୍ତି।

# ସକାଳୁଆ ଅଫିସ୍; ୯ଟାରେ ଆସୁଛନ୍ତି ବାବୁ

ଜଳେଶ୍ୱର ବ୍ଲକ୍,୨୪।୫(ସମିସ): ସକାଳୁଆ ଅଫିସ୍‌କୁ ବାବୁମାନେ ଦିନ ୯ଟା ବେଳକୁ ଆସୁଛନ୍ତି। ଫଳରେ ଗ୍ରାମାଞ୍ଚଳରୁ କାର୍ଯ୍ୟପାଇଁ ଆସୁଥିବା ଜନସାଧାରଣ ଖରାରେ ଉହଳ ବିକଳ ହେଉଥିବା ଦେଖିବାକୁ




ମିଳୁଛି। ଜଳେଶ୍ୱର ବ୍ଲକ ସହିତ କେତେକ ସରକାରୀ କାର୍ଯ୍ୟାଳୟ ସକାଳ ୭ଟାରେ ଖୋଲା ଯାଉଥିବାବେଳେ ବିଭାଗୀୟ ଅଧିକାରୀମାନେ ସକାଳ ୯ଟାରେ କାର୍ଯ୍ୟାଳୟକୁ ଆସୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସକାଳୁଆ କାର୍ଯ୍ୟାଳୟ ଫାଙ୍କା ଫାଙ୍କା ଲାଗୁଥିବାବେଳେ ବିଳମ୍ବରେ ବାବୁମାନେ ଆସି ଯେନତେନ ପ୍ରକାରେ କାମ କରି ପଳାଉଛନ୍ତି। ଖରା ତଥା ଭୀଷଣ ଗରମ ପାଇଁ ରାଜ୍ୟ ସରକାର ସମସ୍ତ ବିଭାଗୀୟ କାର୍ଯ୍ୟାଳୟ ସକାଳ ୭ଟାରୁ ୧ଟା ପର୍ଯ୍ୟନ୍ତ ବିନା ଖାଇବା ସମୟ ସହିତ କାର୍ଯ୍ୟପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଜଳେଶ୍ୱର ବ୍ଲକ କେତେକ ପ୍ରଶାସନିକ କାର୍ଯ୍ୟାଳୟର ବାବୁମାନେ ଏହାର ବ୍ୟତିକ୍ରମ କରୁଛନ୍ତି। ଦିନ ୧୦ଟା ବେଳକୁ ଭୀଷଣ ଖରା ଓ ଗୁଳୁଗୁଳି ହେଉଥିବାରୁ ବିଭାଗୀୟ ଅଧିକାରୀ ମାନଙ୍କର ଆସିବା ବିଳମ୍ବ ଦେଖି ଲୋକମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଅଧିକାଂଶ କାର୍ଯ୍ୟାଳୟର ଭିତିରିଆ କାର୍ଯ୍ୟ ସନ୍ଧ୍ୟାରେ ହେଉଥିବାର ଦେଖିବାକୁ ମିଳୁଛି। ତେଣୁ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳ ଏ ବିଷୟରେ ଦୃଷ୍ଟି ଦେବାକୁ ଜନସାଧାରଣ ନିବେଦନ କରିଛନ୍ତି।

## ଜବରଦଖଲ ଉଚ୍ଛେଦରେ ପକ୍ଷପାତିତା ଅଭିଯୋଗ

# ଷ୍ଟେସନ୍ ଛକରୁ ହଟୁଛି; ଅନ୍ୟ ସ୍ଥାନରୁ କେବେ

ବାଲେଶ୍ୱର,୨୪।୫(ସମିସ)



ସହରରେ ଓଟି ରୋଡ୍ ରାସ୍ତା ପ୍ରଶସ୍ତୀକରଣକୁ ଦୃଷ୍ଟିରେ ରଖି ଷ୍ଟେସନ ଛକରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ପଶ୍ଚିମ ପାଶ୍ୱର୍ରେ ଗତ ଡିସେମ୍ବର ମାସରେ ବଡ଼ ଧରଣର ଉଚ୍ଛେଦ ଆରମ୍ଭ ହୋଇଥିଲା। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ ଜିଲ୍ଲା ପ୍ରଶାସନ ଏହି ଉଚ୍ଛେଦ କରିଥିଲା। ପରେ ସେଠାରେ ଡ୍ରେନ୍ ମଧ୍ୟ ନିର୍ମାଣ ଚାଲିଛି। ହେଲେ ଏବେ ପୁଣି ସେଠାରେ ବାକି ଥିବା ଆଉ ଭଗ୍ନ ଦୋକାନ ଘର ଉଚ୍ଛେଦ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଫଳରେ ଜୀବିକା ହରାଇଥିବା ପାଖାପାଖି ୨୫୦ ଦୋକାନୀ ଏବେ ଚିନ୍ତାରେ ପଡ଼ିଛନ୍ତି। ଓଟି ରୋଡ୍‌ର ତାମୁଲିଆରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ବେଆଇନ୍ ଜବରଦଖଲ, ପକ୍ଷପାତିତାମୂଳକ ଉଚ୍ଛେଦ ଓ ଅନିୟମିତତା ସମ୍ପର୍କରେ ଅଭିଯୋଗ ଓ ତଦନ୍ତ ପାଇଁ ଦାବି କରିଛନ୍ତି ଷ୍ଟେସନ ଛକ ଉଚ୍ଛେଦ ହୋଇଥିବା ଦୋକାନୀ।

ଦୋକାନୀମାନଙ୍କ କହିବା ଅନୁସାରେ, ତାମୁଲିଆରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ଓଟି ରୋଡ୍ ରାସ୍ତାର ୬-ଲେନ୍ ସମ୍ପ୍ରସାରଣ କ୍ଷେତ୍ରରେ ଅନିୟମିତତା ଓ ବେଆଇନ୍ କାର୍ଯ୍ୟ ଦେଖିବାକୁ ମିଳିଛି, ଯାହାର ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି କହିଛନ୍ତି। ୬-ଲେନ୍ ପୂର୍ବରୁ ଓ ପରେ ଟାଉନ୍ ପ୍ଲାନିଂର ଆରିୟାନ୍ ରୋଡ୍ ଉପରେ ଥିବା ସମସ୍ତ ବେଆଇନ୍ ଜବରଦଖଲ ଓ ନିର୍ମାଣକୁ ମ୍ୟାପ୍ ଅନୁଯାୟୀ ମାପି ଉଚ୍ଛେଦ କରାଯାଇନାହିଁ। ଘରୋଇ କୋଠା ରାସ୍ତା ଉପରକୁ ମାଡ଼ି ବସି ପ୍ରତିବନ୍ଧକ ସୃଷ୍ଟି କରିଛି। ଷ୍ଟେସନ୍ ଛକରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ଡିଭାଇଡରରୁ ଉଭୟ ପାଶ୍ୱର୍କୁ ୧୮ ମିଟର ରାସ୍ତା ସମ୍ପ୍ରସାରଣ କରାଯାଇଥିଲେ ମଧ୍ୟ, ରାସ୍ତା ଉପରେ ଥିବା ଟାଉନ୍ ପ୍ଲାନିଂ କୋଠାକୁ ଭଙ୍ଗାଯାଇନାହିଁ, କିନ୍ତୁ ସାଧାରଣ ଲୋକଙ୍କ ଘର ଦୋକାନ ଭଙ୍ଗାଯାଇଛି। କେଉଁ ବିଜ୍ଞପ୍ତି ବା ଅନୁମତି ଅନୁଯାୟୀ ଡିଭାଇଡରରୁ ୧୮ ମିଟର ନିର୍ଣ୍ଣୟ କରାଯାଇ କେବଳ ପଶ୍ଚିମ ପାଶ୍ୱର୍ର ମାର୍କେଟ୍ କମ୍ପ୍ଲେକ୍ସକୁ ଭଙ୍ଗାଗଲା, ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଭଙ୍ଗାଯିବା ପୂର୍ବରୁ ଦୋକାନୀମାନଙ୍କୁ ଥଇଥାନ କରାଯାଇନାହିଁ, ରାସ୍ତାର ୧୮ ମିଟର ପରେ ଥିବା ବଳକା ଦୋକାନଗୁଡ଼ିକୁ ଭାଙ୍ଗିବା ପାଇଁ ସରକାର ପ୍ରଶାସନକୁ ଅନୁମତି ଦେଇଛନ୍ତି କି ନାହିଁ ପ୍ରଶ୍ନ ଉଠାଇଛନ୍ତି। ଉପରୋକ୍ତ ବିଷୟଗୁଡ଼ିକର ଉଚ୍ଚସ୍ତରୀୟ ନ୍ୟାୟିକ ତଥା ଭିଜିଲାନ୍ସ ତଦନ୍ତ କରାଇ ସମ୍ପୂର୍ଣ୍ଣ ଓଟି ରୋଡ୍ ଓ ନୟନ ଯୋଡିର ରେଭିନ୍ୟୁ ମ୍ୟାପ୍ ଅନୁଯାୟୀ ପୁନଃ ମାପଚୁପ ଓ ସୀମା ନିର୍ଦ୍ଧାରଣ, ରାସ୍ତା ଉପରେ ଥିବା ସମସ୍ତ ବେଆଇନ୍ ଜବରଦଖଲ ଓ ନିର୍ମାଣକୁ ବିନା ପକ୍ଷପାତରେ ଉଚ୍ଛେଦ, ୬-ଲେନ୍ ନିର୍ମାଣର ନକ୍ସା, ଖର୍ଚ୍ଚ, ବିଜ୍ଞପ୍ତି ଓ ଗାଇଡଲାଇନ୍ ସାର୍ବଜନୀନ, ହାଇକୋର୍ଟ ଓ ସୁପ୍ରିମ୍ କୋର୍ଟଙ୍କ ଆଦେଶ ଅନୁଯାୟୀ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ ପ୍ରଦାନ କରାଯାଉ ବୋଲି ଦୋକାନୀମାନେ ଦାବି କରିଛନ୍ତି। ପ୍ରକାଶ ଥାଉ କି, ସହରର ପୁଲିସ ଲାଇନ ଛକ, ଆଇଟିଆଇ ଛକରେ ଉଚ୍ଛେଦ ନେଇ ଓଟି ରୋଡ୍‌ର ସମ୍ପ୍ରସାରଣ କାମ ଅଟକି ରହିଛି। ବିଶେଷକରି ରାସ୍ତା ତଥା ଡ୍ରେନ୍ ଉପରେ ଥିବା ସଂଖ୍ୟାଧିକ ଜବରଦଖଲକାରୀଙ୍କ ପାଇଁ କାମ ଆଗେଇ ପାରୁନାହିଁ। ଫଳରେ ଉଚ୍ଛେଦ କ୍ଷେତ୍ରରେ ପାତରଅନ୍ତର ହେଉଥିବା ନେଇ ଅଭିଯୋଗ ହେଉଛି। ଷ୍ଟେସନ ଛକ ଦୋକାନୀ ଉଚ୍ଛେଦ ପରେ ଅନ୍ୟ ଜବରଦଖଲ କେବେ ହଟିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

- ଓଟି ରୋଡ୍ ୬-ଲେନ୍ ସମ୍ପ୍ରସାରଣ କ୍ଷେତ୍ରରେ ଅନିୟମିତତା ଅଭିଯୋଗ
- ଥଇଥାନ କରି ଆମକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଉ: ଷ୍ଟେସନ ଛକ ଦୋକାନୀ

### ଦୋକାନୀଙ୍କୁ ଥଇଥାନ ପାଇଁ ଜାଗା ଚିହ୍ନଟ ଚାଲିଛି: ଜିଲ୍ଲାପାଳ

ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ ଷ୍ଟେସନ ଛକରେ ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଘୋଷଣା କରାଯାଇଛି। ତେବେ ସେଠାରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦୋକାନୀଙ୍କ ଥଇଥାନ ପାଇଁ ଜାଗା ଚିହ୍ନଟ ଚାଲିଛି। ସେମାନଙ୍କୁ ଜାଗା ଦେବା ପାଇଁ ସଦର ତହସିଲଦାର ଜାଗା ଚିହ୍ନଟ କରୁଛନ୍ତି। ଉଚ୍ଛେଦ ହୋଇଥିବା ଜାଗାରେ ଡ୍ରେନ୍ ନିର୍ମାଣ ଚାଲିଛି। ବାକି ଯାହା ଭଗ୍ନାବଶେଷ ରହିଛି ସେସବୁ ଉଚ୍ଛେଦ ହେବ। ଡ୍ରେନ୍ ଉପରେ ଯେମିତି କିଛି ସମସ୍ୟା ନହୁଏ ସେନେଇ ଆର୍ ଆଣ୍ଡ ବି ଦେଖୁଛି। ଯେହେତୁ କୋର୍ଟ କେସ୍ କ୍ଲିୟର ନଥିଲା ସେଥିପାଇଁ କିଛି କିଛି ଦୋକାନ ଭଙ୍ଗାଯାଇ ନଥିଲା। ଦେବ କେସ୍ କ୍ଲିୟର ହୋଇଛି ଆମେ ସମ୍ପୁର୍ଣ୍ଣ ଉଚ୍ଛେଦ ପାଇଁ ଚେଷ୍ଟା କରୁଛୁ। ବାକି ରହିଲା ଟାଉନ ପ୍ଲାନିଂ ପଟ ଲିଜ୍ ଜାଗା। ସରକାରଙ୍କ ଲିଜ୍ ଅଛି। ଆର୍ ଆଣ୍ଡ ବି ତରଫରୁ ବ୍ରିଟ୍ କୁ ଲିଜ୍ ଦିଆଯାଇଛି। ତେଣୁ ସେଠାରେ ଏବେ ଉଚ୍ଛେଦ ହେବ ନାହିଁ। ଷ୍ଟେସନ ଛକର ଆର ପାଖ ଯେଉଁଟା ଥିଲା ତାହା ଜବରଦଖଲ। ସେଥିପାଇଁ ସେ ସବୁ ଉଚ୍ଛେଦ ହେଉଛି।

# ବାଙ୍ଗରା ରେଳଷ୍ଟେସନ ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ



ବାଲେଶ୍ୱର,୨୪।୫(ସମିସ): ସଦର ବ୍ଲକ୍ ଅନ୍ତର୍ଗତ ଖାନନଗର ପଞ୍ଚାୟତ ବାଙ୍ଗରା ରେଲୱେ ଫାଟକ ନିକଟରେ ରେଲୱେ ଷ୍ଟେସନ ଏବଂ ଉଡନ୍ତା ପୋଲ ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ସେହି ଫାଟକ ଦେଇ ବିଭିନ୍ନ ପଞ୍ଚାୟତ ଯଥା ଖାନନଗର, ଗେଙ୍ଗୁଟି, ଶାସଙ୍ଗ, କୁରୁଡା, କସବା, ରସାଲପୁର, ପଦ୍ମପୁର ଆଦି ଅଞ୍ଚଳର ଲୋକ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ ଅବସ୍ଥିତ ଏବିଏ କଲେଜ, ନୀଳକଣ୍ଠେଶ୍ୱର କଲେଜ, ମଡର୍ଣ୍ଣ ଇଞ୍ଜିନିୟରିଂ କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଯିବାଆସିବାରେ ଅସୁବିଧା ଭୋଗୁଛନ୍ତି। ରେଲୱେ ଫାଟକ ପଡିବା ଯୋଗୁଁ ରାତି ଅଧରେ ଆମ୍ବୁଲାନ୍ସରେ ରୋଗୀ ସେବା ବାଧାପ୍ରାପ୍ତ ହେବା ଭଳି ଯାବତୀୟ ଅସୁବିଧା ପାଇଁ ଏବିଷୟରେ ରେଲୱେ ଡିଆର୍‌ଏମ୍, ଖଡ଼ଗପୁର, ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଦାବି ରଖିଥିଲେ ବି କୈଣସି ସୁଫଳ ମିଳିନାହିଁ। ଚଳିତବର୍ଷ ଏପ୍ରିଲ ୨୭ରେ ଦକ୍ଷିଣ ପୂର୍ବ ରେଳବାଇ ଡିଆରଏମ୍‌ଙ୍କୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରେଲୱେ ଷ୍ଟେସନ ଏବଂ ଉଡ଼ନ୍ତା ପୋଲ ନିର୍ମାଣ ଲାଗି ଦାବିପତ୍ର ପ୍ରଦାନ କରାଯାଇଥିଲେ ବି ବହୁ ଦିନର ଦାବି ଏପର୍ଯ୍ୟନ୍ତ ପୂରଣ ହୋଇପାରି ନାହିଁ। ସେଥିପାଇଁ ଆଜି ବାଙ୍ଗରା ରେଳ ଷ୍ଟେସନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଦାବିପତ୍ର ରେମୁଣା ବିଧାୟକ ତଥା ଓଡ଼ିଶା ବିଧାନସଭାର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ବାଲେଶ୍?ର ସ୍ଥିତ ନିଜ ବାସଭବନରେ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ କ୍ରିୟାନୁଷ୍ଠାନ କମିଟିର ସଭାପତି ସତ୍ୟନାରାୟଣ ଆଚାର୍ଯ୍ୟ, ଉପସଭାପତି ଗୋପାଳ କୃଷ୍ଣ ବେହେରା, ସାଧାରଣ ସମ୍ପାଦକ ନିରଞ୍ଜନ ଦାସ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ନାୟକ, ସନ୍ନ୍ୟାସୀ ମହାନ୍ତି, ସୁଧାକର ରାଉତ, ଦୀପକ କୁମାର ନାୟକ, ଦୀପକ ନାୟକ, ବିଜୟ କୁମାର ଦାସ, ଦୁର୍ଯ୍ୟୋଧନ ମହାନ୍ତି, ଶିଶିର କୁମାର ଆଚାର୍ଯ୍ୟ, ଶୁଭ୍ରାଂଶୁ ରାଉତ, ବିଧାନ ଚନ୍ଦ୍ର ଜେନା, ମଙ୍ଗ ସିଂ, ସୁଦର୍ଶନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସୋସିଆଲ୍ ମିଡିଆରେ ଅପରାଧୀଙ୍କ ଭାଇଗିରି

# ଭିଡିଓ କଲ୍‌ରେ ବନ୍ଧୁକରେ ଗୁଳିଭର୍ତ୍ତି କୌଶଳ ଶିଖିଲେ ଅପରାଧୀ

ବ୍ରହ୍ମପୁର,୨୪।୫(ସମିସ)

ଭିଡିଓ କଲରେ ବନ୍ଧୁକ ଦେଖିବା ସହ ସେଥିରେ କିଭଳି ଗୁଳି ଭର୍ତ୍ତି କରାଯାଏ ତାହା ଶିଖିଲେ ସହରର ରାଜା ନାମକ ଜଣେ ଅପରାଧୀ। ଏପରିକି ଗୁଳି ଭର୍ତ୍ତି ବନ୍ଧୁକ କିଭଳି ଚାଳନା କରାଯାଏ ତାହା ମଧ୍ୟ ଭିଡ଼ିଓ କଲ ମାଧ୍ୟମରେ ଦେଖିଲେ। ରାଜାଙ୍କ ଜଣେ ପରିଚିତ ବନ୍ଧୁ ତାଙ୍କୁ ଏସମସ୍ତ କାର୍ଯ୍ୟ ଶିଖାଇବା ସହ ବନ୍ଧୁକର ଫଟୋ ରାଜାଙ୍କ ନିକଟକୁ ପଠାଇଥିଲେ। ପରେ ଆଜି ସକାଳେ ରାଜା ନିଜର ଫେସବୁକ ଆଇଡିରେ ଯୁଦ୍ଧ ପାଇଁ ପ୍ରସ୍ତୁତ ବା

### ଯୁଦ୍ଧ ପାଇଁ ପ୍ରସ୍ତୁତ ଲେଖି ଷ୍ଟାଟସ୍ ରଖିଲେ ରାଜା

(ରେଡ଼ି ଟୁ ୱାର) ବୋଲି ଉଲ୍ଲେଖ କରିଥିବା ଦେଖିବାକୁ ମିଳିଥିଲା। ଏଭଳି ଷ୍ଟାଟସ୍ ଦେଖିବା ପରେ କିଛି ସମର୍ଥକ ତାଙ୍କୁ ଉତ୍ସାହିତ କରିଥିବା ବେଳେ ଆଉକିଛି ଜଣ ଭୟଭୀତ ହୋଇଥିବା ଜଣାପଡ଼ିଛି। ତେବେ ରାଜାଙ୍କ ସହ କାହାର ଶତ୍ରୁତା ରହିଛି ତାହା ସ୍ପଷ୍ଟ ଜଣା ପଡିନଥିଲେ ହେଁ ବନ୍ଧୁକରେ ଗୁଳି ଭର୍ତ୍ତି କରାଯାଉଥିବା ଭିଡ଼ିଓ ଷ୍ଟାଟସ୍ ଦେଖି ଲୋକେ ଆତଙ୍କିତ ହୋଇଛନ୍ତି।

ଅନ୍ୟପକ୍ଷରେ ଆଇନଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ଓ ଅପରାଧିକ କାର୍ଯ୍ୟକଳାପକୁ ଦମନ କରିବା ପାଇଁ ବ୍ରହ୍ମପୁର ପୁଲିସ ପକ୍ଷରୁ ଆରମ୍ଭ ହୋଇଥିଲା ସ୍ପେଶାଲ ଡ୍ରାଇଭ ଖୋଜ୍। ଆଉ ଏହି ସ୍ପେଶାଲ ଡ୍ରାଇଭରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଥିବା ବଡ଼ବଜାର, ସଦର, ନିମଖଣ୍ଡି ଓ ଦିଗପହଣ୍ଡି, ଗୋଷାଣୀନୁଆଗାଁ ଓ ବୈଦ୍ୟନାଥପୁର ଆଦି ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩୦ରୁ ଅଧିକ ଅପରାଧିଙ୍କୁ ଗିରଫ କରିବାରେ ସଫଳ ହେବା




ସହ ସେମାନଙ୍କ ଠାରୁ ୧୭ରୁ ଊର୍ଦ୍ଧ୍ୱ ପିସ୍ତଲ ସହ ୫୦ରୁ ଅଧିକ ଗୁଳି, ବୋମା ଓ ଖଣ୍ଡା ଆଦି ଜବତ କରିଥିଲା। ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଅପରାଧୀମାନେ ତେଲୁଗୁ ଫିଲ୍ମ ଷ୍ଟାଇଲରେ ହାତରେ ଖଣ୍ଡା ଓ ବନ୍ଧୁକ ଧରି ରାତିରେ ବିଚ ରାସ୍ତାରେ ବୁଲୁଛନ୍ତି।

ସେପଟେ କିଛି ଯୁବକ ଖଣ୍ଡା ଧରିଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବେଳେ ଅନ୍ୟପକ୍ଷରେ ରକି ଭାଇ ନାମକ ଜଣେ ଯୁବକ ଇନ୍‌ଷ୍ଟାଗ୍ରାମରେ ବନ୍ଧୁକ ଧରି ଫଟୋ ପୋଷ୍ଟ କରିଥିବା ନେଇ ସୋସିଆଲ ମିଡ଼ିଆରୁ ଜଣାପଡ଼ିବା ପରେ ଏବେ ବ୍ରହ୍ମପୁର ପୁଲିସ ରକି ଭାଇକୁ ଧରିବାକୁ ଉଦ୍ୟମ ଚଳାଇଛି। ସେପଟେ ଏକାଧିକ ଯୁବକ ଓ ନାବାଳକ ମିଶି ରିଲ୍ସ ପାଇଁ ଭିଡିଓ ସୁଟ କରିବା ସହ ମସ୍ତି କରୁଛନ୍ତି। ପୁଲିସ ପାଟ୍ରୋଲିଂକୁ ଖୋଲା ଚାଲେଞ୍ଜ ଦେଇ ସୋସିଆଲ ମିଡିଆରେ ମାତିଛନ୍ତି ଅପରାଧୀ। ଖୁଲମଖୁଲା ବନ୍ଧୁକ, ଧାରୁଆଅସ୍ତ୍ର ଧରି ରାଜରାସ୍ତାରେ ମସଗୁଲ ହୋଇ ପୁଲିସକୁ ଖୁଲମଖୁଲା ଚାଲେଞ୍ଜ ଦେଇ ଚାଲିଛନ୍ତି। ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ଏବେ ଯୁବକମାନେ ରିଲ୍ସ ପାଇଁ କାହାକୁ ଗାଳି କରୁଛନ୍ତି ତ କାହାକୁ ଧମକ ଦେଉଛନ୍ତି। ରିଲ୍ସ ଜରିଆରେ କିଛି ଜେଲ ଫେରନ୍ତାଙ୍କୁ ମଧ୍ୟ ଗାଳିଗୁଲଜ କରୁଥିବା ଭିଡ଼ିଓ ଇନଷ୍ଟାରେ ଉପଲୋଡ଼ ହୋଇଥିବା ଦେଖିବାକୁ ମିଳୁଛି। ତେବେ ଏମାନେ ସହରର ଅପରାଧୀ ଓ ନେତାଙ୍କ ଛତ୍ରଛାୟା ତଳେ ରହି ଏଭଳି କରୁଥିବା ଜଣାପଡିଛି। ପୁଲିସର ଖବରୀ ପାଲଟିଛନ୍ତି ନୂଆ ଓ ପୁରୁଣା ଅପରାଧୀ। ନୂଆ ଓ ପୁରୁଣା ଅପରାଧୀଙ୍କୁ ପୁଲିସ ପୃଥକ ପୃଥକ ପଚରାଉଚର କରି କିଛି ତଥ୍ୟ ସଂଗ୍ରହ କରିଛି। ବ୍ରହ୍ମପୁର ସମେତ ପୁରା ଗଞ୍ଜାମ ଜିଲ୍ଲାରେ ଏବେ ଅପରାଧୀ ଗୋଷ୍ଠୀର ସଦସ୍ୟମାନେ 'ବାପ୍ ତୋ ବାପ୍ ରେହେଗା' ଗୀତରେ ରିଲ୍ସ କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରୁଥିବା ନଜିର ରହିଛି। ଗୋଟିଏ ଗୋଷ୍ଠୀର ଯୁବକମାନେ ଏହି ଗୀତରେ ନିଜ ବସ ବା ଭାଇଙ୍କ ସହ ଫଟୋ ରଖି ପୋଷ୍ଟ କରିବା ବେଳେ ଅନ୍ୟ ଗୋଷ୍ଠୀର କିଛି ଯୁବକ ସେହି ଗୀତରେ ପୋଷ୍ଟ ହୋଇଥିବା କମେଣ୍ଟ ବକ୍ସରେ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳୁଛି। ମୋଟାମୋଟି ଭାବେ କହିବାକୁ ଗଲେ ଏବେ ଯୁବଗୋଷ୍ଠୀଙ୍କ ଟ୍ରେଣ୍ଡ ଗୀତ ପାଲଟିଛି 'ବାପ୍ ତୋ ବାପ୍ ରେହେଗା'। ଯାହାକୁ ନେଇ କିଛି ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ନିକଟ ଅତିତରେ ଝଗଡ଼ା ମଧ୍ୟ ହୋଇଥିଲା। ଏପରିକି ସୋସିଆଲ ରୋଷ୍ଟିଙ୍ଗ ଗୀତକୁ ନେଇ ହଣାମରା ମଧ୍ୟ ହୋଇଥିବା ନଜିର ରହିଛି। ଏସବୁକୁ ଦେଖି ପୁଲିସ ପ୍ରଶାସନ ଆଗୁଆ ସତର୍କ ଓ ସଜାଗ ହୋଇ ଅପରାଧୀ ଗୋଷ୍ଠୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସାଧାରଣରେ ଦାବି ହୋଇଛି।

### ପ୍ରଧାନମନ୍ତ୍ରୀଙ୍କ ଅପିଲ୍ ଓ ବିଭାଗୀୟ ନିର୍ଦ୍ଦେଶକୁ ଫୁ'

# ବଡ଼ବାବୁଙ୍କ ପୁଅଙ୍କ ସେବାରେ ସରକାରୀ ଗାଡ଼ି



ବ୍ରହ୍ମପୁର,୨୪।୫(ସମିସ): ଦେଶରେ ପେଟ୍ରୋଲ ଓ ଡିଜେଲ ବ୍ୟବହାର କମାଇବାକୁ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ଓ ସଚେତନତା ଜାରି ରହିଛି। ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସରକାରୀ ସ୍ତରରେ ମଧ୍ୟ ଏହାର ପ୍ରଚାର କରାଯାଉଛି। କିନ୍ତୁ ଜଣେ ସରକାରୀ ବାବୁ କୌଣସି ସରକାରୀ କାର୍ଯ୍ୟରେ ଗାଡ଼ିକୁ ବ୍ୟବହାର କରିବା ପରିବର୍ତ୍ତେ ଉକ୍ତ ଗାଡ଼ିକୁ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଇନ୍ଧନ ବ୍ୟୟ ହ୍ରାସ ପାଇଁ ସରକାରୀ ଗାଡ଼ିର ବ୍ୟବହାରରେ ମଧ୍ୟ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। କିନ୍ତୁ ବ୍ରହ୍ମପୁରରେ ରହିଥିବା ଜଳସେଚନ ବିଭାଗର କାର୍ଯ୍ୟରେ ବ୍ୟବହୃତ ହେଉଥିବା ଏକ ସରକାରୀ ଗାଡ଼ିକୁ ଜଣେ ବରିଷ୍ଠ ସରକାରୀ ଅଧିକାରୀଙ୍କ ପୁଅଙ୍କୁ ଘରୁ ଷ୍ଟାଡିୟମ୍ ଏବଂ ଷ୍ଟାଡିୟମ୍ ଠାରୁ ଘରକୁ ନେବା ଆଣିବାରେ ବ୍ୟବହାର କରାଯାଉଥିବା ନେଇ ଅଭିଯୋଗ ହୋଇଛି। ରବିବାର ଏକ ସରକାରୀ ଗାଡ଼ି(ନମ୍ବର-ଓଡ଼ି୦୨ଡ଼ିଏଫ-୮୭୫୨)ରେ ପ୍ରାୟ ୧୪ବର୍ଷର ଜଣେ ବାଳକ ନିଜ କ୍ରିକେଟ୍ କିଟ୍ ସହ ଆସି ବ୍ରହ୍ମପୁର ସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମରେ ଓହ୍ଲାଇଥିଲା। ସରକାରୀ କାର୍ଯ୍ୟରେ ବ୍ୟବହାର ନିମନ୍ତେ ଉକ୍ତ ଗାଡ଼ି ଉଦ୍ଦିଷ୍ଟ ରହିଥିବା ବେଳେ ଏହାକୁ ସରକାରୀ ବାବୁ ଜଣଙ୍କ ନିଜ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ବିଭାଗ କିମ୍ବା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀ ଦୃଷ୍ଟି ଦେବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ଦହି ବଣ୍ଟନ



ବ୍ରହ୍ମପୁର,୨୪।୫(ସମିସ): ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଟାଟାବେଞ୍ଜି ଛକରେ ଦହି ବଣ୍ଟନ କରାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହର ଆଶୁ ପ୍ରତିକାର ପାଇଁ ସଚେତନତା କରାଯାଇଥିଲା। ସଭାପତି ଧିରେନ ମହାରଣାଙ୍କ ସଂଯୋଜନା ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରମୋଦ ମହାରଣା, ଜିଲ୍ଲା ଉପଦେଷ୍ଟା ଶୁଭ୍ରାଂଶୁ ମହାରଣା, ସୁବାଷ ମହାରଣା, ଜିଲ୍ଲା କୋଷାଧ୍ୟକ୍ଷ ମହେଶ ଚନ୍ଦ୍ର ମହାରଣା, ଲକ୍ଷ୍ମୀ ନାରାୟଣ ମହାରଣା, ବିଶ୍ୱଦେବ , ପ୍ରଶାନ୍ତ ମହାରଣା, ରବୀନ୍ଦ୍ର ମହାରଣା, ଶ୍ରଦ୍ଧାଞ୍ଜଳୀ ପାଢ଼ୀ, ନିବେଦିତା ମହାରଣା, ନାରୀ ନେତ୍ରୀ ମମତା ବିଷୋୟୀ, ବାଳକୃଷ୍ଣ ସାମନ୍ତରାୟ, ଭୀଷ୍ମଚାର୍ଯ୍ୟ ଚୌଧୁରୀ, ସୁରେଶ ତ୍ରିପାଠୀ, ବିନୋଦ ଚୌଧୁରୀ ଓ ରବୀନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ।

### ବିଶ୍ୱ ତମାଖୁ ବର୍ଜନ ସପ୍ତାହ ଅବସରରେ ଅଭିଯାନ

## ଶୋଭାଯାତ୍ରା ଜରିଆରେ ଯୁବାବର୍ଗଙ୍କୁ ସାମିଲ ପ୍ରୟାସ

ବ୍ରହ୍ମପୁର,୨୪।୫(ସମିସ): ବିଶ୍ୱ ତମାଖୁ ବର୍ଜନ ସପ୍ତାହ ପାଳନ ଅବସରରେ ବରିଷ୍ଠ ଛାତିରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ନାରାୟଣ ମିଶ୍ରଙ୍କ ଉଦ୍ୟମରେ ତଥା ବିଭିନ୍ନ ସଙ୍ଗଠନର ସହଯୋଗରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ଏମଡିକାଲ କଲେଜ ଖେଳପଡିଆରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହାକୁ ଭାରତୀୟ ଚିକିତ୍ସକ ସଂଘ ବା (ଆଇଏମଏ) ର ସଭାପତି ପ୍ରଫେସର ଡାକ୍ତର ନାଗେଶ୍ୱର ରାଓ ସୁବୁଦ୍ଧି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଆଇଏମଏ ରୋଟାରୀ କ୍ଲବ, ଏନ୍‌ସିସିପି, ଆଇସିଏସ୍, ଫିଜିକାଲ ଏକାଡେମୀ, ମହିଳା ମାରୱାଡି ସଂଘ ଓ ଦକ୍ଷିଣ ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଟିମ କ୍ଲିନ ସିଟି ବ୍ରହ୍ମପୁର ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଯୁବପିଢ଼ି ସାମିଲ ହୋଇ ଶୋଭାଯାତ୍ରା ଜରିଆରେ ଲୋକଙ୍କୁ



ସଚେତନତାର ବାର୍ତ୍ତା ଦେଇଥିଲେ। ପୃଥିବିରେ ପ୍ରତିବର୍ଷ ୮ ନିୟୁତରୁ ଊର୍ଦ୍ଧ୍ୱ ଲୋକ ତମାଖୁ ଜନିତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଥିବା ବେଳେ ଭାରତରେ ଏହି ସଂଖ୍ୟା ୧.୩୫ ନିୟୁତ। ତମାଖୁ ବ୍ୟବହାର ଯୋଗୁଁ ଶରୀରର ଯେକୌଣସି ସ୍ଥାନରେ କର୍କଟ ରୋଗ ସହିତ ଫୁସଫୁସ ଜନିତ ସିଓପିଡି, ହୃଦରୋଗ, ରକ୍ତଚାପ ବୃଦ୍ଧି, ବ୍ରେନ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ହେବା ସହିତ ପରିବେଶ ମଧ୍ୟ ଦୂଷିତ ହେଉଛି ବୋଲି ପ୍ରଫେସର ଡାକ୍ତର ନାରାୟଣ ମିଶ୍ର ସୂଚନା ଦେଇଥିଲେ। ତମାଖୁ ସେବନ ଏକ ଅଭ୍ୟାସ ଜନିତ ବ୍ୟାଧି। ଏହାକୁ ସ୍ୱତନ୍ତ୍ର ଡି-ଆଡିକ୍ସନ କେନ୍ଦ୍ର ଏବଂ ବିଶେଷଜ୍ଞଙ୍କ ପରାମର୍ଶ ନେଇ ସମ୍ପୂର୍ଣ୍ଣ ତ୍ୟାଗ କରିବା ଉଚିତ। ଆଗାମୀ ୭ଦିନ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସମାଜରେ ସଚେତନତା ସୃଷ୍ଟି କରାଯିବ ବୋଲି କୁହାଯାଇଛି।

# ବିଜୁ ପଟ୍ଟନାୟକ ସିନିଅର ସିଟିଜେନ୍ସ ଫୋରମ୍‌ର ବୈଠକ

ବ୍ରହ୍ମପୁର,୨୪।୫(ସମିସ): ସ୍ଥାନୀୟ ସନ୍ତୋଷୀ ମା' କଲ୍ୟାଣ ମଣ୍ଡପରେ ଗଞ୍ଜାମ ଜିଲ୍ଲା ବିଜୁ ପଟ୍ଟନାୟକ ସିନିଅର ସିଟିଜେନ୍ସ ଫୋରମର ମାସିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୋରମର ସଭାପତି ସୂର୍ଯ୍ୟକାନ୍ତ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଦାବି ସମ୍ପର୍କୀତ ଆଲୋଚନା କରାଯାଇଥିଲା। ବ୍ରହ୍ମପୁର ଠାରୁ ପୁରୀ ସକାଳୁ ଏକ ଟ୍ରେନ ଯାଇ ଦାବିକରାଯିବ ଭଳି ବିଭିନ୍ନ ଦାବି ସମ୍ପର୍କରେ ଆଲୋଚାନ କରିଥିଲେ। ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ସ୍ୱାଗତ ଭାଷଣ ସହ ଗତ ମାସ ବୈଠକ ଓ ଆର୍ଥିକ ବିବରଣୀ ପାଠ କରିଥିଲେ। ଫୋରମର ଜଣେ ବରିଷ୍ଠ ସଦସ୍ୟଙ୍କ ଅକାଳ ବିୟୋଗରେ ଦିବଂଗତ ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ୨ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଉପଦେଷ୍ଟା ଇଂ.




ସନ୍ଧ୍ୟାରେ ଫେରିବା ଦାବି ହୋଇଥିବା ବେଳେ ଏନେଇ ଖୋର୍ଦ୍ଧା ରୋଡ ସ୍ଥିତ ଡ଼ିଆରଏମଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତି କରାଯାଇଥିଲା। ପୁଲିସ ସୁରକ୍ଷା ପରିଚୟ ପତ୍ର ପ୍ରଦାନ, ବଡ଼ ମେଡିକାଲ ଓ ସିଟି ହସ୍ପିଟାଲରେ ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଦେଇ ଚିକିତ୍ସା ପ୍ରଦାନ ନିମନ୍ତେ ଆଲୋଚନା କରାଯିବ। ସମସ୍ତ ବ୍ୟାଙ୍କ ଗୁଡିକରେ ବରିଷ୍ଠ ନାଗରିକମାନଙ୍କୁ ସ୍ୱତନ୍ତ୍ର କାଉଣ୍ଟର କରି ସେବା ପ୍ରଦାନ ନିମନ୍ତେ କାଶୀ ବିଶ୍ୱନାଥ ଚୌଧୁରୀ ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଏସ ମହେଶ୍ୱର ପୃଷ୍ଟି, ନୂତନ କୋଷାଧକ୍ଷ ଶରତ କୁମାର ପାତ୍ର, ସମ୍ପାଦକ ଭୀଷ୍ମଚାର୍ଯ୍ୟ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ମହାରଣା, ଅଭିଯୋଗ ପ୍ରକୋଷ୍ଠ ଅଧକ୍ଷ ବି. ପ୍ରସନ କୁମାର ପୃଷ୍ଟି, ଡି. ଆପା ରାଓ, ଦେବରାଜ କୋଠିଆ, ବି. ବେଣୁଗୋପାଳ ପାତ୍ର, କେ. ସୁନ୍ଦର ରାଓ, ଭାସ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଭିଜେ ଇନ୍‌ଫୋର ପ୍ରତିଷ୍ଠା ଉତ୍ସବ

ବ୍ରହ୍ମପୁର,୨୪।୫(ସମିସ): ଭିଜେ ଇନଫୋର ୨୮ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସହାୟକ ପଞ୍ଜୀକର ଡ଼. ସରୋଜ କୁମାର ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ଼. ଅତୁଲ୍ୟ କୁମାର ପଟ୍ଟନାୟକ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତି ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷର ଶ୍ରେଷ୍ଠ ଛାତ୍ରୀ ଭାବେ ରିଆ ସାହୁ, ଶ୍ରେଷ୍ଠ ସହଯୋଗୀ ଛାତ୍ରୀ ଭାବେ ସିଭାଙ୍ଗିନୀ ପ୍ରଧାନ ଓ ଶତ ପ୍ରତିଶତ ଉପସ୍ଥାପନା ପାଇଁ ସୋନାଲିକା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସହ-ନିର୍ଦ୍ଦେଶିକା ଡ଼. ଶୋଭନା ସାହୁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ




ଅନୁଷ୍ଠାନର ନିର୍ଦ୍ଦେଶିକା ସରିତା ସାହୁ ସମସ୍ତ କର୍ଯ୍ୟକର୍ତ୍ତାଙ୍କୁ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଣିକ ସଂଘର ସଭ୍ୟ ନିଲେଶ ପାତ୍ର, ସୁଶୀଲ କୁମାର ଦାସ, ପଦ୍ମନାଭ ସାହୁ, ସନ୍ତୋଷ ମହାରଣା, ଆକାଶ ମହାରଣା, ଆଦିତ୍ୟ ରଞ୍ଜନ ପଟ୍ଟନାୟକ, ପର୍ଶୁରାମ ଗ୍ରୁପ୍ ଅଫ୍ କମ୍ପାନୀର ଉପଦେଷ୍ଟା ସୂର୍ଯ୍ୟନାରାୟଣ ସାହୁ, ଦିବ୍ୟେଶ ସାହୁ, ଦୀପିକା ବେହେରା, କବିତା ସେଠୀ ଓ ଶିଖା ସ୍ୱାଇଁ ଉପସ୍ଥିତ ଥିଲେ।

## 'ଭିଡ଼ ହିଂସା, କେତେ ଯଥାର୍ଥ' ଆଲୋଚନାଚକ୍ର




ବ୍ରହ୍ମପୁର,୨୪।୫(ସମିସ): ସ୍ଥାନୀୟ ସଂକଳ୍ପ ବିଦ୍ୟାଳୟଠାରେ ମାନବବାଦୀ ହେତୁବାଦୀ ସଂଗଠନର ଗଞ୍ଜାମ ଜିଲ୍ଲା ଶାଖା ଆନୁକୂଲ୍ୟରେ 'ଭିଡ ହିଂସା, କେତେ ଯଥାର୍ଥ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଇ. ଟି. ରାଓ ସଭାପତିତ୍ୱ କରିଥିଲେ। ସମ୍ପାଦକ କେ.ନନ୍ଦେଶୁ ସେନାପତି ଭିଡ ହିଂସା ଉପରେ ସଂକ୍ଷେପରେ ଆଲୋକପାତ କରିଥିଲେ। ଭିଡ ହିଂସା ଆକସ୍ମିକ ଭାବେ ଓ ପ୍ରାୟୋଜିତ ଭାବେ ଘଟିଥାଏ। ମୁଖ୍ୟତଃ ଏହା ଜାତି, ଧର୍ମ, ଲିଙ୍ଗ, ଗୁଣି ଗାରିଡି ଓ ଗୁଜବ ଯୋଗୁଁ ସୃଷ୍ଟି ହୋଇଥାଏ। ଏଭଳି ଅମାନବୀୟ ଓ ବେଆଇନ ହତ୍ୟା ଦେଶ ପାଇଁ ବିପଜ୍ଜନକ ଅଟେ। ଭିଡ଼ ହିଂସା ସମାଜରେ ବିଭେଦ ଓ ଅରାଜକତା ସୃଷ୍ଟି କରୁଛି ଏବଂ ଏହାକୁ ଶେଷ କରିବା ପାଇଁ ପୁଲିସର କଡ଼ା ହସ୍ତକ୍ଷେପ ହେବା ଆବଶ୍ୟକ ବୋଲି କୁହାଯାଇଥିଲା। ଆଲୋଚନାଚକ୍ରରେ ଭାଲଚନ୍ଦ୍ର ଷଡଙ୍ଗୀ, ସୋମନାଥ ବେହେରା, ଡ. ବିଧୁପ୍ରଭା ରଥ, ଶଙ୍କର ସାହୁ, କିଶନ ସାହୁ, ସୁନେଜ କୁମାର ପାଣିଗ୍ରାହୀ, ଅବନୀ ଗୟା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାୟୋଜିତ ଭିଡ ହିଂସାରେ ବିବେକ ଅପେକ୍ଷା ଧାର୍ମିକ ସାମ୍ପ୍ରଦାୟିକତା କାର୍ଯ୍ୟ କରୁଛି। ଅନ୍ୟମାନଙ୍କ ମଧ୍ୟରେ ଦେବରାଜ ପଣିଗ୍ରାହୀ, ପ୍ରତାପ ଚନ୍ଦ୍ର ପ୍ରଧାନ, ହାକିମ ଖାଁ, ଗାୟତ୍ରୀ ପଣିଗ୍ରାହୀ, ଦେବଦର୍ଶିନୀ, କିଶନ କୁମାର ସାହୁ, ସନ୍ତୋଷ କୁମାର ମିଶ୍ର, ଗଣପତି ବେହେରା, ଲୋକନାଥ ବେହେରା, ବୃନ୍ଦବନ ଖଟେଇ ଭାଗ ନେଇଥିଲେ। ଶେଷରେ ସଂଗଠନର ବରିଷ୍ଠ ସଦସ୍ୟ ଡି. ମୋହନ ରାଓ ଧନ୍ୟବାଦ ଦେଇଥିଲେ।

### ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ

# ବାହାର ସୁନ୍ଦର; ଭିତର ଫମ୍ପା

ବ୍ରହ୍ମପୁର,୨୪।୫(ସମିସ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏକମାତ୍ର କନଷ୍ଟିଚୁଏଣ୍ଟ ମହାବିଦ୍ୟାଳୟ ହେଉଛି ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ। ୧୦୬୯ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ମହାବିଦ୍ୟାଳୟ ୨୦୧୯-୨୦ମସିହାରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିଲା। ଦିନ ଥିଲା ଏଠାରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ମୋଟ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ କାର୍ଯ୍ୟ କରୁଥିଲେ। ହେଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚରମ

- ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାର ଶୀକାର ଏକମାତ୍ର କନଷ୍ଟିଚ୍ୟୁଏଣ୍ଟ ମହାବିଦ୍ୟାଳୟ
- ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ଅଛନ୍ତି ମାତ୍ର ଜଣେ ରେଗୁଲାର ଓ ୪ ଅତିଥି ଅଧ୍ୟାପକ
- ନିଯୁକ୍ତି ପାଇଁ ବିଶ୍ୱବିଦ୍ୟାଳୟକୁ ଚିଠି ଲେଖି ନୟାନ୍ତ ଅଧ୍ୟକ୍ଷ; ଖୋଲିନି ଇଣ୍ଟିଗ୍ରେଟେଡ ଆଇନ ପାଠ୍ୟକ୍ରମ

ଅବହେଳାର ଶୀକାର ହୋଇଛି ଏହି ଗୌରବମୟ ଶିକ୍ଷାନୁଷ୍ଠାନ। ୨୫ଜଣ କର୍ମଚାରୀଙ୍କ ସ୍ଥାନରେ ଅଛନ୍ତି ମାତ୍ର ୯ଜଣ। ସେଥିମଧ୍ୟରୁ ଜଣେ ଅଧ୍ୟକ୍ଷ, ଜଣେ ଅଧ୍ୟାପକ, ଜଣେ ପିଅନ, ଜଣେ ସଫେଇ କର୍ମଚାରୀ ଓ ଜଣେ କିରାଣୀଙ୍କ ସମେତ ୪ଜଣ ଅତିଥି ଅଧ୍ୟାପକ। ହେଲେ ଏଠାରେ ୩ବର୍ଷିଆ ଆଇନ ଡିଗ୍ରୀ ପାଠ୍ୟକ୍ରମରେ ପ୍ରତିବର୍ଷ ୧୬୦ଜଣ ହିସାବରେ ମୋଟ ୪୮୦ ଏବଂ ଦୁଇ ବର୍ଷିଆ ସ୍ନାତକୋତ୍ତର ଆଇନ ପାଠ୍ୟକ୍ରମ (ସେଲ୍ଫ ଫାଇନାନ୍ସ)ରେ ପ୍ରତି ବର୍ଷରେ ୧୬ଜଣ ଲେଖାଏଁ ୩୨ଜଣ ଏହିଭଳି ମୋଟ ୫୧୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପାଇଁ ଅଧ୍ୟକ୍ଷଙ୍କୁ ମିଶାଇ ଅଛନ୍ତି ମାତ୍ର ୬ଜଣ ଅଧ୍ୟାପକ। ୨୦୧୮ ମସିହାରୁ ଶିକ୍ଷାନୁଷ୍ଠାନରେ ଜଣଙ୍କୁ ବି ନିୟମିତ ନିଯୁକ୍ତି ଦିଆଯାଇନାହିଁ। ଫଳରେ ଜଣକ ପରେ ଜଣେ ଅବସର ଗ୍ରହଣ କରିବା ସହିତ ଖାଲି ହେବାରେ ଲାଗିଛି ଶିକ୍ଷାନୁଷ୍ଠାନ। ଯଦ୍ୱାରା ବାହାରକୁ ସୁନ୍ଦର ଦିଶୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ଭିତରକୁ ସମ୍ପୂର୍ଣ୍ଣ ଫମ୍ପା ଥିବା ଜଣାପଡିଛି। ଏଠାରେ ଥିବା ଜଣେ ଖେଳ ଶିକ୍ଷକଙ୍କୁ ବିଶ୍ୱବିଦ୍ୟାଳୟକୁ ଡେପୁଟେସନରେ ନିଆଯାଇଛି। ଏଠାରେ ବିରାଟ ଗ୍ରନ୍ଥାଗାର ଥିବା ବେଳେ ତାହାର ଦାୟିତ୍ୱରେ କେହି ଲାଇବ୍ରେରିଆନ ମଧ୍ୟ ନାହାନ୍ତି। ଶିକ୍ଷାନୁଷ୍ଠାନ ପାଇଁ ଅଧ୍ୟକ୍ଷଙ୍କ ସମେତ ଜଣେ ପ୍ରଫେସର, ଜଣେ ରିଡର, ୩ଜଣ ଅଧ୍ୟାପକ, ଜଣେ ସେକ୍ସନ ଅଫିସର, ବରିଷ୍ଠ କିରାଣି ୪ଜଣ, ୨ଜଣ କନିଷ୍ଠ କିରାଣି ଓ ଦୁଇଜଣ ପିଅନଙ୍କ ସମେତ ରାତ୍ରୀ ଜଗୁଆଳି ଆଦି ୨୫ଜଣ କର୍ମଚାରୀଙ୍କ ପଦବୀ ସରକାରଙ୍କ ଦ୍ୱାରା ଅନୁମୋଦିତ ଥିବା ଜଣାପଡିଛି।

୨୦୨୨ରୁ ୨୦୨୪ମସିହା ମଧ୍ୟରେ ଏଠାରୁ ସ୍ନାତକୋତ୍ତର ଆଇନ ବା ଏଲଏଲଏମ ପାଠ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବନ୍ଦ କରି ଦେଇଥିଲେ। ବର୍ତ୍ତମାନ ଅଧ୍ୟକ୍ଷଙ୍କ ଉଦ୍ୟମ କ୍ରମେ ପୁଣିଥରେ ଏହି ପିଜି ପାଠ୍ୟକ୍ରମ ଆରମ୍ଭ କରାଯାଇଥିବା ଜଣାପଡିଛି। ସବୁଠାରୁ ବଡକଥା ହେଲା ଆଇନ ମହାବିଦ୍ୟାଳୟ ପାଇଁ




ଆବଶ୍ୟକ 'ଇଣ୍ଡିଆନ ବାର କାଉନସିଲ'ର ଅନୁମୋଦନ ଗତ ୨୦୨୧ମସିହା ପରଠାରୁ ନଥିବା ବିଶ୍ୱସ୍ଥ ସୂତ୍ରରୁ ଜଣାପଡିଛି। ଏପରିକି ଫିଜିକାଲ ଭେରିଫିକେସନ ପାଇଁ ମଧ୍ୟ ଗତ ୭ବର୍ଷ ଧରି କେହି ଏଠାକୁ ଆସିନଥିବା ସୂଚନା ମିଳିଛି। ଏଥିପାଇଁ ଯଦି କୌଣସି ଟିମ ଆସିଯିବେ ତେବେ ଏଠାକାର କର୍ମଚାରୀଙ୍କ ସ୍ଥିତିକୁ ଦେଖି ଅନୁମୋଦନ ମିଳିବା ତ ଦୂରର କଥା ଏହାକୁ ତୁରନ୍ତ ବନ୍ଦ କରିବାକୁ କହିବେ। ସେହିଭଳି ସରକାରୀ ଶିକ୍ଷାନୁଷ୍ଠାନ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଏଠାରେ ଯୁକ୍ତ ଦୁଇ ଶ୍ରେଣୀ ପରେ ୫ବର୍ଷିଆ ଇଣ୍ଟିଗ୍ରେଟେଡ ଆଇନ ପାଠ୍ୟକ୍ରମ ଆରମ୍ଭ ହୋଇପାରିନଥିବା ଚିନ୍ତା ଓ ପରିତାପର ବିଷୟ ହୋଇଛି। ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ଗତ ୨୦୧୧ମସିହାରୁ ନିୟମିତ ବା ସ୍ଥାୟୀ ଅଧ୍ୟକ୍ଷ ଭାବେ ପ୍ରଫେସର ଏନ.ସି. ପଟ୍ଟନାୟକ କଲେଜର ସ୍ଥିତିକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଶହ ଶହ ଚିଠି ଲେଖିଥିଲେ ହେଁ ଏଥିପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆଦୌ ଗୁରୁତ୍ୱ ଦେଇନଥିବା କହିଛନ୍ତି ନିଜେ ଅଧ୍ୟକ୍ଷ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚମର ଅବହେଳାର ଶୀକାର ଏହି ଏକମାତ୍ର କନଷ୍ଟିଚ୍ୟୁଏଣ୍ଟ ଶିକ୍ଷାନୁଷ୍ଠାନ ଦିନକୁ ଦିନ ଅଧୋଗତି ଆଡକୁ ଆସି ଏଭଳି ଦୟନିୟ ସ୍ଥିତିରେ ପହଞ୍ଚିଛି। ଏଥିପାଇଁ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବାକୁ ପଛାଇ ନାହାନ୍ତି। ତେବେ ନିକଟରେ ଅଧ୍ୟାପକଙ୍କ ନିଯୁକ୍ତ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ଆଗାମୀ ଦିନରେ ସମସ୍ୟାର ସମାଧାନ ହୋଇ ସ୍ଥିତିରେ ସୁଧାର ଆସିବ ବୋଲି ଆଶା ରଖିଛନ୍ତି ଅଧ୍ୟକ୍ଷ ପ୍ରଫେସର ପଟ୍ଟନାୟକ।